

ଜୁନ୍‌ରେ ଶେଷ ହେବ
ୱେଲ୍‌କମ୍ ଟୁ ଦ ଜଙ୍ଗଲ୍

▶ପୃଷ୍ଠା 9 ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-200 ♦BHUBANESWAR ♦WEDNESDAY ♦15 JANUARY 2025 ♦PAGE-14 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୨୦୦ ♦ଭୁବନେଶ୍ୱର ♦ବୁଧବାର ♦୧୫ ଜାନୁଆରୀ ୨୦୨୫ ♦ପୃଷ୍ଠା-୧୪ ♦ଟ.୬.୦୦


# ମହାକୁମ୍ଭର ପ୍ରଥମ ଅମୃତ ସ୍ନାନ

## ୧୨ ଘଣ୍ଟାରେ ବୁଡ଼ ପକାଇଲେ ୩.୫ କୋଟି ଶ୍ରଦ୍ଧାଳୁ



**ଜୁନା ସହିତ ୧୩ ଆଖଡ଼ା ମହନ୍ତ ଓ ସାଧୁ ସାମିଲ**

■ **ପ୍ରୟାଗରାଜ, ୧୪ା୧ (ଏଜେନ୍ସି):** ମଙ୍ଗଳବାର ପବିତ୍ର ମକର ସଂକ୍ରାନ୍ତି ଅବସରରେ ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭର ପ୍ରଥମ ଅମୃତ(ସାହି) ସ୍ନାନରେ ପ୍ରାୟ ସାଢେ ତିନି କୋଟି ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି। ଅମୃତ ସ୍ନାନ ସକାଳ ୬ଟାରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ବେଳେ ଜୁନା ଆଖଡ଼ା ସମେତ ଅନ୍ୟ ୧୩ ଆଖଡ଼ାର ସାଧୁ, ସନ୍ଥ ଏବଂ ଶ୍ରଦ୍ଧାଳୁ ଅମୃତ ସ୍ନାନ କରିଛନ୍ତି। ଗତକାଲି ମହାକୁମ୍ଭର ପ୍ରଥମ ଦିବସରେ ପ୍ରାୟ ଦେଢ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ପବିତ୍ର ଗଙ୍ଗାରେ ସ୍ନାନ କରିଥିଲା ବେଳେ ଆଜି ମକରସଂକ୍ରାନ୍ତିରେ ଏହି ଅମୃତ ସ୍ନାନକୁ ନେଇ ନାହିଁ ନଥିବା ଭିଡ଼ ଜମିଥିଲା। ଏଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ଆୟୋଜନ କରାଯିବା ସହ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ବ୍ୟବସ୍ଥା ▶ପୃଷ୍ଠା-୭

# ପରିତ୍ୟକ୍ତ ସୁନା ଖଣିରେ ୧୦୦ ମୃତ



**ଫସି ରହିଛନ୍ତି ଆଉ ୫୦୦ ଲୋକ**

■ **ଜୋହାନ୍ସବର୍ଗ, ୧୪ା୧ (ଏଜେନ୍ସି):** ଦକ୍ଷିଣ ଆଫ୍ରିକାର ଏକ ପରିତ୍ୟକ୍ତ ସୁନା ଖଣିରେ ପ୍ରାୟ ୧୦୦ ଜଣ ଶ୍ରମିକଙ୍କ ମୃତ୍ୟୁ ହେବା ସହିତ ଆଉ ୫୦୦ରୁ ଅଧିକ ଶ୍ରମିକ ଏବେ ମଧ ଫସି ରହିଥିବା ଖବର ସାମ୍ନାକୁ ଆସିଛି। ରାଜଧାନୀ ସହର ଜୋହାନ୍ସବର୍ଗ ଠାରୁ ପ୍ରାୟ ୨୦୦ କିମି ଦୂରରେ ଷ୍ଟିଲଫନଷ୍ଟିନ ସହରରେ ଥିବା ଏକ ପରିତ୍ୟକ୍ତ ସୁନା ଖଣି ଭିତରକୁ ସୁନା ଅନ୍ୱେଷଣରେ ବେଆଇନ ଭାବେ ଗତ କିଛି ମାସ ତଳେ ବହୁ ଲୋକ ପ୍ରବେଶ କରିଥିଲେ। କିନ୍ତୁ କ୍ଷୁଧା ଏବଂ ଝାଡାବାନ୍ତି ଯୋଗୁଁ ଇତିମଧରେ ବହୁ ଲୋକଙ୍କ ମୃତ୍ୟୁ ହୋଇଥିବା ଖବର ଜାଣିବାକୁ ମିଳିବା ପରେ ଗତକାଲି ସେମାନଙ୍କୁ ଉଦ୍ଧାର କରିବାକୁ ପ୍ରୟାସ ଆରମ୍ଭ ହୋଇଥିଲା। କିନ୍ତୁ ଉଦ୍ଧାରକାରୀ ଦଳ ଖଣି ଭିତରେ ଯେଉଁ ଅବସ୍ଥା ଦେଖିଥିଲେ ତାହା ସେମାନଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା। ଖଣିରେ ବେଆଇନ ଭାବେ ଏହି ଲୋକମାନେ ମାସ ମାସ ଧରି ମାଟିତଳେ ରହୁଥିଲେ ବୋଲି ଜାଣିବାକୁ ପାଇଥିଲେ। ତୁରନ୍ତ ୨୦ରୁ ଅଧିକ ଲୋକଙ୍କ ମୃତଦେହ ବାହାରକୁ ▶ପୃଷ୍ଠା-୭

# 'ଆୟୁଷ୍ମାନ' ଦ୍ୱନ୍ଦ୍ୱରେ ସରକାର

## ମିଳୁନାହିଁ ସ୍ୱଷ୍ଟ ଚିତ୍ର; ଅନିଶ୍ଚିତତାରେ ହିତାଧିକାରୀ

■ **ଭୁବନେଶ୍ୱର, ୧୪ା୧ (ସମିସ):** ନିର୍ବାଚନୀ ପ୍ରତିଶ୍ରୁତି ଅନୁସାରେ ଓଡ଼ିଶାରେ ବିଜେପି ସରକାର ଆୟୁଷ୍ମାନ ଯୋଜନା କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଛନ୍ତି ଓ ଏଥିନିମନ୍ତେ କେନ୍ଦ୍ର ସରକାରଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ମାତ୍ର ପୂର୍ବ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ଛାୟାରୁ ମୁକ୍ତ ହୋଇ 'ଆୟୁଷ୍ମାନ'କୁ କାର୍ଯ୍ୟକାରୀ କରିବା ସରକାରଙ୍କ ପାଇଁ କାଠିକର ପାଠ ହୋଇଛି। ଯଦିଓ ବିଏସ୍‌କେୱାଇର ନାମ ପରିବର୍ତ୍ତନ କରି ଅବିକଳ ସେହି ଢାଞ୍ଚାରେ ସରକାର ଜିଜେଏୱାଇ ପ୍ରଚଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି; ତଥାପି ଏହାକୁ ଆୟୁଷ୍ମାନ ସହ କିପରି ମିଶ୍ରଣ କରାଯିବ ତାହା ସରକାରଙ୍କ ପାଇଁ ବଡ଼ ଆହ୍ୱାନ ପାଲଟିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ୧.୦୩ କୋଟି ହିତାଧିକାର ପରିବାର ମଧ୍ୟରୁ ୬୭.୮ ଲକ୍ଷ ପରିବାର କେନ୍ଦ୍ରୀୟ ଯୋଜନାରେ ଉପକୃତ ହେବେ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ଯାହା କୁହାଯାଇଛି ତାହା ଅଧିକ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ଏହି ପରିବାରଗୁଡ଼ିକ ଯଦି କେନ୍ଦ୍ର ସରକାରଙ୍କ 'ଆୟୁଷ୍ମାନ'ରେ ଉପକୃତ ହେବେ, ତେବେ ବିଏସ୍‌କେୱାଇରେ ପୂର୍ବରୁ ଲାଭାନ୍ୱିତ ହେଉଥିବା ୯୯.୦୯ ଲକ୍ଷ ପରିବାର ମଧ୍ୟରୁ ରାଜ୍ୟ ସରକାରଙ୍କ ପରିବର୍ତ୍ତିତ ଜିଜେଏୱାଇରେ କ'ଣ ମାତ୍ର ୩୫ ଲକ୍ଷ ହିତାଧିକାରୀ ପରିବାର ଉପକୃତ ହେବେ କି ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି।

ସୋମବାର ଦିଲ୍ଲୀରେ ଭାରତ ସରକାର ଏବଂ ଓଡିଶା ସରକାରଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ଓଡିଶାରେ ବିଧିବଦ୍ଧ ଭାବେ ଆୟୁଷ୍ମାନ କାର୍ଯ୍ୟକ୍ଷମ ହେବ ବୋଲି କହିଛନ୍ତି। ଏପରିକି ଓଡିଶାରେ ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ପୂର୍ବର ବିଏସ୍‌କେୱାଇ)କୁ ସମ୍ମିଶ୍ରଣ କରି ଏକ ସମୟରେ କାର୍ଯ୍ୟକାରୀ କରାଯିବ ବୋଲି ସରକାର କହୁଛନ୍ତି। ମାତ୍ର ଉଭୟ ଯୋଜନାର କାର୍ଯ୍ୟକାରିତା ଭିନ୍ନ ହୋଇଥିବାରୁ ଦୁଇଟି ଭିନ୍ନଭିନ୍ନ ରୂପରେଖ ଥିବା ଯୋଜନାକୁ କିପରି କାର୍ଯ୍ୟକାରୀ କରାଯିବ ତାହା ହିତାଧିକାରୀଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। ସାରା ଦେଶ ପାଇଁ ଆୟୁଷ୍ମାନ ଲାଗୁ କରାଯାଇଛି ଓ ଏହାର ସର୍ତ୍ତାବଳୀ ସାରା ଦେଶ ପାଇଁ ଗୋଟିଏ ରହିଛି। ତେବେ ଓଡ଼ିଶାରେ ଆୟୁଷ୍ମାନରେ କିପରି ହିତାଧିକାରୀଙ୍କୁ ଅଧିକ ଲାଭ ମିଳିବ ତାହା ସନ୍ଦେହ ସୃଷ୍ଟି କରିଛି।

ନିର୍ବାଚନ ସମୟରେ ବିଜେପି ଆୟୁଷ୍ମାନକୁ ତତ୍‌କାଳୀନ ସରକାରଙ୍କ ବିଏସ୍‌କେୱାଇଠାରୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଜନା ବୋଲି କହିଥିଲା। କ୍ଷମତାକୁ ଆସିଲେ ରାଜ୍ୟର ହିତାଧିକାରୀଙ୍କ ପାଇଁ ଆୟୁଷ୍ମାନ ଯୋଜନା କାର୍ଯ୍ୟକାରୀ କରିବାକୁ ଘୋଷଣା କରିଥିଲା। ମାତ୍ର ତତ୍‌କାଳୀନ ସରକାରଙ୍କ ସ୍ୱାସ୍ଥ୍ୟ ସଞ୍ଜୀବନୀ କୁହାଯାଉଥିବା ବିଏସ୍‌କେୱାଇରେ ଲୋକମାନେ ଯେପରି ସହଜ ଓ ସୁବିଧାରେ ମାଗଣା ସ୍ୱାସ୍ଥ୍ୟ ସେବା ପାଉଥିଲେ, ଆୟୁଷ୍ମାନରେ ସେପରି ବ୍ୟବସ୍ଥା ନ ଥିବା ଉପଲବ୍ଧି କରି ରାଜ୍ୟ ସରକାର ବିଏସ୍‌କେୱାଇର ନାମ ଜିଜେଏୱାଇକୁ ପରିବର୍ତ୍ତନ କରି ଏହାକୁ ପ୍ରଚଳନ କରିବାକୁ ନିଷ୍ପତ୍ତି ନେଲେ। ମାତ୍ର ସାରା ଦେଶରେ ଆୟୁଷ୍ମାନ ଭାରତ ଲାଗୁ ହୋଇଥିବା ବେଳେ ଓଡିଶାରେ ଦୁଇଟି ଯୋଜନାର ମିଶ୍ରଣ କରିବା ସରକାରଙ୍କ ପାଇଁ ଅଡୁଆ ହୋଇଛି। ▶ପୃଷ୍ଠା-୭

ଡବଲ ଇଞ୍ଜିନ୍‌ର ଦୋହରା ମାଡ଼

# ଗାଁରେ ଖାଉଟିଙ୍କ ଅଣ୍ଟା ବଙ୍କା

**ସାରା ଦେଶରେ ଓଡ଼ିଶାର ଗ୍ରାମୀଣ ବଜାର ସବୁଠୁ ମହଙ୍ଗା**

**ଆଳୁ, ପିଆଜ, ମାଂସର ଦାମ୍ ବିଗାଡ଼ିଲା ଖାଉଟିଙ୍କ ବଜେଟ**

■ **ନୂଆଦିଲ୍ଲୀ, ୧୪ା୧ (ଏଜେନ୍ସି):** ଡ଼ବଲ ଇଞ୍ଜିନ୍, ଡ଼ବଲ ଖୁସି । ନିର୍ବାଚନ ପୂର୍ବରୁ ବିଜେପି ଏପରି ସ୍ଲୋଗାନ ଦେଇ ଓଡ଼ିଶାରେ ସରକାର ଗଢ଼ିଥିଲା। ମାତ୍ର ଛଅଟା ମାସ ଯାଇ ନାହିଁ, ମହଙ୍ଗା ମାଡ଼ରେ ରାଜ୍ୟର ଖାଉଟିଙ୍କ ଅବସ୍ଥା ସାଂଘାତିକ ହେଲାଣି। ଅଟା, ଚାଉଳ, ଡ଼ାଲି, ତେଲ ମୂଲ୍ୟ ୨୦%ରୁ ୨୫% ବୃଦ୍ଧି ପାଇଥିବାବେଳେ ଆଳୁ ଓ ପିଆଜ ମୂଲ୍ୟ ଦୁଇଗୁଣରେ ପହଞ୍ଚିଛି । ସବୁଠାରୁ ଉଦ୍‌ବେଗର ବିଷୟ ହେଉଛି ସାରା ଦେଶର ଗ୍ରାମୀଣ ବଜାର ମଧ୍ୟରେ ଓଡ଼ିଶାର ଗ୍ରାମୀଣ ବଜାର ସବୁଠାରୁ ମହଙ୍ଗା ସାବ୍ୟସ୍ତ ହୋଇଛି ।

ଡିସେମ୍ବର ମାସରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ୪ ମାସ ମଧ୍ୟରେ ୫.୨୨%କୁ ହ୍ରାସ ପାଇଛି। ତେବେ ଏହି ରିପୋର୍ଟ ପ୍ରକାଶ ପାଇବାର ଦିନକ ପରେ ଖାଉଟିଙ୍କୁ ଲାଗିଛି ଜବରଦସ୍ତ ଝଟ୍‌କା। ଖୁଚୁରା ମୁଦ୍ରାସ୍ଫୀତି କମିଥିବାବେଳେ ଡ଼ିସେମ୍ବରରେ ପାଇକାରୀ ମୁଦ୍ରାସ୍ଫୀତି ନଭେମ୍ବର ମାସଠାରୁ ଢ଼େର ଅଧିକ ରହିଛି। ଆଳୁ,ପିଆଜ, ଫଳ ଏବଂ ମାଂସ ମୂଲ୍ୟରେ ବୃଦ୍ଧି ଯୋଗୁ ଡିସେମ୍ବରରେ ପାଇକାରୀ ମୁଦ୍ରାସ୍ଫୀତି ବୃଦ୍ଧି ପାଇଥିବା କୁହାଯାଉଛି। ଉଚ୍ଚ ମୂଲ୍ୟବୃଦ୍ଧି କ୍ଷେତ୍ରରେ ଦେଶର ଶୀର୍ଷ ୩ଟି ରାଜ୍ୟ ମଧ୍ୟରେ ଓଡ଼ିଶା ସ୍ଥାନ ପାଇଛି। ବିଡ଼ମ୍ବନା ହେଉଛି ଜାତୀୟ ମୁଦ୍ରାସ୍ଫୀତି ହାର ୫.୨% ଥିବାବେଳେ ଓଡ଼ିଶାରେ ଏହା ୭%ରେ ପହଞ୍ଚିଛି। ପରିଣତି ସ୍ୱରୂପ ଗ୍ରାମାଞ୍ଚଳରେ ଦରବୃଦ୍ଧି କ୍ଷେତ୍ରରେ ସାରା ଦେଶରେ ଓଡ଼ିଶା ଏକ ନମ୍ବର ରାଜ୍ୟ ପାଲଟିଛି। ସହରାଞ୍ଚଳରେ ସ୍ଥିତି ନିୟନ୍ତ୍ରଣରେ ଥିଲେ ବି ଓଡ଼ିଶାର ହାର ଜାତୀୟ ହାରଠାରୁ ଅଧିକ ରହିଛି। ଦେଶର ଗ୍ରାମାଞ୍ଚଳରେ ମୁଦ୍ରାସ୍ଫୀତି ହାର ୫.୭୬ ପ୍ରତିଶତ ଥିବାବେଳେ ଓଡ଼ିଶାରେ ଏହା ୭.୭୯ ପ୍ରତିଶତରେ ପହଞ୍ଚିଛି। ସହରାଞ୍ଚଳରେ ଜାତୀୟ ହାର ୪.୫୮ ଥିବା ବେଳେ ଓଡ଼ିଶାରେ ମୁଦ୍ରାସ୍ଫୀତି ୪.୭୫ ପ୍ରତିଶତ ରହିଛି। ଏଭଳି ସ୍ଥିତିରେ ପାଇକାରୀ ମୁଦ୍ରାସ୍ଫୀତି ଯେଉଁଭଳି ଭାବେ ବଢ଼ିଛି ସେଥିରେ ଆଗକୁ ଖୁଚୁରା ମୁଦ୍ରାସ୍ଫୀତିରେ ମଧ ବୃଦ୍ଧି ଘଟିବ।

ଦରଦାମ ବୃଦ୍ଧି କ୍ଷେତ୍ରରେ ଦେଶର ଶ୍ରେଷ୍ଠ ମହଙ୍ଗା ରାଜ୍ୟ ମଧ୍ୟରେ ଓଡ଼ିଶା ୩ୟ ▶ପୃଷ୍ଠା-୭

# ମଧ୍ୟାହ୍ନ ଭୋଜନରେ ପିଲାଙ୍କୁ ମିଳିବ ୨୦୦ ମିଲିଲିଟର କ୍ଷୀର: ମନ୍ତ୍ରୀ

■ **ଭୁବନେଶ୍ୱର, ୧୪ା୧ (ସମିସ):** ମଧ୍ୟାହ୍ନ ଭୋଜନରେ ଛାତ୍ରଛାତ୍ରୀଙ୍କୁ ଦୁଇ ଶହ ଏମ୍‌ଏଲ୍ ଲେଖାଏଁ ଭିଟାମିନ ଏ ଓ ଡି ଯୁକ୍ତ କ୍ଷୀର ଦିଆଯିବ। ମୟୂରଭଞ୍ଜ ଜିଲ୍ଲାରେ ସୋମବାରଠାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ଏବର ପରବର୍ତ୍ତୀ ସମୟରେ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି କହିଛନ୍ତି ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ସେ କହିଛନ୍ତି ଯେ ପିଲାଙ୍କୁ ପୋଷଣ ଓ ପ୍ରୋଟିନ୍ ଯୋଗାଇବାକୁ ରାଜ୍ୟ ସରକାର ବିଚାର କରୁଛନ୍ତି। ପ୍ରାଥମିକ ଭାବେ ରାଷ୍ଟ୍ରପତିଙ୍କ ଜିଲ୍ଲା ମୟୂରଭଞ୍ଜରୁ ଏହି 'ଗିଫ୍ଟ ମିଲ୍‌କ' ଯୋଜନାକୁ ଆରମ୍ଭ କରାଯାଇଛି। ଜିଲ୍ଲାର ୨୯ଟି ବିଦ୍ୟାଳୟର ୧୧୮୪ ପିଲାଙ୍କୁ ମଧ୍ୟାହ୍ନ ଭୋଜନରେ ପ୍ରତିଦିନ ୨୦୦ ମିଲିଲିଟର କ୍ଷୀର ଦିଆଯିବ। ପରେ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ କରି ମଧ୍ୟାହ୍ନ ଭୋଜନରେ ସାମିଲ କରାଯିବ ବୋଲି ସେ କହିଛନ୍ତି ।

ମାଟ୍ରିକ ପ୍ରଶ୍ନପତ୍ର ଭାଇରାଲ ରୋକିବାକୁ ବୋର୍ଡର ନୂଆ ପଦକ୍ଷେପ

# ପ୍ରଶ୍ନପତ୍ରରେ ଲାଗିବ ୱାଟର୍‌ମାର୍କ

**ୱାଟରମାର୍କରେ କ୍ରମିକ ସଂଖ୍ୟା ଓ ପରୀକ୍ଷାର୍ଥୀଙ୍କ ରୋଲ ନମ୍ବର**

**ପରୀକ୍ଷାମୂଳକ ଭାବେ ଓଏସ୍‌ଏସ୍‌ଟିଇଟିରେ ଲାଗୁ**

■ **କଟକ, ୧୪ା୧ (ସମିସ):** ଏଣିକି ମାଟ୍ରିକ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ କରୁଥିବା ବ୍ୟକ୍ତି ଧରାପଡ଼ିବେ। କିଏ ଏବଂ କେଉଁ ପରୀକ୍ଷା କେନ୍ଦ୍ରରୁ ପ୍ରଶ୍ନପତ୍ରକୁ ଭାଇରାଲ କରିଛି, ତାହା ଜଣାପଡ଼ିବ। ନୂଆ ବର୍ଷଠାରୁ ବୋର୍ଡ ପକ୍ଷରୁ ମାଟ୍ରିକ ପରୀକ୍ଷା ପାଇଁ ଏହି ନୂଆ ପଦକ୍ଷେପ ନିଆଯାଇଛି। ଚଳିତ ବର୍ଷଠାରୁ ମାଟ୍ରିକ ପରୀକ୍ଷାର ସବୁ ବିଷୟଗୁଡ଼ିକର ପ୍ରଶ୍ନପତ୍ରରେ ୱାଟର୍ ମାର୍କ ରହିବ। ସେଲ୍‌ଫ ଡିସପ୍ଲେ ୱାଟର୍ ମାର୍କ ଥିବା ଏହି ପ୍ରଶ୍ନପତ୍ରରେ କୌଣସି ପୃଷ୍ଠାର ମୋବାଇଲ କ୍ୟାମେରା କିମ୍ବା ସ୍କାନର୍‌ରେ ଫଟୋ ଉଠିଲେ ସେହି ୱାଟର୍ ମାର୍କ ଆସିଯିବ। କେଉଁ ପରୀକ୍ଷାର୍ଥୀଙ୍କର ସେହି ପ୍ରଶ୍ନପତ୍ର କେଉଁ ପରୀକ୍ଷା କେନ୍ଦ୍ରରୁ ଏବଂ କେଉଁ ହଲରୁ ପ୍ରଘଟ ହୋଇଛି, ତାହା ସେଥିରୁ ଜଣାପଡ଼ିଯିବ। ଦେଶରେ ପ୍ରଶ୍ନପତ୍ର ପ୍ରସ୍ତୁତ କରୁଥିବା ବିଭିନ୍ନ ଫାର୍ମ ପ୍ରମୁଖ ପରୀକ୍ଷା ପରିଚାଳନା ସଂସ୍ଥା କର୍ତ୍ତୃପକ୍ଷଙ୍କ ସହ ବୋର୍ଡ ଅଧିକାରୀ ଆଲୋଚନା କରିବା ସହ ଏହାକୁ ଅନୁଧାନ କରିଥିଲେ। ଏହାପରେ ପରିଚାଳନା କମିଟି ବୈଠକରେ ଏ ବିଷୟରେ ଆଲୋଚନା କରାଯିବା ପରେ ଅନୁମୋଦନ ମିଳିଛି। ପ୍ରତ୍ୟେକ ପ୍ରଶ୍ନପତ୍ରର କ୍ରମିକ ସଂଖ୍ୟା ଓ ପରୀକ୍ଷାର୍ଥୀଙ୍କ ରୋଲ ନମ୍ବର ଏହି ୱାଟର୍‌ମାର୍କରେ ରହିଛି। ଓଏସଏସଟିଇଟି ପରୀକ୍ଷାରେ ଏହି ବ୍ୟବସ୍ଥାକୁ ଆରମ୍ଭ କରାଯାଇଛି। ଏହାଦ୍ୱାରା ମାଟ୍ରିକ୍ ପ୍ରଶ୍ନପତ୍ର ପ୍ରଘଟ ରୋକାଯାଇପାରିବ ବୋଲି ପରିଷଦର ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି। ▶ପୃଷ୍ଠା-୭

**ଦୁଇ ଜାତୀୟ ଦଳରେ ସଭାପତି ଦ୍ୱନ୍ଦ୍ୱ**

# ଓଡ଼ିଶାରେ ଛିଡ଼ିଲା ନାହିଁ; ଦିଲ୍ଲୀରେ ବୈଠକ

## ୨୫ ସୁଦ୍ଧା ହୋଇପାରେ ନୂଆ ବିଜେପି ସଭାପତି ନିଯୁକ୍ତି

**୪ ଦିନରେ ଚୂଡ଼ାନ୍ତ ହେବ ଜିଲ୍ଲା ସଭାପତିଙ୍କ ନାମ**

**ସଭାପତି ନିଯୁକ୍ତି ପରେ ବୋର୍ଡ ଓ ନିଗମ ପଦ ପୂରଣ**

**ବଜେଟ୍ ଅଧିବେଶନ ପୂର୍ବରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ**

■ **ନୂଆଦିଲ୍ଲୀ, ୧୪ା୧ (ସମିସ):** ରାଜ୍ୟର ପରବର୍ତ୍ତୀ ବିଜେପି ସଭାପତି କିଏ ହେବ? ନିର୍ବାଚନ ପରଠାରୁ ଗତ ୭ ମାସ ହେଲା ଏହି ଚର୍ଚ୍ଚା ଲାଗି ରହିଛି। ରାଜ୍ୟରେ ବିଜେପିର ବିଜୟ ପଛରେ ମନମୋହନଙ୍କ ବଡ଼ ଅବଦାନ ଥିବା ଦାବି କରିବା ସହ ତାଙ୍କ ସମର୍ଥକମାନେ ପୁନର୍ବାର ତାଙ୍କୁ ସଭାପତି କରାଯାଉ ବୋଲି ଦାବି କରୁଛନ୍ତି। ଏହି ଦାବି ପଛରେ ଦଳର କିଛି ଟାଣୁଆ ନେତା ତଥା ସାଂସଦଙ୍କର ସମର୍ଥନ ଥିବା ମଧ କୁହାଯାଉଛି। ଅନ୍ୟପକ୍ଷରେ ଓଡ଼ିଶାରେ ବିଜେପିର ସଫଳତା ସମ୍ପୂର୍ଣ୍ଣ ରୂପେ ବିଜେପି ଜାତୀୟ ନେତୃତ୍ୱଙ୍କ ଅବଦାନ ଓ ଏହା ପଛରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗୁରତ୍ୱପୂର୍ଣ୍ଣ ଭୂମିକା ଥିବା ଦାବି କରି ମନମୋହନଙ୍କ ଶିବିର କରୁଥିବା ଦାବି ନିରାଧାର ବୋଲି ତାଙ୍କ ପ୍ରତିପକ୍ଷ ପ୍ରଚାର କରିବା ସହ ଅନ୍ୟ ବ୍ୟକ୍ତିଙ୍କ ଉପରେ ସଭାପତି ଦାୟିତ୍ୱ ଦେବାକୁ ମଧ ଲବି କରୁଛନ୍ତି। ଏହି ବାଦବିବାଦ ମଧ୍ୟରେ ବିଜେପିର ସାଂଗଠନିକ ନିର୍ବାଚନ ପ୍ରକ୍ରିୟା ବିଳମ୍ବିତ ହୋଇ ଚାଲିଛି ଓ ଜିଲ୍ଲା ସଭାପତି ନିଯୁକ୍ତି ହୋଇ ପାରୁନାହିଁ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଦିଲ୍ଲୀରେ ଦଳର କୋର କମିଟି ବୈଠକ ଅନୁଷ୍ଠିତ ହୋଇଛି ଏବଂ ଚଳିତ ସପ୍ତାହ ମଧ୍ୟରେ ଜିଲ୍ଲା ସଭାପତିମାନଙ୍କ ନାମ ଘୋଷଣା ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ଏହାପରେ ଆସନ୍ତା ୨୫ ତାରିଖ ମଧ୍ୟରେ ରାଜ୍ୟ ସଭାପତିଙ୍କ ନାମ ଘୋଷଣା କରାଯାଇପାରେ ବୋଲି ଆପାତତଃ ନିଷ୍ପତ୍ତି ନିଆଯାଇଛି। ବୈଠକରେ ରାଜ୍ୟ ବିଜେପି ସଭାପତି, ସାଧାରଣ ସମ୍ପାଦକ(ସଂଗଠନ), ରାଜ୍ୟ ପ୍ରଭାରୀଙ୍କ ସମେତ ଏହି ବୈଠକରେ ଜାତୀୟ ପ୍ରମୁଖ ଉପସ୍ଥିତ ଥିବା ସୂଚନା ମିଳିଛି।

ମିଳିଥିବା ସୂଚନା ଅନୁସାରେ ଏହି ବୈଠକରେ ଓଡ଼ିଶାର ସାଂଗଠନିକ ନିର୍ବାଚନ ସ୍ଥିତି ନେଇ ବ୍ୟାପକ ଚର୍ଚ୍ଚା ଆଲୋଚନା ହୋଇଛି। ପୂର୍ବରୁ ଜାନୁଆରୀ ୧୫ ▶ପୃଷ୍ଠା-୭

## ଝୁଲୁଛି ପିସିସି ସଭାପତି ଚୟନ ପ୍ରକ୍ରିୟା

**ଦିଲ୍ଲୀ ଗଲେ କାଡାମ- ସପ୍ତଗିରି**

■ **ଭୁବନେଶ୍ୱର, ୧୪ା୧ (ସମିସ):** ପ୍ରାୟ ୮ ମାସ ହେବ ପିସିସି ସଭାପତି ଚୌକି ଫାଙ୍କା। ମାସ ପରେ ମାସ ଗଡ଼ି ଚାଲିଥିବାବେଳେ ରାଜ୍ୟରେ କଂଗ୍ରେସ ମୁଖିଆ ପଦରେ କାହାକୁ ନିଯୁକ୍ତି ଦିଆଯାଇ ପାରିନାହିଁ। ଏଆଇସିସି ପିସିସିର ସମସ୍ତ କମିଟିକୁ ଭଙ୍ଗ କରିଥିବାରୁ ରାଜ୍ୟରେ କଂଗ୍ରେସ ସଙ୍ଗଠନ ପ୍ରାୟ ସୁପ୍ତ ଓ କିଛି ଦଳୀୟ ନେତା ନିଜ ନିଜ ପ୍ରଚେଷ୍ଟାରେ ସଙ୍ଗଠନ ଚଳାଉଥିବା ଦେଖାଯାଉଛି। ପିସିସି ଅନୁପସ୍ଥିତିରେ ଦଳୀୟ କାର୍ଯ୍ୟକ୍ରମ ଜାରି ରଖିବା ପାଇଁ ଗଠିତ ଷ୍ଟିଅରିଂ କମିଟି ମଧ ଅଚେତନ ଅବସ୍ଥାରେ। ଝାରଖଣ୍ଡ ବିଧାନସଭା ନିର୍ବାଚନରେ ଓଡ଼ିଶା କଂଗ୍ରେସ ଷ୍ଟିଅରିଂ କମିଟି ଅଧ୍ୟକ୍ଷ ତଥା ରାଜ୍ୟ ପ୍ରଭାରୀ ଅଜୟ କୁମାର ପରାଜିତ ହେବା ପରେ ଆଉ ଓଡ଼ିଶା ଆସି ନାହାନ୍ତି। ଏହି ପରିପ୍ରେକ୍ଷୀରେ ପିସିସି ସଭାପତି ନିଯୁକ୍ତି ପ୍ରସଙ୍ଗରେ ଜାତୀୟ ନେତୃତ୍ୱ ସହ ଆଲୋଚନା ନିମନ୍ତେ ମଙ୍ଗଳବାର ଦିଲ୍ଲୀ ଗସ୍ତ କରିଛନ୍ତି ରାଜ୍ୟ କଂଗ୍ରେସ ବିଧାୟକ ଦଳ ନେତା ରାଜଚନ୍ଦ୍ର କାଡ଼ାମ ଓ ରାଜ୍ୟର ଏକମାତ୍ର କଂଗ୍ରେସ ସାଂସଦ ସପ୍ତଗିରି ଉଲ୍ଲାକା।

ଗତ ଜୁଲାଇ ୨୧ରେ ପିସିସିର ସମସ୍ତ କମିଟିକୁ ଏଆଇସିସି ଭଙ୍ଗ କରିଥିଲା। ୨୦୨୪ ସାଧାରଣ ନିର୍ବାଚନରେ ଆଶାନୁରୂପ ସଫଳତା ମିଳିନଥିବାରୁ ହାଇକମାଣ୍ଡ ଦଳର ସମସ୍ତ ▶ପୃଷ୍ଠା-୭

## ଜୁନ୍‌ରେ ଶେଷ ହେବ 'ୱେଲ୍‌କମ୍ ଟୁ ଦ ଜଙ୍ଗଲ'ର ସୁଟିଂ



ବଲିଉଡ୍ ଅଭିନେତା ଅକ୍ଷୟ କୁମାର ଏବେ ତାଙ୍କ ଫିଲ୍ମ 'ସ୍କାଏ ଫୋର୍ସ'ର ପ୍ରମୋସନ୍‌ରେ ବ୍ୟସ୍ତ ଅଛନ୍ତି। ଏଇ ଜାନୁଆରୀ ୨୪ରେ ଫିଲ୍ମଟି ରିଲିଜ୍ ହେବ। ଲଗାତାର ଦୁଇ ବର୍ଷ ଧରି ଅକ୍ଷୟ ଫ୍ଲପ୍ ଫିଲ୍ମ ଦେଇଥିବାରୁ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ଫିଲ୍ମଟି ବକ୍ସ ଅଫିସ୍‌ରେ ହିଟ୍ ସାବ୍ୟସ୍ତ ହେବ ବୋଲି ମଧ୍ୟ ସେ ଆଶାବାଦୀ ଅଛନ୍ତି। ଅକ୍ଷୟ ତାଙ୍କର ଦୁଇ ଫ୍ରାଞ୍ଚାଇଜ୍ ଫିଲ୍ମ 'ୱେଲକମ୍ ଟୁ ଦ ଜଙ୍ଗଲ' ଓ 'ହେରାଫେରି-୩'କୁ ନେଇ ମଧ୍ୟ ବେଶ୍ ଆଶାବାଦୀ ଅଛନ୍ତି। ଏବେ 'ୱେଲକମ୍ ଟୁ ଦ ଜଙ୍ଗଲ'କୁ ନେଇ ଏକ ଖବର ଆସିଛି। ଏଥିରେ ଅକ୍ଷୟଙ୍କ ସହ ପରେଶ ରାୱଲ, ସଞ୍ଜୟ ଦତ୍ତ, ସୁନୀଲ ସେଟ୍ଟୀ, ଅରଶଦ ୱାର୍ସି, ରବିନା ଟଣ୍ଡନ, ଦିଶା ପଟାନି, ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍, ଶ୍ରେୟସ ତଲପଡ଼େ, ଜନି ଲିଭର୍, ରାଜପାଲ ଯାଦବ, ଲାରା ଦତ୍ତା ପ୍ରମୁଖ ନଜର ଆସିବେ। ଫିଲ୍ମଟିକୁ ଅକ୍ଷୟ ଓ ଫିରୋଜ ନାଡିୟାଦୱାଲା କ୍ରିସ୍‌ମାସ୍ ସପ୍ତାହରେ ଆଣିବା ପାଇଁ ଯୋଜନା କରୁଛନ୍ତି। ଏଯାଏଁ ଫିଲ୍ମର ୭୫% ସୁଟିଂ ଏବଂ ଦୁଇଘଣ୍ଟାର ଏଡିଟିଂ କାମ ସରିଥିବା ଜଣାପଡ଼ିଛି। ଫିଲ୍ମ ନିର୍ମାତା ଏହାର ସୁଟିଂକୁ ଜୁନ୍ ସୁଦ୍ଧା ସାରିବା ପାଇଁ ଯୋଜନା କରିଛନ୍ତି। ସେହିଭଳି କ୍ରିସ୍‌ମାସ୍ ପୂର୍ବରୁ ଏହାର ପୋଷ୍ଟ ପ୍ରଡକ୍ସନ୍ କାମ ସାରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏହାର ନିର୍ଦ୍ଦେଶନା ଭାର ଅହମ୍ମଦ ଖାନ୍ ସମ୍ଭାଳିଛନ୍ତି। ଅକ୍ଷୟ 'ୱେଲକମ୍ ଟୁ ଦ ଜଙ୍ଗଲ' ସହ 'ହାଉସ୍‌ଫୁଲ୍-୫' ଓ 'ଜଲିଏଲ୍‌ଏଲ୍‌ବି-୩'ରେ ମଧ୍ୟ ନଜର ଆସିବେ। ଏହାସହ ଅକ୍ଷୟ ଏକ ହରର୍ ଫିଲ୍ମ 'ଭୂତ୍ ବଙ୍ଗଲା'ର ସୁଟିଂରେ ମଧ୍ୟ ବ୍ୟସ୍ତ ଅଛନ୍ତି। ଏହା ଅପ୍ରେଲ୍, ୨୦୨୬ରେ ପରଦାକୁ ଆସିବ।

## ସ୍ଥଳସେନା ଦିବସ



ଭାରତୀୟ ସେନାର ଏକ ପ୍ରମୁଖ ଅଙ୍ଗ ହେଉଛି ସ୍ଥଳ ସେନା ବା ପଦାତିକ ବାହିନୀ। ଭାରତୀୟ ସେନା ସର୍ବଦା ଦେଶର ସୁରକ୍ଷା ପାଇଁ ପ୍ରତିବଦ୍ଧ। ସେ ଯୁଦ୍ଧ ହେଉ କି ପ୍ରାକୃତିକ ବିପର୍ଯ୍ୟୟ ପରର ଉଦ୍ଧାର କାର୍ଯ୍ୟ ଅଥବା ଜରୁରିକାଳୀନ ପରିସ୍ଥିତି, ସବୁକ୍ଷେତ୍ରରେ ଅସହାୟ ଲୋକଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଦେବା ପାଇଁ ଆଗଭର ଭାରତୀୟ ସେନା। ଦେଶପାଇଁ ବଳିଦାନ ଦେବାକୁ ଭାରତୀୟ ଯବାନମାନେ ସର୍ବଦା ପ୍ରସ୍ତୁତ। ଆତଙ୍କବାଦୀ ମୁକାବିଲା ପାଇଁ ସୈନିକମାନେ ନିଜ ଜୀବନକୁ ବିପଦରେ ପକାଇବାକୁ ମଧ୍ୟ ଭୟ କରନ୍ତି ନାହିଁ। ଭାରତୀୟ ସେନାର ପରାକାଷ୍ଠା ଏବଂ ପରାକ୍ରମକୁ ସମ୍ମାନ ଜଣାଇ ପ୍ରତିବର୍ଷ ଜାନୁଆରୀ ୧୫ ତାରିଖକୁ ସ୍ଥଳସେନା ଦିବସ ଭାବେ ପାଳନ କରାଯାଏ। ୧୯୪୯ ମସିହା ଆଜିର ଦିନରେ ଭାରତର ଶେଷ ବ୍ରିଟିଶ କମାଣ୍ଡର ଇନ୍ ଚିଫ୍ ସାର୍ ଫ୍ରାନସିସ ବୁଚର୍‌ଙ୍କଠାରୁ ଭାରତର ଫିଲ୍ଡ ମାର୍ଶଲ କେ. ଏମ୍. କରିୟପ୍ପା ଦାୟିତ୍ୱ ଗ୍ରହଣ କରିଥିଲେ। କରିୟପ୍ପା ଥିଲେ ଭାରତୀୟ ସେନାର ପ୍ରଥମ କମାଣ୍ଡର ଇନ୍ ଚିଫ୍। କରିୟପ୍ପା ୧୯୪୭ ମସିହାରେ ପାକିସ୍ତାନ ବିରୁଦ୍ଧ ଯୁଦ୍ଧରେ ତାଙ୍କର ଅଦମ୍ୟ ସାହସ ଓ ଦମଦାର ନେତୃତ୍ୱର ପରିଚୟ ଦେଇଥିଲେ। ତାଙ୍କ ନେତୃତ୍ୱରେ ଭାରତ ଜୋଜିଲା, ଦ୍ରାସ ଓ କାରଗିଲରେ ପାକିସ୍ତାନୀ ସେନାଙ୍କୁ ହରାଇଥିଲା। ସ୍ଥଳ ସେନା ଦିବସରେ ଦେଶ ସୁରକ୍ଷା ପାଇଁ ପ୍ରାଣବଳି ଦେଇଥିବା ସହିଦଙ୍କ ଉଦ୍ଦେଶ୍ୟରେ ସମ୍ମାନ ପ୍ରଦର୍ଶନ କରାଯାଇଥାଏ। ଏହି ଦିନ ରାଜଧାନୀ ଦିଲ୍ଲୀ ଏବଂ ସମସ୍ତ ସେନା ମୁଖ୍ୟାଳୟରେ ସାମରିକ ପରେଡ, ସାମରିକ ପ୍ରଦର୍ଶନୀ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥାଏ।

## ଏକଲାପଣ ଦୂର କରିବ ଏଆଇ ରୋବଟ୍

ଏଣିକି ଲୋକଙ୍କ ଏକଲାପଣ, ଚିନ୍ତା ତଥା ଅବସାଦ ଦୂର କରି ସୁଖ ଦୁଃଖର ସାଥୀ ହେବ ରୋବଟ୍ 'ରୋମି'। ଏହା ହେଉଛି ଏକ କ୍ଷୁଦ୍ରାକାର ଏଆଇ ରୋବଟ୍। ରୋମିର ଡିଜିଟାଲ ମୁହଁ ଥିବା ବେଳେ ଏହାର ଆଖି ମଧ୍ୟ ରହିଛି। ଏହା ଲୋକଙ୍କ ସହ କଥାବାର୍ତ୍ତା କରିବା ସହ ପ୍ରାୟତଃ ୧୫୦ ପ୍ରକାର ଭାବଭଙ୍ଗୀ ପ୍ରଦର୍ଶନ କରିଥାଏ। ଯେଭଳି ବ୍ୟବହାରକାରୀ ଏହା ସହିତ ସହଜ ଅନୁଭବ କରିବେ, ତାକୁ ଦୃଷ୍ଟିରେ ରଖି ରୋବଟ୍‌ଟିକୁ ସେଭଳି ଭାବେ ଡିଜାଇନ୍ କରାଯାଇଛି। କହିବାକୁ ଗଲେ, ମୁଖ୍ୟତଃ ଏକୁଟିଆ ଅନୁଭବ କରୁଥିବା ଲୋକଙ୍କୁ ସହଜ ଅନୁଭବ କରିବା ପାଇଁ ଏହାକୁ ଡିଜାଇନ୍ କରାଯାଇଛି। ମିକ୍ସି ଇଙ୍କ୍ ଦ୍ୱାରା ନିର୍ମିତ ଏହି ରୋବଟ୍ ଏଆଇକୁ ଉପଯୋଗ କରି ଲୋକଙ୍କ ସହି ଅତି ସାଧାରଣ ଭାବେ କଥାବାର୍ତ୍ତା କରିଥାଏ। ଏପରିକି ଏହା ଅଭିବାଦନ କରିବା, ଘରକୁ ସ୍ୱାଗତ କରିବା ସହ ଦିନ କିଭଳି ରହିଲା ବୋଲି ପ୍ରଶ୍ନ କରିପାରେ। ତା'ସହ ରୋମି ବ୍ୟବହାରକାରୀଙ୍କ କଥାକୁ ଶୁଣି ତଦନୁସାରେ ପ୍ରତିକ୍ରିୟା ମଧ୍ୟ ଦେଇଥାଏ। ଏହିପରି ଭାବେ ଏହାକୁ ବ୍ୟବହାର କରୁଥିବା ଲୋକଙ୍କ ଏକଲାପଣ ଦୂର ହୋଇଥାଏ। ଅବଶ୍ୟ ଏବେ ଏହି ରୋବଟ୍ କେବଳ ଜାପାନରେ ବିକ୍ରି ହେଉଛି ଏବଂ ଏହା ଜାପାନୀ ଭାଷାରେ କଥାବାର୍ତ୍ତା କରୁଛି। ଏହାର ଦାମ୍ ୫୭୦ ଡଲାର। ସେହିପରି ଜାପାନର ନର୍ସିଂ ହୋମ୍‌ଗୁଡ଼ିକରେ ଏହାକୁ ଏବେ ବ୍ୟବହାର କରାଯାଉଛି। ବସନ୍ତ ଋତୁ ବେଳକୁ ରୋମିର ନୂଆ ମଡେଲ 'ରୋମି ଲାକାଟାନ୍' ଲଞ୍ଚ କରାଯିବା ଯୋଜନା ଅଛି। ଅନ୍ୟପଟେ 'ରୋମି' ରୋବଟ୍‌କୁ ସିଇସି ୨୦୨୫ ଶୋ'ରେ ବେଷ୍ଟ ଇନୋଭେସନ ପୁରସ୍କାର ମିଳିଛି।



## ମହିଳାଙ୍କ ମେଡିକାଲ ଖର୍ଚ୍ଚ ଅଧିକ



ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି, ପୁରୁଷଙ୍କ ତୁଳନାରେ ମହିଳାଙ୍କ ମେଡିକାଲ ଖର୍ଚ୍ଚ ଅଧିକ। ସ୍ପଷ୍ଟ ଭାବେ କହିଲେ, ମହିଳାଙ୍କୁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ। ଗବେଷଣାରୁ ଏକଥା ବି ଜାଣିବାକୁ ଚେଷ୍ଟା କରାଯାଇଥିଲା ଯେ, ପୁରୁଷ ଓ ମହିଳା ସମାନ ଖର୍ଚ୍ଚ କରିଥାନ୍ତି ନା ପୁରୁଷଙ୍କ ଖର୍ଚ୍ଚ ଅଧିକ ହୋଇଥାଏ। କିନ୍ତୁ ଏଥିରୁ ସ୍ପଷ୍ଟ ହେଲା ଯେ, ସ୍ୱାସ୍ଥ୍ୟ ସେବାରେ ମହିଳାଙ୍କ ସମୁଦାୟ ବ୍ୟୟ ଅଧିକ। ଅବଶ୍ୟ ସେମାନଙ୍କ ମେଡିକାଲ ଖର୍ଚ୍ଚ ଅଧିକ ପଛର କାରଣ ସମ୍ପର୍କରେ ଆଲୋକପାତ କରାଯାଇଛି। ଗମ୍ଭୀର ରୋଗ, ଦୀର୍ଘ ସମୟ ପର୍ଯ୍ୟନ୍ତ ଚିକିତ୍ସା ସେବା ଲୋଡ଼ିବା ଏବଂ କିଛି ସ୍ୱାସ୍ଥ୍ୟ ସମସ୍ୟା ବିଳମ୍ବରେ ଭଲ ହେବା ଭଳି ସ୍ଥିତି ସେମାନଙ୍କ ମେଡିକାଲ ଖର୍ଚ୍ଚ ବୃଦ୍ଧିର କାରଣ। ସେହିପରି ଉକ୍ତ ଅଧ୍ୟୟନରେ ଏକଥା ବି କୁହାଯାଇଛି ଯେ, ଅର୍ଥ ବ୍ୟୟ ନ କରିବାକୁ ମହିଳାମାନେ ସେମାନଙ୍କ ଚିକିତ୍ସା ଟାଳି ଚାଲିଥାନ୍ତି। ସେହିଭଳି ମହିଳାମାନେ ପୁରୁଷଙ୍କ ଅପେକ୍ଷା ଅଧିକ ଗମ୍ଭୀର ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ବିଶେଷକରି ମହିଳାମାନେ ମଲ୍‌ଟିପଲ ସ୍କେଲେରୋସିସ୍, ରୁମାଟାଇଡ୍ ଆର୍ଥ୍ରାଇଟ୍‌ସ ଭଳି ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟାକୁ ଅଧିକ ସାମ୍ନା କରିଥାନ୍ତି। ଏହି ସବୁ ରୋଗ ମହିଳାଙ୍କୁ ଅଧିକ ପ୍ରଭାବିତ କରିଥାଏ। ଏହାବ୍ୟତୀତ ଚିକିତ୍ସା ଅନୁସନ୍ଧାନର ଅଧିକ ଧ୍ୟାନ ପୁରୁଷଙ୍କ ଉପରେ କେନ୍ଦ୍ରିତ ହେବା ଯୋଗୁଁ ମହିଳାଙ୍କ ପାଇଁ ଉପଚାର କମ୍ ପ୍ରଭାବୀ ସାବ୍ୟସ୍ତ ହୋଇଥାଏ। ସେହିପରି ପୁରୁଷଙ୍କ ତୁଳନାରେ ମହିଳାଙ୍କ ପ୍ରଜନନ ସମ୍ବନ୍ଧୀୟ ସମସ୍ୟା ଅଧିକ। ଏହି ସ୍ଥିତିକୁ ଭଲ କରିବା ପାଇଁ ଉଭୟ ଅର୍ଥ ଓ ସମୟ ଅଧିକ ଖର୍ଚ୍ଚ ହୁଏ। ଅନ୍ୟପଟେ ଚିକିତ୍ସାରେ ବିଳମ୍ବ କରିବା ହେତୁ ଖର୍ଚ୍ଚ ମଧ୍ୟ ଅଧିକ ହୋଇଥାଏ। ତେବେ ମହିଳାଙ୍କୁ ସ୍ୱାସ୍ଥ୍ୟର ଯତ୍ନ ପାଇଁ ଆର୍ଥିକ ଚାପର ସାମ୍ନା କରିବାକୁ ପଡ଼ିଥାଏ। ଅନ୍ୟପଟେ ମହିଳାଙ୍କ ସ୍ୱାସ୍ଥ୍ୟ ଉପରେ ଅଧିକ ଗବେଷଣା ଏବଂ ନିବେଶ କରିବା ଦ୍ୱାରା ସେମାନଙ୍କ ଚିକିତ୍ସା ଉପଚାରରେ ସୁଧାର ଆସିପାରେ। ଏହାଦ୍ୱାରା ଚିକିତ୍ସା ଖର୍ଚ୍ଚ କମ୍ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଅବଶ୍ୟ ଏସବୁ ଦିଗ ଉପରେ ଦୃଷ୍ଟି ଦିଆଗଲେ, ମହିଳାଙ୍କ ସ୍ୱାସ୍ଥ୍ୟ ଦେଖାଶୁଣାର ଆର୍ଥିକ ବୋଝକୁ କମ୍ କରାଯାଇପାରିବ।

## ଅତ୍ୟାଧୁନିକ ବସ୍‌ଷ୍ଟପ୍

ସାଧାରଣତଃ ସବୁ ସ୍ଥାନର ବସ୍‌ଷ୍ଟପ୍‌ର ଦୃଶ୍ୟ ଭିନ୍ନ ଭିନ୍ନ ହୋଇଥାଏ। କେଉଁଠି ଅପରିଷ୍କାର ତ ଆଉ କେଉଁଠି ସମ୍ପୂର୍ଣ୍ଣ ଚକାଚକ। ଏହି କ୍ରମରେ ଦକ୍ଷିଣ କୋରିଆର ବସ୍ ଷ୍ଟପ୍‌ର ଦୃଶ୍ୟ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଦକ୍ଷିଣ କୋରିଆର ଇନ୍‌ଷ୍ଟାଗ୍ରାମ୍ ବ୍ୟବହାରକାରୀ ତଥା କଣ୍ଟେଣ୍ଟ କ୍ରିଏଟର ନୀଲସନ ଏଠାକାର ବସ୍ ଷ୍ଟପ୍‌ର ଭିଡିଓକୁ ସେୟାର୍ କରିଛନ୍ତି। ଯାହାକୁ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଛନ୍ତି। ଏଠାକାର ବସ୍‌ଷ୍ଟପ୍ ଏତେ ଅତ୍ୟାଧୁନିକ ଏବଂ ହାଇଟେକ୍ ଯେ, ଏହା ଭିତରକୁ ଥରେ ପ୍ରବେଶ କଲେ, ବାହାରିବାକୁ ଇଚ୍ଛା ହେବ ନାହିଁ। ଭିଡିଓରୁ ଦେଖିବାକୁ ମିଳିଛି, ବସ୍ ଷ୍ଟପ୍‌ଟି କାଚରେ ନିର୍ମିତ। ଏହା ଭିତରେ ଯାତ୍ରୀଙ୍କ ପାଇଁ ଅନେକ ସୁବିଧା ସୁଯୋଗର ବ୍ୟବସ୍ଥା କରାଯାଇଛି। ଏହା ଭିତରେ ଏମିତି ଏସି ଲାଗିଛି, ଯେଉଁଠି ଗରମରେ ଥଣ୍ଡା ଏବଂ ଶୀତରେ ଯାତ୍ରୀ ଉଷୁମ ପାଇପାରିବେ। ଏହା ସହିତ ମାଗଣା ୱାଇଫାଇ, ୱ୍ୟାରଲେସ୍ ଫୋନ୍ ଚାର୍ଜରର ସୁବିଧା ଅଛି। ସେହିପରି ବସ୍‌ର ସେଡ୍ୟୁଲ (ଯିବା ଆସିବା ସମୟ) ମନିଟର୍‌ରେ ପ୍ରଦର୍ଶିତ ହୁଏ। ଏପରିକି ଯାତ୍ରୀ ଯେଭଳି ବସ୍ ସେବା ପାଇପାରିବେ, ସେ ଲାଗି ଲାଇଭ୍ ବସ୍ ଟ୍ରାକିଂ ମଧ୍ୟ ସ୍କ୍ରିନ୍‌ରେ ଦେଖାଏ। ବସ୍‌ଷ୍ଟପ୍ ଉପରେ ଯେଭଳି ୨୪ ଘଣ୍ଟା ନଜର ରଖାଯାଇ ପାରିବ, ସେଥିପାଇଁ ସିସିଟିଭି କ୍ୟାମେରାର ମନିଟର ଲାଗିଛି। କେବଳ ସେତିକି ନୁହେଁ, ଇମରଜେନ୍ସି ପାଇଁ ଗୋଟିଏ ବେଲ୍ ବଟନ୍ ଅଛି। ଏହି ବଟନ୍‌କୁ କୌଣସି ପ୍ରକାର ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ୟା ତଥା ଅନ୍ୟ କିଛି ଅସୁବିଧାରେ ଦବାଇ ତୁରନ୍ତ ସାହାଯ୍ୟ ନିଆଯାଇ ପାରିବ। ଅନ୍ୟପଟେ ବସ୍ ଷ୍ଟପ୍‌ର ଏଭଳି ବିଶେଷତ୍ୱକୁ ଲୋକେ ପସନ୍ଦ କରିଛନ୍ତି। ତା'ସହ ଏଥିରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ମଧ୍ୟ ଦେଇଛନ୍ତି।



## ଅଦ୍ଭୁତ ପଶୁପ୍ରୀତି

### କୁକୁରର ଜନ୍ମଦିନରେ ଖର୍ଚ୍ଚ କଲେ ପାଞ୍ଚ ଲକ୍ଷ

ଅଧିକାଂଶ ଲୋକ ଘରେ କୁକୁର କିମ୍ବା ବିଲେଇ ପାଳିବା ସଉକ ରଖିଥାନ୍ତି। ପୋଷା ଜୀବଗୁଡ଼ିକୁ ସେମାନେ ପରିବାର ସଦସ୍ୟ ଭଳି ବ୍ୟବହାର କରିଥାନ୍ତି। ହେଲେ ପୋଷା କୁକୁରର ଜନ୍ମଦିନ ପାଇଁ ୫ଲକ୍ଷ ଟଙ୍କା ଖର୍ଚ୍ଚ ହେବା ଶୁଣି ଅନେକଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିବ। ଜାମସେଦପୁରର କଦମା ନିବାସୀ ସମାଜସେବୀ ସପନା ସୋନା ନିଜର ଛଅ ବର୍ଷର ପୋଷା କୁକୁର 'ରୋଜ ସୋନା'ର ଜନ୍ମଦିନ ପାଇଁ ଏକ ଭବ୍ୟ ପାର୍ଟି ଆୟୋଜନ କରିଥିଲେ। ଏଥିପାଇଁ ସେ ମୋଟ ପାଞ୍ଚ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ସହରର ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ନିମନ୍ତ୍ରିତ କରିବାକୁ ସପନା ଏକ ଆକର୍ଷଣୀୟ କାର୍ଡ ଛାପିଥିଲେ। ଡିଜେ ଏବଂ ଲାଇଭ୍ ମ୍ୟୁଜିକ୍ ସହିତ କୁକୁରଟି ନିଜ ଜନ୍ମଦିନ ପାର୍ଟିକୁ ପ୍ରବେଶ କରିଥିଲା। ପାର୍ଟିର ମୁଖ୍ୟ ଆକର୍ଷଣ ସାଜିଥିଲା ୪୦ ହଜାର ଟଙ୍କାର ଏକ କେକ୍। ରୋଜ ସୋନା ଏହି କେକ୍‌ଟିକୁ କାଟିଥିଲା। ଲାଇଭ୍ ମ୍ୟୁଜିକ୍ ସହ ଏହି ପାର୍ଟିରେ ୩୦୦ରୁ ଊର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ। ଅତିଥିଙ୍କୁ ନିଜ ପସନ୍ଦର ସ୍ୱାଦ ଅନୁସାରେ କେକ୍ ଖୁଆଇବାକୁ ସେ କେକ୍‌ର ଏକ ଷ୍ଟଲ ଲଗାଇଥିଲେ। ପାର୍ଟିରେ ଯୋଗ ଦେଇଥିବା ଅତିଥିମାନେ ସମସ୍ତେ ନାଚଗୀତରେ ମଜ୍ଜି ଯାଇଥିଲେ। ସପନା କୁକୁରର ଜନ୍ମଦିନ ପାଇଁ ପାଞ୍ଚ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବାବେଳେ ଏହିଦିନରେ ଜୁଗସଲାଇ ଥାନାସ୍ଥିତ ଅନ୍ତ୍ୟୋଦୟ ବସ୍ତି ବାସିନ୍ଦାଙ୍କ ପାଇଁ ପ୍ରାୟ ଅଢ଼େଇ ଲକ୍ଷ ଟଙ୍କାର ୨୦ଟି ସୌରଚାଳିତ ଲାଇଟ୍ ଲଗାଇଥିଲେ। ସେହିପରି ଏହି ବସ୍ତିର କମ୍ୟୁନିଟି ସେଣ୍ଟରରେ ପାଖାପାଖି ୩୦ ହଜାରର ମ୍ୟାଟ୍ ଆବରଣ କରିଥିଲେ। ପ୍ରତିବର୍ଷ ନିଜ ପୋଷା କୁକୁର ଜନ୍ମଦିନରେ ସେ ସମାଜ ପାଇଁ କିଛି କରୁଥିବା କୁହନ୍ତି। ଅନ୍ୟପଟେ ସପନା ଜଣେ ସିଙ୍ଗଲ ମଦର। ତେଣୁ ରୋଜ ସୋନା ତାଙ୍କର ଝିଅ ପରି। କୁକୁରଟି ୬ ମାସର ହୋଇଥିବାବେଳେ ସପନା ତାକୁ ରାୟପୁରରୁ ଜାମସେଦପୁରକୁ ଆଣିଥିଲେ। କୁକୁର ପାଇଁ ଘରେ ସେ ସିସିଟିଭି ଲଗାଇବା ସହ ଜଣେ କେୟାରଟେକର ରଖିଛନ୍ତି। କୁକୁରର ଦେଖାରଖା ପାଇଁ ତାଙ୍କର ମାସିକ ୨୫ରୁ ୩୦ ହଜାର ଟଙ୍କା ଖର୍ଚ୍ଚ ହୋଇଥାଏ। କୁକୁରକୁ ବୁଲାଇବା ପାଇଁ ତାଙ୍କ ପାଖେ ଏବେ ୨୦ ଲକ୍ଷ ଟଙ୍କାର ଏମ୍‌ଜି ହେକ୍ଟର କାର୍ ଥିବାବେଳେ ଖୁବ୍‌ଶୀଘ୍ର ସେ ୪୫ ଲକ୍ଷ ଟଙ୍କାର ଫର୍ଚ୍ୟୁନର୍ ଲେଜେଣ୍ଡ କିଣିବାକୁ ଯୋଜନା କରିଛନ୍ତି। ତେବେ ପ୍ରତିବର୍ଷ ରୋଜ ସୋନାର ଜନ୍ମଦିନରେ ସପନା ଗରିବଙ୍କୁ ଲୋକଙ୍କୁ କମ୍ବଳ ବିତରଣ କରିବା ସହ ଗରିବ ଝିଅମାନଙ୍କର ବିବାହ କାର୍ଯ୍ୟ କରିଥାନ୍ତି।



## ଆଜିର ଐତିହ୍ୟ

- ୧୭୮୪- ଏସିଆଟିକ୍ ସୋସାଇଟି ଅଫ୍ ବେଙ୍ଗଲ୍‌ର ସ୍ଥାପନା।
- ୧୯୩୪- ବିହାରରେ ଆସିଥିବା ଭୂମିକମ୍ପ ଯୋଗୁଁ ପାଖାପାଖି ୨୦ହଜାର ଲୋକଙ୍କ ମୃତ୍ୟୁ।
- ୧୯୫୬-ବହୁଜନ ସମାଜ ପାର୍ଟିର ଅଧକ୍ଷା ମାୟାବତୀଙ୍କ ଜନ୍ମ।
- ୧୯୬୫- ଭାରତୀୟ ଖାଦ୍ୟ ନିଗମର ସ୍ଥାପନା।
- ୧୯୯୮- ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଗୁଲ୍‌ଜାରି ଲାଲ୍ ନନ୍ଦାଙ୍କ ଦେହାନ୍ତ।
- ୨୦୧୩-ସିରିଆର ଏକ ବିଶ୍ୱବିଦ୍ୟାଳୟ ଉପରେ ରକେଟ୍ ଆକ୍ରମଣ ଯୋଗୁଁ ପାଖାପାଖି ୮୩ ଲୋକଙ୍କ ମୃତ୍ୟୁ ସହ ୧୫୦ ଆହତ ହୋଇଥିଲେ।

## ଆଜିର ରାଶିଫଳ

**ମେଷ:** ଅଟକି ଥିବା କାର୍ଯ୍ୟ ପୂରଣ କରିବେ। ଆପଣଙ୍କ ପାଇଁ ସମୟ ବହୁତ ଭଲ। ନୂତନ ବନ୍ଧୁଙ୍କ ସହ ସାକ୍ଷାତ ହେବ। ପତି-ପତ୍ନୀଙ୍କ ମଧ୍ୟରେ ସୁସମ୍ପର୍କ ରହିବ। ଧନପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ।

**ବୃଷ:** ନୂତନ ବ୍ୟବସାୟରେ ନିବେଶ କରନ୍ତୁ, ସମୟ ଅନୁକୂଳ ରହିଛି। କାର୍ଯ୍ୟକ୍ଷେତ୍ରରେ ଉଚ୍ଚପଦସ୍ଥଙ୍କ ଠାରୁ ପ୍ରଶଂସିତ ହେବେ। ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିବେ।

**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ। ଆର୍ଥିକ ମାମଲାରେ ସାବଧାନ ରହିବେ। କଥା କହିବା ସମୟରେ ସଂଯମତା ରକ୍ଷା କରନ୍ତୁ। ବିଦ୍ୟାର୍ଥୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ।

**ସିଂହ:** ଅକସ୍ମାତ୍ ଧନଲାଭ ଯୋଗ ରହିଛି। ନିର୍ଦ୍ଧାରିତ ଯୋଜନା ମୁତାବକ କାମ ହେବ। ବିଦ୍ୟାର୍ଥୀମାନେ ପଢ଼ାମନସ୍କ ହେବେ। ଜୀବନସାଥୀଙ୍କ ଠାରୁ ମୂଲ୍ୟବାନ ଉପହାର ପାଇପାରନ୍ତି।

**କର୍କଟ:** ମନ ଭିତରେ ଯାହା କିଛି ଭାବୁଛନ୍ତି, ତାହାକୁ ପ୍ରକାଶ କରନ୍ତୁ। ସାହିତ୍ୟ ସମାବେଶରେ ପ୍ରଶଂସିତ ହେବେ। ସମୟର ସଦୁପଯୋଗ କରନ୍ତୁ। ମାତାପିତାଙ୍କ କଥାକୁ ପାଳନ କରନ୍ତୁ।

**କନ୍ୟା:** କାର୍ଯ୍ୟକ୍ଷେତ୍ରରେ ନିଜ ଟାର୍ଗେଟ୍‌କୁ ପୂରା କରନ୍ତୁ। ନୂତନ ଯାନବାହନ କ୍ରୟ କରିପାରନ୍ତି। ଅଯଥାରେ କାହା ସହିତ ଯୁକ୍ତିତର୍କ କରନ୍ତୁନି। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ।

**ତୁଳା:** ଆଜିର ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଉତ୍ତମ ବୁଦ୍ଧିରେ କାର୍ଯ୍ୟ ପୂରା କରିବେ। ନିଜ ବ୍ୟକ୍ତିଗତ ମାମଲା ବିଷୟରେ ପରିବାର ଲୋକଙ୍କ ସହ ଆଲୋଚନା କରନ୍ତୁ। ପ୍ରତିକୂଳ ପରିସ୍ଥିତିରେ ଭାଙ୍ଗି ପଡ଼ନ୍ତୁନି।

**ବିଛା:** ଅଟକି ଥିବା ଦିଗରୁ ଧନ ମିଳିପାରେ। ଆୟ ଅନୁସାରେ ବ୍ୟୟ ଅଧିକ ହେବ। ପରିବାରର ଚାପ ଆପଣଙ୍କ ଉପରେ ଅଧିକ ରହିବ। ପିଲାମାନେ ଖେଳକୁଦରେ ସମୟ ବିତାଇବେ।

**ଧନୁ:** ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କଠିନ ପରିଶ୍ରମ କରିବେ। କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ପାଇପାରନ୍ତି। ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ।

**ମକର:** ଆପଣଙ୍କ ପ୍ରତିଭା ପ୍ରସ୍ଫୁଟିତ ହେବ। ସରକାରୀ ଚାକିରିଆଙ୍କ ପାଇଁ ଆଜିର ଦିନଟି ବହୁତ ଭଲ। ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ପିଲାମାନେ ପଢ଼ା ପ୍ରତି ଅଧିକ ଧ୍ୟାନ ଦେବେ।

**କୁମ୍ଭ:** ଅଚାନକ ଆପଣଙ୍କ ମନ ଭିତରେ ପରିବର୍ତ୍ତନ ଆସିବ। ଆର୍ଥିକ ସମସ୍ୟା ରହିବନି। ଅନ୍ୟକୁ ଉଧାର ଦେଇ ଠକିପାରନ୍ତି। ଆୟ ଅନୁସାରେ ଅଧିକ ବ୍ୟୟ ହେବ। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ।

**ମୀନ:** ପାରିବାରିକ ମତଭେଦ ଦେଖା ଦେବ। ଅନ୍ୟକୁ ଅଧିକ ବିଶ୍ୱାସ କରନ୍ତୁ ନାହିଁ। ମହିଳାମାନେ ଅଯଥା ଖର୍ଚ୍ଚ କରିବେ। କ୍ୟାରିୟରରେ ଉନ୍ନତି ହେବ।

## ଘାତକ ସାଜୁଛି 'ମାରାତ୍ମକ ମାଞ୍ଜା ସୂତା'

# ପୁଲିସର ଚଢ଼ଉ ପ୍ରହସନ: ୫ଦିନରେ ୮ ଆହତ

■ ଆଜି ପୁଣି ତ୍ରିଶୂଳିଆ ଛକ, ନୂଆବଜାର ଓଭରବ୍ରିଜ୍ ଓ ମଧୁପାଟଣାରେ ୪ ଆହତ

■ ପୂର୍ବରୁ ମାଞ୍ଜା ସୂତା ଲାଗି ଯାଇଛି ୨ଟି ଜୀବନ

■ ଅନଲାଇନ୍ ସୂତା ବିକ୍ରି ହେଉଛି କହି ଭୁଆଁ ବୁଲାଉଛି ପୁଲିସ

■ ସହରରେ ଉଡ଼ିଲା ମାଲ ମାଲ ଗୁଡ଼ି: ସବୁଠି ନିଷିଦ୍ଧ ମାଞ୍ଜା ଓ ପ୍ଲାଷ୍ଟିକ୍ ସୂତା

**କଟକ, ୧୪।୧(ସମିସ):** ଚେତୁନାହାନ୍ତି ଗୁଡ଼ିଉଡାଳି, ଦୋକାନୀ ଏବଂ ପୁଲିସ ପ୍ରଶାସନ। ଦାୟିତ୍ୱହୀନତା ଓ ସଚେତନତା ଅଭାବରୁ ଘଟୁଛି ଦୁର୍ଘଟଣା। ସହରରେ କଡ଼ା କଟକଣା ଥିବା ବେଳେ ନିଷିଦ୍ଧ ମାଞ୍ଜା ଓ ପ୍ଲାଷ୍ଟିକ ସୂତା ଉପରେ ରୋକ୍ ଲାଗି ପାରୁନାହିଁ। ମାରାତ୍ମକ ମାଞ୍ଜା ସୂତା ବ୍ୟବହାର ଉପରେ ୨୦୧୬ ମସିହାରୁ ହାଇକୋର୍ଟଙ୍କ କଟକଣା ଥିବା ସତ୍ତ୍ୱେ ଏହା ଖୋଲାଖୋଲି ଉଲ୍ଲଙ୍ଘନ ଏକ ଘରୋଇ ନର୍ସିଂହୋମ୍‌ରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ସେହିପରି ନୂଆବଜାର ଓଭରବ୍ରିଜ୍ ଉପରେ ଆହତ ହୋଇଥିବା ଶ୍ରୀ ବାରିକ ଓ ଶ୍ରୀ ଜେନାଙ୍କର ବେକ ଓ ଆଙ୍ଗୁଠି କଟି ଯାଇଥିଲା। ସ୍ଥାନୀୟ ଲୋକ ୨ ଆହତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଏସ୍‌ସିବି ପଠାଇଥିଲେ। ଆହତ ଯୁବତୀଜଣକ ବି ଏସ୍‌ସିବିରେ ଚିକିତ୍ସିତ ହେଉଛନ୍ତି।





ହେଉଥିବା ଦେଖିବାକୁ ମିଳୁଛି। ଚୋରାରେ ଏହି କାରବାର ହେଉଥିବାରୁ ନିଷିଦ୍ଧ ସୂତାରେ ଅକାରଣେ ପଥଚାରୀମାନେ ମୃତାହତ ହେଉଛନ୍ତି। ଗତ ୫ଦିନରେ କଟକ ସହର ଓ ଉପକଣ୍ଠରେ ୮ ଜଣ ପଥଚାରୀ ଆହତ ହୋଇଛନ୍ତି। କାହାର ବେକ କଟିଛି ତ କାହାର ଆଙ୍ଗୁଠି କଟିଛି। ଏହାକୁ ଦୃଷ୍ଟିରେ ରଖି ଯଦିଓ କମିଶନରେଟ୍ ପୁଲିସ ପକ୍ଷରୁ ମାଞ୍ଜା ଓ ପ୍ଲାଷ୍ଟିକ ସୂତା ଧରପଗଡ଼ ଆରମ୍ଭ ହୋଇଛି, କିନ୍ତୁ ତାହା ପ୍ରହସନ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏପରି ସ୍ଥିତିରେ, ଆଜି ପୁଣି ମାରାତ୍ମକ ମାଞ୍ଜା ସୂତାରେ ତ୍ରିଶୂଳିଆ ଛକ, ନୂଆବଜାର ଓଭରବ୍ରିଜ୍ ଏବଂ ମଧୁପାଟଣାରେ ୪ ଜଣ ପଥଚାରୀ ଆହତ ହୋଇଛନ୍ତି। ନୂଆବଜାର ଓଭରବ୍ରିଜ୍ ଉପରେ ଶିଖରପୁର ଅଞ୍ଚଳର ଜୟନ୍ତ କୁମାର ବାରିକ୍(୩୨) ଓ ଏରସମା ଅଞ୍ଚଳର ଗୋବିନ୍ଦ ଜେନା(୨୨), ତ୍ରିଶୂଳିଆ ଛକରେ କାଳୀପ୍ରସାଦ ଦାସ(୫୫) ଏବଂ ମଧୁପାଟଣା ଥାନା ଅନ୍ତର୍ଗତ ସମ୍ରାଟ୍ ହଲ୍‌ଗଡ଼ାରେ ଜଣେ ଯୁବତୀ ଆହତ ହୋଇଛନ୍ତି। ତ୍ରିଶୂଳିଆ ଛକରେ ଗୁଡ଼ି ସୂତା ଲାଗି ଶ୍ରୀ ଦାସଙ୍କ ଆଙ୍ଗୁଠି କଟିଥିଲା। ସେ ସ୍ଥାନୀୟ

ମକର ସଂକ୍ରାନ୍ତିରେ ପ୍ରବଳମାତ୍ରାରେ ଗୁଡ଼ି ଉଡ଼ାଯିବାକୁ ଲକ୍ଷ୍ୟ ରଖି କଟକ କମିସନରେଟ୍ ପୁଲିସ୍ ପକ୍ଷରୁ ମାଞ୍ଜା ଓ ପ୍ଲାଷ୍ଟିକ ସୂତା ଧରପଗଡ଼କୁ ଜୋରଦାର କରାଯାଇଥିବା ସୂଚନା ଦିଆଯାଇଥିଲା। କଟକର ହୋଲେସେଲ ମାର୍କେଟ କୁହାଯାଉଥିବା ଚୌଧୁରୀ ବଜାର ଅଞ୍ଚଳରେ ଗତକାଲି ପୁରୀଘାଟ ଥାନା ପୁଲିସ ଚଢ଼ଉ କରିଥିଲା। ଜଣେ ଏସ୍‌ଆଇଙ୍କ ନେତୃତ୍ୱରେ ୮ଜଣିଆ ଟିମ୍ ଚୌଧୁରୀ ବଜାର ସମେତ ନନ୍ଦି ସାହି, ଝୋଲାସାହି, ପିଠାପୁର ଆଦି ଅଞ୍ଚଳରେ ଥିବା ଗୁଡ଼ି ଦୋକାନଗୁଡ଼ିକରେ ଯାଞ୍ଚ କରିଥିଲେ। ଏହି ସମୟରେ ପୁଲିସ୍ କୌଣସି ଦୋକାନରୁ ନିଷିଦ୍ଧ ସୂତା ଜବତ କରିପାରିନଥିଲା। ଯଦି କଟକ ସହରରେ ନିଷିଦ୍ଧ ମାଞ୍ଜା ସୂତା ବିକ୍ରି ହେଉନାହିଁ ଏବଂ ପୁଲିସ ଚଢ଼ଉ କରି ତାହାକୁ ଜବତ କରି ପାରୁନାହିଁ, ତେବେ ଏତେସଂଖ୍ୟାର ମାଞ୍ଜା ଓ ପ୍ଲାଷ୍ଟିକ୍ ସୂତା କେଉଁଠୁ ଆସୁଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁଲିସ ଚଢ଼ଉ କରି ବିଫଳ ହେଉଥିବା ବେଳେ ଅନଲାଇନ୍‌ରେ ଲୋକମାନେ ମାରାତ୍ମକ ମାଞ୍ଜା ସୂତା କିଣୁଥିବା ସଫେଇ ଦେଉଛି।

ପ୍ରକାଶ ଥାଉ କି, ଗତ ୯ ତାରିଖରେ ୪୨ମୌଜା ଓ ୧୦ ତାରିଖରେ ପାଲାମଣ୍ଡପ ନିକଟରେ ୨ଜଣ ବାଇକ ଆରୋହୀ ମାଞ୍ଜା ସୂତାରେ ଆହତ ହୋଇଥିଲେ। ଗତକାଲି ରାଜେନ୍ଦ୍ରନଗର ଅଞ୍ଚଳର ଅନିକେତ ଦାସ ଓ ମାଲଗୋଦାମ ଥାନା ନିକଟକୁ ଛତ୍ରବଜାର ଆଡକୁ ଆସିଥିବା ଡ୍ରେନ କଡରେ ଜଣେ ବାଇକ ଆରୋହୀଙ୍କୁ ମିଶାଇ ୨ଜଣ ଆହତ ହୋଇଥିଲେ। ଗତ ୫ ଦିନରେ ମୋଟ୍ ୮ ଜଣ ପଥଚାରୀଙ୍କ ବେକ ଓ ହାତ କଟିଥିବା ଜଣାପଡ଼ିଛି। କିଛି ବର୍ଷ ପୂର୍ବେ କଟକ ସହରରେ ମାରାତ୍ମକ ମାଞ୍ଜା ସୂତା ଲାଗି ୨ ଜଣଙ୍କ ଜୀବନ ଦୀପ ଲିଭିଥିଲା। ଜଣଙ୍କର ବାଦାମବାଡ଼ି ଥାନା ଅନ୍ତର୍ଗତ ମଲାଚଣ୍ଡିଆ ଛକରେ ଗୁଡ଼ି ସୂତା ଲାଗି ମୃତ୍ୟୁ ଘଟିଥିବା ବେଳେ ଆଉ ଜଣକଙ୍କ ଜଗତପୁର ଅଞ୍ଚଳରେ ମୃତ୍ୟୁ ଘଟିଥିଲା। ଏହାପରେ ପୁଲିସ ତତ୍ପରତା ଦେଖାଇ ପ୍ରତିବର୍ଷ ଲୋକ ଦେଖାଣିଆ ଭାବେ ଚଢ଼ଉ କରୁଛି। କିନ୍ତୁ ଏବେ ପୁଲିସ ଆଖି ସାମ୍ନାରେ ମାଲମାଲ ନିଷିଦ୍ଧ ମାଞ୍ଜା ସୂତା ଲାଗିଥିବା ଗୁଡ଼ି ଉଡୁଛି। କାର୍ଯ୍ୟାନୁଷ୍ଠାନ ଆଦୌ ହେଉନଥିବାରୁ ପଥଚାରୀମାନେ ଯାତାୟତ ସମୟରେ ମାଞ୍ଜା ସୂତା ଲାଗି ଆହତ ହେଉଛନ୍ତି।



ପୁରୀ ସ୍ଥିତ ରାଧାକାନ୍ତ ମଠରେ ମକର ଚାଉଳ ପ୍ରସ୍ତୁତି (ଫଟୋ-ଅନିଲ)

# ମହାପ୍ରଭୁଙ୍କୁ ଲାଗି ହେଲା ମକର ଚାଉଳ

**ମକର ବେଶ ଦର୍ଶନ କଲେ ଭକ୍ତ**

**ପୁରୀ, ୧୪।୧ (ସମିସ):** ଶ୍ରୀମନ୍ଦିରରେ ମଙ୍ଗଳବାର ପାଳିତ ହୋଇଛି ମକର ପର୍ବ। ରତ୍ନସିଂହାସନରେ ଦାରୁବିଗ୍ରହ ମକର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଏଥିପାଇଁ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ବେଶ୍ ଭିଡ଼ ହୋଇଥିଲା। ଏହି ସ୍ୱତନ୍ତ୍ର ନୀତି ପାଇଁ ସକାଳ ୭ଟା ୧୦ରେ ଦ୍ୱାର ଫିଟିଥିଲା। ମଙ୍ଗଳ ଆଳତି, ଅବକାଶ ବଢ଼ିବା ପରେ ତ୍ରିମୁଣ୍ଡିରେ ମକର ଚୂଳ ଲାଗି ହୋଇଥିଲା। ପରେ ଠାକୁରଙ୍କ ବେଶ କରାଯାଇଥିଲା। ସକାଳ ଧୂପ ପରେ ତିନିବାଡ଼ରେ ମଇଲମ ହୋଇ ମହାସ୍ନାନ ବଢ଼ିଥିଲା। ଘଟୁଆରୀ ଘରଠାରୁ ସର୍ବାଙ୍ଗ ବିଜେ କରାଇ ସର୍ବାଙ୍ଗ ଲାଗି ହୋଇଥିଲା। ଏହାପରେ ଠାକୁରଙ୍କୁ ନୂଆ ଲୁଗା, ଚୂଳମାଳ, ୬ ମୂର୍ତ୍ତି ଅଳଙ୍କାର ଲାଗି କରାଯାଇ ବେଶ କରାଯାଇଥିଲା। ଦ୍ୱିପ୍ରହର ଧୂପ ସାଙ୍ଗରେ ଯାତ୍ରାଙ୍ଗୀ ଭୋଗ ରୋଷରୁ ପଟୁଆର ହୋଇ ଛାମୁକୁ ଆସିଥିଲା। ପଣ୍ଡା ଷୋଡ଼ଶ ଉପଚାରରେ ମଣୋହି କରିଥିଲେ। ଟେରା ପଡ଼ିବା ପରେ ପଣ୍ଡା, ପତ୍ରିବଡୁ, ସୁଆରବଡୁ ଏବଂ ଗରାବଡୁଙ୍କୁ ସାଙ୍ଗରେ ଧରି ରୋଷ ପାଇକ ହାତେ ଏକ ଓଳି ଅନ୍ନ ଧରି ବାହାରକୁ ଆସି ମନ୍ଦିର ଚାରିପାଖେ ଦିଗ୍‌ବଳି ଦେଇଥିଲେ। ଏହାପରେ ଭିତରକୁ ଯାଇ ମଣୋହି କରିଥିଲେ। ଏହି ଭୋଗ ସରି ଆଳତି ବଢ଼ିବା ପରେ ଟେରା ବନ୍ଧା ହୋଇଥିଲା। ପାଳିଆ ପଢ଼ିଆରୀ ସୋମବାର ଅଧିବାସ ହୋଇଥିବା ଚାଉଳ ଭୋଗମଣ୍ଡପ ଘରକୁ ଡାକି ଯାଇଥିଲେ। ଏହା ପୂର୍ବରୁ ଶୁଦ୍ଧସୁଆର ଗୋଦାମରୁ ନଡ଼ିଆ, ଘିଅ, ମିଠା, ମସଲା ଓ ଦୁଧସର ଆଣିଥିଲେ। ଭୋଗ ଡାକିଯିବା ବେଳକୁ ଶୁଦ୍ଧସୁଆରମାନେ ପନ୍ତିବଡୁମାନଙ୍କଠାରୁ ରୁପା ଥାଳି ୩ଟି ନେଇ ଉକ୍ତ ଚାଉଳଙ୍କୁ ମୂର୍ତ୍ତିମୂଳ କରି ରଖିଥିଲେ। ଏଥିସହ ରୋଷରୁ ମକର ୮୪ ଭୋଗ ଆସି ପନ୍ତିରେ ବଢ଼ାଯାଇଥିଲା। ମହାଭୋଇ ସେବକମାନେ ଦୁଗ୍ଧ ଘରୁ ଦହି ଆଣି ମହାସୁଆରଙ୍କୁ ପ୍ରଦାନ କରିଥିଲେ। ହଡ଼ପ ନାୟକ ସେବକମାନେ ନଳୀପାନ, ଛାଚିପାନ ଧରି ବଡ଼ଦେଉଳକୁ ବେଢ଼ାଏ ବୁଲି ପନ୍ତିରେ ପ୍ରଦାନ କରିଥିଲେ। ମକର ଭୋଗ ଲାଗି ହେବା ପରେ ବେଢ଼ା ପରିକ୍ରମା ହୋଇଥିଲା। ମକର ଚାଉଳ ଭୋଗ ବାହାରିବା ପରେ ଭକ୍ତମାନେ ଏହାକୁ ପାଇଥିଲେ।

# ୨୧ ଓ ୨୭ ତାରିଖରେ ହେବ ସ୍ଥଗିତ ଥିବା ନେଟ୍ ପରୀକ୍ଷା

**ଭୁବନେଶ୍ୱର, ୧୪।୧(ସମିସ):** ସ୍ଥଗିତ ରହିଥିବା ନେଟ୍ ପରୀକ୍ଷା ପାଇଁ ପୁନଃ ପରୀକ୍ଷା ତାରିଖ ପ୍ରକାଶ ପାଇଛି। ୧୫ ତାରିଖରେ ହେବାକୁ ଥିବା ପରୀକ୍ଷା ଆସନ୍ତା ୨୧ ଓ ୨୭ ତାରିଖରେ ହେବ। ସମୁଦାୟ ୮୫ଟି ବିଷୟର ପରୀକ୍ଷା ଦୁଇଟି ସିଫ୍ଟରେ ହେବ ବୋଲି ନେସନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରଥମ ସିଫ୍ଟରେ ସକାଳ ୯ଟାରୁ ୧୨ଟା ଏବଂ ୨୭ ତାରିଖରେ ଦ୍ୱିତୀୟ ସିଫ୍ଟରେ ଅପରାହ୍ଣ ୩ଟାରୁ ୬ଟା ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ। ପରିବର୍ତ୍ତିତ ଆଡମିଟ୍ କାର୍ଡକୁ ଏନ୍‌ଟିଏ ୱେବସାଇଟ୍‌ରୁ ପରୀକ୍ଷାର୍ଥୀମାନେ ଡାଉନଲୋଡ୍ କରିପାରିବେ। ସୂଚନାଯୋଗ୍ୟ, ପୂର୍ବରୁ ୧୫ ତାରିଖରେ ନେଟ୍ ପରୀକ୍ଷା କରିବାକୁ ସ୍ଥିରିକୃତ ହୋଇଥିଲା। ହେଲେ ପୋଙ୍ଗଲ, ମକର ସଂକ୍ରାନ୍ତି ଓ ଅନ୍ୟାନ୍ୟ ପର୍ବପର୍ବାଣୀ ପାଇଁ ପରୀକ୍ଷାକୁ ସ୍ଥଗିତ ରଖାଯାଇଥିବା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ପକ୍ଷରୁ କୁହାଯାଇଥିଲା। ଅପରପକ୍ଷେ, ଜାନୁଆରୀ ୧୬ରେ ହେବାକୁ ଥିବା ପରୀକ୍ଷା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ।

■ ବାଇକ୍ ଓ ଟାଟା ମ୍ୟାଜିକ୍ ଧକ୍କା

# ଶଳା-ଭିଣୋଇ ମୃତ

**ପାରଳାଖେମୁଣ୍ଡି, ୧୪।୧(ସମିସ):** ଗଜପତି ଜିଲ୍ଲା ରାୟଗଡ଼ ଥାନା ଅନ୍ତର୍ଗତ କୁରୁଗୁବା ଗ୍ରାମ ନିକଟସ୍ଥ ମୁଖ୍ୟ ରାସ୍ତାରେ ବାଇକ ଏବଂ ଏକ ଟାଟା ମ୍ୟାଜିକ ମଧ୍ୟରେ ଧକ୍କା ଘଟିବାରୁ ଜଣେ ନାବାଳକଙ୍କ ସମେତ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ମଣ୍ଡଳସାହି ନିକଟସ୍ଥ ବୁରୁସିଂ ଗ୍ରାମର ଯୋଗେଶ ଶବର (୨୨) ଓ ସାନଲୋୱା ଗ୍ରାମର ଅଭିନାଶ ଶବର (୧୩)। ଯୋଗେଶଙ୍କ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଥିବା ବେଳେ ଅଭିନାଶଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଉଥିବା ବେଳେ ମୃତ୍ୟୁ ଘଟିଛି। ସଂପର୍କରେ ଦୁହେଁ ଶାଳକ-ଭିଣୋଇ। ସୂଚନାନୁଯାୟୀ, ଆଜି ଉଭୟ ଏକ ବାଇକ୍‌ରେ ନିଜ ଗାଁରୁ ଲାଞ୍ଜିପଦର ଅଭିମୁଖେ ଯାଉଥିବା ସମୟରେ ବିପରୀତ ପାର୍ଶ୍ୱରୁ ଜିରାଙ୍ଗ ଆସୁଥିବା ଏକ ଟାଟା ମ୍ୟାଜିକ୍ ସହ ମୁହାଁମୁହିଁ ଧକ୍କା ଘଟିଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଟାଟା ମ୍ୟାଜିକ୍ ବାଇକ୍ ସମେତ ଦୁଇ ଆରୋହୀଙ୍କୁ ବହୁ ଦୂରକୁ ଘୋଷାରି ନେଇଯାଇଥିଲା। ଏଥିରେ ବାଇକ୍‌ରେ ବସିଥିବା ଦୁଇଜଣ ଗୁରୁତର ଆହତ ହୋଇଥିଲେ। ଘଟଣାସ୍ଥଳରୁ ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପାରଳାଖେମୁଣ୍ଡି ସ୍ଥିତ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଯୋଗେଶଙ୍କୁ ମୃତ ଘୋଷଣା କରିଥିଲେ ଏବଂ ଗୁରୁତର ଆହତ ଅବିନାଶଙ୍କ ଅବସ୍ଥା ଗୁରୁତର ଥିବାରୁ ଚିକିତ୍ସା ନିମନ୍ତେ ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟକୁ ସ୍ଥାନାନ୍ତର କରିଥିଲେ। ହେଲେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା।

ଦୁର୍ଘଟଣାସ୍ଥଳରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକ କରିଥିଲେ। ଅପରାହ୍ଣ ୨ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଉତ୍ତେଜନା ଲାଗି ରହିଥିବା ବେଳେ ସୂଚନା ପାଇ ରାୟଗଡ଼ ଥାନା ଅଧିକାରୀଙ୍କ ସହ ଜିରାଙ୍ଗ ପୁଲିସ ଫାଣ୍ଡି କର୍ମଚାରୀ ସଦଳବଳେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଛନ୍ତି। ଖବର ଲେଖା ହେବା ସୁଦ୍ଧା ରାସ୍ତାରୋକ ଜାରି ରହିଥିଲା। ଟାଟା ମ୍ୟାଜିକ୍ ଚାଳକଙ୍କୁ ରାୟଗଡ଼ ଥାନାରେ ଅଟକ ରଖି ପଚରାଉଚରା କରୁଛି ପୁଲିସ। ଅପରପକ୍ଷରେ ମୃତକଙ୍କ ଶବବ୍ୟବଚ୍ଛେଦ ଓ ଗୁରୁତରଙ୍କୁ ଚିକିତ୍ସା ନିମନ୍ତେ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମଧ୍ୟ ଉତ୍ତେଜନା ଦେଖାଦେଇଥିଲା।

# ବାଘ ଆକ୍ରମଣରେ ଦୁଇ ଗୁରୁତର

**ନୟାଗଡ଼, ୧୪।୧(ସମିସ):** କଲରାପତରିଆ ବାଘ ଆକ୍ରମଣରେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ନୟାଗଡ଼ ଜିଲ୍ଲା ଗୁମି ସଂରକ୍ଷିତ ଜଙ୍ଗଲର କରଚୁଲି ଏବଂ ସୁଡ଼ଙ୍ଗି ଗାଁ ନିକଟରେ ବାଘ ଆକ୍ରମଣ କରିଥିବା ଜଣାପଡ଼ିଛି। ଦୁଇ ଗୁରୁତରଙ୍କୁ ନୟାଗଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ, କରଚୁଲି ଗାଁର ପ୍ରମୋଦ ଗୁରୁ ଓ ସୁଡ଼ଙ୍ଗି ଗାଁର ସାଜୁ ନାୟକ। ସୂଚନା ଅନୁଯାୟୀ, ଆଜି ପ୍ରମୋଦ ଜଙ୍ଗଲକୁ ଗାଈ ଚରାଇବାକୁ ଯାଇଥିଲେ। ସନ୍ଧ୍ୟାରେ ଘରପାଖରେ ପହଞ୍ଚିବା ବେଳେ ହଠାତ୍ ତାଙ୍କୁ ପଛପଟୁ ଏକ ବାଘ ଆକ୍ରମଣ କରିଥିଲା। ତାଙ୍କର ଦୁଇ ହାତ ଓ ମୁଣ୍ଡରେ ଆଘାତ ଲାଗିଛି। ପ୍ରମୋଦଙ୍କ ପାଟି ଶୁଣି ଗ୍ରାମର ଲୋକମାନେ ଆସିଯିବାରୁ ବାଘ ସେଠାରୁ ପଳାଇ ଯାଇଥିଲା। କିଛି ସମୟ ପରେ ପାଖ ଗାଁ ସୁଡୁଙ୍ଗିର ସାଜୁ ଘର ସମ୍ମୁଖରେ ବସିଥିବା ବେଳେ ତାଙ୍କୁ ସେହି ବାଘଟି ଆକ୍ରମଣ କରିଥିଲା। ସାଜୁ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ପରିବାରଲୋକେ ନୟାଗଡ଼ ମେଡିକାଲରେ ଭର୍ତ୍ତି କରିଛନ୍ତି। ବାଘ ଆକ୍ରମଣକୁ ବନ ବିଭାଗ ସ୍ୱୀକାର କରିଥିବା ବେଳେ ଆଖପାଖରେ ଲୋକମାନେ ସଜାଗ ରହିବାକୁ ଅନୁରୋଧ କରାଯାଇଛି।

# କୁହୁଡ଼ି ପାଇଁ ଚେତାବନୀ

**ଭୁବନେଶ୍ୱର, ୧୪।୧(ସମିସ):** ରାଜ୍ୟରେ ଆସନ୍ତା ୩ଦିନ ପର୍ଯ୍ୟନ୍ତ କୁହୁଡ଼ି ସ୍ଥିତି ଜାରି ରହିବ। ବର୍ତ୍ତମାନ ରାଜ୍ୟକୁ ବଙ୍ଗୋପସାଗର ପଟୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁର ପ୍ରବାହ ବୃଦ୍ଧି ହେଉଛି। ଫଳସ୍ୱରୂପ, ରାଜ୍ୟରେ ତାପମାତ୍ରାରେ କିଛି ବୃଦ୍ଧି ଘଟିବା ସହ କୁହୁଡ଼ି ପାଇଁ ପାଗ ଅନୁକୂଳ ରହୁଛି। ଏହି ସ୍ଥିତି ଆହୁରି ୩ ଦିନ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ବୁଧବାର ରାତିରୁ ଗୁରୁବାର ସକାଳ ମଧ୍ୟରେ କଳାହାଣ୍ଡି, କନ୍ଧମାଳ ଓ ଭଦ୍ରକରେ ଘନ କୁହୁଡ଼ି ଆଶଙ୍କା ରହିଛି। ଏହାସହ ଝାରସୁଗୁଡ଼ା, କେନ୍ଦୁଝର, ସମ୍ବଲପୁର, ସୁନ୍ଦରଗଡ଼, କଟକ, ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ମଧ୍ୟମ ଧରଣର କୁହୁଡ଼ି ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଆଲର୍ଟ ଜାରି କରିଛି। ଅନ୍ୟପଟେ ପାଣିପାଗ କେନ୍ଦ୍ରର ସୂଚନାକୁ ଆଧାର କରି କୁହୁଡ଼ି ଯୋଗୁଁ ସତର୍କ ରହିବା ପାଇଁ ଜିଲ୍ଲାପାଳମାନଙ୍କ ଏସ୍‌ଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି କୁହୁଡ଼ି ସମୟରେ ରାଜପଥଗୁଡ଼ିକରେ କିପରି ଦୁର୍ଘଟଣାକୁ ଏଡ଼ାଯାଇପାରିବ ସେନେଇ ଆବଶ୍ୟକ ପଦକ୍ଷେପ ନେବାକୁ ଏଥିରେ କୁହାଯାଇଛି।

# ଖଣ୍ଡଗିରି ଯାତ୍ରାରେ ଆଉ ହେବନି ଅଶ୍ଳୀଳ ନୃତ୍ୟ

**ଆଇଟମ୍ ଡ୍ୟାନ୍ସ ନାଁରେ ହେବନି ଅଙ୍ଗ ପ୍ରଦର୍ଶନ**

**ଭୁବନେଶ୍ୱର,୧୪।୧(ସମିସ):** ଖଣ୍ଡଗିରି ଯାତ୍ରା ମଞ୍ଚରେ ଆଉ ହେବନି ଅଶ୍ଳୀଳ ନୃତ୍ୟ। ନିଜକୁ ଆଇଟମ୍ ଡ୍ୟାନ୍ସର୍ କହି ମଞ୍ଚ ଉପରେ କେହି ଅଙ୍ଗ ପ୍ରଦର୍ଶନ କରିପାରିବେ ନାହିଁ। ମଙ୍ଗଳବାର ପୁଲିସ୍ ପ୍ରଶାସନ ଓ ଯାତ୍ରା କମିଟି ବୈଠକରେ ଏପରି ନିଷ୍ପତ୍ତି ହୋଇଛି।

ମାଘ ସପ୍ତମୀରୁ ଖଣ୍ଡଗିରିରେ ଆରମ୍ଭ ହେବାକୁ ଯାଉଛି ଯାତ୍ରା ମହାକୁମ୍ଭ। ରଙ୍ଗୀନ ଆଲୋକମାଳାରେ ଝଲସିବ ଖଣ୍ଡଗିରି ପାଦଦେଶ। ଆଉ ଖଳନାୟକଙ୍କ ଗୁରୁଗମ୍ଭୀର ଡାଏଲଗ୍‌ରେ ପ୍ରକମ୍ପିତ ହେବ ପରିବେଶ। ହେଲେ ଗତ କିଛି ବର୍ଷ ହେଲା, ଅଶ୍ଳୀଳ ନୃତ୍ୟକୁ ନେଇ ବଦନାମ୍ ହୋଇଛି ଯାତ୍ରା ମହାକୁମ୍ଭ ଓ ଯାତ୍ରାର ଅନ୍ୟ କଳାକାର। ସରକାରଙ୍କ ବାରମ୍ବାର ତାଗିଦ୍ ସତ୍ତ୍ୱେ ନୃତ୍ୟ ନାଁରେ ମଞ୍ଚ ଉପରେ ଅଙ୍ଗ ପ୍ରଦର୍ଶନ କରୁଛନ୍ତି ଆଇଟମ୍ ଡ୍ୟାନ୍ସର। ବିଶେଷକରି କେତେଜଣ ହାତଗଣତି ଆଇଟମ୍ ଡ୍ୟାନ୍ସର ମଞ୍ଚ ଉପରେ ଏଭଳି ଅଙ୍ଗ ପ୍ରଦର୍ଶନ କରୁଥିବାରୁ ଯାତ୍ରା ଦେଖିବାକୁ ଭଲ ପାଉଥିବା ଦର୍ଶକମାନେ ମଧ୍ୟ ମୁହଁ ଏଡ଼ାଇଛନ୍ତି। ଖୁଲମ୍‌ଖୁଲା ଭାବେ ସେମାନଙ୍କ ଅଶ୍ଳୀଳ ବ୍ୟବହାର ମଧ୍ୟ ଦର୍ଶକମାନେ ନାପସନ୍ଦ କରୁଥିବା ସହ ଯାତ୍ରାପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ପରିସ୍ଥିତି ଏଭଳି ହେଉଛି ଯେ ଦର୍ଶକମାନେ ମଞ୍ଚ ଉପରକୁ ଚେୟାର ଫିଙ୍ଗିବା ସହ ଇଟା ପଥର ପକାଇବାର ମଧ୍ୟ ନଜିର ରହିଛି। ତେଣୁ, ଚଳିତ ବର୍ଷ ଯେପରି ଏଭଳି ପରିସ୍ଥିତି ସୃଷ୍ଟି ନ ହେବ, ସେନେଇ କଠୋର ପଦକ୍ଷେପ ନିଆଯାଇଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ଯାତ୍ରା ଜଗତକୁ କଳଙ୍କିତ କରୁଥିବା ନୃତ୍ୟଶିଳ୍ପୀଙ୍କୁ ଏଥର ମଞ୍ଚରେ ଡ୍ୟାନ୍ସ କରିବାକୁ ସୁଯୋଗ ଦିଆଯିବ ନାହିଁ।

ଏନେଇ ଯାତ୍ରା କମିଟି ମହାସଂଘର ସମ୍ପାଦକ ଉମାକାନ୍ତ ମିଶ୍ର କହିଛନ୍ତି ଯେ ପ୍ରଥମରୁ ଆମେ ଅଶ୍ଳୀଳ ନୃତ୍ୟକୁ ବିରୋଧ କରୁଥିଲୁ। ଯାତ୍ରା ହେଉଛି ଏଭଳି ଏକ ମଞ୍ଚ, ଯେଉଁଠାକୁ ବିଭିନ୍ନ ବର୍ଗର ଦର୍ଶକମାନେ ସପରିବାରେ ଆସିଥା'ନ୍ତି। ହେଲେ କିଛି ଦିନ ହେବ ଆଇଟମ୍ ଡ୍ୟାନ୍ସ ନାଁରେ ଅଙ୍ଗ ପ୍ରଦର୍ଶନ କରାଯାଉଥିବାରୁ ସେଥିପ୍ରତି ରୋକ୍ ଲାଗିଛି। ଖଣ୍ଡଗିରି ଯାତ୍ରା ମହାକୁମ୍ଭକୁ ସ୍ୱଚ୍ଛ ଓ ଶୃଙ୍ଖଳିତ ଭାବେ କରାଯିବାକୁ ଚେଷ୍ଟା କରାଯାଉଛି। ସୂଚନାଯୋଗ୍ୟ, ଏଥର ଖଣ୍ଡଗିରି ଯାତ୍ରା ମହାକୁମ୍ଭରେ ୧୨ଟି ଯାତ୍ରା ପାର୍ଟି ଭାଗ ନେବେ ବୋଲି ସୂଚନା ମିଳିଛି।





## ମାଜଣା ହେଲା ନୀଳଚକ୍ର

**ପୁରୀ, ୧୪।୧ (ସମିସ):** ନବାଙ୍କ ଅବସରରେ ଚୁନରା ସେବକମାନେ ଦଧିନଉତିରେ ଚୂନ ଲେପ କରିଥିଲେ। ପରମ୍ପରା ଅନୁଯାୟୀ ମକର ସଂକ୍ରାନ୍ତି ଅବସରରେ କଳସରେ ଗେରୁ ଲେପ ଦିଆଯାଇଥିଲା। ଅଁଳା ବେଢ଼ା ଉପରି ଭାଗରେ ରାମାନନ୍ଦୀ ଚିତା ଦିଆଯାଇଥିଲା। ଏହାପରେ ଚୁନରା ସେବକମାନେ ନୀଳଚକ୍ର ମାଜଣା କରିଥିଲେ।

# ବିନା ଟ୍ରାଏଲ-ରନ୍‌ରେ ୨୦ରୁ ଧାଡ଼ି ଦର୍ଶନ

**ଭୁବନେଶ୍ୱର,୧୪।୧(ସମିସ):** ଆସନ୍ତା ୨୦ ତାରିଖରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ଆରମ୍ଭ ହେବ। ତେବେ ଏଥିପାଇଁ କୌଣସି ଟ୍ରାଏଲ ରନ୍ କରାଯିବ ନାହିଁ। ବିନା ଟ୍ରାଏଲ ରନ୍‌ରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ପାଇଁ ସମସ୍ତ ବ୍ୟବସ୍ଥା ସରିଛି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ତେବେ ରାଜ୍ୟ ସରକାରଙ୍କ ଉପରୋକ୍ତ ନିଷ୍ପତ୍ତିକୁ କେତେକ ସେବାୟତ ଏବଂ ଭକ୍ତ ନାପସନ୍ଦ କରିଛନ୍ତି। ଧାଡ଼ି ଧର୍ଶନ ବ୍ୟବସ୍ଥା ଆରମ୍ଭ ହେବା ପୂର୍ବରୁ ଏନେଇ ପରୀକ୍ଷାନିରୀକ୍ଷାର ଆବଶ୍ୟକତା ରହିଥିଲା ବୋଲି ସେମାନେ କହିଛନ୍ତି।

ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ଧାଡ଼ି ଦର୍ଶନ ପାଇଁ ସମସ୍ତ ପୂର୍ବ ପ୍ରସ୍ତୁତି ଶେଷ ହୋଇଛି। ଧାଡ଼ି ଦର୍ଶନ ହେଲେ ଦର୍ଶନ ବ୍ୟବସ୍ଥା ଆହୁରି ଶୃଙ୍ଖଳିତ ହେବ। ନୂଆବର୍ଷରେ ଏ ବ୍ୟବସ୍ଥା ଲାଗୁ ପାଇଁ ସ୍ଥିର ହୋଇଥିଲା। କିନ୍ତୁ ସେତେବେଳେ ଭିଡ଼ ଅଧିକ ଯୋଗୁଁ ଏହା ସମ୍ଭବପର ହୋଇପାରି ନଥିଲା। ମାତ୍ର ଏବେ ସମୟ ନଥିବା କାରଣରୁ ଆଉ ପରୀକ୍ଷାମୂଳକ ପରିବର୍ତ୍ତେ ସିଧାସଳଖ ଧାଡ଼ି ଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ।

ମିଳିଥିବା ସୂଚନା ଅନୁଯାୟୀ, ଧାଡ଼ି ଦର୍ଶନ ପାଇଁ ବ୍ୟବହାର ହେବାକୁ ଥିବା ବ୍ୟାରିକେଡ୍‌ର ବ୍ୟବହୃତ କାଠ ବେଙ୍ଗାଲୁରୁରୁ ଅଣାଯାଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦିଆଯାଇଥିବା

■ ସରକାରଙ୍କ ନିଷ୍ପତ୍ତିକୁ ବରିଷ୍ଠ ସେବାୟତଙ୍କ ନାପସନ୍ଦ

■ ଟ୍ରାଏଲ-ରନ୍ ଜରୁରୀ ଥିଲା, କିଛି ଅସୁବିଧା ହେଲେ ସରକାର ଦାୟୀ ରହିବେ

ଡିଜାଇନ୍ ଆଧାରରେ ଏହି ବ୍ୟାରିକେଡ୍ ନିର୍ମାଣ କରାଯାଇଛି। ମୋଟ ୬ଥାକିଆ ଧାଡ଼ି ଦର୍ଶନ ବ୍ୟବସ୍ଥା ହୋଇଥିବା ମନ୍ଦିର ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି। ପ୍ରଥମ ଧାଡ଼ି ଦିବ୍ୟାଙ୍ଗ ଭକ୍ତ, ଦ୍ୱିତୀୟ ଧାଡ଼ିରେ ମହିଳା ଓ ଛୋଟପିଲା ଏବଂ ଗୋଟିଏ ଧାଡ଼ି ବରିଷ୍ଠ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ। ଶ୍ରୀମନ୍ଦିର ସାତପାହାଚ ଦ୍ୱାର ଦେଇ ଶ୍ରଦ୍ଧାଳୁ ମନ୍ଦିରକୁ ପ୍ରବେଶ କରିବାକୁ ଥିବା ବେଳେ ଘଣ୍ଟି ଏବଂ ଗାରଦ ଦ୍ୱାର ଦେଇ ପ୍ରସ୍ଥାନ କରିବେ।

ଅପରପକ୍ଷେ, ବରିଷ୍ଠ ସେବାୟତମାନଙ୍କ କହିବାନୁଯାୟୀ, ଶ୍ରୀମନ୍ଦିରର ଭିତର ବ୍ୟବସ୍ଥା ସମ୍ପର୍କରେ ମନ୍ତ୍ରୀ ଜାଣିନାହାନ୍ତି। କେତେ ଲୋକ ଧାଡ଼ି ଦର୍ଶନରେ ଦର୍ଶନ କରିବେ, ତାହା ଜାଣିବା ଆବଶ୍ୟକ। ଏହା ନଜାଣି ହଠାତ୍ ବ୍ୟବସ୍ଥାକୁ ଆଣି ଲଦିଦେଲେ, ଲୋକେ ଅସୁବିଧାରେ ପଡ଼ିବେ ବୋଲି ସେମାନେ କହିଛନ୍ତି। ସେହିପରି ମନ୍ଦିର ମଧ୍ୟରେ ଥିବା ହୁଣ୍ଡି କେଉଁଠିକୁ ସ୍ଥାନାନ୍ତର ହେବ, ସେନେଇ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ବର୍ତ୍ତମାନ ବ୍ୟବସ୍ଥାରେ ଘଣ୍ଟାକରେ କେତେ ଭକ୍ତ ଦର୍ଶନ କରୁଛନ୍ତି ଏବଂ ଧାଡ଼ି ଦର୍ଶନରେ କେତେ ଭକ୍ତ ଦର୍ଶନ କରିପାରିବେ, ତାହା ଟ୍ରାଏଲ-ରନ୍‌ରୁ ଜଣାପଡ଼ିଥାନ୍ତା। ଫଳରେ ଏହା ନିଷ୍ପତ୍ତି ନେବାରେ ସରକାରଙ୍କୁ ସହାୟକ ହୋଇଥାନ୍ତା। ମାତ୍ର ସରକାର ତାହା କଲେ ନାହିଁ। କିଛି ଅସୁବିଧା ହେଲେ ସରକାର ଦାୟୀ ରହିବେ ବୋଲି ବରିଷ୍ଠ ସେବାୟତମାନେ ଚେତାବନୀ ଦେଇଛନ୍ତି।

## ବୈତରଣୀରେ ମକର ବୁଡ଼ ଦେଲେ ମୁଖ୍ୟମନ୍ତ୍ରୀ



**କେନ୍ଦୁଝର/ତୁରୁମୁଙ୍ଗା, ୧୪।୧ (ସମିସ):** ପବିତ୍ର ମକର ସଂକ୍ରାନ୍ତି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁଖ୍ୟାଳୟ ଦେଇ ପ୍ରବାହିତ ପୁଣ୍ୟତୋୟା ବୈତରଣୀ ନଦୀରେ ମକର ସ୍ନାନ କରିଛନ୍ତି। ସ୍ନାନ ପରେ ସେ ପାଟଣା ବୈତରଣୀ ନଦୀ ସନ୍ନିକଟ ପରମେଶ୍ୱର ମହାଦେବ ଓ ପୁରାତନ ଆନନ୍ଦେଶ୍ୱର ମହାଦେବଙ୍କ ଦର୍ଶନ କରି ରାଜ୍ୟବାସୀଙ୍କ କଲ୍ୟାଣ ନିମନ୍ତେ ଜଳାଭିଷେକ କରିଛନ୍ତି। ଏହି ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେନ୍ଦୁଝରରେ ଏକ ମେଗା ଷ୍ଟିଲ ପ୍ଲାଣ୍ଟ ପାଇଁ ଭୁବନେଶ୍ୱରରେ ଆଗାମୀ ୨୮/୨୯ ତାରିଖରେ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ଏକ ଚୁକ୍ତି ସ୍ୱାକ୍ଷରିତ ହେବ। ମୁଖ୍ୟମନ୍ତ୍ରୀଙ୍କ ସହ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଜିଲ୍ଲା ବିଜେପି ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ସମେତ ବରିଷ୍ଠ ନେତା ଉପସ୍ଥିତ ଥିଲେ।

# ମହୋଦଧିରେ ସ୍ନାନ କରି ପ୍ରାୟଶ୍ଚିତ୍ତ କଲେ କଂସ

## ମହାପ୍ରଭୁଙ୍କୁ କ୍ଷମା ମାଗିଲେ, ଶଙ୍କରାଚାର୍ଯ୍ୟଙ୍କଠୁ ଆଶୀର୍ବାଦ ନେଲେ

**ପୁରୀ, ୧୪।୧(ସମିସ):** ସୋମବାର ଶେଷ ହୋଇଛି ବରଗଡ଼ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା। ମୁକ୍ତାକାଶ ରଙ୍ଗମଞ୍ଚରେ ପଡ଼ିଛି ଯବନିକା। ତେବେ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଥିବା ଭୁବନେଶ୍ୱର ପ୍ରଧାନ ମଙ୍ଗଳବାର ପୁରୀ ଆସି ପବିତ୍ର ମହୋଦଧିରେ ସ୍ନାନ ସାରି ପ୍ରାୟଶ୍ଚିତ୍ତ କରିଛନ୍ତି। ଅଭିନୟରେ ଭଗବାନ କୃଷ୍ଣ ବଳରାମଙ୍କ ଉଦ୍ଦେଶ୍ୟରେ ଦେଇଥିବା ନିନ୍ଦାସୂଚକ ଶବ୍ଦ ପାଇଁ ଅନୁତାପ କରି ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ କ୍ଷମାପ୍ରାର୍ଥନା କରିଛନ୍ତି। ଏଥିସହ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପାଖରେ ଭୁଲ୍ ସ୍ୱୀକାର କରି ତାଙ୍କଠାରୁ ଆଶୀର୍ବାଦ ନେଇଛନ୍ତି।



ମଙ୍ଗଳବାର ଅପରାହ୍ଣରେ ଭୁବନେଶ୍ୱର ଗୋବର୍ଦ୍ଧନ ପୀଠରେ ପହଞ୍ଚିଥିଲେ। ପୀଠର ଇଷ୍ଟ ଦେବୀ ମା' ବିମଳା, ଗୋବର୍ଦ୍ଧନ ନାଥଙ୍କ ଦର୍ଶନ କରିଥିଲେ। ପରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ସାକ୍ଷାତ୍ କରି ଅଭିନୟରେ କୃଷ୍ଣ ବଳାରାମଙ୍କ ପ୍ରତି ଯେଉଁ କଟୁ ମନ୍ତବ୍ୟ ଦେଇଥିଲେ, ସେଥିପାଇଁ ପଶ୍ଚାତାପ କରି ଆଶୀର୍ବାଦ ନେଇଥିଲେ। ସେଠାରୁ ଯାଇ ମହୋଦଧିରେ ସ୍ନାନ କରିବା ସହ ପଇତା ବିସର୍ଜନ କରିଥିଲେ। ଏହାପରେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ।

ଧନୁଯାତ୍ରା ଶେଷ ହେବା ପରେ ଶ୍ରୀକ୍ଷେତ୍ର ଆସିବା ସମ୍ପର୍କରେ ଭୁବନେଶ୍ୱର କହିଛନ୍ତି, ଧନୁଯାତ୍ରାର ଅନ୍ତିମ ଦିବସରେ କୃଷ୍ଣ ବଳରାମଙ୍କ ସହ ମୋର ଯୁଦ୍ଧ ହେଲା। ତ୍ରାହି ପାଇଗଲି ରାକ୍ଷସ ଜନ୍ମରୁ। ହେଲେ ଧନୁଯାତ୍ରାର ୧୧ ଦିନ ଧରି ପ୍ରଭୁ ଶ୍ରୀକୃଷ୍ଣଙ୍କୁ ସମସ୍ତେ ଭକ୍ତି କରୁଥିବା ବେଳେ ମୁଁ ତାଙ୍କୁ ଗାଳି, ଈର୍ଷା ଆଉ କଟୁ ମନ୍ତବ୍ୟ ଦେଇ ବଦ୍‌ନାମ କରିଛି। ମନରେ ହୃଦୟରେ ମହାପ୍ରଭୁ ଜଗନ୍ନାଥ ଏବଂ କୃଷ୍ଣ ରହିଥିଲେ ହେଁ ମୋତେ ଅଭିନୟ କରିବାକୁ ପଡ଼ିଛି। ଏପରି କି ବଧ କରିବା ଲାଗି ତାଙ୍କ ଉପରକୁ ଖଣ୍ଡା ମଧ ଉଠାଇଛି। ଏହି କଳିଯୁଗରେ ଯଦି ଭଗବାନଙ୍କ ସହ ଏପରି ଆଚରଣ କେହି କରେ ତେବେ ତାହାଠୁ ବଳି ମହାପାପୀ ଆଉ ଦୁନିଆରେ କେହି ନୁହଁନ୍ତି। ତେଣୁ ସେହି ପାପରୁ ତ୍ରାହି ପାଇବା ପାଇଁ ଆଜି ମହୋଦଧିରେ ସ୍ନାନ କରି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କଠାରୁ ଆଶୀର୍ବାଦ ନେଇଛି। ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ପାପରୁ ମୁକ୍ତି ପାଇବା ପାଇଁ କ୍ଷମାପ୍ରାର୍ଥନା କରିଛି ବୋଲି କହିଛନ୍ତି ଭୁବନେଶ୍ୱର।

ଅନ୍ୟପକ୍ଷରେ ପୁରୀକୁ ବରଗଡ଼ ଧନୁଯାତ୍ରାର କଂସ ମହାରାଜ ଆସିଥିବା ଖବର ପାଇବା ପରେ ତାଙ୍କୁ ଦେଖିବାକୁ ଲୋକଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଥିଲା। ମହୋଦଧିରେ ସ୍ନାନ ବେଳେ ଅଧିକାଂଶ ପର୍ଯ୍ୟଟକ ତାଙ୍କ ସହ ସେଲ୍‌ଫି ଉଠାଇଥିଲେ।

# ମହିଳାଙ୍କ ହାତଗୋଡ଼ ବାନ୍ଧି ୨୦ ଲକ୍ଷ ଟଙ୍କା, ଅଳଙ୍କାର ଲୁଟ୍

**ନବରଙ୍ଗପୁର, ୧୪।୧ (ସମିସ):** ନବରଙ୍ଗପୁର ମଧ ଭାଗରେ ଥିବା ଦାରୁବନ୍ଧ ସାହିର ବ୍ୟବସାୟୀ ସରୋଜ ମହାନ୍ତିଙ୍କ ଘରୁ ଗତକାଲି ବିଳମ୍ବିତ ରାତିରେ ଲୁଟ୍ ହୋଇଛି। ଘରେ ବ୍ୟବସାୟୀଙ୍କ ପତ୍ନୀ ଏକୁଟିଆ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଙ୍କ ବେକରେ ଛୁରି ଲଗାଇବା ସହ ହାତ ଓ ପାଟିକୁ କପଡ଼ାରେ ବାନ୍ଧି ନଗଦ ୨୦ ଲକ୍ଷ ଟଙ୍କା ଓ ୧୦ ଭରି ସୁନା ଲୁଟି ନେଇଛନ୍ତି। ଖବର ପାଇ ଏସ୍‌ପି ମିହିର କୁମାର ପଣ୍ଡା ଓ ଥାନା ଅଧିକାରୀ ସମ୍ବିତ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।



ଏକ ସ୍ୱତନ୍ତ୍ର ଟିମ ଗଠନ କରି ଅତିଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ଏସ୍‌ପି କହିଛନ୍ତି। ଦର୍ବୃତ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଉଥିବା ଜଣାଯାଇଛି। ସୂଚନାନୁଯାୟୀ, ସରୋଜଙ୍କ ସ୍ତ୍ରୀ ଅମିତା ମହାନ୍ତି ଗତରାତିରେ ଘରେ ଏକୁଟିଆ ଥିଲେ। ବିଳମ୍ବିତ ରାତିରେ ଦୁଇଜଣ ମୁଖାପିନ୍ଧା ଯୁବକ ତାଙ୍କ ଘରେ ପଶି ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ପରେ ତାଙ୍କ ବେକରେ ଛୁରି ଲଗାଇବା ସହ ହାତ ଓ ପାଟିକୁ ବାନ୍ଧି ଦେଇଥିଲେ। ପରେ ସେମାନେ ଅମିତା ପିନ୍ଧିଥିବା ଅଳଙ୍କାର ସହ ଦୁଇଟି ଆଲମିରା ଖୋଲି ସେଥିରେ ଥିବା ଟଙ୍କା ବ୍ୟାଗ୍ ଓ ସୁନା ଅଳଙ୍କାରକୁ ଲୁଟି ନେଇଯାଇଥିଲେ। ଯିବା ପୂର୍ବରୁ ମହିଳାଙ୍କୁ ଏକ ରୁମ୍ ଭିତରେ ରଖି ବାହାରପଟୁ କବାଟ ବନ୍ଦ କରିଦେଇଥିଲେ। ପରେ ମହିଳାଙ୍କ ପାଟି ଶୁଣି ତଳଘର ଲୋକ ଆସି କବାଟ ଖୋଲିଥିଲେ।

## ହାତୀ ଆକ୍ରମଣରେ ମହିଳା ମୃତ

**ଦେବଗଡ଼,୧୪।୧(ସମିସ):** ରିଆମାଳ ବ୍ଲକ୍ କୁଣ୍ଢେଇଗୋଲା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ସଙ୍ଗାପଶି ଗ୍ରାମରେ ବିଳମ୍ବିତ ରାତିରେ ଏକ ଗୋଠଛଡ଼ା ଦନ୍ତାହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଦିଗାମ୍ବର ବେହେରାଙ୍କ ପତ୍ନୀ କୁନି ବେହେରା। ଗତକାଲି ବିଳମ୍ବିତ ରାତିରେ ଦିଗାମ୍ବରଙ୍କ ମକା ବାଡ଼ିରେ ଏକ ଦନ୍ତା ପଶି ମକା ଖାଉଥିବା ଦେଖି ଏହି ବେହେରା ଦମ୍ପତି ଘରୁ ବାହାରୁ ଚାଲି

**ରାଜପଥରେ ଶବ ରଖି ରାସ୍ତାରୋକ**



ଆସିଥିଲେ। ତେବେ ହଠାତ୍ ହାତୀଟି ଗୋଡ଼ାଇ ଆସି କୁନିଙ୍କୁ ଶୁଣ୍ଢରେ ଟେକି ୧୦୦ ମିଟର ଦୂରରେ କଚାଡ଼ି ଦେଇଥିଲା। ପରିବାରଲୋକ ଗୁରୁତର କୁନିଙ୍କୁ ଅନୁଗୋଳ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର କୁନିଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା। ଅପରପକ୍ଷେ, ଏହି ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। କୁନିଙ୍କ ପରିବାରକୁ କ୍ଷତିପୂରଣ ଓ ହାତୀମାନଙ୍କୁ ଘଉଡ଼ାଇବା ଦାବିରେ ଉତ୍ତ୍ୟକ୍ତ ଲୋକ ୫୩ନଂ ଜାତୀୟ ରାଜପଥରେ ଶବ ରଖି ଦୀର୍ଘ ୪ ଘଣ୍ଟା ଧରି ରାସ୍ତାରୋକ କରିଥିଲେ। ପରେ ବନ ବିଭାଗ ଅଧିକାରୀ, ପୁଲିସ୍ ଓ ସ୍ଥାନୀୟ ଲୋକପ୍ରତିନିଧିଙ୍କ ବୁଝାସୁଝା କରିବା ପରେ ରାସ୍ତାରୋକ ପ୍ରତ୍ୟାହାର ହୋଇଥିଲା।

## ୪ କେଜିର ଆଇଇଡି ବୋମା ନିଷ୍କ୍ରିୟ କଲେ ଯବାନ



**ମାଲକାନଗିରି, ୧୪।୧(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ତଲାସୀ ଅଭିଯାନ ବେଳେ ମାଓବାଦୀ ଖଞ୍ଜିଥିବା ୪ କେଜିର ଏକ ଆଇଇଡି ବୋମାକୁ ନିଷ୍କ୍ରିୟ କରିଛନ୍ତି ଯବାନ। ସୂଚନାନୁଯାୟୀ, ଜିଲ୍ଲାର ପାମେଡ ଥାନା ଅଞ୍ଚଳର ଥିବା କୌରଗୁଟ୍ଟା ଜଙ୍ଗଲରେ ସିଆର୍‌ପିଏଫ୍‌ର ଯବାନମାନେ ମାଓ ଦମନ ନିମନ୍ତେ ତଲାସୀ କରୁଥିଲେ। ଘଞ୍ଚ ଜଙ୍ଗଲ ମଧ୍ୟରେ ଏକ ଆଇଡି ବୋମା ଖଞ୍ଜାଯାଇଥିବା ଯବାନମାନେ ଦେଖିଥିଲେ। ସେମାନେ ତାହାକୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ସହ ନିଷ୍କ୍ରିୟ କରିଥିଲେ। ବୋମାର ଓଜନ ୪ କେଜି ଥିବା ଜଣାଯାଇଛି।

## ସୀମାନ୍ତରେ ୩ ମାଓବାଦୀ ଗିରଫ

**ମାଲକାନଗିରି, ୧୪।୧(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଚାଲିଥିବା ମାଓ ଦମନ ଅଭିଯାନରେ ତେରେମ ଅଞ୍ଚଳର ଜଙ୍ଗଲରୁ ୩ଜଣ ମାଓବାଦୀଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ବିପୁଳ ପରିମାଣର ମାଓ ସାମଗ୍ରୀ ମଧ ଜବତ ହୋଇଛି। ଗିରଫ ମାଓବାଦୀମାନେ ହେଲେ, ରାଜୁ ପୁନେମ, ମାଡଭି ଭୀମା ଓ ଉଇକା ଶମ୍ଭୁ। ପୁଲିସ୍ ନିକଟରୁ ମିଳିଥିବା ସୂଚନା ଅନୁଯାୟୀ, ବିଜାପୁର ଜିଲ୍ଲା ତେରେମ ଥାନାରୁ କୋବ୍ରା ଏବଂ ସିଆର୍‌ପିଏଫ୍ ଯବାନମାନେ ମିଳିତ ଭାବେ ବୁଧଗିଚେରୁ ଜଙ୍ଗଲକୁ ତଲାସୀ ଅଭିଯାନରେ ଯାଇଥିଲେ। ତଲାସୀ ବେଳେ ଯବାନଙ୍କୁ ଦେଖି ୩ଜଣ ସନ୍ଦିଗ୍ଧ ଦୌଡ଼ି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଯବାନମାନେ ସେମାନଙ୍କୁ କାବୁ କରିଥିଲେ। ପଚରାଉଚରା ବେଳେ ସେମାନେ ମାଓବାଦୀ ବୋଲି ସ୍ୱୀକାର କରିଥିଲେ। ପରେ ସେମାନଙ୍କୁ ଗିରଫ କରାଯାଇଥିଲା। ତାଙ୍କ ନିକଟରୁ ଯବାନମାନେ ଗୋଟିଏ ଟିଫିନ୍ ବୋମା, ମାଓ ସମଗ୍ରୀ ଆଦି ଜବତ କରିଥିଲେ। ସମସ୍ତ ୩ ମାଓବାଦୀଙ୍କୁ କୋର୍ଟ ଚାଲାଣ କରାଯାଇଛି।

■ ଐତିହାସିକ ଚୁଡ଼ଙ୍ଗଗଡ଼ ଦୁର୍ଗ ପରିସର ଜବରଦଖଲ

## ହାଇକୋର୍ଟଙ୍କ ଜବାବ ତଲବ

**କଟକ,୧୪।୧(ସମିସ):** କଟକ ଜିଲ୍ଲା ବାରଙ୍ଗ ବ୍ଲକ ଦାଢ଼ାପାଟଣାସ୍ଥିତ ଐତିହାସିକ ଚୁଡ଼ଙ୍ଗଗଡ଼ ଦୁର୍ଗ ପରିସରରେ ଅନଧିକୃତ ଜବଦଖଲ ବୃଦ୍ଧି ପ୍ରସଙ୍ଗରେ ଦାୟର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଶୁଣାଣି କରିଛନ୍ତି। ଉପରୋକ୍ତ ଐତିହାସିକ କୀର୍ତ୍ତିରାଜି ପରିସର ଦିନକୁ ଦିନ ସଂକୁଚିତ ହୋଇ ଚାଲିଥିବା ବେଳେ ସାନି ଜବରଦଖଲ ଓ ବେଆଇନ ନିର୍ମାଣକୁ ରୋକିବା ପାଇଁ କ'ଣ ପଦକ୍ଷେପ ନିଆଯାଇଛି ତାହା ଜଣାଇବାକୁ ପ୍ରତପକ୍ଷ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ସସ୍ମିତା ସାହୁ ଓ ଅନ୍ୟମାନଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସାବିତ୍ରୀ ରଥ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାରେ ଏଏସଆଇ, ରାଜ୍ୟ ଓ କେନ୍ଦ୍ର ସରକାର, କଟକ ଜିଲ୍ଲାପାଳ, ବାରଙ୍ଗ ତହସିଲଦାର ପ୍ରମୁଖଙ୍କୁ ଆବେଦନକାରୀ ପକ୍ଷଭୁକ୍ତ କରିଛନ୍ତି।

ଆବେଦନକାରୀ ଦର୍ଶାଇଥିଲେ ଯେ ଚୁଡ଼ଙ୍ଗଗଡ଼ ଦୁର୍ଗ କେନ୍ଦ୍ର ସରକାରଙ୍କ ଏଏସ୍‌ଆଇ ସଂରକ୍ଷିତ ଅଞ୍ଚଳ। ଗତ ୪.୧.୧୯୫୪ର ଭାରତ ସରକାରଙ୍କ ଗେଜେଟ ବିଜ୍ଞପ୍ତି ଅନୁସାରେ ଏହା ଜାତୀୟ କୀର୍ତ୍ତିରାଜି। ହେଲେ ଅବହେଳିତ ଅବସ୍ଥାରେ ଥିବା ଏହି ଐତିହାସିକ ସ୍ଥଳରେ ବେଆଇନ ଭାବେ ବିଭିନ୍ନ ନିର୍ମାଣ କାର୍ଯ୍ୟ ଏଏସଆଇର ଅନୁମତି ବିନା କରାଯାଇଛି ବୋଲି ଦର୍ଶାଇ ଆବେଦନକାରୀ ସ୍ଥାନୀୟ ବାସିନ୍ଦା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ଜବାବ ତଲବ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜାନୁଆରି୨୮ ତାରିଖକୁ ଧାର୍ଯ୍ୟ କରିଛନ୍ତି ଅଦାଲତ।

## ୨୨୦ କୋଟି ଟଙ୍କାର କୋକେନ୍ ଜବତ ଘଟଣା

# ସ୍ୱଦେଶ ଫେରିଲେ ୨୧ କ୍ରିୟୁ ମେମ୍ବର

**ପାରାଦୀପ, ୧୪।୧ (ସମିସ):** ଜାହାଜରୁ କୋକେନ୍ ଜବତ ଘଟଣାକୁ ୧୩ ମାସ ବିତିସାରିଛି। ଏପର୍ଯ୍ୟନ୍ତ ତାର ପ୍ରକୃତ ରହସ୍ୟ ପଦାକୁ ଆସି ପାରିଲା ନାହିଁ। କିନ୍ତୁ ଦୀର୍ଘ ୧୩ ମାସରୁ ଅଧିକ ସମୟ ଧରି ଜାହାଜରେ ବନ୍ଦୀ ଅବସ୍ଥାରେ ଥିବା ୨୧ କ୍ରିୟୁ ସଦସ୍ୟଙ୍କୁ ଆଶ୍ୱସ୍ତି ମିଳିଛି। ସେମାନେ ଆଜି ସ୍ୱଦେଶ ଫେରି ଯାଇଛନ୍ତି। ଆଜି ଭୁବନେଶ୍ୱର ଦେଇ ସେମାନେ ମୁମ୍ବାଇ ଯିବେ ଏବଂ ସେଠାରୁ ହଂକଂ ହୋଇ ଭିଏତନାମ ଯିବେ ବୋଲି ଜଣାପଡ଼ିଛି। କିନ୍ତୁ, ଏବେ ବି ବନ୍ଦରର ଆଙ୍କରେଜରେ ଜବତ ହୋଇ ରହିଛି ଜାହାଜ ଏମ୍.ଭି ଦେବୀ ପାନାମା।

ସୂଚନାଯୋଗ୍ୟ, ୨୦୨୩ ଡିସେମ୍ବର ୩୦ ତାରିଖରେ ବନ୍ଦରର ଏକ ପ୍ରାଇଭେଟ୍ ବର୍ଥ ପିଆଇସିଟିରେ ଲାଗିଥିବା ଏମ୍.ଭି ଦେବୀ ପାନାମା ଜାହାଜରୁ ମିଳିଥିଲା ୨୨୦ କୋଟି ଟଙ୍କାର କୋକେନ। ସେହି ଦିନଠାରୁ ଦୀର୍ଘ ୧୩ ମାସ ହେଲା ଜାହାଜ ସହିତ ବନ୍ଦୀ ଜୀବନ କାଟୁଥିଲେ ଭିଏତନାମର ଏହି ୨୧ ସଦସ୍ୟ। ତିନୋଟି

**ଭୁବନେଶ୍ୱରରୁ ମୁମ୍ବାଇ, ହଂକଂ ଦେଇ ଭିଏତନାମ ଯିବେ**

ପର୍ଯ୍ୟାୟରେ ଏହି ୨୧ କର୍ମଚାରୀ (କ୍ରିୟୁ ସଦସ୍ୟ)ଙ୍କୁ ଜାହାଜରୁ ବାହାର କରାଯାଇଛି। ଏବେ ଜାହାଜରେ ୧୭ଜଣ ନୂଆ କ୍ରିୟୁ ସଦସ୍ୟ ଆସି ରହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୬ଜଣ ସଦସ୍ୟ, ଦ୍ୱିତୀୟ ପର୍ଯ୍ୟାୟରେ ୫ ଜଣ ସଦସ୍ୟ ବାହାରିଥିଲେ। ମାତ୍ର ୧୦ ଜଣଙ୍କ ଭିସା ଅବଧି ସରିଥିବାରୁ ସେମାନେ ଜାହାଜରୁ ବାହାରି ପାରୁନଥିଲେ। ଭିସା କ୍ଲିୟର ହେବା ପରେ କାଲି ରାତିରେ ସେମାନେ ଜାହାଜରୁ ବାହାରି ପାରାଦୀପର ଏକ ହୋଟେଲରେ ରହିଥିଲେ। ଏଠାରେ ପ୍ରଶ୍ନ ଉଠୁଛି, ଆଜି ପର୍ଯ୍ୟନ୍ତ ଜାହାଜକୁ ଜବତ କରିଥିବା କଷ୍ଟମ ବିଭାଗ କୋକେନ୍ ଜବତ ଘଟଣାର କୌଣସି ଠୋସ ତଥ୍ୟ ସାର୍ବଜନୀନ କରିପାରିଲା ନାହିଁ। ପୂରା ଘଟଣାର ରହସ୍ୟ ହଟିବା ଦୂରେ ଥାଉ, ଘଟଣାକୁ ଚାପି ଦେବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗ ହେଉଛି। ଜାହାଜକୁ ମୁକୁଳାଇବାକୁ କମ୍ପାନୀ କର୍ତ୍ତୃପକ୍ଷଙ୍କ ପ୍ରୟାସ ଏବେ ବି ଜାରି ରହିଛି।





















## ବ୍ୟାସକବିଙ୍କ ଜୟନ୍ତୀ ଓ କବିତା ପାଠ ଉତ୍ସବ



କିଶୋରନଗର,୧୪ ।୧(ସମିସ): କିଶୋର ସାହିତ୍ୟ ସଂସଦ ତରଫରୁ କିଶୋରନଗର ସ୍ନାତକ ମହାବିଦ୍ୟାଳୟରେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳନ ସହ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା ସାହିତ୍ୟ ସଂସଦ ସଭାପତି ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ କବିଶ୍ରୀ ରାହାସ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ରୂପେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦେବରାଜ ନାୟକ, ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ, ଝରାବେରଣୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜିତ ସାହୁ, ଶିକ୍ଷକ ପବିତ୍ର ମୋହନ ପ୍ରଧାନ, ଆକାଶ ଦାଶ ଯୋଗଦେଇ ଫକୀର ମୋହନଙ୍କ ସାହିତ୍ୟ କୃତି ଉପରେ ଆଲୋକପାତ କରିଥିଲେ । କବି କୁଳମଣି ମେହେରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅପରାଜିତା ପ୍ରଧାନ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ସଂସଦ ସମ୍ପାଦକ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଆକାଶ ସାହୁଙ୍କ ସଂଯୋଜନାରେ କବୟିତ୍ରୀ ଚିନ୍ମୟୀ ମହାପାତ୍ର, ଚିନ୍ମୟୀ ସାହୁ, ସୁନିତା ପ୍ରଧାନ, ରାହାସ ଚନ୍ଦ୍ର ନାୟକ, ଦେବରାଜ ନାୟକ, ଆକାଶ ଦାଶ କବିତା ପାଠ କରିଥିଲେ ।

## ବିଦ୍ୟାଳୟର ୫୯ତମ ବାର୍ଷିକ ଉତ୍ସବ



**କୁଇଓ,୧୪ ।୧(ସମିସ):** ବଅଁରପାଳ ବ୍ଲକ କୁମଣ୍ଡ ଜରାସିଂହା ନୋଡାଲ ଉଚ୍ଚ ବିଦ୍ୟାଳୟର ୫୯ତମ ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଛି । ପ୍ରଧାନଶିକ୍ଷକ ନୀହାର ରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ମୁଖ୍ୟବକ୍ତା ଭାବେ ବଅଁରପାଳ ବିଇଓ ମାନସ ରଞ୍ଜନ ପୃଷ୍ଟି, ସ୍ୱତନ୍ତ୍ର ଅତିଥି ଜିଲ୍ଲା କ୍ରୀଡ଼ା ନିରୀକ୍ଷକ ଭିକାରୀବନ୍ଧୁ ସାହୁ, ସରପଞ୍ଚ ସନ୍ତୋଷିନୀ ଦେହୁରୀ. ସମିତି ସଭ୍ୟା ରିଙ୍କି ସାହୁ, ବିଦ୍ୟାଳୟ କମିଟି ସଭାପତି ବିନୟ କୁମାର ନାୟକ, ପଞ୍ଚସଖା ଶିକ୍ଷାସେତୁ ସଭାପତି ଧୃବଚରଣ ପରିଡ଼ାଙ୍କ ସମେତ ପରିଚାଳନା କମିଟିର ସମସ୍ତ ସଭ୍ୟସଭ୍ୟା ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଏହି ଅବସରରେ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ, ଯୋଗ, ସଙ୍ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା ।

## ଓଡ଼ିଶା ବ୍ରିଗେଡ ସ୍କୁଲର ବାର୍ଷିକ ଉତ୍ସବ

**ଅନୁଗୋଳ,୧୪ ।୧(ସମିସ):** ତୁରଙ୍ଗସ୍ଥିତ ଓଡ଼ିଶା ବ୍ରିଗେଡ଼ ସ୍କୁଲର ୨୭ତମ ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଛି । ଅନୁଷ୍ଠାନ ପରିଚାଳନା କମିଟି ସଭାପତି ବରୁଣ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ମୁଖ୍ୟଅତିଥି, ପ୍ରାକ୍ତନ ପ୍ରାଧ୍ୟାପକ ଡ଼. ଅକ୍ଷୟ କୁମାର ପଣ୍ଡା ମୁଖ୍ୟବକ୍ତା, ତୁରଙ୍ଗ ସରପଞ୍ଚ ସମରେନ୍ଦ୍ର ଦେହୁରୀ ଓ ବିଜେପି ମହିଳା ମୋର୍ଚ୍ଚା ରାଜ୍ୟ ପରିଚାଳନା ସଦସ୍ୟା ରୋଜାଲିନ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।ନୂତନ ଶିକ୍ଷାନୀତି କାର୍ଯ୍ୟକାରୀ ହେବା ଯୋଗୁଁ ଶିକ୍ଷାର୍ଥୀମାନେ କିଭଳି ନିଜ ଆଞ୍ଚଳିକ ଭାଷାରେ ଶିକ୍ଷାଲାଭ କରି ରୁଚି ଅନୁଯାୟୀ ବିଷୟ ଚୟନ ପୂର୍ବକ ଶିକ୍ଷା ଗ୍ରହଣ କରିପାରିବେ ସେ ସମ୍ପର୍କରେ ମୁଖ୍ୟଅତିଥି ବେହେରା ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଡ. ପଣ୍ଡା ଭବିଷ୍ୟତ ଗଠନରେ ପିତାମାତାଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଅତିଥିମାନେ ଶ୍ରୀଗଣେଶଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ପରେ ଅନୁଷ୍ଠାନର ଅନ୍ୟତମ ଉଦ୍ୟୋକ୍ତା ସ୍ୱର୍ଗତ ଶ୍ରୀନିବାସ ଦାସଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସମ୍ପାଦକ ରାମାନନ୍ଦ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମାଜସେବୀ ସୁଶାନ୍ତ ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସମ୍ପାଦକ ରାମାନନ୍ଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।



# ମନଇଚ୍ଛା ୨ କିଲୋ ଚାଉଳ କାଟୁଛନ୍ତି ଡିଲର

ଅନୁଗୋଳ,୧୪ ।୧(ସମିସ)



ମନଇଚ୍ଛା ରାସନ କାର୍ଡରୁ ୨ କିଲୋ ଚାଉଳ କାଟିଦେଉଛନ୍ତି ଡିଲର । ବାରଣ କଲେ ଅନ୍ୟତ୍ର କାର୍ଡ ବଦଳାଇଦେବାକୁ ଦେଉଛନ୍ତି ଧମକ । ଡିଲରଙ୍କ ବିରୋଧରେ ଏଭଳି ସାଂଘାତିକ ଅଭିଯୋଗ ଆଣିଛନ୍ତି ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ଫୁଲପଡ଼ା ପଞ୍ଚାୟତ ଗୁରିଆମୁଣ୍ଡା ଗ୍ରାମବାସୀ ।

ଅଭିଯୋଗ ଅନୁଯାୟୀ, ଗୁରିଆମୁଣ୍ଡା ଗ୍ରାମରେ ୪୦ରୁ ଅଧିକ ରାସନ କାର୍ଡ ରହିଛି । ଫୁଲପଡ଼ାଠାରେ ଥିବା ଡିଲର୍ ସୁଶୀଲ କୁମାର ବେହେରା ସରକାରଙ୍କ ପକ୍ଷରୁ ଆସୁଥିବା ରାସନ ସାମଗ୍ରୀ ବଣ୍ଟନ କରନ୍ତି । ଦୀର୍ଘଦିନ ହେଲା ରାସନ ଦେବା ବେଳେ କାର୍ଡ ପିଛା ୨ କିଲୋ ଚାଉଳ କାଟି ଦେଇଛନ୍ତି । କାହିଁକି କାଟୁଛ ବୋଲି ପଚାରିଲେ କହୁଛନ୍ତି, ଉପରୁ ଅର୍ଡର ଆସିଛି, ଅଧିକ କହିଲେ ରାସନ କାର୍ଡ କାଟିଦେବା ସହ ଅନ୍ୟତ୍ର ବଦଳି କରିଦେବି । ଫଳରେ ଚୁପଚାପ୍ ସହି ଆସୁଥିଲେ ଗ୍ରାମବାସୀ । ମଙ୍ଗଳବାର ପୁଣି ଚାଉଳ ଦେବା ବେଳେ ୨ କିଲୋ ଲେଖାଏଁ କାଟିବାରୁ ଲୋକେ ଅସନ୍ତୋଷ ବ୍ୟକ୍ତକରି ଗଣମାଧ୍ୟମ ଆଗରେ ଅଭିଯୋଗ

### ଅଭିଯୋଗ ଆଣିଲେ ହିତାଧିକାରୀ

କରିଛନ୍ତି । ଏ ବିଷୟରେ ବଅଁରପାଳ ଯୋଗାଣ ଅଧିକାରୀଙ୍କୁ ଫୋନ ଯୋଗେ ପଚାରିବାରୁ ଘଟଣା ବିଷୟରେ ମୁଁ ବୁଝୁଛି କହି ଫୋନ କାଟି ଦେଇଥିଲେ । ତେବେ ଗରିବଙ୍କ ହକ୍ ଖାଉଥିବା ଡିଲର୍ ସୁଶୀଲ କୁମାର ବେହେରାଙ୍କ ବିରୋଧରେ ଯୋଗାଣ ଅଧିକାରୀ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ।

## ଲୁହାମୁଣ୍ଡା ପଞ୍ଚାୟତରେ ଜନଶୁଣାଣି

କିଶୋରନଗର,୧୪ ।୧(ସମିସ): କିଶୋରନଗର ବ୍ଲକ ଲୁହାମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ବିଡିଓ ବିନୋଦ ବିହାରୀ ବେହେରା ଯୋଗଦେଇ ସମୁଦାୟ ୫ ଅଭିଯୋଗର ଶୁଣାଣି କରିବା ସହ ତା'ର ସମାଧାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏବିଡିଓ ଦିଲୀପ ପ୍ରଧାନ, ଜିପିଡିଓ ସତ୍ୟପ୍ରିୟ ସାହୁ, ବିପିସି (ଆରଏଚ) ସୌମ୍ୟରଞ୍ଜନ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ସୌମ୍ୟରଞ୍ଜନ ଦାଶ, ସିଆରସି (ଏସବିଏମ) ଦିଲେଶ୍ୱର ଦେହୁରୀ, ଆରଡବ୍ଲ୍ୟୁଏସ୍ଏସ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ବେପାରୀଙ୍କ କବ୍‌ଜାରେ ବାଗଡ଼ିଆ ମୁଖ୍ୟରାସ୍ତା

**ଛେଣ୍ଡିପଦା,୧୪ ।୧(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ବାଗଡ଼ିଆ ଗ୍ରାମ ମୁଖ୍ୟ ରାସ୍ତା ଏବେ ପରିବା ବେପାରୀଙ୍କ କବଜାରେ । ରାସ୍ତାରେ ଦୈନିକ ପରିବା ହାଟ ବସୁଥିବାରୁ ଦିନକୁ ଦିନ ଟ୍ରାଫିକ୍ ସମସ୍ୟା, ଦୁର୍ଘଟଣା ବଢ଼ିଚାଲିଛି । ଏଥିପାଇଁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦିଗରେ ପଦକ୍ଷେପ ନେବାକୁ ବାରମ୍ବାର ପ୍ରଶାସନକୁ ଅଭିଯୋଗ ହେଉଥିଲେ ହେଁ କେହି କର୍ଣ୍ଣପାତ କରୁନାହାନ୍ତି ।



- ରାସ୍ତାରେ ବସୁଛି ଦୈନିକ ହାଟ
- ବଢ଼ିଚାଲିଛି ଟ୍ରାଫିକ୍ ସମସ୍ୟା

ବାଗଡ଼ିଆ ଗ୍ରାମ ଛେଣ୍ଡିପଦା-ବାଗଡ଼ିଆ ୫୩ନଂ ଜାତୀୟ ରାଜପଥ ଉପରେ ରହିଛି । ଗ୍ରାମରେ ଦୈନିକ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ହାଟ ବସୁଛି । ହାଟପାଇଁ ସ୍ୱତନ୍ତ୍ର ସ୍ଥାନ ନ ଥିବାରୁ ଚାଷୀ ଓ ବ୍ୟବସାୟୀମାନେ ବାଧହୋଇ ୫୩ନଂ ଜାତୀୟ ରାଜପଥର ଦୁଇ ପାଶ୍ୱର୍ରେ ବସି ବ୍ୟବସାୟ କରୁଛନ୍ତି । ଏହି ରାସ୍ତାରେ ସକାଳ ୬ରୁ ଛାତ୍ରଛାତ୍ରୀମାନେ ଟିଉସନ୍ ଓ ବିଦ୍ୟାଳୟକୁ ଯାତାୟାତ କରୁଛନ୍ତି । ହାଟ ଯୋଗୁଁ ଟ୍ରାଫିକ ସମସ୍ୟା ଉତ୍କଟ ହେଉଥିବାରୁ ଛାତ୍ରଛାତ୍ରୀ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାସ୍ତାରେ ଦୈନନ୍ଦିନ ହଜାର ହଜାର ସଂଖ୍ୟାରେ ଭାରୀଯାନ ଯାଉଥିବା ଏବଂ ହାଟ ଯୋଗୁଁ ରାସ୍ତା ସଂକୀର୍ଣ୍ଣ ଯୋଗୁଁ ଦୁର୍ଘଟଣା ଘଟିବା ଆଶଙ୍କା ରହିଛି । ତୁରନ୍ତ ଏହାର ସମାଧାନ ନ ହେଲେ ଆଗାମୀ ଦିନରେ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

## ଭୀମକାଣ୍ଡରେ ମା' ବାହୁଚରାଙ୍କ ବାର୍ଷିକ ଉତ୍ସବ

**କଣିହାଁ,୧୪ ।୧(ସମିସ):** କଣିହାଁ ବ୍ଲକ ଭୀମକାଣ୍ଡ ଦଶହରା ପଡ଼ିଆରେ କଣିହାଁ ଆମ ପରିବାର (ଟିଁଜି) କିନ୍ନର ସଙ୍ଘ ଆନୁକୂଲ୍ୟରେ ମା' ବାହୁଚରାଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଏହି ପରୀପ୍ରେକ୍ଷୀରେ କିନ୍ନରମାନେ ଶନିବାରଠାରୁ ଉପବାସ ରହିଥିଲେ । ରବିବାର ସକାଳେ ବିଜିଗୋଳସ୍ଥିତ ବ୍ରାହ୍ମଣୀ ନଦୀରୁ କଳସରେ ପାଣି ଉଠାଇ ଶୋଭାଯାତ୍ରାରେ ଭୀମକାଣ୍ଡ ଦଶହରା ପଡ଼ିଆରେ ଆୟୋଜିତ ମା' ବାହୁଚରାଙ୍କ ପୂଜା ମଣ୍ଡପରେ ପହଞ୍ଚିଥିଲେ । ସେଠାରେ ପୂଜକ ଅନିରୁଦ୍ଧ ପାଣି ପୂଜାର୍ଚ୍ଚନା କରିଥିଲେ । କିନ୍ନରଙ୍କ ନିମନ୍ତ୍ରଣ କ୍ରମେ ଅଞ୍ଚଳର ବହୁ ଲୋକ ପ୍ରତିନିଧି, ବୁଦ୍ଧିଜୀବୀ ଉତ୍ସବରେ ସାମିଲ ହୋଇଥିଲେ । ସନ୍ଧ୍ୟାରେ ଭଜନ କୀର୍ତ୍ତନ କରଯାଇଥିଲା । ସୋମବାର ମା'ଙ୍କ ଭସାଣ ଉତ୍ସବ ଅନୁଷ୍ଠିତ ହୋଇଛି । କଣିହାଁ କିନ୍ନର ସଂଘ ସଭାପତି ଲୁଲୁ ପ୍ରଧାନ, ସମ୍ପାଦକ ଅଜୟ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଦେବଯାନୀ ପ୍ରଧାନ, ସମ୍ପାଦକ ଦିବ୍ୟେଶ ମହାପାତ୍ରଙ୍କ ସମେତ ବନ୍ତଳା, ତାଳଚେର, ଖମାର, ଅନୁଗୋଳ, କାମାକ୍ଷାନଗର ଅଞ୍ଚଳର କିନ୍ନରମାନେ ଯୋଗଦେଇଥିଲେ ।

## ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ଆକ୍ରମଣ

**ବଇଣ୍ଡା,୧୪ ।୧(ସମିସ):** ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ଗାଁବଇଣ୍ଡା ଗ୍ରାମରେ ସୋମବାର ବିଦ୍ୟୁତ ବିଭାଗର ଜଣେ କର୍ମଚାରୀଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି । ଆକ୍ରମଣର ଶିକାର କର୍ମଚାରୀ ଜଣକ ପୁରୀର ଆଶୁତୋଷ ମିଶ୍ର । ଗାଁ ବଇଣ୍ଡା ଅଞ୍ଚଳର କୁଶ ସ୍ୱାଇଁ, ଶ୍ୟାମସୁନ୍ଦର ସ୍ୱାଇଁ ତାଙ୍କୁ ଆକ୍ରମଣ କରିଥିବା ଆଶୁତୋଷ ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଅଭିଯୋଗ ଅନୁଯାୟୀ, ବିଦ୍ୟୁତ ବିଭାଗର ଏକ ଟିମ୍ କୁଶଙ୍କ ଘରକୁ ମିଟର ଯାଞ୍ଚ କରିବା ପାଇଁ ଯାଇଥିଲେ । ଏଥିରେ କୁଶ ଓ ଶ୍ୟାମସୁନ୍ଦର ଉତକ୍ଷିପ୍ତ ହୋଇ ଆଶୁତୋଷଙ୍କୁ ଆକ୍ରମଣ କରିବା ସହ ଅନ୍ୟ କର୍ମଚାରୀଙ୍କୁ ମଧ୍ୟ ଗାଳିଗୁଲଜ କରିଥିଲେ ।

## ମହିଳାଙ୍କୁ ଅସଦାଚରଣ ଅଭିଯୋଗ

**ବଇଣ୍ଡା,୧୪ ।୧(ସମିସ):** ହଣ୍ଡପା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଦେବଗଡ଼ ଜିଲ୍ଲା କୁଣ୍ଡେଇଗୋଳ ଥାନା ଦୁଡୁକାଝରଣ ଗ୍ରାମର ରୁଦ୍ରମୋହନ ପ୍ରଧାନ ଅସଦାଚରଣ କରିବା ସହ ଗାଳିଗୁଲଜ ଓ ଦୁଷ୍କର୍ମ ଉଦ୍ୟମ କରିଥିବା ଥାନାରେ ଅଭିଯୋଗ ହୋଇଛି । ପୁଲିସ ମାମଲା ରୁଜୁ କରିଛି । ମହିଳା ଜଣକ ହଣ୍ଡପା ଥାନା ଅଞ୍ଚଳରେ ଭଡ଼ାରେ ରହୁଥିବା ବେଳେ ତାଙ୍କ ସ୍ୱାମୀଙ୍କଠାରୁ ରୁଦ୍ରମୋହନ ୫୦ ହଜାର ଟଙ୍କା କରଜ ନେଇଥିଲେ । ଟଙ୍କା ମାଗିବାରୁ ରୁଦ୍ରମୋହନ ତାଙ୍କ ଘରକୁ ଆସି ମହିଳାଙ୍କୁ ଗାଳିଗୁଲଜ କରିବା ସହ ଅସଦାଚରଣ କରିଥିଲେ । ପରେ ମହିଳାଙ୍କ ଶଶୁର ଘରକୁ ଯାଇ ହତ୍ୟା ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି ।

● ଚୋରି ବାଇକ ଉଦ୍ଧାର

## ଅଭିଯୁକ୍ତକୁ କାବୁକରି ପୁଲିସ ଜିମାଦେଲେ ଲୋକେ

ବଇଣ୍ଡା,୧୪ ।୧(ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ବଇଣ୍ଡା ରେଳ ଷ୍ଟେସନ ନିକଟରୁ ସୋମବାର ବଇଣ୍ଡା ଗ୍ରାମର ରମେଶ ଘିଓ୍ୱାଲାଙ୍କ ବାଇକ ଚୋରି ହୋଇଥିଲା । ପରେ ବଇଣ୍ଡା ଯୁବକ ସଂଘ ସଦସ୍ୟମାନେ ବାଇକ ନେଇ ପଳାଉଥିବା ଦେବଗଡ଼ ଜିଲ୍ଲା ଲୋଇମୁରା ଥାନା ଅଞ୍ଚଳର ଆର୍ଯ୍ୟମାନ ନାୟକଙ୍କୁ ଜରପଡ଼ା ଥାନା କଞ୍ଚୁରା ଅଞ୍ଚଳରୁ କାବୁକରି ବଇଣ୍ଡା ଫାଣ୍ଡି ପୁଲିସ ଜିମା ଦେଇଛନ୍ତି । ପୁଲିସ ତାଙ୍କୁ ଅଟକ ରଖି ତଦନ୍ତ ଚଳାଇଛି । ଏହି ବାଇକ୍ ଚୋରି ଘଟଣାରେ ଏକ ଗ୍ୟାଙ୍ଗ କାମ କରୁଥିବା ପୁଲିସ ସନ୍ଦେହ କରୁଛି । ପୁଲିସ ଉକ୍ତ ଗ୍ୟାଙ୍ଗକୁ ଧରିବା ପାଇଁ ବିଭିନ୍ନ ଅଞ୍ଚଳରେ ଚଢ଼ଉ ଜାରି ରଖିଛି ।

ସୂଚନାଯୋଗ୍ୟ, ରମେଶ ବଇଣ୍ଡା ରେଳ ଷ୍ଟେସନ ନିକଟ ଏଟିଏମକୁ ଟଙ୍କା ଉଠାଇବାକୁ ଯାଇଥିଲେ । ଏହି ସମୟରେ ଆର୍ଯ୍ୟମାନ ତାଙ୍କ ବାଇକ ନେଇ ପଳାଇ ଯାଇଥିଲେ । ରମେଶ ବାଇକ ନ ପାଇ ଖୋଜାଖୋଜି କରିଥିଲେ । ପରେ ସିସିଟିଭି ଯାଞ୍ଚ କରି ଯୁବକ ସଂଘ ସଦସ୍ୟମାନେ ଆର୍ଯ୍ୟମାନ ବାଇକ ନେଇ ଯାଇଥିବା ରାସ୍ତାରେ ତାଙ୍କୁ ପିଛା କରିଥିଲେ । କଞ୍ଚୁରା ନିକଟରେ ତାଙ୍କୁ କାବୁ କରିଥିଲେ ।

## ଭାଗବତ ଶାନ୍ତିଧାମରେ ମକର ଉତ୍ସବ

**ବଅଁରପାଳ,୧୪ ।୧(ସମିସ):** ମହୀଧରପୁରସ୍ଥିତ ଭାଗବତ ଶାନ୍ତିଧାମ (ଭାଗବତ ପାହାଡ଼ ତଥା ପୁରାତନ ଅନନ୍ତମୁଖୀ ଯଜ୍ଞପୀଠ) ରେ ମକର ଉତ୍ସବ ପାଳିତ ହୋଇଛି । ଏହି ଅବସରରେ ଶ୍ରଦ୍ଧାଳୁଙ୍କ ଦ୍ୱାରା ନାମ ସଂକୀର୍ତ୍ତନ କରାଯାଇଥିଲା । ସଂକୀର୍ତ୍ତନ ସହ ବନ୍ଦନ, ପଠନ, ଶ୍ରବଣ ଓ ମନନ କାର୍ଯ୍ୟକ୍ରମ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ସନାତନ ମଠ ମହନ୍ତ କାଳନ୍ଦୀ ଚରଣ ଦାସଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ମହୀଧରପୁର ସମେତ ନିକଟସ୍ଥ ତଳମୂଳ, ଫୁଲପଡ଼ା, ସାନ୍ତରାପୁର, ବଉଳିଗଡ଼, ଖଣ୍ଡହତା, ଅନୁଗୋଳ ଆଦି ସ୍ଥାନରୁ ହଜାର ହଜାର ଶ୍ରଦ୍ଧାଳୁ ସାମିଲ ହୋଇଥିଲେ ।



ମହିଳାମାନେ କଳସ ଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ । ପରେ କଳସ ଶୋଭାଯାତ୍ରା ଶାନ୍ତିଧାମରେ ପହଞ୍ଚିବା ପରେ ପୂଜାର୍ଚ୍ଚନା କରାଯାଇ ଠାକୁରଙ୍କୁ ପ୍ରତ୍ୟାବର୍ତ୍ତନ ଓ ମନ୍ଦିର ବିଜେ କରାଯାଇଥିଲା । ମୁଖ୍ୟଅତିଥି ଭାବେ ଜିଲ୍ଲା କଂଗ୍ରେସ ସଭାପତି ଅମ୍ବିକା ପ୍ରସାଦ ଭଟ ଯୋଗଦେଇ ଆଶୀର୍ବାଦ ଗ୍ରହଣ କରିଥିଲେ । ଶାନ୍ତିଧାମର ବିକାଶ ପାଇଁ ସମସ୍ତ ସହଯୋଗ କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ ।

ମକର ସଂକ୍ରାନ୍ତି

## ଶୈଳଶ୍ରୀକ୍ଷେତ୍ରରେ ୧୦ ହଜାର ଶ୍ରଦ୍ଧାଳୁଙ୍କ ଭିଡ଼



ଅନୁଗୋଳ,୧୪ ।୧(ସମିସ): ପବିତ୍ର ମକର ସଂକ୍ରାନ୍ତି ଅବସରରେ ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ପ୍ରାୟ ୧୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଭୋର୍‌ରୁ ଦ୍ୱାରଫିଟା ନୀତି ପରେ ଶ୍ରୀଜୀଉମାନଙ୍କ ପୂଜାନୀତି ହୋଇଥିଲା । ପରେ ଶ୍ରୀବିଷ୍ଣୁ ପୂଜନ ଓ ମାଘ ମାହାତ୍ମ୍ୟ ପାଠ କରାଯାଇଥିଲା । ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ବିଶେଷ ବ୍ୟବସ୍ଥା କରାଯାଇଥିଲା । ପରମାଣିକ ଦର୍ଶନ ପାଇଁ ୧୦ ଟଙ୍କା ଲେଖାଏଁ ଟିକଟ କାଟି ଭକ୍ତମାନେ ବେଢ଼ା ବୁଲିବା ସହ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ । ପରମାଣିକ ଦର୍ଶନ ପାଇଁ ସକାଳ ସାଢ଼େ ୭ଟାରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଥିଲା । ମକର ସଂକ୍ରାନ୍ତି ପାଇଁ ପାଖ ବୁଢ଼ୀ ଠାକୁରାଣୀ ମନ୍ଦିର, ଗାୟତ୍ରୀ, ଶିବ, ଶନି ମନ୍ଦିରରେ ମଧ୍ୟ ପ୍ରବଳ ଭିଡ଼ ଲାଗିଥିଲା ।

# ଗଡ଼ ଅଧିଷ୍ଠାତ୍ରୀ ଲଙ୍ଗବାଉତୀ ଦେବୀଙ୍କ ବାର୍ଷିକ ଉତ୍ସବ

ଅନୁଗୋଳ,୧୪ ।୧(ସମିସ)

ଅନୁଗୋଳର ଶେଷ ସ୍ୱାଧୀନ ଗଡ଼ଜାତ ରାଜା ସୋମନାଥ ସିଂ ଜଗଦେବଙ୍କ ଆରାଧ୍ୟ ଦେବୀ ଗଡ଼ ବୁଢ଼ାପଙ୍କସ୍ଥିତ ମା' ଲଙ୍ଗବାଉତୀ ଦେବୀଙ୍କ ଦୁଇଦିନିଆ ବାର୍ଷିକ ଉତ୍ସବ ସୋମବାର ଆରମ୍ଭ ହୋଇଛି । ଗଡ଼ଜାତ ରାଜ୍ୟର ୯ ଗଡ଼ ମଧ୍ୟରୁ ସୀମାନ୍ତ ବୁଢ଼ାପଙ୍କ ଗଡ଼ ପ୍ରମୁଖ ଥିଲା । ପଡ଼ୋଶୀ ରାଜ୍ୟ ସହ ଯୁଦ୍ଧ ଆରମ୍ଭରେ ସୈନ୍ୟଙ୍କ ଅସ୍ତ୍ରଶସ୍ତ୍ର ଦେବୀଙ୍କ ପୀଠରେ ପୂଜାର୍ଚ୍ଚନା ହୋଇ ଯୋଦ୍ଧାମାନେ ଯୁଦ୍ଧକୁ ବାହାରୁଥିଲେ ବୋଲି କିମ୍ବଦନ୍ତୀରୁ ଜଣାଯାଏ । ଦେବୀଙ୍କ ଅପାର ମହିମା ଯୋଗୁଁ ଆଖପାଖ ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ଉତ୍ସବରେ ସମାବେଶ ହୋଇଥିଲେ ।



ବଅଁରପାଳ ବ୍ଲକ ଅନ୍ତର୍ଗତ ବୁଢ଼ାପଙ୍କ ଗାଁର ଅଧିଷ୍ଠାତ୍ରୀ ଦେବୀ ମା' ଲଙ୍ଗବାଉତୀଙ୍କ ପୂଜାର ପ୍ରଥମ ଦିନରେ ଗାଁ ଦିଅଁଘରୁ ଠାକୁରାଣୀଙ୍କ ଆଲାମ ବାହାରି ବିରାଟ ଶୋଭାଯାତ୍ରାରେ ଗାଁ ପରିକ୍ରମା କରି ପିଢ଼ ମନ୍ଦିରରେ ପହଞ୍ଚିଥିଲେ । ଶୋଭାଯାତ୍ରାରେ ଛତି ତରାସ, ଆଲଟ ଚାମର, ଘଣ୍ଟୁଆ, ସଂକୀର୍ତ୍ତନ, ପାଇକ ଖେଳ, ଲଉଡ଼ି ଖେଳ, ଦଣ୍ଡନୃତ୍ୟ, ବାଜା ରୋଷଣୀ ସାମିଲ ହୋଇଥିଲେ । ଗାଁ କମିଟି ସଭାପତି ପ୍ରସନ୍ନ ମହାନ୍ତି, ଉପସଭାପତି ପ୍ରମୋଦ ପ୍ରଧାନ, ସମ୍ପାଦକ ଗୋପବନ୍ଧୁ ଭୋଇ, କୋଷାଧ୍ୟକ୍ଷ ବିନୟ ବିଶୋଇ, ଗୌତମ ମାଝୀ, ବତ୍ସଳ ସାମଲ, ଧୂଳିଆ ନାୟକଙ୍କ ସମେତ ବିଶ୍ୱ ହିନ୍ଦୁ ପରିଷଦର ରଞ୍ଜନ ବିଶୋଇ, ପୂଜା କମିଟି ସଦସ୍ୟ ମୋହନ ନାୟକ, ନିରଞ୍ଜନ ସାମଲ, ଧନେଶ୍ୱର ପ୍ରଧାନ, କରୁଣା ସାମଲ ଏବଂ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ । ପୂଜକ ନାରାୟଣ ବେହେରା, ଅଜୟ ବେହେରା, ମୁନା ମହାପାତ୍ର, ପ୍ରଶାନ୍ତ ବେହେରା ମା'ଙ୍କ ପୂଜାର୍ଚ୍ଚନା କରିଥିଲେ । ପୂଜା କମିଟି ପକ୍ଷରୁ ପାଖପଡ଼ୋଶୀ ଗ୍ରାମ ସଭାପତିମାନଙ୍କୁ ଆମନ୍ତ୍ରଣ କରାଯାଇଥିଲା । ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ୨୭ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ଗୋପାଳ ଚନ୍ଦ୍ର ନାୟକ, ବରିଷ୍ଠ ନେତା ମୀନକେତନ ଅମାନ୍ତ, କୁଲାଡ଼ ଟ୍ରକ ମାଲିକ ସଂଘ ସଭାପତି ମନୋରଞ୍ଜନ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମ ଦିନ ରାମାୟଣ ଆଧାରିତ ରାମଲୀଳା ଆୟୋଜିତ ହୋଇଥିଲା । ଦ୍ୱିତୀୟ ଦିନ ସ୍ଥାନୀୟ କଳା ସଂସ୍କୃତି ଦଣ୍ଡବାଦ୍ୟ ଆୟୋଜନ ହୋଇଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

ସେହିପରି ନିକଟସ୍ଥ ତାଳବାହାଳ ଓ ବୀରବାହାନପୁର ଗ୍ରାମରେ ମଧ୍ୟ ମା' ଲଙ୍ଗବାଉତୀଙ୍କ ବାର୍ଷିକ ଉତ୍ସବ ପାଳିତ ହୋଇଛି । ଗାଁ ଲଙ୍ଗବାଉତୀ ପୀଠରେ ବିଶେଷ ପୂଜାର୍ଚ୍ଚନା ହୋଇଥିଲା । ଦୁଇଦିନିଆ ଏହି ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ଯାତ୍ରା ଅପେରା ଆୟୋଜିତ ହୋଇଛି । ଗାଁ କମିଟି ସଭାପତି ମହେଶ୍ୱର ବେହେରା, ସମ୍ପାଦକ କ୍ଷୀରୋଦ ବେହେରା, ଦୁଷ୍ମନ୍ତ ନାଏକ, ସାନନ୍ଦ ନାଏକ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ଅନୁଗୋଳ ବିଧାୟକ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ନାୟକ, ସ୍ଥାନୀୟ ସରପଞ୍ଚ ଅଶୋକ ଧୀର, ଦିଲୀପ ରାଉତ, ଆଶୁତୋଷ ପାତ୍ର, ସାହିଲ ଦ୍ୱିବେଦୀ, ଟାଟା ସିଏସଆର ବିଭାଗ ମୁଖ୍ୟ ଅଧିକାରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମା'ଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ ।

## ଓଷ୍ଟା ସମ୍ପାଦକ ତ୍ରିଲୋଚନ ଦାସ ସମ୍ବର୍ଦ୍ଧିତ



**ତାଳଚେରସଦର,୧୪ ।୧(ସମିସ):** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ଅନୁଗୋଳ ଜିଲ୍ଲା ସମ୍ପାଦକ ତ୍ରିଲୋଚନ ଦାସଙ୍କୁ ପ୍ରହଲ୍ଲାଦ ଭୂତିଆ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି । ଟିକରପଡ଼ାସ୍ଥିତ ନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟରେ ଓଷ୍ଟାର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଷ୍ଟା ଜିଲ୍ଲା ସହ ସଭାପତି ପ୍ରାଣବନ୍ଧୁ ସାହୁ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ଓଷ୍ଟା ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ରାଜ୍ୟ କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ରାଜ୍ୟ ଉପସଭାପତି ଶ୍ରୀକାନ୍ତ ସାହୁ, ପ୍ରମୋଦ ସ୍ୱାଇଁ, ଢେଙ୍କାନାଳ ଜିଲ୍ଲା ସଭାପତି ସନ୍ତୋଷ ପାଣିଗ୍ରାହୀ, ସମ୍ପାଦକ ବିଭୂତି ସାମଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବରାଜ ପ୍ରଧାନ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ପ୍ରଧାନ ମଞ୍ଚାସୀନ ଥିଲେ । ଶିକ୍ଷା, ସାଂଗଠନିକ ଦକ୍ଷତା ତଥା କର୍ତ୍ତବ୍ୟନିଷ୍ଠା ପାଇଁ ତ୍ରିଲୋଚନଙ୍କୁ ମୁଖ୍ୟଅତିଥି ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ୩୨୦ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗଦେଇଥିଲେ ।





ପବିତ୍ର ମକର ସଂକ୍ରାନ୍ତି ଅବସରରେ ପ୍ରୟାଗରାଜ ମହାକୁମ୍ଭରେ 'ଅମୃତ ସ୍ନାନ' ପାଇଁ ତ୍ରିବେଣୀ ସଙ୍ଗମରେ ସାଧୁ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ।

# ନାମାଙ୍କନ ଦାଖଲ ପୂର୍ବରୁ ଆତିଶୀଙ୍କ ବିରୋଧରେ ମାମଲା

ନୂଆଦିଲ୍ଲୀ,୧୪ା୧(ଏଜେନ୍ସି): ଦିଲ୍ଲୀର କାଲକାଜୀ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ମୁଖ୍ୟମନ୍ତ୍ରୀ ଆତିଶୀ ମାର୍ଲେନା ମଙ୍ଗଳବାର ନାମାଙ୍କନ ଦାଖଲ କରିବା ପୂର୍ବରୁ ତାଙ୍କ ବିରୋଧରେ ଏତଲା ଦାଏର ହୋଇଛି। ନିର୍ବାଚନୀ ଆଚରଣ ବିଧି ଉଲ୍ଲଙ୍ଘନ କରିବା ଅଭିଯୋଗରେ ରିଟର୍ଣ୍ଣିଂ ଅଫିସର ତାଙ୍କ ବିରୋଧରେ ମାମଲା ରୁଜୁ କରିଛନ୍ତି। ବ୍ୟକ୍ତିଗତ କାର୍ଯ୍ୟାଳୟ ପାଇଁ ସେ ସରକାରୀ ଗାଡି ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। କିନ୍ତୁ ତାଙ୍କ ବିରୋଧରେ ଏଭଳି କାର୍ଯ୍ୟ କରାଯିବା ପଛରେ ବିଜେପିର ହାତ ରହିଛି ବୋଲି ଆପ୍ କହିଛି। ବିଜେପି ନିର୍ଦ୍ଦେଶରେ ନିର୍ବାଚନ ଅଧିକାରୀ କାର୍ଯ୍ୟ କରୁଛନ୍ତି ଏବଂ ସେ ଏଥିନେଇ ମୁଖ୍ୟ ନିର୍ବାଚନ ଆୟୋଗରେ ଫେରାଦ ହେବେ ବୋଲି କହିଛନ୍ତି।



# ଆଜି ନୌସେନାରେ ସାମିଲ ହେବ ଆଇଏନଏସ୍ ସୁରଟ,ନୀଳଗିରି



ନୂଆଦିଲ୍ଲୀ,୧୪ା୧(ଏଜେନ୍ସି): ଆସନ୍ତାକାଲି ଭାରତୀୟ ନୌସେନାରେ ଆଉ ତିନି ଲଢୁଆ ଯୁଦ୍ଧ ଜାହାଜ ସାମିଲ ହେବାକୁ ଯାଉଛି। ଆଇଏନଏସ୍ ସୁରଟ୍, ନୀଳଗିରି ଏବଂ ବାଘସିର୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲୋକାର୍ପଣ କରିବେ । ମୁମ୍ବଇସ୍ଥିତ ନୌସେନା ଘାଟିରୁ ଏଗୁଡିକୁ ଜାତି ଉଦ୍ଦେଶ୍ୟରେ ସମର୍ପଣ କରାଯିବ। ନବ ନିର୍ମିତ ଏହି ତିନି ଯୁଦ୍ଧପୋତ ଅତ୍ୟାଧୁନିକ ଶୈଳୀରେ ନିର୍ମାଣ କରାଯାଇଥିଲା ବେଳେ ଶତ୍ରୁପକ୍ଷ ବିରୋଧରେ ବିଭିନ୍ନ ଦିଗରେ ଆକ୍ରମଣ କରିବାକୁ ଏଗୁଡିକରେ କ୍ଷମତା ରହିଛି। ଏହାକୁ ନେଇ ଭାରତର ସାମରିକ ଉତ୍ପାଦନ ବୃଦ୍ଧି ଓ କ୍ଷମତା ସଂପ୍ରସାରଣ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ନାଗ୍ ଏମକେ -୨ ର ସଫଳ ପରୀକ୍ଷଣ

ପୋଖରାନର କ୍ଷେପଣାସ୍ତ୍ର ପରୀକ୍ଷା କେନ୍ଦ୍ରରୁ ମଙ୍ଗଳବାର ଆଣ୍ଟି ଟ୍ୟାଙ୍କ ଗାଇଡେଡ୍ ମିସାଇଲ 'ନାଗ୍ ଏମକେ -୨'ର ସଫଳ ପରୀକ୍ଷଣ କରାଯାଇଛି। ପୂର୍ବରୁ ବହୁବାର ଏହି କ୍ଷେପଣାସ୍ତ୍ରର ପରୀକ୍ଷଣ ସଫଳ ହୋଇଥିଲା ବେଳେ ଆଜି ଶେଷଥର ପାଇଁ ଏହାର ବ୍ୟାବହାରିକ ପରୀକ୍ଷଣ କରାଯାଇଥିଲା। ଏହି ପରୀକ୍ଷଣ ସଫଳ ହୋଇଥିବାରୁ ଏହାକୁ ଖୁବଶୀଘ୍ର ସ୍ଥଳସେନାରେ ବ୍ୟବହାର ପାଇଁ ଅନୁମତି ଦିଆଯିବ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ, ନାଗ୍ ଏମକେ -୨ ପ୍ରାୟ ୨.୪ କିଲୋମିଟର ପର୍ଯ୍ୟନ୍ତ ଶତ୍ରୁ ପକ୍ଷ୍ୟର ଟ୍ୟାଙ୍କକୁ ଧ୍ୱଂସ କରିବାର କ୍ଷମତା ରଖିଛି।

# ଦିଲ୍ଲୀରେ କେଜ୍ରିୱାଲ-ରାହୁଲ ଲଢ଼େଇ



## ମୋଦୀ, କେଜ୍ରିୱାଲଙ୍କ ମଧ୍ୟରେ କିଛି ଫରକ୍ ନାହିଁ: ରାହୁଲ

## ରାହୁଲ ଦଳ ପାଇଁ, ମୁଁ ଦେଶ ପାଇଁ ଲଢୁଛି: କେଜ୍ରିୱାଲ

ନୂଆଦିଲ୍ଲୀ,୧୪ା୧(ଏଜେନ୍ସି): ଦିଲ୍ଲୀ ବିଧାନସଭା ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୀତି ସେତିକି ତୀବ୍ର ହେବାରେ ଲାଗିଛି। ଏହି ନିର୍ବାଚନରେ କଂଗ୍ରେସ, ବିଜେପି ଏବଂ ଆମ ଆଦମୀ ପାର୍ଟି (ଆପ୍) ମଧ୍ୟରେ ତ୍ରିକୋଣୀୟ ଲଢେଇ ହେବାକୁ ଯାଉଥିଲେ ହେଁ ବିଜେପି-ଆପ୍ ଏବଂ କଂଗ୍ରେସ-ଆପ୍ ମଧ୍ୟରେ ଜୋରଦାର ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ତେବେ ଇଣ୍ଡିଆ ମେଣ୍ଟରେ ସାମିଲ ରହିଥିବା କଂଗ୍ରେସ ଏବଂ ଆପ୍ ମଧ୍ୟରେ ଚାଲିଥିବା ଲଢେଇ ଏବେ ସବୁଠୁ ଚର୍ଚ୍ଚିତ ହୋଇପଡ଼ିଛି। ଏହିକ୍ରମରେ କଂଗ୍ରେସ ସାଂସଦ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଛି। ରାହୁଲ କେଜ୍ରିୱାଲଙ୍କୁ କଡ଼ା ସମାଲୋଚନା କରିବା ସହିତ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ତାଙ୍କ ଭିତରେ କିଛି ଫରକ୍ ନାହିଁ ବୋଲି କହିଛନ୍ତି। ବିଶେଷକରି ଦିଲ୍ଲୀବାସୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେବା କ୍ଷେତ୍ରରେ ଉଭୟ ନେତା ସମାନ ବୋଲି କହିଛନ୍ତି। ଏହିକ୍ରମରେ ରାହୁଲ କେଜ୍ରିୱାଲଙ୍କ ' କ୍ଲିନ ଦିଲ୍ଲୀ' ଏବଂ 'ପ୍ୟାରିସ୍ ଦିଲ୍ଲୀ'କୁ ନେଇ ପ୍ରଶ୍ନ ପଚାରିଛନ୍ତି। ଦିଲ୍ଲୀକୁ ପ୍ରଦୂଷଣମୁକ୍ତ କରି ପ୍ୟାରିସ୍ ଭଳି କରିବାକୁ କେଜ୍ରିୱାଲଙ୍କ ପ୍ରତିଶ୍ରୁତି କୁଆଡେ ଗଲା ବୋଲି ରାହୁଲ ଏକ ନିର୍ବାଚନୀ ସଭାରେ ପ୍ରଶ୍ନ ଉଠାଇଛନ୍ତି। କେଜ୍ରିୱାଲ ଦିଲ୍ଲୀରୁ ପ୍ରଦୂଷଣ ଦୂର କରିବାକୁ ସକ୍ଷମ ହୋଇ ନଥିବା ଏବଂ ଦରବୃଦ୍ଧିକୁ ରୋକି ପାରି ନଥିଲା ବେଳେ ଏହାକୁ ପ୍ୟାରିସ୍ ଭଳି ସହରରେ ପରିଣତ କରିବାର ବୃଥା ସ୍ୱପ୍ନ ଦେଖୁଛନ୍ତି ବୋଲି ରାହୁଲ କହିଛନ୍ତି।

ରାହୁଲ କେଜ୍ରିୱାଲଙ୍କୁ କଟାକ୍ଷ କରି ଟିକା ଟିପ୍ପଣୀ ଦେବାର କିଛି କ୍ଷଣ ପରେ କେଜ୍ରିୱାଲ ପାଲଟା ଆକ୍ରମଣ କରିଛନ୍ତି। ସେ କହିଛନ୍ତି ଯେ ରାହୁଲ ଗାନ୍ଧୀ ତାଙ୍କୁ ଗାଳି ଦେଇ କେବଳ କଂଗ୍ରେସକୁ ବଞ୍ଚାଇବାକୁ ଉଦ୍ୟମ କରୁଛନ୍ତି। ସେ ନିଜ ଦଳ ପାଇଁ ଲଢେଇ କରୁଛନ୍ତି, କିନ୍ତୁ ମୁଁ ଦେଶ ପାଇଁ ଲଢୁଛି ବୋଲି କେଜ୍ରିୱାଲ କହିଛନ୍ତି। ଏହାଛଡ଼ା ଦିଲ୍ଲୀ ନିର୍ବାଚନ ପାଇଁ ବିଜେପି ଏବଂ କଂଗ୍ରେସ ମଧ୍ୟରେ 'ଯୁଗଳବନ୍ଦୀ' ହୋଇସାରିଛି ବୋଲି ସେ କହିଛନ୍ତି। ରାହୁଲଙ୍କ କିଛି ଟିପ୍ପଣୀକୁ ନେଇ କେଜ୍ରିୱାଲ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲା ବେଳେ ବିଜେପି ଆଇଟି ସେଲ ପକ୍ଷରୁ ଏହାର ତୁରନ୍ତ ଜବାବ ରଖାଯାଇଥିଲା। ଏହାକୁ ନେଇ କେଜ୍ରିୱାଲ ଉଭୟ କଂଗ୍ରେସ ଏବଂ ବିଜେପିକୁ କଟାକ୍ଷ କରିବା ସହିତ ଏହି ଦୁଇ ଦଳ ମଧ୍ୟରେ ସମ୍ପର୍କ କେତେ ମଧୁର ତାହା କହିଛନ୍ତି। ତେବେ ଏକଦା ଗୋଟିଏ ମେଣ୍ଟରେ ରହି ବିଜେପି ବିରୋଧରେ ରଣନୀତି ପ୍ରସ୍ତୁତ କରୁଥିବା ରାହୁଲ ଏବଂ ଅରବିନ୍ଦ କେଜ୍ରିୱାଲ ବର୍ତ୍ତମାନ ପରସ୍ପରକୁ କାଦୁଅ ଫିଙ୍ଗିବା ଘଟଣା ସାଧାରଣ ଭୋଟରଙ୍କ ପାଇଁ ରୋଚକ ହେବାରେ ଲାଗିଛି।

# କାଟୁକଲା ଟ୍ରମ୍ପଙ୍କ ଚେତାବନୀ

## ୧୫ ମାସର ହମାସ୍-ଇସ୍ରାଏଲ ଲଢ଼େଇରେ ଲାଗିବ ବିରତି



ପ୍ରଥମ ପର୍ଯ୍ୟାୟରେ ୩୩ ପଣବନ୍ଦୀଙ୍କୁ ମୁକ୍ତ କରିବ ହମାସ୍

ତେଲ୍ ଆଭିଭ୍,୧୪ା୧(ଏଜେନ୍ସି): ହମାସ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ବିରତି ଆଣିବାକୁ ପ୍ରାୟ ଦୁଇ ମାସ ଧରି ଆଲୋଚନା ଚାଲିଥିଲା। ଏକ ତୃତୀୟ ପକ୍ଷ ମଧ୍ୟସ୍ଥତାରେ ଏଥିପାଇଁ ଆଲୋଚନା କରାଯାଇଥିଲେ ମଧ ସେଭଳି କୌଣସି ସୁଫଳ ମିଳି ନଥିଲା। କିନ୍ତୁ ଅଚାନକ ଭାବେ ସବୁ କିଛି ଯେଭଳି ଠିକ୍ ହୋଇଯାଇଛି। ହମାସ ଏବଂ ଇସ୍ରାଏଲ ମଧ୍ୟରେ ପ୍ରାୟ ୧୫ ମାସ ଧରି ଲାଗି ରହିଥିବା ଯୁଦ୍ଧରେ ଖୁବଶୀଘ୍ର ବିରତି ପଡ଼ିବାକୁ ଯାଉଛି। ଏହାବ୍ୟତୀତ ହମାସ ପ୍ରଥମ ପର୍ଯ୍ୟାୟରେ ୩୩ ପଣବନ୍ଦୀଙ୍କୁ ମୁକ୍ତ କରିବାକୁ ପ୍ରସ୍ତୁତ ବୋଲି ମଙ୍ଗଳବାର ଇସ୍ରାଏଲ ପକ୍ଷରୁ ଘୋଷଣା କରାଯାଇଛି। ଇଜିପ୍ଟ ଏବଂ କାତାର ଭଳି ମଧ୍ୟସ୍ଥ ରାଷ୍ଟ୍ରଙ୍କ ସମେତ ମଧ୍ୟପ୍ରାଚ୍ୟର ଆମେରିକୀୟ କୂଟନୀତିଜ୍ଞମାନଙ୍କ ମାଧ୍ୟମରେ ହୋଇଥିବା ଆଲୋଚନା ସଫଳ ହୋଇଛି। ଆମେରିକାର ବିଦାୟୀ ବାଇଡେନ ପ୍ରଶାସନ ଏବଂ ଆଗାମୀ ଟ୍ରମ୍ପ ପ୍ରଶାସନର ପ୍ରତିନିଧିମାନଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା ବେଳେ ଖୁବଶୀଘ୍ର ୩୩ ପଣବନ୍ଦୀଙ୍କୁ ହମାସ ମୁକ୍ତ କରିବ ବୋଲି କୁହାଯାଇଛି। ହେଲେ ହମାସ ଦ୍ୱାରା ବନ୍ଧକ ରଖାଯାଇଥିବା ଲୋକମାନଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା କେତେ ଲୋକଙ୍କ ମୃତ୍ୟୁ ହୋଇଛି ଏବଂ କେତେ ଲୋକ ଆହତ ଅବସ୍ଥାରେ ରହିଛନ୍ତି ତାହା ହମାସ ସ୍ୱଷ୍ଟ କରି ନଥିବା କୁହାଯାଇଛି।

ତେବେ ବର୍ତ୍ତମାନ ଯେଉଁ ସଫଳତା ମିଳିବାକୁ ଯାଉଛି ତାହା ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ସମ୍ଭବ ହୋଇପାରିଛି। ଟ୍ରମ୍ପ ମାତ୍ର କିଛି ଦିନ ତଳେ ହମାସ ଆତଙ୍କବାଦୀ ସଂଗଠନ ପ୍ରତି ଚେତାବନୀ ଜାରି କରିବା ସହିତ ତାଙ୍କର ଶପଥ ଗ୍ରହଣ ପୂର୍ବରୁ ହମାସ ସମସ୍ତ ପଣବନ୍ଦୀଙ୍କୁ ମୁକ୍ତ କରିବା ଦରକାର ବୋଲି କହିଥିଲେ। ଯଦି ଏହା ନ ହୁଏ ତେବେ ପରିଣାମ ଭୟଙ୍କର ହେବ ଏବଂ ମଧ୍ୟପ୍ରାଚ୍ୟକୁ ସବୁ ଦୁର୍ଦ୍ଦଶାରୁ ମୁକ୍ତି ଦେବାକୁ ସେ ଯାହା କିଛି ଦରକାର ତାହା କରିବେ ବୋଲି ଟ୍ରମ୍ପ ଧମକ ଦେଇଥିଲେ। ଟ୍ରମ୍ପଙ୍କ ଏହି ଧମକ ପରେ ହମାସ ବୁଝାମଣା ପାଇଁ ଆଗେଇ ଆସିଥିଲା ବୋଲି ଇସ୍ରାଏଲ କହିଛି। ଉଲ୍ଲେଖଯୋଗ୍ୟ ଯେ, ୨୦୨୩ ଅକ୍ଟୋବରରେ ହମାସ ଅଚାନକ ଭାବେ ଇସ୍ରାଏଲ ଉପରେ ଆକ୍ରମଣ କରିଥିଲା ବେଳେ ପ୍ରାୟ ୧୫୦୦ ଇସ୍ରାଏଲୀ ନାଗରିକଙ୍କ ମୃତ୍ୟୁ ହୋଇଥିଲା। ପରେ ପରେ ହମାସ ପ୍ରାୟ ୨୦୦ ଲୋକଙ୍କ ପଣବନ୍ଦୀ କରିଥିଲା। ସେମାନଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୩୪ ଜଣଙ୍କ ମୃତ୍ୟୁ ହୋଇସାରିଥିଲା ବେଳେ ୯୪ ଜଣ ହମାସ କବଜାରେ ରହିଛନ୍ତି।

# ଦିଲ୍ଲୀର ୪୦୦ ସ୍କୁଲକୁ ବୋମା ଧମକ ଦେଇଥିବା ଛାତ୍ର ଗିରଫ

ନୂଆଦିଲ୍ଲୀ,୧୪ା୧(ଏଜେନ୍ସି): ବିଗତ କିଛି ଦିନ ଧରି ଦିଲ୍ଲୀର ବିଭିନ୍ନ ସ୍କୁଲକୁ ବୋମା ଧମକ ମିଳି ଆସୁଥିଲା ବେଳେ ଏହି ଘଟଣାରେ ଦିଲ୍ଲୀ ପୁଲିସ ଜଣେ ଛାତ୍ରଙ୍କୁ ଗିରଫ କରିଛି। ଘରୋଇ ସ୍କୁଲରେ ପଢୁଥିବା ଏହି ଛାତ୍ର ୪୦୦ ରୁ ଅଧିକ ସ୍କୁଲକୁ ବୋମା ଧମକ ପଠାଇଥିଲା ବୋଲି ପୁଲିସ କହିଛି। ତେବେ ଛାତ୍ର ଜଣଙ୍କର ଏଭଳି ଷଡ଼ଯନ୍ତ୍ର ପଛରେ ଆଉ କାହାର ହାତ ଅଛି କି ନାହିଁ ତାହା ଜାଣିବାକୁ ପୁଲିସ ଯାଞ୍ଚ ଆରମ୍ଭ କରିଥିଲା ବେଳେ ଗିରଫ ଛାତ୍ରଙ୍କ ପରିବାର ଲୋକ ଏକ ଏନଜିଓ ସହ ଜଡ଼ିତ ଥିଲେ ବୋଲି ପୁଲିସ ଜାଣିବାକୁ ପାଇଛି। କିନ୍ତୁ ବିଗତ ଦିନରେ ଏହି ଏନଜିଓ'ର ଭୂମିକା ଯାହାକିଛି ରହିଥିଲା ତାହା ଜାଣିବା ପରେ ପୁଲିସର ସନ୍ଦେହ ଆହୁରି ଘନୀଭୂତ ହୋଇଛି। ସଂସଦ ଆକ୍ରମଣ ଘଟଣାରେ ଅଫଜଲ ଗୁରୁକୁ ଦିଆଯାଇଥିବା ଫାଶୀ ଦଣ୍ଡାଦେଶକୁ ଏହି ସଂସ୍ଥା ବିରୋଧ କରୁଥିଲା। ତେଣୁ ଛାତ୍ର ଜଣକ ବିଭିନ୍ନ ସ୍କୁଲକୁ ବୋମା ଧମକ ଦେବା ପଛରେ ବଡ଼ ଷଡ଼ଯନ୍ତ୍ର କରାଯାଇପାରିଥାଏ ବୋଲି ପୁଲିସ କହିଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଏକାସାଙ୍ଗରେ ୨୫୦ ସ୍କୁଲକୁ ଯେଉଁ ଇ-ମେଲ୍ ପଠାଯାଇଥିଲା, ତାହା ପଛରେ ଏହି ଛାତ୍ର ଜଣକ ରହିଛନ୍ତି। କିନ୍ତୁ ମେଲ ପଠାଇବା ବେଳେ ଛାତ୍ର ଜଣକ ଯେଭଳି ଯାନ୍ତ୍ରିକ ଶବ୍ଦ ବ୍ୟବହାର କରୁଥିଲେ ତାହା ଜଣେ ସାଧାରଣ ଲୋକ ପାଇଁ ସମ୍ଭବ ନୁହେଁ ବୋଲି କୁହାଯାଇଛି।



# ବିବାଦୀୟ ମନ୍ତବ୍ୟ ପାଇଁ ଅଡୁଆରେ ମାର୍କ ଜୁକରବର୍ଗ

## ମେଟାକୁ ସମନ କରିବ ସଂସଦୀୟ କମିଟି; କ୍ଷମାପ୍ରାର୍ଥନା ଦାବି

ନୂଆଦିଲ୍ଲୀ,୧୪ା୧(ଏଜେନ୍ସି): ୨୦୨୪ ସାଧାରଣ ନିର୍ବାଚନକୁ ନେଇ ବିବାଦୀୟ ମନ୍ତବ୍ୟ ଦେଇଥିବା ମେଟା ମୁଖ୍ୟ ମାର୍କ ଜୁକରବର୍ଗଙ୍କ ଅଡୁଆ ବଢିଛି। ୨୦୨୪ରେ ବିଭିନ୍ନ ରାଷ୍ଟ୍ର ସହିତ ଭାରତରେ ମଧ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। କିନ୍ତୁ ଭାରତରେ କୋଭିଡ ପରିଚାଳନାରେ ତ୍ରୁଟି ଯୋଗୁ ଶାସକ ଦଳ ନିର୍ବାଚନ ହାରିଯାଇଥିଲା ବୋଲି ସେ କହିଥିଲେ। ହେଲେ ଫଳ ଓଲଟା ହୋଇଥିଲା। ୨୦୨୪ ନିର୍ବାଚନରେ ଶାସକ ଦଳ ପୁଣି ନିର୍ବାଚିତ ହୋଇଥିବାରୁ ଜୁକରବର୍ଗଙ୍କ ଅଡୁଆ ବଢିଛି। ତାଙ୍କର ବିବାଦୀୟ ମନ୍ତବ୍ୟ ପାଇଁ ସଂସଦୀୟ କମିଟି ମେଟା କମ୍ପାନୀକୁ ସମନ କରିବ ବୋଲି ଜଣାପଡ଼ିଛି। ସଂସଦର ଆଇଟି ଓ ଯୋଗାଯୋଗ କମିଟି ଅଧ୍ୟକ୍ଷ ନିଶିକାନ୍ତ ଦୁବେ ଏନେଇ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ଏହି ପ୍ରସଙ୍ଗରେ ଗତକାଲି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ୍ସରେ ମେଟାକୁ ଟ୍ୟାଗ୍ କରି ମାର୍କ ଜୁକରବର୍ଗଙ୍କ ଟିପ୍ପଣୀକୁ ନିନ୍ଦା କରିଥିଲେ। ତେବେ ଅଶ୍ୱିନୀଙ୍କ ପୋଷ୍ଟକୁ ନିଶିକାନ୍ତ ଦୁବେ ରିପୋଷ୍ଟ କରିବା ସହିତ ମେଟାକୁ ସମନ ଜାରି କରାଯିବ ବୋଲି କହିଛନ୍ତି। ଜୁକରବର୍ଗ ଯେଉଁ ଭୁଲ କରିଛନ୍ତି ସେଥିପାଇଁ ତାଙ୍କୁ ଭାରତବାସୀଙ୍କ ନିକଟରେ କ୍ଷମା ମାଗିବାକୁ ପଡ଼ିବ।

# ଇସ୍ରୋ ମୁଖ୍ୟ ଭାବେ ଦାୟିତ୍ୱ ନେଲେ ଭି ନାରାୟଣନ୍



ନୂଆଦିଲ୍ଲୀ,୧୪ା୧(ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ( ଇସ୍ରୋ)ର ନୂଆ ଅଧ୍ୟକ୍ଷ ଭାବେ ବିଶିଷ୍ଟ ବୈଜ୍ଞାନିକ ଭି.ନାରାୟଣନ୍ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଦୁଇ ବର୍ଷ ପାଇଁ ଏହି ପଦବୀରେ କାର୍ଯ୍ୟ କରିବେ। ଏହାପୂର୍ବରୁ ସେ ଇସ୍ରୋର ଜଣେ ବରିଷ୍ଠ ବୈଜ୍ଞାନିକ ଭାବେ ଏଲପିଏସସିର ଅଧ୍ୟକ୍ଷ ରହିଥିଲେ । ୧୯୮୪ରେ ସେ ଇସ୍ରୋରେ ସାମିଲ ହୋଇଥିଲେ। ପ୍ରାୟ ୪୦ ବର୍ଷ ଧରି ସେ ଭାରତୀୟ ମହାକାଶ ଗବେଷଣା ସହ ଜଡିତ ରହିବା ସହିତ ଭାରତର ଅନ୍ତରୀକ୍ଷ ସଂଗଠନ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛନ୍ତି। ଇସ୍ରୋ ଅଧ୍ୟକ୍ଷ ହେବା ପୂର୍ବରୁ ସେ 'ଲିକ୍ୱିଡ୍ ପ୍ରପଲସନ୍ ସିଷ୍ଟମ୍ ସେଣ୍ଟର'ର ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିଥିଲେ। ଜିଏସଏଲଭି ଏମ୍ କେ-୩ ରକେଟ୍ ପାଇଁ ଆବଶ୍ୟକ ସିଇ-୨୦ କ୍ରାୟୋଜେନିକ୍ ଇଞ୍ଜିନ ନିର୍ମାଣରେ ନାରାୟଣନ୍ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ଚନ୍ଦ୍ରଯାନ-୩ ମିଶନକୁ ଐତିହାସିକ ସଫଳତା ଦେଇଥିବା ଇସ୍ରୋ ମୁଖ୍ୟ ଏସ୍ .ସୋମନାଥଙ୍କର କାର୍ଯ୍ୟକାଳ ଶେଷ ହେବା ପରେ ନାରାୟଣନ୍ ତାଙ୍କ ସ୍ଥାନରେ ଯୋଗ ଦେଇଛନ୍ତି।

# କୃଷକ ନେତା ଦଲେୱାଲଙ୍କ ପ୍ରସଙ୍ଗରେ ଆଜି ସୁପ୍ରିମକୋର୍ଟରେ ଶୁଣାଣି

ନୂଆଦିଲ୍ଲୀ,୧୪ା୧(ଏଜେନ୍ସି): କୃଷକମାନଙ୍କ ଦାବିକୁ ନେଇ ଗତ ନଭେମ୍ବର ମାସ ୨୬ ତାରିଖରୁ ଆମରଣ ଅନଶନ ଚଳାଇଥିବା ଜଗଜିତ୍ ସିଂ ଦଲେୱାଲଙ୍କ ସ୍ୱାସ୍ଥାବସ୍ଥା ଗୁରୁତର ହେବାରେ ଲାଗିଛି। ଇତିମଧ୍ୟରେ ପଞ୍ଜାବ ଏବଂ କେନ୍ଦ୍ରର ବହୁ ଅଧିକାରୀ ତାଙ୍କୁ ଭେଟି ଅନଶନ ପ୍ରତ୍ୟାହାର କରିବାକୁ ଅନୁରୋଧ କରିଥିଲେ ହେଁ ଦଲେୱାଲ ତାହାକୁ ଗ୍ରହଣ କରିନାହାନ୍ତି। କିନ୍ତୁ ତାଙ୍କ ସ୍ୱାସ୍ଥାବସ୍ଥାକୁ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ କରାଯାଇଛି। ଏହାମଧ୍ୟରେ ପଞ୍ଜାବ ଏବଂ ହରିୟାଣା ଶମ୍ଭୁ ସୀମାରେ ପୁଲିସ ଦ୍ୱାରା ଲଗାଯାଇଥିବା ବ୍ୟାରିକେଡ୍‌କୁ ହଟାଇବା ଲାଗି ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଦାଖଲ କରାଯାଇଥିବା ପିଟିସନ ଏବଂ ପଞ୍ଜାବ ଡିଜିପିଙ୍କ ବିରୋଧରେ ଅଣାଯାଇଥିବା ମାନହାନୀ ମାମଲାକୁ ପ୍ରତ୍ୟାହାର କରାଯିବା ପ୍ରସଙ୍ଗରେ ଆସନ୍ତାକାଲି ଶୁଣାଣି ହେବ ବୋଲି ଜଣାପଡ଼ିଛି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଏନ କୋଟିଶ୍ୱର ସିଂ ଏହାର ଶୁଣାଣି କରିବେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ସଂପ୍ରତି ସ୍ପେନ ଗସ୍ତରେ ଥିଲା ବେଳେ ଭାରତରେ ଚାଷୀ ଆନ୍ଦୋଳନକୁ ନେଇ କରାଯାଇଥିବା ପ୍ରଶ୍ନର ଉତ୍ତରରେ କହିଛନ୍ତି ଯେ, ସଂସଦ ଏବଂ କ୍ୟାବିନେଟ୍‌ରେ ଆଲୋଚନା କରାଯାଇ ତୁରନ୍ତ କୃଷକଙ୍କ ସମସ୍ୟା ସମାଧାନ କରାଯିବ।



# ପିଓକେ ବିନା ଭାରତ ଅସମ୍ପୂର୍ଣ୍ଣ \ ଆତଙ୍କବାଦ ଶିବିର ବନ୍ଦ କରିବାକୁ ପାକିସ୍ତାନକୁ ରାଜନାଥଙ୍କ ଚେତାବନୀ



ଶ୍ରୀନଗର,୧୪ା୧(ଏଜେନ୍ସି): ପାକ୍ ଅଧିକୃତ କଶ୍ମୀର (ପିଓକେ)କୁ ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଙ୍ଗଳବାର ବଡ଼ ବିବୃତି ଦେଇଛନ୍ତି। ସେ ପିଓକେକୁ ନେଇ ପାକିସ୍ତାନକୁ ନିଶାଣ କରିବା ସହିତ ଏହା ବିନା ଭାରତ ଅସମ୍ପୂର୍ଣ୍ଣ ବୋଲି କହିଛନ୍ତି। ସେ କହିଛନ୍ତି ଯେ, ପିଓକେରେ ଆତଙ୍କବାଦୀ ଶିବିର ଏବଂ ଲଞ୍ଚ୍ ପ୍ୟାଡ୍ ରହିଛି। ଯଦି ପାକିସ୍ତାନ ଏସବୁ ତାଲିମ ଶିବିର ଏବଂ ଲଞ୍ଚପ୍ୟାଡ୍ ବନ୍ଦ ନ କରେ ତେବେ ପରିଣାମ ଗୁରୁତର ହୋଇପାରେ। ସେ କହିଛନ୍ତି, ପିଓକେ ହେଉଛି ଭାରତର ମୁକୁଟ ସଦୃଶ। ସେଠାକାର ଲୋକମାନେ ସମ୍ମାନଜନକ ଜୀବନ ଜିଇଁବାରୁ ବଞ୍ଚିତ ହେଉଛନ୍ତି। ପାକିସ୍ତାନର ଶାସକମାନେ ଧର୍ମକୁ ଆଳ କରି ଭାରତ ବିରୋଧରେ ସେମାନଙ୍କୁ ପ୍ରତାରିତ କରିବାରେ ଲାଗିଛନ୍ତି। ଏଠାରେ ଆତଙ୍କବାଦକୁ ବ୍ୟାବସାୟିକ ଢାଞ୍ଚାରେ ପ୍ରୋତ୍ସାହିତ କରାଯିବା ସହିତ ଏଥିପାଇଁ ପିଓକେର ଜମି ବ୍ୟବହାର କରାଯାଉଛି। ଆଜି ମଧ ଆତଙ୍କବାଦୀଙ୍କ ପାଇଁ ତାଲିମ ଶିବିର ଚାଲିଛି। ସୀମା ନିକଟବର୍ତ୍ତୀ ଅଞ୍ଚଳରେ ଲଞ୍ଚ୍ ପ୍ୟାଡ୍ ନିର୍ମାଣ କରାଯାଉଛି। କିନ୍ତୁ ଏସବୁ ବିଷୟରେ ଭାରତ ସରକାର ଅବଗତ ରହିଛନ୍ତି। ଯଦି ପାକିସ୍ତାନ ସରକାର ଏସବୁ ବନ୍ଦ ନ କରନ୍ତି ତେବେ ପରିଣତି ଭୟଙ୍କର ହେବ ବୋଲି ରାଜନାଥ କହିଛନ୍ତି।

## ଫର୍ମୁଲା ଇ କାର୍ ରେସ୍ ପାଣ୍ଠି ପ୍ରସଙ୍ଗ

# ବିଆରଏସ୍ ନେତାଙ୍କ ସମେତ ୬ ଗୃହବନ୍ଦୀ



ହାଇଦରାବାଦ,୧୪ା୧(ଏଜେନ୍ସି): ଫର୍ମୁଲା ଇ କାର୍ ରେସ୍ ପାଣ୍ଠି ପ୍ରସଙ୍ଗକୁ ନେଇ ଏବେ ରାଜନୈତିକ ବିବାଦ ତୀବ୍ର ହୋଇଥିଲା ବେଳେ ଭାରତ ରାଷ୍ଟ୍ରୀୟ ସମିତି (ବିଆରଏସ୍) ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓଙ୍କ ପୁଅ କେ ଟି ରାମାରାଓଙ୍କୁ ଗୃହ ବନ୍ଦୀ କରାଯାଇଛି। କେଟିଆରଙ୍କ ବ୍ୟତୀତ ଅନ୍ୟ ୬ ଜଣ ନେତା ମଧ ଗୃହବନ୍ଦୀ ରହିଥିବା କୁହାଯାଇଛି। ଫର୍ମୁଲା ଇ କାର୍ ରେସ୍ ପାଣ୍ଠିରେ ଅର୍ଥ ହେରଫେର କରାଯାଇଥିବା ଅଭିଯୋଗରେ କେଟିଆର ବର୍ତ୍ତମାନ ଦୁର୍ନୀତି ନିରୋଧୀ ବ୍ୟୁରୋ (ଏସିବି) ନିଶାଣରେ ରହିଛନ୍ତି। ଗତକାଲି ଏହି ମାମଲାରେ ବିଆରଏସ୍ ବିଧାୟକ ପଦି କୌଶିକ ରେଡ୍ଡିଙ୍କୁ ଗିରଫ କରାଯିବା ପରେ ମଙ୍ଗଳବାର ପୁଣି ତନାଘନା କରାଯାଇଥିଲା। ମଙ୍ଗଳବାର ସକାଳେ କେଟିଆରଙ୍କ ବାସଭବନ ସମ୍ମୁଖରେ ପୁଲିସ ଛାଉଣୀ ହୋଇ ପଡ଼ିଥିଲା। ପରେ ପରେ କେଟିଆରଙ୍କ ସମେତ ଅନ୍ୟ ୬ ନେତାଙ୍କ ଗତିବିଧି ଉପରେ ନଜର ରଖାଯାଇଛି ଏବଂ ସେମାନଙ୍କୁ ଅନ୍ୟତ୍ର ଯିବାକୁ ଦିଆଯାଇ ନାହିଁ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଫର୍ମୁଲା ଇ କାର୍ ରେସ୍ ପାଣ୍ଠି ମାମଲାକୁ ନେଇ କେଟିଆର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ ତାଙ୍କ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି।

## ରୁଷ-ୟୁକ୍ରେନ ଯୁଦ୍ଧରେ ପୁଣି ଜଣେ ଭାରତୀୟଙ୍କ ମୃତ୍ୟୁ

# ସବୁ ଭାରତୀୟଙ୍କୁ ମୁକ୍ତ କରିବାକୁ ଭାରତର ଦାବି

ନୂଆଦିଲ୍ଲୀ,୧୪ା୧(ଏଜେନ୍ସି): ରୁଷ ସେନାରେ ରହି ୟୁକ୍ରେନ ବିପକ୍ଷରେ ଲଢୁଥିବା ଭାରତୀୟଙ୍କ ମଧ୍ୟରୁ ମଙ୍ଗଳବାର ପୁଣି ଜଣଙ୍କର ମୃତ୍ୟୁ ହୋଇଛି। ଗତକାଲି କେରଳର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା ବେଳେ ତାଙ୍କ ନାମ ବିନିଲ ବାବୁ ଏବଂ ତାଙ୍କ ଘର ତ୍ରିଶୁର ଜିଲ୍ଲାରେ ବୋଲି ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ସୂଚନା ଦିଆଯାଇଥିଲା। ତେବେ ଏହି ଘଟଣାକୁ କିଛି ଘଣ୍ଟା ନପୂରୁଣୁ ମଙ୍ଗଳବାର ପୁଣି ଜଣଙ୍କର ମୃତ୍ୟୁ ହୋଇଛି । ତାଙ୍କ ଘର ମଧ କେରଳରେ ବୋଲି ଜଣାପଡ଼ିଛି। ରୁଷ ସେନାରେ ରହି ୟୁକ୍ରେନ ବିପକ୍ଷରେ ଲଢେଇ କରୁଥିବା ଭାରତୀୟମାନଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୦ ଜଣଙ୍କର ମୃତ୍ୟୁ ହୋଇ ସାରିଥିବାରୁ ଭାରତ ସରକାରଙ୍କ ପ୍ରତି ଗଭୀର ଉଦବେଗ ପ୍ରକାଶ କରାଯାଇଛି। ରୁଷ ସେନାରେ ରହିଥିବା ସମସ୍ତ ଭାରତୀୟଙ୍କୁ ତୁରନ୍ତ ମୁକ୍ତ କରିବାକୁ ରୁଷ ସରକାରଙ୍କ ନିକଟରେ ଭାରତ ଦାବି କରିଛି।

# ଓସେପା ପୁସ୍ତକ କିଣାରେ ଅନିୟମିତତା ଅଭିଯୋଗ

## ଏଯାଏଁ ଯାଞ୍ଚ ହୋଇ ନ ଥିବା କହି ଅଭିଯୋଗକୁ ଖଣ୍ଡନ କଲେ ଅଧିକାରୀ

**ଭୁବନେଶ୍ୱର, ୧୪ ।୧(ସମିସ):** ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ପାଠାଗାର ପୁସ୍ତକ କିଣାରେ ଅନିୟମିତତା ଅଭିଯୋଗ। ଚଳିତ ଶିକ୍ଷା ବର୍ଷ ପାଇଁ ପୁସ୍ତକ କିଣା ପାଇଁ ଆବେଦନ ଓ ଯାଞ୍ଚ ପ୍ରକ୍ରିୟା ସରିବା ପରେ ଅଯୋଗ୍ୟ ପ୍ରକାଶକଙ୍କୁ ଟେଣ୍ଡର ପ୍ରକ୍ରିୟାରୁ ବାଦ୍ ଦିଆଯାଇଛି। ହେଲେ ପୁଣି କିଛି ପ୍ରକାଶକଙ୍କୁ ମେଲ୍ ଯୋଗେ ବିଭିନ୍ନ କାଗଜପତ୍ର ଦାଖଲ କରିବାକୁ କୁହାଯାଇଛି; ଯାହାକୁ ନେଇ ପ୍ରଶ୍ନ ଉଠିଛି। ଓସେପା ଅଧିକାରୀ ଓ ବାଦ୍ ପଡ଼ିଥିବା ପ୍ରକାଶକଙ୍କ ମଧ୍ୟରେ ଭିତିରି ବୁଝାମଣା ହୋଇ ପୁଣି ଥରେ ଅଯୋଗ୍ୟଙ୍କୁ ଯୋଗ୍ୟ କରିବାକୁ ପ୍ରୟାସ ଆରମ୍ଭ ହୋଇଥିବା ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ ଯେ ୨୦୨୪-୨୦୨୫ ଶିକ୍ଷାବର୍ଷରେ ପାଠାଗାର ପୁସ୍ତକ କିଣିବା ପାଇଁ ଗତ ନଭେମ୍ବର ୧୯ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଡିସେମ୍ବର ୧୩ରେ ଆବେଦନର ଶେଷ ହୋଇଥିଲା। ଡିସେମ୍ବର ୨୧ ତାରିଖରେ ଆବେଦନପତ୍ର ଯାଞ୍ଚ କରି ମୋଟ୍ ୨୨୫ ଜଣ ଆବେଦନ କରିଥିବା ଜଣା ପଡ଼ିଥିଲା। ସେମାନଙ୍କ ମଧ୍ୟରୁ ଶତାଧିକ ପ୍ରକାଶକ ଆୟକର ରିଟର୍ଣ୍ଣ ପ୍ରମାଣପତ୍ର ସହ ଆନୁସଙ୍ଗିକ ଦସ୍ତାବିଜ ଦେଇ ନ ଥିବା ଜଣାପଡ଼ିଥିଲା। ଫଳରେ ସେମାନଙ୍କୁ ଅଯୋଗ୍ୟ କରାଯାଇଥିଲା। ହେଲେ ପୁନଃ ସେମାନଙ୍କୁ ଯୋଗ୍ୟ କରିବାକୁ ଓସେପାର କିଛି ଅଧିକାରୀ ଲାଗି ପଡ଼ିଛନ୍ତି। ମେଲ୍, ଚିଠି ଓ ଫୋନ୍ ଯୋଗେ ଦାଖଲ କରି ନ ଥିବା କାଗଜପତ୍ର ଦାଖଲ କରିବାକୁ କହିଛନ୍ତି। ଏପରିକି ସେମାନେ ଡିସେମ୍ବର ୨୭ରେ ଆବଶ୍ୟକ କାଗଜପତ୍ର ଦାଖଲ କରଛନ୍ତି। ହେଲେ କିଏ ଅଯୋଗ୍ୟ ଘୋଷିତ ହେଲେ ତାହାର ତାଲିକା ପ୍ରକାଶ କରାଯାଉନାହିଁ। ସେହିପରି ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାରରେ ଅନ୍ୟୂନ ୩ ବର୍ଷ ବହି ଦାଖଲ କରିଥିବାର ପ୍ରମାଣପତ୍ର ମାଗି ନୂତନ ପ୍ରକାଶକଙ୍କୁ ବାଦ୍ ଦେବାକୁ ମସୁଧା କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି।

ଅପରପକ୍ଷରେ ଓସେପା ଯୋଜନା ସଂଯୋଜକ ଅଶୋକ ପଟ୍ଟନାୟକ କହିଛନ୍ତି, ଆବେଦନପତ୍ର ଯାଞ୍ଚ କରାଯାଇନାହିଁ। ଟେଣ୍ଡର ଖୋଲିବା ପରେ କେତେଜଣ ଆବେଦନ କରିଛନ୍ତି ତାହା ସମସ୍ତଙ୍କୁ ଅବଗତ କରାଯାଇଛି। ସେମାନେ ଦାଖଲ କରିଥିବା ଅଭିଜ୍ଞତା ପ୍ରମାଣପତ୍ର ବା ରାଜ୍ୟ ପାଠାଗାରକୁ ପୁସ୍ତକ ଯୋଗାଇଥିବାର ପ୍ରମାଣପତ୍ରକୁ ଯାଞ୍ଚ କରିବାକୁ ପଠାଯାଇଛି। ଚଳିତ ସପ୍ତାହରେ ପାଠାଗାର ପକ୍ଷରୁ ରିପୋର୍ଟ ଆସିପାରେ। ଏହାର ୨ରୁ ୩ ଦିନ ମଧ୍ୟରେ କମିଟି ବସି ଆବେଦନପତ୍ରକୁ ଯାଞ୍ଚ ପରେ ଯୋଗ୍ୟ ଅଯୋଗ୍ୟ କରାଯିବ ବୋଲି ସୂଚନା ଦେଇଛନ୍ତି। ଯାଞ୍ଚ ହୋଇ ନ ଥିବାବେଳେ କାହାକୁ ବାଦ୍ ଦେବାର ପ୍ରଶ୍ନ କିପରି ଉଠିଲା କହି ଅଭିଯୋଗକୁ ଖଣ୍ଡନ କରଛନ୍ତି।

# ଶିମିଳିପାଳରୁ ପୁଣି ୭ ଶିକାରୀ ଗିରଫ; ମାରଣାସ୍ତ୍ର ଜବତ



**ବାରିପଦା, ୧୪ ।୧(ସମିସ):** ମକରପର୍ବ ଅବ୍ୟବହିତ ପୂର୍ବରୁ ଶିମିଳିପାଳରୁ ପୁଣି ୭ ଶିକାରୀଙ୍କୁ ଗରିଫ କରି ବନ ବିଭାଗ। ଅଭୟାରଣ୍ୟରେ ବନ୍ୟଜନ୍ତୁ ଶିକାର କରିବା ଉଦ୍ଦେଶ୍ୟରେ ଏହି ଶିକାରୀମାନେ ଯୋଜନା କରୁଥିବା ବେଳେ ବନ ବିଭାଗ ପଞ୍ଝାରେ ପଡ଼ିଛନ୍ତି। ଗିରଫ ଶିକାରୀମାନେ ହେଲେ, ଉଦଳା ଥାନା ଅନ୍ତର୍ଗତ କୁଣ୍ଡାବାଇ ଅଞ୍ଚଳର ଉପର ତଳଡିହା ଗ୍ରାମର ଫାଗୁ ମାର୍ଣ୍ଡି, ଲିତା ସୋରେନ, ସମୟ ସୋରେନ, କାଳିଦାସ ସୋରେନ, ବଳିଆ ସୋରେନ, ନିମାଇଁ ସୋରେନ ଏବଂ ବଳିଆ ସୋରେନ। ଏମାନେ ଅଭୟାରଣ୍ୟର କୋର ଅଞ୍ଚଳରେ ଶିକାର ଉଦ୍ଦେଶ୍ୟରେ ପ୍ରବେଶ କରିଥିଲେ। ବନ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ବେଳେ ଏହି ଶିକାରୀମାନେ ନଜରକୁ ଆସିଥିଲେ। ଜେନାବିଲ ବନ୍ୟପ୍ରାଣୀ ବନାଞ୍ଚଳର କର୍ମଚାରୀ ଓ ଶିମିଳିପାଳ ବ୍ୟାଘ୍ର ସୁରକ୍ଷା ବଳ (ଏସଟିପିଏଫ) ସହାୟତାରେ ସମସ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଶିକାରୀଙ୍କ ନିକଟରୁ ବିଭିନ୍ନ ମାରଣାସ୍ତ୍ର, ୨ଟି ମୋବାଇଲ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ବିଭାଗ ପକ୍ଷରୁ ଏ ନେଇ ଏକ ମାମଲା ରୁଜୁ କରାଯାଇଛି ବୋଲି ଏସଟିଆର ଡେପୁଟି ଫିଲ୍ଡ ଡାଇରେକ୍ଟର ସମ୍ରାଟ ଗୌଡା ସୂଚନା ଦେଇଛନ୍ତି। ପ୍ରତିବର୍ଷ ମକର ପର୍ବ ପାଳନ ପୂର୍ବରୁ ବନ୍ୟଜନ୍ତୁ ଶିକାର ପାଇଁ ଏପରି ଶିକାରୀ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରିଥାନ୍ତି। ତେବେ ଏସଟିଆର କର୍ମଚାରୀଙ୍କ ତତ୍ପରତା ପାଇଁ ଏହି ସଫଳତା ମିଳିଛି।

■ ବରଗଡ଼ରେ ଚାଞ୍ଚଲ୍ୟ

# ଧନୁଯାତ୍ରା ଦେଖିବାକୁ ଆସିଥିବା ଯୁବତୀଙ୍କୁ ହତ୍ୟା ଉଦ୍ୟମ!

**ଜଙ୍ଗଲରୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର**

ବରଗଡ଼, ୧୪ ।୧(ସମିସ): ବରଗଡ଼ ଧନୁଯାତ୍ରା ଦେଖିବାକୁ ଆସିଥିବା ଜଣେ ଯୁବତୀ ନିଖୋଜ ହେବାର ୪୮ ଘଣ୍ଟା ପରେ ସ୍ଥାନୀୟ କୁର୍ଲା ଜଙ୍ଗଲରୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର ହେବା ଘଟଣା ଆଜି ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଯୁବତୀଙ୍କ ଅବସ୍ଥା ଓ ପାରିପାର୍ଶ୍ୱିକ ସ୍ଥିତିରୁ କେହି ଦୁର୍ବୃତ୍ତ ତାଙ୍କୁ ଦୁଷ୍କର୍ମ କରିବା ପରେ ହତ୍ୟା ଉଦ୍ୟମ କରିଥିବା ସନ୍ଦେହ କରାଯାଉଛି। ତାଙ୍କ ଦେହ ସାରା ନଖଚିହ୍ନ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଦୁଇଟି ଆଙ୍ଗୁଠି ଭାଙ୍ଗିଯାଇଥିବା ପରିବାରଲୋକ କହିଛନ୍ତି। ତାଙ୍କୁ ବୁର୍ଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଶେଷ ଖବର ଲେଖା ହେବା ସୁଦ୍ଧା ତାଙ୍କ ଚେତା ଫେରି ନଥିବା ଏବଂ ଡାକ୍ତରୀ ରିପୋର୍ଟ ଆସିନଥିବାରୁ ସତ୍ୟ ଲୋକଲୋଚନକୁ ଆସିପାରିନାହିଁ।

ସୂଚନାନୁଯାୟୀ, ଗତ ୧୨ ତାରିଖରେ ସେ ଧନୁଯାତ୍ରା ଦେଖିବାକୁ ଆସିଥିଲେ। ଉକ୍ତ ଦିନ ମୁଖ୍ୟମନ୍ତ୍ରୀ ମଧ୍ୟ ଧନୁଯାତ୍ରାକୁ ଆସିଥିବାରୁ ବରଗଡ଼ ଜିଲ୍ଲା ସୀମାନ୍ତ ଗୋଡ଼ଭଗାଠାରୁ ବରଗଡ଼ ପର୍ଯ୍ୟନ୍ତ ପୁଲିସ୍ ଛାଉଣୀ ଥିଲା। କିନ୍ତୁ ରାତିରେ ସେ ଆଉ ଘରକୁ ଫେରିନଥିଲେ। ପରିବାରଲୋକ ତାଙ୍କୁ ଚାରିଆଡ଼େ ଖୋଜାଖୋଜି କରିବା ପରେ ମଧ୍ୟ ପତ୍ତା ପାଇନଥିଲେ। ତେବେ ୪୮ ଘଣ୍ଟା ପରେ ଆଜି ଯୁବତୀଜଣଙ୍କ ବରଗଡ଼ କୁର୍ଲା ଜଙ୍ଗଲ ମଧ୍ୟରେ ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିବା ଦେଖି କିଛି ଲୋକ ପୁଲିସ୍‌କୁ ଖବର ଦେବାରୁ ଘଟଣା ପ୍ରଘଟ ହୋଇଥିଲା।

ତେବେ ଧନୁଯାତ୍ରା ଦେଖିବାକୁ ଆସି ଯୁବତୀଜଣଙ୍କ ୫ କିଲୋମିଟର ଦୂର ପର୍ଯ୍ୟନ୍ତ ଗଲେ କେମିତି ଓ କେଉଁମାନେ ତାଙ୍କୁ ସେଠାକୁ ନେଲେ ଓ କାହିଁକି; ଏମିତି ଅନେକ ପ୍ରଶ୍ନ ଏବେ ସାଧାରଣରେ ଉଙ୍କି ମାରୁଛି। ସହରର ସମସ୍ତ ଛକ ଜାଗାରେ ସିସି କ୍ୟାମେରା ଲାଗିଥିବା ବେଳେ ଏଭଳି ଘଟଣା ଘଟିବା ପୁଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି।

ଅପରପକ୍ଷେ, ବରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପୌରପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ଜିଲ୍ଲା ପରିଷଦ ପୁଷ୍ପା ଭୋଇ, କାଉନସିଲର ପ୍ରିୟା ତାଣ୍ଡି, ଜ୍ୟୋତ୍ସ୍ନା ପାଇକ, ନିତୁ ମହାରଣା, ସାରଳା ବରର୍ତ୍ତି, ପ୍ରଭାସିନୀ ପଣ୍ଡା, ବେଦମତି ସେଠ୍, ରେବତୀ ନାୟକ, କବିତା ବେହେରା, କୋଶଳ ସେନା, ବରଗଡ଼ ଆମ୍ବେଦକର ଯୁବକ ସଂଘ, ଭୀମ ଆର୍ମି ବରଗଡ଼, ବଗେଇବିରା ଇଣ୍ଡିଆନ ମିଲିଟାରୀ ଏକାଡେମୀ ସମେତ ବହୁ ସମାଜସେବୀ ସଂଗଠନ ପୀଡ଼ିତାଙ୍କ ଘରକୁ ଓ ବୁର୍ଲା ସରକାରୀ ଡାକ୍ତରଖାନାକୁ ଯାଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ହୋସ୍ ଆସି ନଥିବାରୁ ଓ ଡାକ୍ତରୀ ରିପୋର୍ଟ ଆସି ନ ଥିବାରୁ ପ୍ରକୃତ ସତ୍ୟ ଲୋକଲୋଚନକକୁ ଆସିପାରିନାହିଁ।

# ଓଡ଼ିଶାରେ ଆଇନ ନୁହେଁ, ଅରାଜକତାର ଶାସନ : ବିଜେଡି

**ଭୁବନେଶ୍ୱର,୧୪ ।୧(ସମିସ):** ଓଡ଼ିଶାରେ ଆଇନ ନୁହେଁ, ଅରାଜଗତାର ଶାସନ ଚାଲିଛି। ସାରା ରାଜ୍ୟରେ ଅରାଜକତା ବ୍ୟାପିବାରେ ଲାଗିଛି। ବିଜେପି ନେତାମାନେ ନିଜକୁ ଆଇନରୁ ଉଦ୍ଧର୍ବେ ବୋଲି ଭାବୁଛନ୍ତି। ଗତକାଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଉପସ୍ଥିତିରେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ବିଜେପି କର୍ମୀ ଓ ଜଣେ କର୍ତ୍ତବ୍ୟରତ ପୁଲିସ ଅଧିକାରୀଙ୍କୁ ଧକ୍କା ମାରୁଥିବା ଭିଡିଓ ଭାଇରାଲ ହେଉଛି। ଯାହା ରାଜ୍ୟରେ ଅରାଜକତା ଓ ଉଦବେଗଜନକ ପରିସ୍ଥିତିକୁ ଦର୍ଶାଉଛି ବୋଲି ବିଜେଡି କହିଛି। ଆଜି ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି ଓ ଦଳର ମୁଖପାତ୍ର ଲେନିନ୍ ମହାନ୍ତି ଏହି ପ୍ରସଙ୍ଗରେ ସରକାରଙ୍କୁ ସମାଲୋଚନା କରିଛନ୍ତି। ପ୍ରଶାନ୍ତ କହିଛନ୍ତି ଯେ କହିଥିଲେ ଯେ ଗତକାଲି ନେମାଳ ଠାରେ ଆଇନମନ୍ତ୍ରୀଙ୍କ ଉପସ୍ଥିତିରେ ଆଇନକୁ ହାତକୁ ନେଇ ଶାସକ ଦଳ ବିଧାୟକ ଜଣେ କର୍ତ୍ତବ୍ୟରତ ପୁଲିସ୍ ଅଫିସରଙ୍କୁ ଯେଉଁଭଳି ଭାବରେ ମାଡ ମାରିଲେ ତାହା ଅତ୍ୟନ୍ତ ଲଜ୍ଜାଜନକ। ଏହା ପୂର୍ବରୁ କଟକରେ ଆୟୋଜିତ ବିଜେପିର ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା ବୋଲି ପ୍ରଶାନ୍ତ ଅଭିଯୋଗ କରିଛନ୍ତି। ସେହିପରି ଲେନିନ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିବା ଦିନ ଭୁବନେଶ୍ୱରରେ ଛାତି ଉପରେ ଜଣେ ପୁଲିସ୍ ମିତ୍ରକୁ ବର୍ବରୋଚିତ ଭାବେ ହତ୍ୟା କରି ମୁଣ୍ଡକୁ ଗଣ୍ଡିରୁ ଅଲଗା କରିଦେବା, ରାଜ୍ୟରେ ଆଇନଶୃଙ୍ଖଳାର ବିକଳ ଚିତ୍ରକୁ ଦର୍ଶାଉଛି। ସ୍ପଷ୍ଟ ଦିବାଲୋକରେ ଅପରାଧୀ ମାନେ ଅପରାଧ ଘଟାଇ ଖସି ପଳାଇବାରେ ସକ୍ଷମ ହେଉଛନ୍ତି। ବିଜେପି ସରକାରକୁ ଆସିବା ପରେ ଗତ ୭ ମାସ ମଧ୍ୟରେ ପ୍ରାୟ ୧୩ ଶହରୁ ଉର୍ଦ୍ଧ୍ୱ ମହିଳା ଦୁଷ୍କର୍ମ ଓ ହତ୍ୟା ଭଳି ଅପରାଧର ଶିକାର ହୋଇଛନ୍ତି। ଶାସକ ବିଜେପି ନେତାମାନେ ନିଜକୁ ଆଇନର ଉର୍ଦ୍ଧ୍ୱରେ ବୋଲି ଭାବୁଛନ୍ତି। ତେଣୁ ରାଜ୍ୟ ସରକାର ତୁରନ୍ତ ମାହାଙ୍ଗା ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ଲେନିନ୍ କହିଛନ୍ତି।

■ ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପରେ ଆଉ ଏକ ମାଇଲଖୁଣ୍ଟ

# ସମ୍ପୂର୍ଣ୍ଣ ହେଲା ୨୬୨୦ ମିଟର ଲମ୍ବର ଟନେଲ ଖନନ

**ଭୁବନେଶ୍ୱର, ୧୪ ।୧(ସମିସ):** ବଲାଙ୍ଗିର-ଖୋର୍ଦ୍ଧାରୋଡ୍ ରେଳ ଲାଇନ୍ ପ୍ରକଳ୍ପରେ ବଡ଼ ଉପଲବ୍ଧି ହାସଲ କରିଛି ପୂର୍ବତଟ ରେଳପଥ। ଏହି ପ୍ରକଳ୍ପ ଅନ୍ତର୍ଗତ ନୟାଗଡ଼ ଜିଲ୍ଲାର ବୁଗୁଡ଼ା ଏବଂ ବାଣୀଗୋଛା ମଧ୍ୟରେ ଅବସ୍ଥିତ ଟି-୩ ସୁଡ଼ଙ୍ଗର ଖନନ କାର୍ଯ୍ୟ ସଫଳତା ସହିତ ଶେଷ ହୋଇଛି। ୨୬୨୦ ମିଟର ଦୈର୍ଘ୍ୟ ଏବଂ ୨-ଡିଗ୍ରୀ କର୍ଭ (ବକ୍ର) ବିଶିଷ୍ଟ ଏହି ସୁଡ଼ଙ୍ଗ ଖନନ କାର୍ଯ୍ୟ ସମ୍ପୂର୍ଣ୍ଣ ନୂତନ ଜ୍ଞାନକୌଶଳ ପଦ୍ଧତି ଦ୍ୱାରା କାର୍ଯ୍ୟ ସମାପ୍ତ ହୋଇଛି। ଟି-୩ ସୁଡ଼ଙ୍ଗ ହେଉଛି ନୟାଗଡ଼ ଜିଲ୍ଲାର ସବୁଠାରୁ ଲମ୍ବା ଏବଂ ଏହି ପ୍ରକଳ୍ପର ଦ୍ୱିତୀୟ ଲମ୍ବା ସୁଡ଼ଙ୍ଗ। ଏହି ଐତିହାସିକ ସଫଳତା ଓଡ଼ିଶାର ଉପକୂଳ ଅଞ୍ଚଳ ସହ ପଶ୍ଚିମାଞ୍ଚଳକୁ ସଂଯୋଗ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି। ୩୦୧କିମି ଲମ୍ବ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ସୁଡ଼ଙ୍ଗ ନିର୍ମାଣ ଅନେକ ଆହ୍ୱାନର ସମ୍ମୁଖୀନ ହେବାକୁ ପଡୁଛି। ଏହି ପ୍ରକଳ୍ପରେ ୭୫କିଲୋମିଟର ଦୈର୍ଘ୍ୟ ମଧ୍ୟରେ ସାତଟି ସୁଡ଼ଙ୍ଗ ଅଛି, ଯାହା ଦଶପଲ୍ଲା ଏବଂ ପୁରୁଣାକଟକ ମଧ୍ୟରେ ଅବସ୍ଥିତ। ବିଭିନ୍ନ ମାଟିର ଘନତ୍ୱ ଏବଂ ପଥର ଗଠନ ସମେତ ଜଟିଳ ଭୌଗୋଳିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଧୁନିକ କୌଶଳ ଜରିଆରେ ରେଳବାଇ ସୁଡ଼ଙ୍ଗଗୁଡ଼ିକ ନିର୍ମାଣ କରୁଛି। କରାଯାଉଛି। ଏହି ପ୍ରକଳ୍ପରେ ମୋଟ ୨୧୫ କିଲୋମିଟର ରେଳ ଲାଇନ ସମ୍ପୂର୍ଣ୍ଣ ହୋଇଛି, ଯେଉଁଥିରେ ଖୋର୍ଦ୍ଧା ରୋଡ୍‌ରୁ ଦଶପଲ୍ଲା ପର୍ଯ୍ୟନ୍ତ (୧୦୫.୮ କିମି) ଏବଂ ବଲାଙ୍ଗୀରରୁ ପୁରୁଣାକଟକ ପର୍ଯ୍ୟନ୍ତ (୧୦୯ କିମି) ଅନ୍ତର୍ଭୁକ୍ତ। ଏହା କେବଳ ଯାତ୍ରୀ ନୁହେଁ ବରଂ ପଣ୍ୟ ପରିବହନ କ୍ଷେତ୍ରରେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମହାକୁମ୍ଭର ପ୍ରଥମ...

ଅନୁଯାୟୀ ୨୫ କୋଟିରୁ ଅଧିକ ଲୋକ ଏହାକୁ ସୁରୁଖୁରୁରେ ପରିଚାଳନା କରିଥିଲେ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱାଧୀନ ଟିମ୍ ପ୍ରତି ଘଣ୍ଟାରେ ମହାକୁମ୍ଭ ଉପରେ ନଜର ରଖିଥିଲେ। ତେବେ ସ୍ନାନ ପରେ ପ୍ରୟାଗରାଜ ରେଳ ଷ୍ଟେସନରେ ଯେଉଁଭଳି ସ୍ଥିତି ଉପୁଜିଥିଲା ତଦ୍ୱାରା କିଛି ଅଘଟଣ ଘଟିବାର ଆଶଙ୍କା ସୃଷ୍ଟି କରିଥିଲା। କାରଣ ଦେଶର ବିଭିନ୍ନ ଭାଗରୁ ଅସିଥିବା ଶ୍ରଦ୍ଧାଳୁମାନେ ବୁଡ଼ ପକାଇବା ପରେ ଷ୍ଟେସନ ମୁହାଁ ହୋଇଥିଲେ। ଏହାକୁ ନେଇ ପ୍ରୟାଗରାଜ ଷ୍ଟେସନ ଲୋକାରଣ୍ୟ ହୋଇପଡ଼ିଥିଲା। ଏଭଳି ସ୍ଥିତିକୁ ଦେଖି ଭିଡ଼ ନିୟନ୍ତ୍ରଣ କରାଯିବା ସହିତ ଯାତ୍ରୀମାନଙ୍କ ଗନ୍ତବ୍ୟସ୍ଥଳ ଏବଂ ଟ୍ରେନ ସମୟ ଅନୁସାରେ ଯାତ୍ରୀମାନଙ୍କୁ ଷ୍ଟେସନ ଯିବାକୁ ଅନୁମତି ଦିଆଯାଇଥିଲା।

## ପରିତ୍ୟକ୍ତ ସୁନା ଖଣିରେ...

ଅଣାଯାଇଥିଲା ବେଳେ ବର୍ତ୍ତମାନ ସୁଦ୍ଧା ୧୦୦ ଲୋକଙ୍କ ମୃତ୍ୟୁ ହୋଇସାରିଥିବା କୁହାଯାଇଛି। ଖଣି ଭିତରେ ଆଉ ୫୦୦ରୁ ଅଧିକ ଲୋକ ଫସି ରହିଥିବା ଆକଳନ କରାଯିବା ପରେ ସେମାନଙ୍କୁ ଉଦ୍ଧାର କରିବାକୁ ପ୍ରୟାସ ଆରମ୍ଭ ହୋଇଛି। ଅନ୍ୟ ପକ୍ଷରେ ଏହି ଖଣିରେ ଲୋକମାନେ ବେଆଇନ ଭାବେ ପ୍ରବେଶ କରିଥିବାରୁ ଖଣି ଅଧିକାରୀମାନେ ଗତ ମାସରେ ଖାଦ୍ୟ, ଜଳ ଏବଂ ଔଷଧ ଯୋଗାଣ ବନ୍ଦ କରିଦେଇଥିବାରୁ ଏଭଳି ସ୍ଥିତି ଦେଖାଯାଇଛି ବୋଲି ବିବିସି ରିପୋର୍ଟରେ କୁହାଯାଇଛି।

## 'ଆୟୁଷ୍ମାନ' ଦ୍ୱନ୍ଦ୍ୱରେ...

ପୂର୍ବରୁ ବିଏସକେୱାଇରେ ପୁରୁଷଙ୍କ ପାଇଁ ବାର୍ଷିକ ଚିକିତ୍ସା ଖର୍ଚ୍ଚ ୫ ଲକ୍ଷ ଟଙ୍କା ଥିବା ବେଳେ ମହିଳାଙ୍କୁ ୧୦ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ମିଳୁଥିଲା। ମାତ୍ର ଆୟୁଷ୍ମାନରେ ସର୍ବାଧିକ ଚିକିତ୍ସା ରାଶି ୫ ଲକ୍ଷ ଥିଲେ ହେଁ ମହିଳାଙ୍କ ପାଇଁ ଅଧିକ ଚିକିତ୍ସା ବ୍ୟବସ୍ଥା ନାହିଁ। ତେଣୁ ଦୁଇ ଯୋଜନାର ମିଶ୍ରଣ କିପରି ହେବ ତାକୁ ନେଇ ମାନସମନ୍ୱନ କରୁ କରୁ ୬ ମାସ ବିତିଗଲା। ଏବେ ଦୁଇ ଯୋଜନାକୁ ସମ୍ମିଶ୍ରଣ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ଓ ଆଗାମୀ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମାର୍ଚ୍ଚ ମାସ ପର୍ଯ୍ୟନ୍ତ ବଳବତ୍ତର ରହିବ ଏବଂ ଆୟୁଷମାନ ଭାରତ ଲାଗୁ ହେବା ପରେ ଏହା ଯୁଗ୍ମ ସ୍ୱାସ୍ଥ୍ୟ ଯୋଜନା ଭାବେ ପରିଚାଳିତ ହେବ ବୋଲି ସରକାରୀସ୍ତରରେ ନିଷ୍ପତ୍ତି ହୋଇଛି।

ତେବେ ରାଜ୍ୟରେ ଆୟୁଷ୍ମାନ କାର୍ଯ୍ୟକାରୀ ହେବା ପରେ ଜଣେ ମହିଳା ହିତାଧିକାରୀଙ୍କର ଚିକିତ୍ସା ବାବଦରେ ୫ ଲକ୍ଷରୁ ଅଧିକ ଖର୍ଚ୍ଚ ହୁଏ ତା ହେଲେ ସମ୍ପୃକ୍ତ ଘରୋଇ ଡାକ୍ତରଖାନାକୁ କିପରି ଅର୍ଥ ଭରଣା କରାଯିବ ତାହା ଅଦ୍ୟାବଧି ସ୍ପଷ୍ଟ ହୋଇନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଏବେ ସାଢ଼େ ତିନି କୋଟି ହିତାଧିକାରୀ ଥିବା ବେଳେ ଆୟୁଷ୍ମାନ ଭାରତ ଅଧିନରେ ମଧ୍ୟ ସାଢ଼େ ତିନି କୋଟି ହିତାଧିକାରୀ ସାମିଲ ହେବେ ବୋଲି ଗତକାଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ସ୍ପଷ୍ଟ କରିଛନ୍ତି। ତେଣୁ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରୁ ବାହାରେ ଥିବା ଲୋକ ଆୟୁଷମାନ ଭାରତରେ ସାମିଲ ହୋଇ ନ ପାରିବା ସ୍ପଷ୍ଟ ହୋଇଛି। ତେବେ ଆୟୁଷମାନ ଭାରତରେ ଓଡିଶାର ୨୩ ଲକ୍ଷରୁ ଅଧିକ ବରିଷ୍ଠ ନାଗରିକ ସାମିଲ କରାଯିବାକୁ ସରକାର ଘୋଷଣା କରିଥିବାରୁ ହିତାଧିକାରୀଙ୍କ ସଂଖ୍ୟା ଅନ୍ୟୂନ ୩.୭୩ କୋଟିରେ ପହଞ୍ଚି ପାରେ। ମାତ୍ର ବିଭାଗୀୟ ମନ୍ତ୍ରୀ ୩ କୋଟି ଲୋକଙ୍କୁ ସ୍ୱାସ୍ଥ୍ୟ କାଡର୍ ଦିଆଯିବ ବୋଲି କହିବା ହିତାଧିକାରୀଙ୍କୁ ଅଧିକ ସନ୍ଦେହରେ ପକାଇଛି ଓ ସରକାରଙ୍କ ପରି ସାଧାରଣ ଲୋକମାନେ ମଧ୍ୟ ଦ୍ୱନ୍ଦ୍ୱରେ ରହିଛନ୍ତି।

## ଗାଁରେ ଖାଉଟିଙ୍କ...

ସ୍ଥାନରେ ରହିଛି। ଓଡ଼ିଶା ଉପରେ ଦୁଇ ରାଜ୍ୟରେ ମଧ ଡ଼ବଲ ଇଞ୍ଜିନ୍ ସରକାର ରହିଛି। ଏହି ପରିପ୍ରେକ୍ଷୀରେ ଆଗାମୀ ଦିନରେ ଆନ୍ତର୍ଜାତୀୟ ସମସ୍ୟା ଦେଶ ପାଇଁ ବିପଦ ଆଣିବାକୁ ଯାଉଛି, ଯାହା ଓଡ଼ିଶା ଉପରେ ମଧ୍ୟ ସମାନ ପ୍ରଭାବ ପକାଇବା ଆଶଙ୍କା ରହିଛି। ଆମେରିକା ଲାଗୁ କରିଥିବା ଅଶୋଧିତ ତୈଳ କଟକଣା ଭାରତରେ ଇନ୍ଧନ ମୂଲ୍ୟ ବଢ଼ାଇବାର ଆଶଙ୍କା ଥିବାରୁ ବଜାର ଆହୁରି ମହଙ୍ଗା ହେବ ବୋଲି ଅର୍ଥନୀତି ବିଶାରଦମାନେ ଆକଳନ କରୁଛନ୍ତି।

୧୨ ମାସ ତଳେ ଦେଶରେ ପାଇକାରୀ ମୁଦ୍ରାସ୍ଫୀତି ୦.୮୬ ପ୍ରତିଶତ ରହିଥିଲା। ମାତ୍ର ବିନିର୍ମାଣ କ୍ଷେତ୍ରର ସାମଗ୍ରୀର ମୂଲ୍ୟରେ ବୃଦ୍ଧି ଯୋଗୁ ବର୍ଷକ ମଧ୍ୟରେ ପାଇକାରୀ ମୁଦ୍ରାସ୍ଫୀତି ୨% ବୃଦ୍ଧି ପାଇଛି। ଅନୁରୂପ ଭାବରେ ଆଗାମୀ ଦିନରେ ଜଟିଳ ଆନ୍ତର୍ଜାତୀୟ ସ୍ଥିତି ଭାରତୀୟ ଅର୍ଥନୀତିକୁ ଗଭୀର ଭାବରେ ପ୍ରଭାବିତ କରିବାର ସମ୍ଭାବନା ଥିବାରୁ ଓଡ଼ିଶାର ମହଙ୍ଗା ବଜାର ଆଗାମୀ ଦିନରେ ଆହୁରି ମହଙ୍ଗା ହୋଇପାରେ ବୋଲି ଆଶଙ୍କା କରାଯାଉଛି।

## ୨୫ ସୁଦ୍ଧା ହୋଇପାରେ...

ତାରିଖ ସୁଦ୍ଧା ରାଜ୍ୟ ସଭାପତି ଚୟନ ପ୍ରକ୍ରିୟା ସରିବ ବୋଲି ଦଳର ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର ସୂଚନା ଦେଇଥିଲେ। ଏପରିକି ଜାନୁଆରୀ ୧୦ ତାରିଖ ସୁଦ୍ଧା ଜିଲ୍ଲା ସଭାପତି ନିର୍ବାଚନ ଶେଷ ହେବ ବୋଲି ମଧ୍ୟ କହିଥିଲେ। ମାତ୍ର ଆଜି ପର୍ଯ୍ୟନ୍ତ ରାଜ୍ୟର ମୋଟ ୩୭ ସାଙ୍ଗଠନିକ ଜିଲ୍ଲାରୁ ଗୋଟିକରେ ମଧ୍ୟ ସଭାପତି ନିଯୁକ୍ତି ହୋଇନାହିଁ। ରାଜ୍ୟରେ ଦଳର ୯୦୦ରୁ ଉର୍ଦ୍ଧ୍ୱ ମଣ୍ଡଳରେ ସଭାପତି ନିର୍ବାଚନ ହୋଇନାହିଁ। ତେଣୁ ମଣ୍ଡଳ ସଭାପତି, ଜିଲ୍ଲା ସଭାପତି ନିଯୁକ୍ତି ହୋଇ ପାରୁ ନ ଥିବାରୁ ରାଜ୍ୟ ସଭାପତି ନିର୍ବାଚନ ବିଳମ୍ବିତ ହୋଇ ଚାଲିଛି। ଅନ୍ୟପକ୍ଷରେ ଗୋଷ୍ଠୀ ବିଭାଜିତ ବିଜେପିର ଛାମୁଆଁ ନେତାମାନେ ନିଜ ନିଜ ପସନ୍ଦର ସମର୍ଥକଙ୍କୁ ଜିଲ୍ଲା ସଭାପତି ଆସନରେ ବସାଇବାକୁ ଉଦ୍ୟମ କରୁଥିବାରୁ ଜିଲ୍ଲା ସଭାପତି ନିଯୁକ୍ତି ମଧ୍ୟ ହୋଇ ପାରୁନାହିଁ। ଦିଲ୍ଲୀରେ ଆଜି ଅନୁଷ୍ଠିତ ବୈଠକରେ ଏ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ହୋଇଥିବା ସୂଚନା ମିଳିଛି। ଏପରିକି ମାତ୍ର ୨ ଦିନରେ ଜିଲ୍ଲା ସଭାପତି ନିଯୁକ୍ତି ନିମନ୍ତେ କେନ୍ଦ୍ରୀୟ ନେତୃତ୍ୱ ରାଜ୍ୟ ବିଜେପି ନେତୃତ୍ୱଙ୍କୁ ପରାମର୍ଶ ଦେଇଛନ୍ତି ଏବଂ ରାଜ୍ୟ ସଙ୍ଗଠନ ଏଥିପାଇଁ ଚାରିଦିନ ସମୟ ନେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ସଭାପତି ନିଯୁକ୍ତି ସରିବା ପରେ ସରକାରଙ୍କ ପକ୍ଷରୁ ବିଭିନ୍ନ ନିଗମ, ବୋର୍ଡର ଅଧ୍ୟକ୍ଷ ତଥା ଉପଦେଷ୍ଟା ପଦବୀରେ ନିଯୁକ୍ତି ଦିଆଯିବ। ଏହାପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରାଯିବା ପାଇଁ ମଧ୍ୟ ଦଳ ଯୋଜନା କରିଛି। ରାଜ୍ୟ ବିଜେପି ସରକାରକୁ ଇତିମଧ୍ୟରେ ୭ ମାସ ବିତିଥିବା ବେଳେ ନିଗମ ନିଯୁକ୍ତି ହୋଇ ପାରିନାହିଁ, ଯାହାକୁ ନେଇ ଦଳୀୟ ମହଲରେ ଅସନ୍ତୋଷ ଦେଖାଦେଇଛି। ସେହିପରି ଦଳ ନେତାଙ୍କ ମଧ୍ୟରେ ପଦବୀ ପାଇବା ପାଇଁ ଛକାପଞ୍ଝା ମଧ୍ୟ ନେତୃତ୍ୱଙ୍କୁ ଅକଳରେ ପକାଇଛି। ଏହା ଉଭୟ ସରକାର ଓ ସଙ୍ଗଠନକୁ ପ୍ରଭାବିତ କରିଛି। ତେଣୁ ବଜେଟ୍ ଅଧିବେଶନ ପୂର୍ବରୁ ଏ ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଏହି ସୂତ୍ରରୁ ସୂଚନା ମିଳିଛି।

## ଝୁଲୁଛି ପିସିସି ସଭାପତି...

ଛାମୁଆ କମିଟି ଭଙ୍ଗ କରିଥିଲେ। ତେବେ ନୂଆ ନେତା ସନ୍ଧାନରେ ଏଆଇସିସି ଦୀର୍ଘ ୭ ମାସ ହେବ କସରତ ଜାରି ରଖିଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ନିଷ୍କର୍ଷ ବାହାରି ପାରୁ ନାହିଁ। ପିସିସି ସଭାପତି ଚୟନ ପାଇଁ ଦଳର ବରିଷ୍ଠ ନେତ୍ରୀ ମିନାକ୍ଷୀ ନଟରାଜନ ଏବଂ ଛତିଶଗଡ଼ରେ ବିରୋଧୀ ଦଳ ନେତା ଚରଣ ଦାଶ ମହନ୍ତ ଗତ ବର୍ଷ ଡିସେମ୍ବର ପ୍ରଥମ ସପ୍ତାହରେ ଭୁବନେଶ୍ୱରରେ ଏକାଧିକ ନେତାଙ୍କ ସହ ଆଲୋଚନା କରିଥିଲେ। ଝାଡ଼ଖଣ୍ଡ ଏବଂ ମହାରାଷ୍ଟ୍ର ନିର୍ବାଚନ ପରେ ନୂଆ ପିସିସି ସଭାପତିଙ୍କ ନାମ ଘୋଷଣା ହେବ ବୋଲି ସେମାନେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଇତି ମଧ୍ୟରେ ହରିୟାଣା, ଝାଡ଼ଖଣ୍ଡ ଓ ମହାରାଷ୍ଟ୍ର ନିର୍ବାଚନ ସରିବା ପରେ ମଧ୍ୟ ସଭାପତିଙ୍କ ନାମ ଘୋଷଣା ହୋଇ ପାରିନାହିଁ। ମାତ୍ର ଆଗକୁ ଦିଲ୍ଲୀ ନିର୍ବାଚନ ଥିବାରୁ କଂଗ୍ରେସ ନେତାମାନେ ବ୍ୟସ୍ତ ଅଛନ୍ତି ଓ ଏହା ପରେ ପିସିସି ସଭାପତି ମନୋନୟନ ହେବ ବୋଲି କୁହାଯାଉଛି।

ତେବେ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି ଯେ ଖୁବଶୀଘ୍ର ହାଇକମାଣ୍ଡ ପିସିସି ସଭାପତି ନେଇ ନାମ ଘୋଷଣା କରିବେ। ବର୍ତ୍ତମାନ କଂଗ୍ରେସ ନେତୃତ୍ୱ ରେସ୍‌ରେ ଉଭୟ ଯୁବ ଓ ବରିଷ୍ଠ ନେତା ଅଛନ୍ତି। ଶୀଘ୍ର କଂଗ୍ରେସ ଅଧିକ ନୂଆ ମୁଖିଆଙ୍କ ନେତୃତ୍ୱରେ ଅଧିକ ଶକ୍ତିଶାଳୀ ହେବ। ଦିଲ୍ଲୀରେ କଂଗ୍ରେସର ନୂଆ ମୁଖ୍ୟାଳୟ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ସେ ଏସମ୍ପର୍କରେ ଦଳୀୟ ନେତାଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି।

## ପ୍ରଶ୍ନପତ୍ରରେ ଲାଗିବ...

ସୂଚନାଯୋଗ୍ୟ, ଆସନ୍ତା ଫେବ୍ରୁଆରୀ ୨୧ରୁ ରାଜ୍ୟରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେବାକୁ ଥିବା ବେଳେ ଚଳିତ ବର୍ଷଠାରୁ ପ୍ରଶ୍ନପତ୍ରରେ ସବୁ ପୃଷ୍ଠାରେ ୱାଟର୍‌ମାର୍କ ଲାଗିବ। ପରୀକ୍ଷାମୂଳକ ଭାବେ ଏହି ବ୍ୟବସ୍ଥାକୁ ଆସନ୍ତା ୧୭ତାରିଖଠାରୁ ହେବାକୁ ଥିବା ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଏସଏସଟିଇଟି) ରେ ଲାଗୁ କରାଯିବ। ଏହାଦ୍ୱାରା ପରୀକ୍ଷା ପରିଚାଳନାରେ ଅଧିକ ସ୍ୱଚ୍ଛତା ଅଣାଯାଇପାରିବ ବୋଲି ବୋର୍ଡ କର୍ତ୍ତୃପକ୍ଷ କହିଛନ୍ତି। ବୋର୍ଡ ପକ୍ଷରୁ ପ୍ରତିବର୍ଷ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା, ସଂସ୍କୃତ ମଧ୍ୟମା ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟର ବାର୍ଷିକ ପରୀକ୍ଷା କରାଯାଇଥାଏ। ପ୍ରାୟ ୫ରୁ ୬ ଲକ୍ଷ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥାନ୍ତି। ତେବେ ପରୀକ୍ଷା ପୂର୍ବରୁ ମାଟ୍ରିକ ପ୍ରଶ୍ନପତ୍ର ସାମାଜିକ ଗଣମାଧ୍ୟମରେ ପ୍ରଘଟ ହେବା ନେଇ ଅଭିଯୋଗ ଆସିଥାଏ। ଏହାଦ୍ୱାରା ବୋର୍ଡର ପରୀକ୍ଷା ପରିଚାଳନା ବ୍ୟବସ୍ଥାରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିବା ସହ ଏହା ପରୀକ୍ଷାର୍ଥୀମାନଙ୍କୁ ନିରୁତ୍ସାହିତ କରିଥାଏ। ତେଣୁ ଚଳିତ ବର୍ଷ ଏଭଳି ଅଭିଯୋଗକୁ ଦୂର କରିବା ଏବଂ ବାସ୍ତବରେ ଯଦି ପ୍ରଶ୍ନପତ୍ର ପ୍ରଘଟ ହେଉଥାଏ ତାହାକୁ କିଭଳି ରୋକାଯାଇପାରିବ ସେ ଦିଗରେ ବୋର୍ଡ କର୍ତ୍ତୃପକ୍ଷ ଗୁରୁତ୍ୱାରୋପ କରିଛନ୍ତି।


**AFFIDAVIT**

By virtue of an Affidavit sworn before the Executive Magistrate, Bhubaneswar, CF No: 31, dated 14/11/2024, I, Subhalaxmi Sethi (New Name), At: Plot No: A-301, Damayanti Apartment, Behera Sahi, Nayapalli, Bhubaneswar, Khordha, Odisha: 751012 (Full Address) declare that I have changed my name from Varsha Dash (Old Name) to Subhalaxmi Sethi (New Name). Henceforth, I shall be known as **SUBHALAXMI SETHI** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar dated 04.01.2025. I Sonam Priyadarshini Routray, W/o- Ajay Biswala, at- Naribag, Garedipanchan, Balipatna, Khordha-752102 declare that I have changed my name from Sonam Priyadarshini Biswal to Sonam Priyadarshini Routray. Henceforth I shall be known as **Sonam Priyadarshini Routray** for all purposes.

**AFFIDAVIT**

I, Sonu Mandal, W/o- Kishor Mandal, resident of At- Rahandia, Sirei, Ps- Kanas, Dist- Puri, Pin Code- 752017, Odisha declare by this affidavit No. 141, dtd- 14/01/2025 that now onwards I shall be known as **SWARNALATA MANDAL** for all future purposes.

**AFFIDAVIT**

By virtue of an affidavit (No.230, dtd. 07/01/2025) before the Notary Public, Bhubaneswar. I, **Sadhna Kumari,** D/o- Subodh Kumar Poddar, resident of Flat No. 104, Plot No. 395, 1st Floor, Beaming Castle, Near AIIMS Hospital, Bhubaneswar, Dist- Khordha, Pin- 751019, Odisha have changed my minor son name from **Ishaan Sadhna Poddar To Ishaan S Poddar** for all future purposes.

**AFFIDAVIT**

I, Shilingshi Chaturvedi, W/o- Amit Rawat, resident of Qrs No. B/17, Sector-20, Ps- Sector-19, Dist- Sundargarh, Pin-769005, Odisha, declared by this affidavit No. A/42, dtd- 09/01/2025 that now onwards I shall be known as **Shilingshi Chaturvedi** for all future purposes.

**WE ARE HIRING**

Join India's most Trusted fitness equipment Brand.

**WELCARE**

Positions Available

1) **Marketing Executive** (Any Graduate/MBA)
2) **Technician** (ITI / Diploma - Any Trade)
3) **Delivery Boy** (10th / +2)

Please send your CV at Email: fitnesscarebbsr@gmail.com

**Call : 7788014444**

Visit: Welcare Fitness Equipment, Pandara Square, BBSR-Puribypass, Bhubaneswar

**AFFIDAVIT**

SK. FAIZULLA, S/O. SK. NURULLA, Resident of Word no.13, Muleswar, PO/PS. Soro, Dist. Balasore, Pin. 756045, Odisha declear by this affidavit no. 413 dt. 12/12/2024 that now onwards I shall be known as SHAIK FAIZULLAH for all future purposes.

**AFFIDAVIT**

By Virtue of an affidavit before the Notary Public, Rayagada vide Affidavit no 15275 dt 18.12.2024, I Jayashree Pradhan residing at D P Camp, Therubali, Chandili, Rayagada declare that after my marriage with Md Goush I have changed my name to Feroza Khatun. Henceforth I shall be known as **FEROZA KHATUN** for all future purposes.

**AFFIDAVIT**

I, **Anula Benoy,** W/o.: Benoy Chathalamannil Chacko, Resident of Cosmopolis Apartment, Flat No.: 113, Block-J, Bhubaneswar, Dist.: Khordha, PIN-751019, Odisha, declare by this affidavit No.: 26, dtd. 13.01.2025, that now onwards I shall be known as **ANULA BENOY CHACKO** for all future purposes.

**AFFIDAVIT**

I MINATI TUS, aged about 41 years, D/o. laren Tus, a permanent resident of Chamuriaguda, Nabarangpur, PO/PS/ Dist. Nabarangpur, Odisha, do hereby Solemnly affirm on oath and state as follows, maternal grandfather's name has been wrongly mentioned as PRABHUDAYA BAIPARI instead of BARTHOLAMI BAIPARI. my grandfather's actual and correct name is BARTHOLAMI BAIPARI, which is mentioned in the PAN card of my deceased mother, bearing No. CNQPS3969H. Today onwards I will be known as BARTHOLAMI BAIPARI for all purpose.

**AFFIDAVIT**

I Sanghamitra Mohapatra, W/o - Dillip Kumar Mohapatra, resident of Plot No. HIG- 13/2, OSHB Colony, Chandrasekharpur, P.S. – Chandrasekharpur, Bhubaneswar, Dist.- Khordha, PIN – 751016, by virtue of an affidavit before the Executive Magistrate, Bhubaneswar, Vide C.F. No. 168, Dt.13.01.2025,do solemnly affirm & state that my date of birth has been wrongly mentioned in the Aadhar Card Vide No. 854548170016 as Dt.01.01.1976 instead of my actual date of birth Dt. 22.06.1971 which is recorded in my Board Certificate Vide Serial No. B711054487, Roll No. 51NY06. That the actual date of birth is **Dt.22.06.1971** as mentioned in my Board Certificate is correct which may be referred to for all purposes in future. That, the facts stated above are true to the best of my knowledge and belief.

Sd/- Sanghamitra Mohapatra

# ସମ୍ପାଦକୀୟ

ସଫଳ ରାଜନୈତିକ ବିତର୍କର ରହସ୍ୟ ହେଲା,
ନିଜକୁ ଅଧିକ ଶକ୍ତିଶାଳୀ ବୋଲି ଦେଖାଇବା, ଯଦିଓ ତାହା ବାସ୍ତବତା ନୁହେଁ।
- ସୁଭାଷ ଚନ୍ଦ୍ର ବୋଷ

ସକାଳ
THE SAKALA

## ରଘୁବରଙ୍କ 'ଜନସେବା'!

ରାଜ୍ୟ ପ୍ରଶାସନରେ ରାଜ୍ୟପାଳଙ୍କ କ୍ଷମତା ଓ ଭୂମିକାକୁ ନେଇ ଦୀର୍ଘ ବର୍ଷ ଧରି ବିତର୍କ ଲାଗି ରହିଛି। ଅନେକ ରାଜ୍ୟପାଳ ନିଜର ସାମ୍ବିଧାନିକ ପଦମର୍ଯ୍ୟାଦାର ଉଲ୍ଲଙ୍ଘନ କରି ରାଜନୈତିକ କର୍ମକର୍ତ୍ତା ଭଳି ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ଏହା ଅତୀତରେ ହେଉଥିଲା, ଏବେ ବି ହେଉଛି। ରାଜ୍ୟପାଳମାନଙ୍କ ଯୋଗୁଁ ରାଜ୍ୟରେ ନିର୍ବାଚିତ ସରକାର ଏବଂ ରାଜଭବନ ମଧ୍ୟରେ ସମ୍ପର୍କ ତିକ୍ତ ହୋଇଉଠୁଛି। ମାମଲା ଯାଇ ସର୍ବୋଚ୍ଚ ନ୍ୟାୟାଳୟରେ ପହଞ୍ଚୁଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ତାଗିଦ ସତ୍ତ୍ୱେ ପରିସ୍ଥିତିରେ ସେଭଳି ଆଖିଦୃଶିଆ ଉନ୍ନତି ହୋଇନାହିଁ। ନିକଟରେ ଏହାର ଉଦାହରଣ ଦେଖିବାକୁ ମିଳିଛି କେରଳ, କର୍ଣ୍ଣାଟକ, ତାମିଲନାଡୁ, ପଞ୍ଜାବ, ଦିଲ୍ଲୀ, ପଶ୍ଚିମ ବଙ୍ଗ, ମହାରାଷ୍ଟ୍ର ଓ ଝାଡ଼ଖଣ୍ଡରେ। ଅଭିଯୋଗ ହୋଇଥିଲା ଯେ କେନ୍ଦ୍ରରେ ଶାସକ ଦଳର ଇସାରାରେ ଏହି ରାଜ୍ୟପାଳମାନେ ସମ୍ପୃକ୍ତ ରାଜ୍ୟରେ ସରକାରଙ୍କୁ ଅଡୁଆରେ ପକାଉଥିଲେ। ରାଜ୍ୟରେ ନିର୍ବାଚିତ ସରକାର ସହିତ ସେହି ରାଜ୍ୟପାଳମାନଙ୍କର ସମ୍ପର୍କ ଆଦୌ ଭଲ ନଥିଲା। ଏହା ସମ୍ବିଧାନ ସହିତ ସଂଘୀୟ ବ୍ୟବସ୍ଥା ପାଇଁ ବିପଦ ବୋଲି ଆଇନ ବିଶେଷଜ୍ଞ କହିସାରିଛନ୍ତି। ଏଭଳି ପରିସ୍ଥିତି ବିଶେଷକରି ଅଣବିଜେପି ଶାସିତ ରାଜ୍ୟମାନଙ୍କରେ ଦେଖିବାକୁ ମିଳୁଛି।

ଅପରପକ୍ଷରେ ଓଡ଼ିଶାରେ ରାଜ୍ୟପାଳ ଭାବେ ରଘୁବର ଦାସଙ୍କ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ଅଲଗା ଥିଲା। ରଘୁବରଙ୍କର ଓଡ଼ିଶା ରାଜ୍ୟପାଳ ଭାବେ ୧୪ ମାସର କାର୍ଯ୍ୟକାଳ ଯେତେ ବିବାଦୀୟ ଥିଲା, ରାଜ୍ୟପାଳ ପଦରୁ ଇସ୍ତଫା ଦେବା ପରେ ତାଙ୍କର ବକ୍ତବ୍ୟ ଆହୁରି ବିତର୍କିତ ହୋଇପଡ଼ିଛି। ଅନ୍ୟରାଜ୍ୟରେ ଚର୍ଚ୍ଚିତ ରାଜ୍ୟପାଳ କେନ୍ଦ୍ରରେ କ୍ଷମତାସୀନ ଦଳକୁ ସୁହାଇଲା ଭଳି କାମ କରୁଥିବା ବେଳେ ରଘୁବର ନିଜ ଦଳକୁ ଅଡୁଆରେ ପକାଇବା ଲାଗି କୌଣସି ସୁଯୋଗ ହାତଛଡ଼ା କରି ନଥିବା ରାଜନୈତିକ ବିଶେଷଜ୍ଞମାନେ ମତ ଦେଇଛନ୍ତି। ରଘୁବର ବିଭିନ୍ନ ସମୟରେ ଦେଇଥିବା ମନ୍ତବ୍ୟ ବିଜେପି ହାଇକମାଣ୍ଡ ପାଇଁ ଯେତେ ଅଶ୍ୱସ୍ତିକର ପରିସ୍ଥିତି ସୃଷ୍ଟି କରୁଛି, ରାଜ୍ୟ ବିଜେପିକୁ ମଧ୍ୟ ଅଡୁଆରେ ପକାଇବାରେ ଲାଗିଛି। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହିତ ସେ ସାତ ମାସ କାମ କରିଥିବା ବେଳେ ଅବଶିଷ୍ଟ ସାତ ମାସ ମୋହନ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର ସହିତ ସମୟ ବିତାଇଛନ୍ତି। ନବୀନ ମୁଖ୍ୟମନ୍ତ୍ରୀ ଥିବା ବେଳେ ତାଙ୍କ ସରକାରକୁ ହଟାଇବା ଲାଗି ସେ ଅଭିଯାନ ଆରମ୍ଭ କରିଥିବା ରଘୁବର ସ୍ୱୀକାର କରିଛନ୍ତି। ବିଜେଡି ସରକାରର ପରାଜୟ ପାଇଁ ସମସ୍ତ ଶ୍ରେୟ ସେ ନିଜ ମୁଣ୍ଡକୁ ନେବା ସହିତ ମହାପ୍ରଭୁଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି। ପୁରୀରେ ତାଙ୍କର ଏ ସଂକ୍ରାନ୍ତ ଖୋଲାଖୋଲି ମନ୍ତବ୍ୟ ବିଜେପି ନେତାମାନଙ୍କୁ ମଧ୍ୟ ଆଶ୍ଚର୍ଯ୍ୟରେ ପକାଇଥିଲା। ଏଭଳି ମନ୍ତବ୍ୟ ଦେଇ ରଘୁବର ସ୍ପଷ୍ଟ କରିଦେଇଥିଲେ, ସେ ସମ୍ବିଧାନ ନୁହେଁ, ନିଜ ଦଳର ଏଜେଣ୍ଟ ଭାବେ କାମ କରିଥିଲେ। ଭାରତୀୟ ସମ୍ବିଧାନ ପ୍ରତି ଏହାଠାରୁ ବଡ଼ ଅପମାନ ଓ ଅସମ୍ମାନ ଆଉ କ'ଣ ହୋଇପାରେ! ରାଜ୍ୟପାଳ ପଦରୁ ଇସ୍ତଫା ଦେଇ ସେ ନିଜ ରାଜ୍ୟ ଝାଡ଼ଖଣ୍ଡ ଫେରି ପୁଣି ବିଜେପିରେ ଯୋଗଦେଇଛନ୍ତି। ଏହାଦ୍ୱାରା ସେ ପ୍ରମାଣ କରିଦେଇଛନ୍ତି ଯେ ଓଡ଼ିଶା ରାଜଭବନରେ ରାଜ୍ୟପାଳ ନୁହେଁ, ଦଳୀୟ ଏଜେଣ୍ଟ ସାଜିଥିଲେ।

ରାଜ୍ୟପାଳ ଥିବା ବେଳେ ମୋହନ ମାଝୀଙ୍କ ନେତୃତ୍ୱାଧୀନ ବିଜେପି ସରକାରକୁ ସବୁଠାରୁ ବେଶି ଅଡୁଆରେ ପକାଇଥିଲେ ରଘୁବର। ବିଶ୍ୱବିଦ୍ୟାଳୟ ବିଲକୁ ନେଇ ମୋହନ ସରକାର ସହିତ ତାଙ୍କର ତୀବ୍ର ମତଭେଦ ସୃଷ୍ଟି ହୋଇଥିଲା ଏବଂ ରାଜ୍ୟ ବିଜେପି ଏ ସମ୍ପର୍କରେ ଦଳୀୟ ହାଇକମାଣ୍ଡ ନିକଟରେ ଫେରାଦ ହୋଇଥିବା ନେଇ ଗଣମାଧ୍ୟମରେ ଖବର ପ୍ରଚାରିତ ହୋଇଥିଲା। ହାଇକମାଣ୍ଡ ରଘୁବରଙ୍କୁ ବୁଝାଇଥିଲେ ମଧ୍ୟ ସେ ଶୁଣିନଥିଲେ। ରାଜ୍ୟପାଳ ପଦରୁ ତାଙ୍କୁ ହଟାଯିବାର ଏହା ଅନ୍ୟତମ କାରଣ ଥିଲା ବୋଲି କୁହାଯାଉଛି। 'ରାଜ୍ୟପାଳ ଲାଟ ସାହେବ ନୁହନ୍ତି, ସେମାନେ ହେଉଛନ୍ତି ଜନତାର ସେବକ। ଏହି କଥା କିଛିଦିନ ତଳେ ରଘୁବର ରାଞ୍ଚିରେ ସାମ୍ବାଦିକମାନଙ୍କୁ କହିଛନ୍ତି। ଏହା ସେ ଓଡ଼ିଶାରେ ଦେଖାଇ ଦେଇଛନ୍ତି ବୋଲି ନିଜକୁ ନିଜେ ପ୍ରଶଂସା ମଧ୍ୟ କରିଛନ୍ତି। ଏବେ ରାଜ୍ୟବାସୀମାନଙ୍କ ମଧ୍ୟରେ ପ୍ରଶ୍ନ ଉଠିଲାଣି, ସେ ଏମିତି କେଉଁ ଜନସେବା କରି ଯାଇଛନ୍ତି ଯେ ଲୋକେ ତାଙ୍କୁ ମନେ ରଖିବେ?

ରଥଯାତ୍ରା ବେଳେ ରାଜଭବନରେ ତାଙ୍କ ପୁଅ ଜଣେ ସରକାରୀ କର୍ମଚାରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିଲେ। ଏହି ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା। ରାଜ୍ୟପାଳଙ୍କ ପୁଅ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଆନ୍ଦୋଳନ ଚାଲିଲା। ନିର୍ଯାତନାରେ ପୀଡ଼ିତ କର୍ମଚାରୀଙ୍କ ପତ୍ନୀ ରାଜ୍ୟ ସରକାରଙ୍କ ନିକଟରେ ଫେରାଦ ବି ହେଲେ। କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାର ଚାହିଁଥିଲେ ମଧ୍ୟ ରଘୁବର ସେଥିରେ ହସ୍ତକ୍ଷେପ କରି ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ପୁଅ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେବା ଲାଗି ସେ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ଚାପ ପକାଇଥିଲେ ବୋଲି ଆଲୋଚନା ହୋଇଥିଲା। ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର ଏହାକୁ ନେଇ ଘୋର ଅପମାନଜନକ ପରିସ୍ଥିତିର ସମ୍ମୁଖୀନ ମଧ୍ୟ ହୋଇଥିଲେ। ବିଧାନସଭାରେ ସରକାରଙ୍କ ପାଇଁ ଏହା ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଥିଲା। ଏହା କ'ଣ ଥିଲା ରାଜ୍ୟପାଳଙ୍କ ଜନସେବା? ଏଭଳି ପ୍ରଶ୍ନ ଏବେ ଉଠିବା ସ୍ୱାଭାବିକ।

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ବେଳେ ଓଡ଼ିଶା ରାଜଭବନକୁ ବିଜେପିର କଣ୍ଟ୍ରୋଲ ରୁମରେ ପରିଣତ କରିବା ଘଟଣା କାହାକୁ ଅଛପା ରହିଲା ନାହିଁ। ଓଡ଼ିଶା ରାଜଭବନରେ ରହି ରଘୁବର ଝାଡ଼ଖଣ୍ଡ ଦଳୀୟ ରାଜନୀତିକୁ ନିୟନ୍ତ୍ରଣ କରୁଥିଲେ, ନିର୍ବାଚନ ରଣନୀତି ନେଇ ସେଠାକାର ଦଳୀୟ ନେତାମାନଙ୍କ ସହିତ ଆଲୋଚନା କରୁଥିଲେ। କେବଳ ଏତିକି ନୁହେଁ, ନିର୍ବାଚନ ବେଳେ ଜାମସେଦପୁର ଯାଇ ନିଜର ବୋହୂ (ବିଜେପି ପ୍ରାର୍ଥୀ)ଙ୍କ ଲାଗି ଖୋଲାଖୋଲି ପ୍ରଚାର କରୁଥିଲେ ରଘୁବର। ଏହାକୁ ନେଇ ବିରୋଧୀ ଦଳ ଆପତ୍ତି ଉଠାଇଥିଲେ। ରାଜଭବନରେ ରହି ଝାଡ଼ଖଣ୍ଡ ବିଜେପି ପାଇଁ କାମ କରିବା କ'ଣ ଥିଲା ଓଡ଼ିଶାବାସୀଙ୍କ ସେବା? ରଘୁବରଙ୍କୁ ଏହି ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିବ।

## ଅତିଥି ଆସିଥିଲେ ବୋଲି...

ଡ. ଉଷାରାଣୀ ଦାଶ

ବହ୍ୱାଡ଼ମ୍ବର, ଭବ୍ୟ ସମାରୋହ, ଖର୍ଚ୍ଚବହୁଳ ସାଜସଜ୍ଜା, ବହୁମୁଖୀ ପ୍ରଦର୍ଶନୀ, ମେଳା, ଚିତ୍ରକଳା, ସାଂସ୍କୃତିକ କାର୍ଯ୍ୟକ୍ରମ, ସମ୍ମିଳନୀ ଭିତରେ ସରିଛି ପ୍ରବାସୀ ଭାରତୀୟ ଦିବସ ଉତ୍ସବ। କିଛି ମଧୁର-ତିକ୍ତ ଅନୁଭୂତି ନେଇ ଫେରିଛନ୍ତି ପ୍ରବାସୀ ଭାରତୀୟ। ଗତ ୮ ତାରିଖରୁ ୧୦ ତାରିଖ ତିନିଦିନ ଧରି ଆୟୋଜିତ ଏହି ଉତ୍ସବ ସମୟରେ ମନେ ହେଲା ରାଜଧାନୀ ସତେଯେପରି ଦୁଇ ଭାଗରେ ବିଭକ୍ତ ହୋଇଯାଇଛି। ଗୋଟିଏ ପଟେ ଆଭିଜାତ୍ୟ, ଅଭ୍ୟାଗତ, ସମ୍ମାନ ଓ ସମ୍ବର୍ଦ୍ଧନାରେ ସହର ଉତ୍ସବମୁଖର ହୋଇଥିବା ବେଳେ ଅନ୍ୟପଟେ ତିନିଦିନର ଜୀବିକା ହରାଇ ଏକପ୍ରକାର ଗୃହବନ୍ଦୀ ଭାବରେ ରହିଲେ ଗରିବ ଓ ଖଟିଖିଆ ବର୍ଗର ଲୋକେ।

ଭାରତରେ ବୈଦିକ କାଳରୁ ଆତିଥ୍ୟ ଏକ ଶିଷ୍ଟ ପରମ୍ପରା ଭାବେ ଆମ ସମାଜ ଓ ସଂସ୍କୃତିରେ ଚଳି ଆସିଛି। ତୈତ୍ତିରେୟ ଉପନିଷଦରେ ଉଦ୍‌ଘୋଷିତ 'ଅତିଥି ଦେବୋ ଭବ' ମନ୍ତ୍ରକୁ ଆଜି ମଧ୍ୟ ଭାରତ ଉଦ୍‌ଘୋଷଣା କରୁଛି। ଅତିଥିମାନେ ଭାରତୀୟମାନଙ୍କର ଶ୍ରଦ୍ଧା, ପ୍ରେମ, ଆତିଥେୟତା, ସମ୍ମାନ ଏବଂ ପରମ୍ପରାରେ ନିଜକୁ ନିମଗ୍ନ କରିବାର ସୁବର୍ଣ୍ଣ ସୁଯୋଗ ପାଇଥା'ନ୍ତି। ଏହି ଦୃଷ୍ଟିରୁ ରାଜଧାନୀରେ ପ୍ରବାସୀ ଭାରତୀୟଙ୍କୁ ଆତିଥ୍ୟ ଓ ସମ୍ଭାଷଣରେ ଓଡ଼ିଶାବାସୀ ଗୌରବାନ୍ୱିତ ନିଶ୍ଚୟ। ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ବସବାସ କରୁଥିବା ପ୍ରବାସୀ ଭାରତୀୟ ସହିତ ଭାବବିନିମୟ କରିବା ପାଇଁ ଭାରତୀୟମାନଙ୍କୁ ଏକ ଆଦର୍ଶ ମଞ୍ଚ ପ୍ରଦାନ କରିଥାଏ। କିଛି ପ୍ରବାସୀ ଭାରତୀୟଙ୍କୁ ଭାରତ ବିକାଶରେ ଉଲ୍ଲେଖନୀୟ ଅବଦାନ ନିମିତ୍ତ ସମ୍ମାନିତ କରାଯାଏ। ପ୍ରତି ଦୁଇବର୍ଷରେ ଥରେ 'ପ୍ରବାସୀ ଭାରତୀୟ ଦିବସ' ପାଳନ କରିବା ଏବଂ ମଧ୍ୟବର୍ତ୍ତୀ ସମୟରେ ବିଦେଶୀ ପ୍ରବାସୀ ବିଶେଷଜ୍ଞ, ନୀତି ନିର୍ଦ୍ଧାରକ ଏବଂ ଅଂଶୀଦାରଙ୍କ ଅଂଶଗ୍ରହଣରେ ବିଷୟବସ୍ତୁ ଭିତ୍ତିକ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ଆୟୋଜନ କରିବା ପାଇଁ ୨୦୧୫ ମସିହାରୁ ବ୍ୟବସ୍ଥାଗତ ସଂଶୋଧନ କରାଯାଇଛି। ଏହି କ୍ରମରେ ୨୦୨୫ରେ ଆୟୋଜିତ ୧୮ତମ 'ପ୍ରବାସୀ ଭାରତୀୟ ଦିବସ'ର ବିଷୟବସ୍ତୁ ଥିଲା - 'ବିକଶିତ ଭାରତରେ ପ୍ରବାସୀଙ୍କ ଅବଦାନ'।

ପ୍ରବାସୀ ଭାରତୀୟ ଦିବସ ପ୍ରଥମ ଥର ପାଇଁ ଓଡ଼ିଶାରେ ଆୟୋଜନ ହେଉଥିବାରୁ ଭୁବନେଶ୍ୱରର ରାସ୍ତାଘାଟ ଘର ଚଟାଣ ପରି ପରିଷ୍କାର, ଉଠାଦୋକାନ ଉଚ୍ଛେଦ, ନାଳ ନର୍ଦ୍ଦମା ସଫା ଇତ୍ୟାଦି କାମ ଜୋରସୋରରେ ଚାଲିଲା। ଟ୍ରାଫିକ କଟକଣା ମଧ୍ୟ ଥିଲା ଅଭୂତପୂର୍ବ। ରାସ୍ତାକଡ଼ର ସରକାରୀ କୋଠା, ପାଚେରି ଇତ୍ୟାଦି ରଙ୍ଗବେରଙ୍ଗ ଓ ଚିତ୍ରିତ ହେଲା। ବିଦ୍ୟୁତ ଆଲୋକର ବର୍ଣ୍ଣାଳି ଓ ସାଜସଜ୍ଜାରେ ରାଜଧାନୀ ରାସ୍ତାଘାଟ ଝଲସି ଉଠିଲା। ଅତିଥିଙ୍କୁ ପାଛୋଟି ନେବା ପାଇଁ ରାଜଧାନୀ ନବବଧୂ ପରି ସଜେଇ ହେଲା। ଏହାପଛର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଅତିଥି, ପ୍ରବାସୀ ଭାରତୀୟମାନେ ଦେଖିବେ ଆମେ କେତେ ବ୍ୟବସ୍ଥିତ ଭାବରେ ଆମ ପରିବେଶକୁ ସଜାଡ଼ି ରଖିଛୁ। ସ୍ୱଚ୍ଛ ଜୀବନଶୈଳୀ ଓ ସୁସ୍ଥ ବାତାବରଣରେ ସେମାନଙ୍କୁ ଆମେ ଆତିଥେୟତା ପ୍ରଦାନ କରୁଛୁ।

ବିପୁଳ ରାଜକୋଷ ବ୍ୟୟରେ ଆୟୋଜିତ ଏହି ଭବ୍ୟ ସମାରୋହରେ କିଛି ବର୍ଗଙ୍କ ରୋଜଗାର ବଢ଼ିଲା ଏହା ଅସ୍ୱୀକାର କରିବାର ନୁହେଁ। ହୋଟେଲ୍ ଓ ଟ୍ରାଭେଲ୍ ସଂସ୍ଥା, ଟେଣ୍ଟ ହାଉସ୍, ଲାଇଟ୍, ଚିତ୍ରକର, ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥା, ମନୋରଞ୍ଜନ ମଞ୍ଚ, କଳାକାର, ନିର୍ଦ୍ଦିଷ୍ଟ ସ୍ଥାନରେ ବିକ୍ରି ଅନୁମତି ପାଇଥିବା ଫାଷ୍ଟଫୁଡ୍ ବିକ୍ରେତା ଆଦିଙ୍କ ଆୟ ସ୍ରୋତ ଉଲ୍ଲେଖନୀୟ ଭାବେ ବଢ଼ିଲା ଏବଂ ଆତ୍ମସନ୍ତୋଷ ଦ୍ୱିଗୁଣିତ ହେଲା ସତ; କିନ୍ତୁ ଆଢୁଆଳରେ ଥିବା ବିକଳ ଚିତ୍ର କ୍ୱଚିତ୍ ସାମ୍ନାକୁ ଆସିଲା। କେଉଁଠି ରାସ୍ତାକଡ଼ର ଉଠାଦୋକାନୀଟି ଦୁଇମାସ ପାଇଁ ନିଜର ଜୀବିକା ହରାଇ ଆଖିରୁ ଲୁହ ଝରାଉଛି ତ ଆଉ କେଉଁଠି ପୋଲତଳକୁ ଆଶ୍ରା କରିଥିବା ବାସହରା ଲୋକଟି ଶୀତୁଆ ରାତିର ହାଡ଼ଭଙ୍ଗା ଶୀତରେ ବାସଚ୍ୟୁତ ହେଉଛି। କେଉଁଠି ପୁଣି ପାଲଘେର ଭିତରେ ବସ୍ତିବାସିନ୍ଦା ତିନିଦିନ ପଦାକୁ ବାହାରି ପାରିନାହାନ୍ତି।

ନିରେଖି ଦେଖିଲେ ଏହି ଭବ୍ୟ ଆୟୋଜନ ଭିତରେ ଆମର ଅସଲ ସମସ୍ୟାଗୁଡ଼ିକୁ ଘୋଡ଼ାଇବାର ପ୍ରଚେଷ୍ଟା ହୋଇଥିବା ମନେ ହୁଏ। ବର୍ଷାଦିନେ ଆମ ସହରର ନାଳଗୁଡ଼ିକର ଶୋଚନୀୟ ଅବସ୍ଥା ଯୋଗୁଁ ରାସ୍ତାରେ ପାଣିଜମିବା ହେଉ କିମ୍ବା ମରାମତି ଅଭାବରୁ ରାସ୍ତାଗୁଡ଼ିକର ଦୟନୀୟ ଅବସ୍ଥା ରାଜଧାନୀବାସୀଙ୍କ ଦେହସୁହା ହୋଇଗଲାଣି। ସେହିପରି ଅଦିନିଆ ବର୍ଷାରେ ଉଜୁଡ଼ା କ୍ଷେତକୁ ଦେଖି ଚାଷୀର ଆତ୍ମହତ୍ୟା ହେଉ କି ଆଇନ ଶୃଙ୍ଖଳା ବିପର୍ଯ୍ୟୟରୁ ଦିନଦ୍ୱିପହରେ ରାଜଧାନୀ ରାଜରାସ୍ତା ଉପରେ ହତ୍ୟା ହେଉ ଅବା ରାଜରାସ୍ତାରେ ଥିବା ବ୍ୟବସାୟ ପ୍ରତିଷ୍ଠାନରୁ ଲୁଟ ଓ ହତ୍ୟା ହେଉ; ଶିକ୍ଷାର ଅବହେଳାରୁ ସାର୍ଟିଫିକେଟଧାରୀ ବେକାର ଶିକ୍ଷିତ ଯୁବକର ବଞ୍ଚିବା ପାଇଁ ସଂଘର୍ଷ ହେଉ ଅବା ବିପର୍ଯ୍ୟସ୍ତ ଚିକିତ୍ସା ବ୍ୟବସ୍ଥାରୁ ସାଧାରଣ ବ୍ୟକ୍ତିଟିର ବଞ୍ଚିବା ପାଇଁ ଉଦ୍ୟମ ହେଉ, ସେ ସବୁଗୁଡ଼ିକୁ ଆମେ ଦେଖି ନ ଦେଖିବା ପରି ରହିଯାଉଛୁ।

ଏ କଥା ସତ୍ୟ ଯେ, ଯେଉଁମାନେ ଲୋକମାନଙ୍କ ମଙ୍ଗଳ ପାଇଁ କାର୍ଯ୍ୟ କରନ୍ତି ସେମାନଙ୍କୁ ସମ୍ମାନ ଦେବା ଜରୁରୀ। ମାତ୍ର ଆମ ପାଖରେ ଯାହା ଅଛି, ଆମର ଯେଉଁ ଅବସ୍ଥା ଅଛି ସେଇ ଅବସ୍ଥା ଭିତରେ ରହି ଅନ୍ୟକୁ ସମ୍ମାନ ଦେଖାଇବା ଭଲ। କାହାର ଭାତହାଣ୍ଡି ବନ୍ଦ କରି ବା ଆହାର ମୁହଁରେ ପାହାର ମାରି ନୁହେଁ ବା ବଡ଼ିମା ଦେଖାଇବା ପାଇଁ ନୁହେଁ। ଆମର ପ୍ରକୃତ ଅବସ୍ଥା ଅତିଥି ଜାଣିଲେ କିଛି ଭୁଲ ହୋଇ ନ ଥାଏ। ଆମେ କଷ୍ଟରେ ରହି ଅତିଥିଙ୍କ ଆଗରେ ଭଲ ଥିବାର ଅଭିନୟ କରି ଆତିଥେୟତା ଦେଖାଇଲେ ବରଂ ଆହୁରି କ୍ଷତି ହୋଇଥାଏ। ସାଧାରଣତଃ ଘରକୁ ଅତିଥି ଆସିଲେ ଆମେ ନିଜର ମଳିନ ମୁଖରେ ପ୍ରଲେପ ବୋଳି ଦେଉ। ଅସଜଡ଼ା ଘରକୁ ମିଥ୍ୟା ଆଟୋପର ରଙ୍ଗରେ ରଙ୍ଗେଇ ଦେଉ। ଧାରଉଦ୍ଧାର କରି ଛଅ ତିଅଣ ନଅ ଭଜା କରି ବସୁ। ନିଜର ହୀନତାକୁ ଲୁଚେଇ ଅତିଥିଙ୍କୁ ବଡ଼ିମା ଦେଖାଇବାରେ ଲାଗିପଡୁ। ଏଥିରେ ଅତିଥିଙ୍କୁ ଆମେ ଖୁସି କରିଥାଉ, ମାତ୍ର ତା' ପରଦିନ ପରିବାର ଉପରେ ଯେଉଁ ଆର୍ଥିକ ବୋଝ ମାଡ଼ିବସେ ସେଥିରୁ ମୁକୁଳିବା ବହୁଦିନ ପର୍ଯ୍ୟନ୍ତ କଷ୍ଟକର ହୋଇପଡ଼େ।

ଭୁଲ ତଥ୍ୟ କେତେ ଭୟାନକ ତାହା ୧୮୬୬ ମସିହା ଓଡ଼ିଶାର ନଅଙ୍କ ଦୁର୍ଭିକ୍ଷକୁ ଏକ ଉଦାହରଣ ରୂପେ ନିଆଯାଇପାରେ। ଓଡ଼ିଶା ଡିଭିଜନ ଦାୟିତ୍ୱରେ ଥିବା ବ୍ରିଟିଶ ପ୍ରଶାସକଙ୍କ ଅସାବଧାନତା ଏବଂ ବେଙ୍ଗଲ ବୋର୍ଡ ଅଫ୍ ରେଭେନ୍ୟୁର ଭୁଲ ତଥ୍ୟ ଏବଂ ନକଲି ମୂଲ୍ୟ ତାଲିକା ସହ ପ୍ରାକୃତିକ ଓ ଅର୍ଥନୈତିକ ବିପର୍ଯ୍ୟୟ ହିଁ ନଅଙ୍କ ଦୁର୍ଭିକ୍ଷ ପଛର ପ୍ରମୁଖ କାରଣ। ଓଡ଼ିଶାର ମୋଟ ଜନସଂଖ୍ୟାର ପ୍ରାୟ ଏକ-ତୃତୀୟାଂଶ ଲୋକ ଭୟଙ୍କର ଦୁର୍ଭିକ୍ଷରେ ପ୍ରାଣ ହରାଇଥିଲେ। ସରକାର ଚାଉଳ ଆମଦାନୀ କରିଥିଲେ ମଧ୍ୟ ଲକ୍ଷ ଲକ୍ଷ ଲୋକ ଭୋକ ଉପାସରେ ମୃତ୍ୟୁବରଣ କରିବା ପରେ ଏହା ପହଞ୍ଚିଥିଲା। ଏଣୁ ଆମକୁ ସବୁ ସମୟରେ ସତ୍ୟକୁ ପ୍ରତ୍ୟକ୍ଷ କରିବାକୁ ପଡ଼ିବ ଓ ତଦନୁସାରେ କାର୍ଯ୍ୟ କରିବାକୁ ହେବ। ଆଜିର ସାମାଜିକ ଗଣମାଧ୍ୟମ ଯୁଗରେ କୌଣସି ଖବରକୁ କେହି ଲୁଚାଇପାରିବେ ନାହିଁ। ଏହା ଜାଣି ମଧ୍ୟ ମିଥ୍ୟା ଆଟୋପରେ ଲୋକହସା ହେବା ହିଁ ସାର ହେବ।

ଯେଉଁ ମହାପୁରୁଷଙ୍କ ଦକ୍ଷିଣ ଆଫ୍ରିକାରୁ ଭାରତ ପ୍ରତ୍ୟାବର୍ତ୍ତନ ଦିବସକୁ ସ୍ମରଣ କରି ପ୍ରବାସୀ ଭାରତୀୟ ଦିବସ ପାଳିତ ହେଉଛି ତାଙ୍କ ବିଷୟରେ କିଛି ଆଲୋଚନା କରିବା। ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଫେରି ଭାରତର ପ୍ରକୃତ ଅବସ୍ଥା ହୃଦୟଙ୍ଗମ କରିସାରିବା ପରେ ହିଁ ସ୍ୱାଧୀନତା ସଂଗ୍ରାମରେ ନିଜକୁ ଯୋଡ଼ିଥିଲେ। କାଠଯୋଡ଼ି ନଦୀବାଲିରେ ଜନସମୁଦାୟଙ୍କୁ ସମ୍ବୋଧିତ କରିବା ସମୟରେ ତାଙ୍କ ଦେହରେ ମାତ୍ର ଦୁଇଖଣ୍ଡ ଲୁଗା ଥିଲା ଏବଂ ପାଖରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଅତି ନମ୍ର ଭାବରେ ବସିଥିଲେ। ନା ଥିଲା କୌଣସି ଆତ୍ମବଡ଼ିମା ବା ଆତ୍ମପ୍ରଚାର ନା ସେ ସଭାରେ କିଛି ବନ୍ଦୋବସ୍ତ। କାହିଁକି ନା ସେମାନଙ୍କ ଭିତରେ ଦେଶମାତୃକା ପାଇଁ ଗଭୀର ପ୍ରେମ ଓ ଭକ୍ତି ଭାବ ଭରି ରହିଥିଲା। ଲୋକସେବା ଓ ଦେଶ ସ୍ୱାଧୀନତା ସେମାନଙ୍କର ବ୍ରତ ଥିଲା।

ଅତିଥିଙ୍କୁ ଖୁସି କରିବା ପାଇଁ ସତ୍ୟର ଆଢୁଆଳରେ ଆମେ କେବଳ ଆତ୍ମସନ୍ତୋଷ ଲାଭକରୁଛୁ। ଯେତେବେଳେ ସାଧାରଣ ଲୋକଟିଏ ପ୍ରତାରିତ ହେଉଥିବା ଅନୁଭବ କରେ, ସେତେବେଳେ ଗଣତାନ୍ତ୍ରିକ ଅନୁଷ୍ଠାନ ଏବଂ ପ୍ରକ୍ରିୟା ଉପରେ ତା'ର ବିଶ୍ୱାସ ହ୍ରାସ ପାଇଥାଏ। ରାଜନୈତିକ ଅସ୍ଥିରତା, ପ୍ରତିବାଦ, ବିକ୍ଷୋଭ ଏବଂ ନାଗରିକ ଅଶାନ୍ତି ସୃଷ୍ଟି ହୁଏ ଏବଂ ନିର୍ବାଚିତ ସରକାରମାନଙ୍କ ପାଇଁ ସଙ୍କଟ ସୃଷ୍ଟି ହୁଏ। ଶାସନ ବ୍ୟବସ୍ଥା ଉପରେ ବିଶ୍ୱାସର ଅଭାବ ଯୋଗୁଁ ନିବେଶ ଏବଂ ଅର୍ଥନୈତିକ ଅଭିବୃଦ୍ଧି ବାଧାପ୍ରାପ୍ତ ହୁଏ। ଏଣୁ ଆମେ ବେଳ ହୁଁ ସାବଧାନ ହୋଇ ନିଜକୁ ସୁଧାରି ପାରିଲେ ହୁଏତ ଏକ ନୂଆ ସକାଳର ସୂର୍ଯୋଦୟରେ ସାରା ଭାରତରେ ଅମୃତବେଳାର ଆରମ୍ଭ ହୋଇପାରେ।

ଏମ୍ସ, ଭୁବନେଶ୍ୱର, ମୋ: ୯୪୩୮୧୩୩୬୧୨

## ବୌଦ୍ଧଧର୍ମ ଓ ଓଡ଼ିଶା- ପ୍ରାରମ୍ଭିକ କାଳ

ପ୍ରବୀର କୁମାର ପଟ୍ଟନାୟକ

ବୌଦ୍ଧ ଇତିବୃତ୍ତି ଅନୁଯାୟୀ ଓଡ଼ିଶାର ଦୁଇ ବଣିକ ଭ୍ରାତା ତପସୁ ଓ ଭଲ୍ଲିକ ପାଞ୍ଚଶହ ଶଗଡ଼ରେ ପଣ୍ୟଦ୍ରବ୍ୟ ନେଇ ବାଣିଜ୍ୟ ପାଇଁ ଆଗକୁ ଯାଉଥିବା ବେଳେ ବୋଧଗୟା ନିକଟରେ ମହାତ୍ମା ବୁଦ୍ଧ ବୋଧିପ୍ରାପ୍ତ ହେବା ଦିନ ହିଁ ତାଙ୍କୁ ଦର୍ଶନ କରି ପାଖରେ ଥିବା ଆରିସା ପିଠା ଓ ମହୁ ଖାଇବାକୁ ଦେଇଥିଲେ। ବୁଦ୍ଧ ସେ ଦୁଇଭାଇଙ୍କୁ ହିଁ ସାଧାରଣ ଶିଷ୍ୟ ଭାବେ ପ୍ରଥମେ ଗ୍ରହଣ କରିଥିଲେ ଏବଂ ସ୍ମୃତି ସ୍ୱରୂପ ନିଜ ନଖ ଓ କେଶରୁ କିଛି ସେମାନଙ୍କୁ ପ୍ରଦାନ କରିଥିଲେ। ଏହିପରି ଭାବେ ଏଇ ଭାଇ ଦୁହେଁ ପୃଥିବୀର ପ୍ରଥମ ବୌଦ୍ଧ ପାଲଟି ଗଲେ। ସେ ଦୁହେଁ ଫେରିବା ପରେ ନିଜ ଗାଁ ପାଖରେ କେଶସ୍ତୂପ ଓ ନଖସ୍ତୂପ ନାମରେ ଦୁଇଟି ବୌଦ୍ଧ ସ୍ତୂପ ନିର୍ମାଣ କରିଥିଲେ। ଯାଜପୁରର କାଏମା ଅଞ୍ଚଳରେ ଏଇ ସ୍ତୂପ ଦୁଇଟିର ଧ୍ୱଂସାବଶେଷ ଏବେ ମଧ୍ୟ ବିଦ୍ୟମାନ। ଏଥିରୁ ସ୍ପଷ୍ଟ ଯେ ବୌଦ୍ଧଧର୍ମ ବୁଦ୍ଧଙ୍କ କାଳରୁ ହିଁ ଏଇ ଦୁଇଭାଇଙ୍କ ସହ ଓଡ଼ିଶାକୁ ପ୍ରବେଶ କରିଥିଲା। ବୌଦ୍ଧ ଇତିବୃତ୍ତିରୁ ଜଣାଯାଏ ଯେ କଳିଙ୍ଗ ଯୁଦ୍ଧ ବେଳେ ଧଉଳିଠାରେ ଅଶୋକ ବୌଦ୍ଧ ସନ୍ନ୍ୟାସୀ ଉପଗୁପ୍ତଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ। ଏଥିରୁ ମଧ୍ୟ ଜଣାଯାଏ ଯେ ଅଶୋକଙ୍କ ସମୟକୁ ଓଡ଼ିଶାରେ ବୌଦ୍ଧଧର୍ମ ଅନ୍ତେବହୁତ ପ୍ରଭାବ ବିସ୍ତାର କରିସାରିଥିଲା।

ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରୁ ଆରମ୍ଭ କରି ପ୍ରାୟ ୧୫ଶ- ୧୬ଶ ଶତାବ୍ଦୀ ପର୍ଯ୍ୟନ୍ତ ବୌଦ୍ଧଧର୍ମ ଓଡ଼ିଶାର ଧାର୍ମିକ ଜୀବନ ଓ ସଂସ୍କୃତିକୁ ପ୍ରଭାବିତ କରିଥିଲା। ସମଗ୍ର ଓଡ଼ିଶାରେ, ବିଶେଷ ଭାବେ ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ନଦୀର ଅବବାହିକା ଅଞ୍ଚଳରେ ଏବେ ମଧ୍ୟ ଅସଂଖ୍ୟ ପ୍ରାଚୀନ ବୌଦ୍ଧ କୀର୍ତ୍ତିରାଜିର ଧ୍ୱଂସାବଶେଷ, ମଠ, ମନ୍ଦିର, ବିହାର ଓ ବହୁସଂଖ୍ୟକ ବୌଦ୍ଧ ମୂର୍ତ୍ତି ତାହାର ସାକ୍ଷୀରୂପେ ବିଦ୍ୟମାନ। ଏହିସବୁ



ଦ୍ୱିତୀୟ ବୁଦ୍ଧ କଥା

କୀର୍ତ୍ତିରାଜୀର ଅନେକାଂଶ ଏବେ ମଧ୍ୟ ମାଟିତଳେ ପୋତି ହୋଇ ରହିଛି। ସେ ସବୁ ଲୋକଲୋଚନକୁ ଆସିପାରିଲେ, ଭାରତର ବୌଦ୍ଧ କୀର୍ତ୍ତିଗୁଡ଼ିକ ମଧ୍ୟରେ ଏକ ବୃହତ୍ ଅଂଶ ଭାବେ ପରିଗଣିତ ହୋଇପାରିବ।

ଭଗବାନ ବୁଦ୍ଧ ଓଡ଼ିଶା ଭିତରକୁ ଆସି ପାରି ନ ଥିଲେ ମଧ୍ୟ ସୀମାବର୍ତ୍ତୀ ସୁମ୍ହ (ଝାଡ଼ଖଣ୍ଡ)କୁ ଆସିଥିଲେ ଏବଂ ବୌଦ୍ଧଗ୍ରନ୍ଥ ଅନୁଯାୟୀ କଳିଙ୍ଗର ପବିତ୍ରତା ସମ୍ପର୍କରେ ଜାଣିଥିଲେ। ବୁଦ୍ଧଙ୍କର ଓ ଅନ୍ୟ ବୌଦ୍ଧ ଇତିବୃତ୍ତି ମୁତାବକ ବୁଦ୍ଧଙ୍କ ମହାପରିନିର୍ବାଣ ପରେ ତାଙ୍କର ଦନ୍ତଧାତୁ ବୌଦ୍ଧସନ୍ନ୍ୟାସୀ କ୍ଷେମ ସେତେବେଳର କଳିଙ୍ଗର ରାଜଧାନୀ ଦନ୍ତପୁରକୁ ଆଣି ରାଜା ବ୍ରହ୍ମଦତ୍ତଙ୍କୁ ପ୍ରଦାନ କରିଥିଲେ। ରାଜା ସେଠାରେ ଏକ ଚିତ୍ତାକର୍ଷକ ଚୈତ୍ୟ ନିର୍ମାଣ କରି ତାହାଙ୍କୁ ସ୍ଥାପନ କରାଇଥିଲେ। ପରବର୍ତ୍ତୀ କାଳରେ ରାଜା ଗୁହଶିବଙ୍କ କାଳରେ ଏହି ଦନ୍ତଧାତୁଙ୍କୁ ସିଂହଳ ସ୍ଥାନାନ୍ତର କରାଯାଇଥିଲା।

ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ କଳିଙ୍ଗ ଆକ୍ରମଣର ବିଭୀଷିକା ଦେଖି ଅଶୋକଙ୍କର ହୃଦୟ ପରିବର୍ତ୍ତନ ହେବାରୁ ସେ ବୌଦ୍ଧଧର୍ମ ଗ୍ରହଣ କରିଥିଲେ ଏବଂ ଏହା ତାଙ୍କ ସାମ୍ରାଜ୍ୟରେ ରାଜଧର୍ମ ଭାବେ ଗୃହୀତ ହୋଇଥିଲା। ସେ ଭାରତ ଓ ବିଦେଶରେ ଏହି ଧର୍ମର ବ୍ୟାପକ ପ୍ରଚାର ପ୍ରସାର କରାଇଥିଲେ। ଓଡ଼ିଶାରେ ଅଶୋକଙ୍କ ଶାସନ କାଳରେ ତୋଷାଳୀରେ (ଧଉଳି ସନ୍ନିକଟ ଅଞ୍ଚଳ) ତାଙ୍କ ଶାସକୀୟ ମୁଖ୍ୟଦପ୍ତର ରହିଲା। ଏଠାରେ ତାଙ୍କ ସାନଭାଇ ତିସ ଶାସନକାର୍ଯ୍ୟ ତୁଲାଉଥିଲେ। ଜଉଗଡ଼ଠାରେ ତାଙ୍କର ଦ୍ୱିତୀୟ ଶାସନକେନ୍ଦ୍ର ରହିଲା। ତୋଷାଳୀ ରାଜପଥ ଯୋଗେ ପାଟଳୀପୁତ୍ର, ସୁବର୍ଣ୍ଣଗିରି, ଉଜ୍ଜୟିନୀ ଓ ତକ୍ଷଶିଳା ଆଦି ସହ ସଂଯୁକ୍ତ ଥିଲା। ଧଉଳି ଓ ଜଉଗଡ଼ରେ ଥିବା ଅଶୋକଙ୍କ ସ୍ୱତନ୍ତ୍ର ଶିଳାଲେଖ ବୌଦ୍ଧଧର୍ମ ପ୍ରତି ଥିବା ତାଙ୍କର ଭାବାବେଗ ଓ ଅନୁରକ୍ତି ସୂଚାଇଥାଏ। ଧଉଳିର ଚାରିପାଖରେ ଅନେକଗୁଡ଼ିଏ ବୌଦ୍ଧ ସ୍ତୂପ, ଚୈତ୍ୟ, ଗୁମ୍ଫା ଆଦି ଗଢ଼ି ଉଠିଥିଲା। ଏହି ଅଞ୍ଚଳ ଦୀର୍ଘକାଳ ଧରି ଓଡ଼ିଶାରେ ବୌଦ୍ଧଧର୍ମର କେନ୍ଦ୍ରସ୍ଥଳ ଭାବେ ପରିଚିତ ଥିଲା। ଅଶୋକଙ୍କ କାଳରେ ଓଡ଼ିଶାରେ ଆନୁଷ୍ଠାନିକ ରୂପେ ଏକ ସଂଗଠିତ ଧର୍ମ ଭାବେ ବୌଦ୍ଧଧର୍ମ ପ୍ରସାର ଲାଭ କରିଥିଲା।

ତୃତୀୟ ଶତାବ୍ଦୀର ଅଭିଲେଖ ସବୁରୁ ଜଣାଯାଉଛି ଯେ ସେତେବେଳକୁ ଓଡ଼ିଶାରେ ବୌଦ୍ଧଧର୍ମର ପ୍ରଚାର ପ୍ରସାର କାର୍ଯ୍ୟ ବ୍ୟାପକ ଥିଲା। 'ଗଣ୍ଡବ୍ୟୁହ' ଅନୁଯାୟୀ ତୋଷାଳୀ ପ୍ରସିଦ୍ଧ ବୌଦ୍ଧ କେନ୍ଦ୍ର ଭାବେ ପ୍ରଚାର ପ୍ରସାରର ମୂଳ କେନ୍ଦ୍ର ଥିଲା ଏବଂ ଭିକ୍ଷୁ ସର୍ବଗାମୀ ମୁଖ୍ୟ ପ୍ରଚାରକ ଥିଲେ। ତୋଷାଳୀ ସହ ପାଲୁର ଓ ପୁଷ୍ପଗିରି ମଧ୍ୟ ଅନ୍ୟତମ ବୌଦ୍ଧ କେନ୍ଦ୍ର ଭାବେ ପ୍ରସିଦ୍ଧି ଲାଭ କରିଥିଲେ। ତୋଷାଳୀଠାରେ ହୀନଯାନ ଓ ମହାଯାନର କେନ୍ଦ୍ର ସ୍ଥାପିତ ହୋଇଥିଲା। ତୃତୀୟ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାରେ ମୁଖ୍ୟତଃ ହୀନଯାନ ଶାଖାର ବ୍ୟାପକ ପ୍ରସାର ଲାଭ ହୋଇଥିଲା। ଡେଲାଙ୍ଗ ନିକଟସ୍ଥ ଭୋରାଶୈଳ, ଖୋର୍ଦ୍ଧାର ବରୁଣାଇ, ଜଟଣୀ ନିକଟସ୍ଥ ଅରାଗଡ଼ ଓ ନରାଜ ଅଞ୍ଚଳ ମଧ୍ୟ ବୌଦ୍ଧ ଧର୍ମ ପ୍ରଚାରପ୍ରସାର ପାଇଁ ପ୍ରସିଦ୍ଧି ଲାଭ କରିଥିଲେ। ଭୋରାଶୈଳ ଚତୁର୍ଥ ଶତାବ୍ଦୀରେ ବୌଦ୍ଧନ୍ୟାୟର ଜନ୍ମଦାତା ଆଚାର୍ଯ୍ୟ ଦିଙ୍‌ନାଗଙ୍କର କର୍ମସ୍ଥଳ ଥିଲା। ଡେଲାଙ୍ଗ ନିକଟସ୍ଥ ବିଭିନ୍ନ ପାହାଡ଼ରେ ନିର୍ମିତ ବୌଦ୍ଧ ଗୁମ୍ଫା ସବୁ ଓଡ଼ିଶାର ଗଙ୍ଗରାଜା ମଦନ ମହାଦେବଙ୍କ କାଳକାର୍ଯ୍ୟନ୍ତ ବୌଦ୍ଧ ସନ୍ନ୍ୟାସୀ ଓ ବୌଦ୍ଧ ସିଦ୍ଧମାନଙ୍କର ନିବାସସ୍ଥଳୀ ଥିଲା।

ଅଶୋକଙ୍କ ପରବର୍ତ୍ତୀ କାଳରେ କଳିଙ୍ଗରେ ସ୍ତୂପ ଓ ଚୈତ୍ୟ ଇତ୍ୟାଦି ଦନ୍ତପୁର, ତୋଷାଳୀ, ହିରୁମ୍ପ, ପୁଷ୍ପଗିରି ଆଦି ସ୍ଥାନରେ ନିର୍ମିତ ହେଲା। ବୁଦ୍ଧଙ୍କ ଦନ୍ତଧାତୁ ସ୍ଥାପିତ ହୋଇଥିବା ଦନ୍ତପୁର ସେତେବେଳର ପ୍ରଧାନ ବୌଦ୍ଧ କେନ୍ଦ୍ର ଥିଲା। ଦନ୍ତ ଧାତୁ ସିଂହଳ ଚାଲିଯିବା ପରେ ଦନ୍ତପୁରର ପ୍ରାଧାନ୍ୟ ହ୍ରାସ ଘଟିଲା ଏବଂ କ୍ରମେ ପୁଷ୍ପଗିରି ପ୍ରଧାନ କେନ୍ଦ୍ର ପାଲଟି ଗଲା। ସପ୍ତମ ଶତାବ୍ଦୀରେ ଚୀନ୍ ପରିବ୍ରାଜକ ହୁଏନ୍‌ସାଂଙ୍କ ଓଡ଼ିଶା ଭ୍ରମଣ କାଳକୁ ମଧ୍ୟ ପୁଷ୍ପଗିରି ବିହାର ବୌଦ୍ଧଜଗତରେ ଏକ ପ୍ରମୁଖ କେନ୍ଦ୍ର ଭାବେ ପ୍ରସିଦ୍ଧି ଲାଭ କରିଥିଲା।

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## କୂର୍ମବେଢ଼ାର ଭାଣ୍ଡ ଗଣେଶ

ସ୍ୱପ୍ନେଶ୍ୱର

ଲୋକକଥାରେ ଲୋକଦେବତା

କୂର୍ମ ପ୍ରାଚୀରର ପଶ୍ଚିମ ଦ୍ୱାରର ଦକ୍ଷିଣ ପଟେ ଭାଣ୍ଡ ଗଣେଶ ଏକ ଭବ୍ୟ ମନ୍ଦିରରେ ଆରାଧିତ। ଭାଣ୍ଡ ଗଣେଶଙ୍କୁ କାମଦ ଗଣେଶ, ଚୋର ଗଣେଶ, କାଞ୍ଚି ଗଣେଶ, ଯୁଦ୍ଧ ଗଣେଶ ଓ ଉଚ୍ଛିଷ୍ଟ ଗଣପତି ବୋଲି ମଧ୍ୟ ସମ୍ବୋଧିତ କରାଯାଏ। ପାଞ୍ଚ ଫୁଟ ଉଚ୍ଚତା ବିଶିଷ୍ଟ ଏହି ଚତୁର୍ଭୁଜ ବିଗ୍ରହ କଳା ମୁଗୁନି ପଥରରେ ଦାକ୍ଷିଣାତ୍ୟ ଶୈଳୀରେ ନିର୍ମିତ ହୋଇଥିବାରୁ ଗଜପତି ପୁରୁଷୋତ୍ତମ ଦେବ କାଞ୍ଚି ବିଜୟ ପରେ ସେଠାରୁ ଆଣିଥିଲେ ବୋଲି ବିଶ୍ୱାସ କରାଯାଏ। ତେଣୁ କାଞ୍ଚି ଗଣେଶ ବା ଯୁଦ୍ଧ ଗଣେଶ ରୂପେ କେହି କେହି ତାଙ୍କୁ ସମ୍ବୋଧନ କରନ୍ତି। କିନ୍ତୁ ଭାଣ୍ଡ ଗଣେଶ ବା କାମଦ ଗଣେଶ ଓ ଉଚ୍ଛିଷ୍ଟ ଗଣପତି ବା ଚୋର ଗଣେଶ କହିବାକୁ ନେଇ ଶ୍ରୀକ୍ଷେତ୍ରରେ ଲୋକକଥାମାନ ଶୁଣିବାକୁ ମିଳେ।

ରଥଯାତ୍ରା ସମୟରେ ଗଜପତି ପୁରୁଷୋତ୍ତମ ଦେବ ଛେରାପହଁରା କରୁଥିବା ଦେଖି କାଞ୍ଚି ରାଜା ସାଲ୍ୱ ନରସିଂହ ଦେବ ତାଙ୍କୁ ଚାଣ୍ଡାଳ କହି ତାଙ୍କ କନ୍ୟା ସହ ଗଜପତିଙ୍କ ବିବାହ ପ୍ରସ୍ତାବକୁ ପ୍ରତ୍ୟାଖାନ କଲେ। ଏହି ଅପମାନର ପ୍ରତିଶୋଧ ନେବା ପାଇଁ ଗଜପତି କାଞ୍ଚିରାଜାଙ୍କ ବିରୁଦ୍ଧରେ ଯୁଦ୍ଧ କରି ପରାସ୍ତ ହେଲେ। ଦ୍ୱିତୀୟ ଥର ଯୁଦ୍ଧଯାତ୍ରା ପୂର୍ବରୁ ରାଜା ଯୁଦ୍ଧରେ ସହାୟତା କାମନା କରି ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ। ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ମହାପ୍ରଭୁ ଦୁଇଭାଇ ସୈନିକ ବେଶରେ କଳାଧଳା ଘୋଡ଼ା ଚଢ଼ି ରାଜାଙ୍କ ସପକ୍ଷରେ ଯୁଦ୍ଧ କଲେ। ଯୁଦ୍ଧରେ ମହାପ୍ରଭୁ ଲକ୍ଷ୍ୟ କଲେ ଯେ କାଞ୍ଚିର ଇଷ୍ଟ ଦେବତା ଗଣେଶ ତାଙ୍କ ତରଫରୁ ଯୁଦ୍ଧ କରି ଉତ୍କଳ ସେନା ବାହିନୀକୁ ଅସ୍ତବ୍ୟସ୍ତ କରି ପକାଉଛନ୍ତି। ଆଉ କେତେକ କହନ୍ତି ଯେ ଗଣେଶ ଯୁଦ୍ଧରେ ମୃତ୍ୟୁବରଣ କରୁଥିବା କାଞ୍ଚି ସୈନ୍ୟମାନଙ୍କୁ ଜୀବନଦାନ କରି ଦେଉଥିଲେ। ତେଣୁ ଗଜପତି ଯୁଦ୍ଧ ଜୟ କରି ପାରୁ ନ ଥିଲେ। ଏହା ଦେଖି ମହାପ୍ରଭୁ ଗଣେଶଙ୍କୁ ଡାକି ଯୁଦ୍ଧରୁ ବିରତ ରହିବା ପାଇଁ ଆଦେଶ ଦେଲେ। ଗଣେଶ ଓହରି ଯିବାରୁ କାଞ୍ଚି ରାଜା ପରାଜୟ ବରଣ କଲେ। ଗଜପତି ଯୁଦ୍ଧ ଜୟ କରି କାଞ୍ଚିରୁ ଫେରିବା ବେଳେ ସେଠାରୁ ଗଣେଶଙ୍କ ବିଗ୍ରହ ଆଣି ଶ୍ରୀଜଗନ୍ନାଥଙ୍କ ପଛପଟେ (ଅପମାନଜନକ ଭାବେ) ଏକ ମନ୍ଦିରରେ ସ୍ଥାପନା କଲେ। ଗଣେଶ ଯୁଦ୍ଧ ସମୟରେ କାଞ୍ଚି ରାଜାଙ୍କୁ ଠକି ବା ଭଣ୍ଡି ଦେଇଥିବାରୁ ତାଙ୍କୁ ଭାଣ୍ଡ ଗଣେଶ କୁହାଗଲା।

ଆଉ ଏକ ଲୋକକଥାନୁସାରେ ବେଦପତି ବ୍ରହ୍ମାଙ୍କର ରିଦ୍ଧି ଓ ସିଦ୍ଧି ନାମରେ ଦୁଇଜଣ କନ୍ୟା ଥିଲେ। କୌଣସି କାରଣରୁ ସିଦ୍ଧିଙ୍କର ଚରିତ୍ର ସ୍ଖଳନ ହେବାର ଆଶଙ୍କା କରି ଦେବତାମାନେ ତାଙ୍କର ତୁରନ୍ତ ବିବାହ ପାଇଁ ପାତ୍ର ଖୋଜିବାରେ ଲାଗିଗଲେ। ସେମାନେ ଜାଣିବାକୁ ପାଇଲେ ଯେ ଶିବପୁତ୍ର ବିଘ୍ନହର୍ତ୍ତା ଗଣେଶ ଅବିବାହିତ। ଦେବତାମାନେ କୈଳାସ ଯାତ୍ରା କରି ମହାଦେବଙ୍କୁ ସିଦ୍ଧିଙ୍କ ସହ ଗଣେଶଙ୍କ ବିବାହ ପ୍ରସ୍ତାବ ଦେଲେ। ଶିବ ଭୋଳାନାଥ ପ୍ରସ୍ତାବରେ ରାଜି ହୋଇଗଲେ। ଆଜୀବନ ବ୍ରହ୍ମଚର୍ଯ୍ୟ ରକ୍ଷା ପାଇଁ ଗଣେଶ ପ୍ରତିଜ୍ଞାବଦ୍ଧ ଥିଲେ। କିନ୍ତୁ ପିତାଙ୍କର ଆଜ୍ଞା ପାଳନ କରିବା ତାଙ୍କର କର୍ତ୍ତବ୍ୟ ଥିଲା। ବିବାହ ସମ୍ପନ୍ନ ହେଲା। ଏହି ମୂର୍ତ୍ତିରେ ସିଦ୍ଧିଦେବୀ ଗଣେଶଙ୍କ କୋଳରେ ବସିଛନ୍ତି ଏବଂ ଗଣେଶ ଅସଂଯତ ଅବସ୍ଥାରେ ଦେବୀଙ୍କ କୋଳରେ ନିଜ ଶୁଣ୍ଢକୁ ସ୍ଥାପନ କରିଛନ୍ତି। ତେଣୁ ତାଙ୍କୁ ଭାଣ୍ଡ ଗଣେଶ ଓ କାମଦ ଗଣେଶ ବୋଲି ସମ୍ବୋଧିତ କରାଯାଏ। ଏହି ଗଣେଶଙ୍କ ଧ୍ୟାନ ମନ୍ତ୍ର ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ - "ମହାକାୟଧରଂ ଦେବଂ ବିଘ୍ନେଶଂ ବିଘ୍ନନାଶକଂ, ପରଶୁମାଳିକାହସ୍ତଂ ନିଜ ଲିଙ୍ଗାଗ୍ର ମର୍ଦ୍ଦକମ୍ / କ୍ରୋଡେ ସିଦ୍ଧି ମହାଦେବୀମାଲିଙ୍ଗ୍ୟ ବପୁରାୟତଂ, ଉଦ୍ଦଣ୍ଡ ବିଗ୍ରହଂ ବନ୍ଦେ ଶୁଣ୍ଢିନଂ ସିଦ୍ଧିଦାୟକମ୍"। ଏହି ମନ୍ତ୍ର ତାଙ୍କର ଭାଣ୍ଡ ଅବିଗୁଣକୁ ସ୍ୱୀକାର କରେ।

ଗଜପତି କାଞ୍ଚିରୁ ଆଣିଥିବା ଗଣେଶଙ୍କୁ ସ୍ଥାପନା କରିବା ପାଇଁ ତୁରନ୍ତ ସ୍ଥାନ ନିରୂପଣ ହୋଇ ନ ପାରିବାରୁ ଶ୍ରୀମହାପ୍ରଭୁଙ୍କ ରୋଷଘର ରାସ୍ତାରେ ଅସ୍ଥାୟୀ ଭାବେ ସ୍ଥାନିତ କରାଗଲା। ଦିନେ ମହାପ୍ରଭୁ ଗଜପତିଙ୍କୁ ସ୍ୱପ୍ନରେ କହିଲେ- "ରାଉତ! ତୁ କାଞ୍ଚି ଗଣେଶଙ୍କୁ ଆଣି ରୋଷଘର ରାସ୍ତାରେ ରଖିଲୁ। ଗଣେଶ ମୋ ପରି ଭୋଜନ ପ୍ରିୟ। ସେ ଅଭୁକ୍ତ ରହୁଛନ୍ତି। ତେଣୁ ମୋର ପ୍ରସାଦ ତାଙ୍କ ପାଖ ଦେଇ ଆସିବା ବେଳେ ସେ ଅଇଁଠା କରି ଦେଉଛନ୍ତି। ଯୁଦ୍ଧବେଳେ ଆମର କଥା ରକ୍ଷା କରି ସେ ଯୁଦ୍ଧରୁ ଓହରି ଗଲେ। ତେଣୁ କୃତଜ୍ଞତାର ସହ ତାଙ୍କର ପୂଜାର୍ଚ୍ଚନାର ବନ୍ଦୋବସ୍ତ କର।" ତା' ପରେ ଗଜପତି ଏକ ମନ୍ଦିର ନିର୍ମାଣ କରି ଗଣେଶଙ୍କର ପୂଜାର୍ଚ୍ଚନାର ବନ୍ଦୋବସ୍ତ କଲେ। ପ୍ରକୃତ ପକ୍ଷେ ଏ ପ୍ରକାରର ଗଣେଶ ବିଗ୍ରହ ଅତୀତରେ ତନ୍ତ୍ର ପରମ୍ପରାରେ ଆରାଧିତ ହେଉଥିଲେ।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମଝି ସମୁଦ୍ରରେ ବନବିଭାଗ ପାଟ୍ରୋଲିଂ ଟିମକୁ ଆକ୍ରମଣ ଘଟଣା

# ଫେରାର୍ ୮ ଅଭିଯୁକ୍ତଙ୍କୁ ବାନ୍ଧିଲା ପୁଲିସ



ରାଜନଗର, ୧୪।୧ (ସମିସ): ଗଭୀର ସମୁଦ୍ରରେ ବନବିଭାଗ ପାଟ୍ରୋଲିଂ ଟିମକୁ ଆକ୍ରମଣ ଘଟଣାରେ ଆକ୍ସନ ମୋଡ୍‌ରେ ପୁଲିସ। ଗତକାଲି ଚାନ୍ଦୀ ତାରିଣୀ-୩ ଟ୍ରଲରର ମାଲିକ ଅବିନାଶ ନାୟକଙ୍କୁ ତାଲଚୁଆ ସାମୁଦ୍ରିକ ଥାନା ପୁଲିସ ଉଠାଇ ଆଣିଥିଲା। ବନବିଭାଗ ହାତରୁ ଖସି ଯାଇଥିବା ୮ ଜଣ ମତ୍ସ୍ୟଜୀବୀଙ୍କୁ ଆଜି ପୁଲିସ ଗିରଫ କରିଛି। ତାଲଚୁଆ ଥାନା ଆଇଆଇସି ସସ୍ମିତା ସାହୁଙ୍କ ନେତୃତ୍ୱରେ ସବ୍ ଇନିସପେକ୍ଟର ଅନିଲ କୁମାର ମହାପାତ୍ର ଓ ପୁଲିସ ଟିମ ବିଭିନ୍ନ ସ୍ଥାନରେ ଚଢାଉ କରି ଠାକରା ମଲିକ, ମାଧବାନନ୍ଦ ମଲିକ, ମହତା ମଲିକ, ମନୋଜ ମଲିକ, ବୁଗା ମଲିକ, ଅଭୟ ମଲିକ, ଶ୍ୟାମ ମଲିକ, ମହନ୍ତ ମଲିକ ପ୍ରମୁଖ ୮ ଜଣଙ୍କୁ ଗିରଫ କରିଥିଲା। ଆଜ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟିଙ୍କ ଅଭିଯୋଗ ମୁତାବକ ତାଲଚୁଆ ସାମୁଦ୍ରିକ ଥାନାରେ ଭାରତୀୟ ନ୍ୟାୟ ସଂହିତା ୨୮୨, ୨୬୨, ୧୩୨, ୩୫୧(୩), ୩(୫) ଦଫାରେ ମାମଲା ରୁଜୁ ହୋଇଛି। ବନବିଭାଗ ପାଟ୍ରୋଲିଂ ଟ୍ରଲରକୁ ଆକ୍ରମଣ ଘଟଣାରେ ମାଲିକଙ୍କୁ ଗିରଫକରାଯିବା ପ୍ରଥମ ବୋଲି କୁହାଯାଉଛି। ମାଲିକମାନେ ଭିଏଚ୍‌ଏଫ ମାଧ୍ୟମରେ ଅପରାଧ କରିବାକୁ ନିର୍ଦ୍ଦେଶ ଦେଇ ଖସିଯାଉଥିଲେ। ଅନ୍ୟପଟେ ବନବିଭାଗ ପାଟ୍ରୋଲିଂ ଟିମକୁ ଆକ୍ରମଣ କରିଥିବା ୫ଟି ଟ୍ରଲରକୁ ଧରିବା ପାଇଁ ବନବିଭାଗ ପାଟ୍ରୋଲିଂକୁ ଯୋରଦାର କରିଥିବା ବେଳେ ତାଲଚୁଆ ସାମୁଦ୍ରିକ ଥାନା ପୁଲିସ ଜଳପଥରେ ପାଟ୍ରୋଲିଂକୁ ଜୋରଦାର କରିଛି। ସୂଚନାଯୋଗ୍ୟ, ରବିବାର ଦିନ ବନବିଭାଗ ପାଟ୍ରୋଲିଂ ଟିମ୍ ଗଭୀର ସମୁଦ୍ରରେ ବିରଳ ଅଲିଭରିଡଲେ କଇଁଛଙ୍କୁ ସୁରକ୍ଷା ଦେବା ପାଇଁ ପାଟ୍ରୋଲିଂ କରୁଥିବା ବେଳେ କୂଳରୁ ୭ କିମି ଦୂରରେ ଚାନ୍ଦି ତାରିଣୀ-୩ ନାମକ ଟ୍ରଲର ବେଆଇନ ଭାବେ ମାଛ ମାରୁଥିବା ଦେଖିଥିଲେ। ଏହି ଟ୍ରଲରକୁ ଗୋଡାଇ ବନବିଭାଗ ପାଟ୍ରୋଲିଂ ଟିମ୍ ଧରିବା ପରେ ସେହି ସମୟରେ ସେଠାରେ ଅନ୍ୟ ୫ଟି ଟ୍ରଲର ପହଞ୍ଚି ବନବିଭାଗ ପାଟ୍ରୋଲିଂ ବୋଟ୍‌କୁ ବୁଡ଼ାଇ ଦେବା ପାଇଁ ଯୋଜନା କରିବା ସହ ବନବିଭାଗ ଜବତ କରିଥିବା ଟ୍ରଲରରୁ ଗିରଫ ୮ ମତ୍ସ୍ୟଜୀବୀଙ୍କୁ ଜୋରଜବରଦସ୍ତ ଛଡ଼ାଇ ନେଇଥିଲେ।

## ପଟ୍ଟାମୁଣ୍ଡାଇ କଲେଜ ସାଂସ୍କୃତିକ ସଂସଦର ବାର୍ଷିକ ଉତ୍ସବ

ପଟ୍ଟାମୁଣ୍ଡାଇ, ୧୪।୧(ସମିସ): ପଟ୍ଟାମୁଣ୍ଡାଇ କଲେଜ ସାଂସ୍କୃତିକ ସଂସଦ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ପ୍ରଫେସର ଦିଲୀପ ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ବିଶିଷ୍ଟ ଗୀତିକାର ସନ୍ଦୀପ ସାହୁ ଓ ଲିପ୍ସା ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ବିକାଶ ପାଇଁ ସବୁସ୍ତରରେ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ଅଧାପିକା ଡ. ନିବେଦିତା ପ୍ରଧାନ ସ୍ୱାଗତ ଭାଷଣ ଓ ଅଧାପିକା ନିବେଦିତା ନାୟକ ଅତିଥ ପରିଚୟ ପ୍ରଦାନ କରିଥିଲେ। ଏଇ ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ



କରାଯାଇଥିଲା। ଶେଷରେ ଡ଼ ଦେବସ୍ମିତା ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରାଧାପକ ଡ. ସୁନୀଲ ପ୍ରଧାନ, ଡ. ଫକୀର ପ୍ରଧାନ, ଅମୀୟ ଦାସ, ଅଧାପକ ସୁଭାଶିଷ ମିଶ୍ର, ସରୋଜ ନାୟକ ପରିଚାଳନା କରିଥିବାବେଳେ ଅଧାପକ ରଞ୍ଜନ ବେହେରା ଏବଂ ପିଣ୍ଟୁ ପଟେଲ ମନୋଜ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଫିଟନେସ୍ ପାର୍କରେ ରାଷ୍ଟ୍ରୀୟ ଯୁବ ଦିବସ ପାଳନ



ଡେରାବିଶ, ୧୪।୧(ସମିସ): ଡେରାବିଶ ବ୍ଲକ ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ ଅଳାବାଙ୍କ ସ୍ଥିତ 'ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟୋଟାଲ ଫିଟନେସ୍ ଆଣ୍ଡ ଷ୍ଟ୍ରେସ୍ ମ୍ୟାନେଜମେଣ୍ଟର ଫିଟ୍‌ନେସ୍ ପାର୍କରେ ରାଷ୍ଟ୍ରୀୟଯୁବ ଦିବସ ପାଳନ କରାଯାଇଛି। ଏହି ଉତ୍ସବରେ ଅନୁଷ୍ଠାନର ପ୍ରତିଷ୍ଠାତା ଓ ପରିଚାଳକ ସୁବେଦାର ମେଜର ବ୍ରଜ କିଶୋର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ କଣ୍ଡୁରି ଚରଣ ପାତ୍ର ଯୋଗଦେଇ ଅନୁଷ୍ଠାନରୁ ସଫଳତା ପାଇଥିବା ଚାରିଜଣ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆଶୀର୍ବାଦ ପ୍ରଦାନ କରିଥିଲେ। ଏ ଏହି ଉତ୍ସବରେ ଅନୁଷ୍ଠାନର ଉପଦେଷ୍ଟା କାଙ୍ଗାଳି ଚରଣ ବାରିକ, ନାରାୟଣ ଜେନା, ଡାକ୍ତର ମନୋଜ କୁମାର ମହଲା, ମରୁତ ସାହୁ ଓ ଶେଖ କାଲୁ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଏସ୍‌ଏନ୍ ଡିଗ୍ରୀ କଲେଜରେ ଜିଏସ୍‌ଟି ଟିମ୍

ରାଜକନିକା, ୧୪।୧(ସମିସ): ଆଜି ଅପରାହ୍ନରେ ଏସ୍‌ଏନ୍ ଡିଗ୍ରୀ କଲେଜରେ ଜିଏସଟି ଟିମ୍ ପହଞ୍ଚି କଲେଜ ତରଫରୁ ନିର୍ଦ୍ଦିଷ୍ଟ ଏକ କମ୍ପାନୀର କେମିକାଲ୍ କିଣିବା ସମ୍ପର୍କିତ ବିଲ୍ ଓ କାଗଜର ତନଖି କରିଛନ୍ତି। ଏ ସମ୍ପର୍କରେ କଲେଜକୁ ସିଟି ଆଣ୍ଡ ଜିଏସଟି ଏନ୍‌ଫୋର୍ସମେଣ୍ଟ ୟୁନିଟ୍ ଭୁବନେଶ୍ୱର ପକ୍ଷରୁ ଗତ ୩୧/୧୨/୨୪ ରିଖରେ ଚିଠି ନଂ ୧୩୩୭ରେ ଏସଏନ କଲେଜ ପ୍ରିନ୍ସପାଲଙ୍କୁ ଚିଠି ମିଳିଥିଲା। ଚିଠି ଅନୁସାରେ ଦିବ୍ୟାଂଶୀ କେମିକାଲ୍ସ ଆଣ୍ଡ ଇକଇପମେଣ୍ଟ ଦ୍ୱାରା କଲେଜ କୁ ଯୋଗାଇ ଦିଆ ଯାଇଥିବା କେମିକାଲ୍ସ କିଣାବିକାରେ ଜିଏସଟି କୁ ନେଇ ସନ୍ଦେହ ଥିବାରୁ ଏଭଳି ତନଖି କରାଯାଇଥିବା କଲେଜ ପକ୍ଷରୁ ସୂଚନା ମିଳିଛି

## ୮ ୱାର୍ଡ ସଭ୍ୟ ବିଜେପିରେ ସାମିଲ

ରାଜନଗର, ୧୪।୧ (ସମିସ): ରାଜନଗର ପଞ୍ଚାୟତର ୮ ଜଣ ୱାର୍ଡ ସଭ୍ୟସଭ୍ୟା ଆଜି ବିଜେପିରେ ସାମିଲ ହୋଇଛନ୍ତି। ଭୁବନେଶ୍ୱରଠାରେ ରାଜନଗର ନିର୍ବାଚନମଣ୍ଡଳୀର ବିଜେପି ନେତା ଲଳିତ କୁମାର ବେହେରାଙ୍କ ନେତୃତ୍ୱରେ ୱାର୍ଡସଭ୍ୟ ଭିକାରୀ ଚରଣ ବଳ, ନିତ୍ୟାନନ୍ଦ ସେଠୀ, ପର୍ଶୁରାମ ଦାସ, ବନମାଳା ମଲିକ, ହେମନ୍ତ କୁମାର ସେଠୀ, ଛଇଳା ସେଠୀ, ସର୍ମିଷ୍ଠା ସାହୁ, ଡାଙ୍ଗୁ ସେଠୀ ପ୍ରମୁଖ ବିଜେପିରେ ସାମିଲ ହୋଇଛନ୍ତି। ୱାର୍ଡସଭ୍ୟ ସଭ୍ୟା ମାନଙ୍କ ସହିତ ଧ୍ରୁବ ଚରଣ ଲେଙ୍କା, ଶରତ ମଲିକ, ଅର୍ଜୁନ ମଲିକ, ମାଳତୀ ସେଠୀ ପ୍ରମୁଖ ବିଜୁ ଜନତା ଦଳ ଛାଡି ବିଜେପିରେ ସାମିଲ ହୋଇଛନ୍ତି।

## ଅସହାୟଙ୍କୁ କମ୍ବଳ ବଣ୍ଟନ

ରାଜନଗର, ୧୪।୧(ସମିସ): ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା'ଶାରଳା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମକର ସଂକ୍ରାନ୍ତି ଅବସରରେ ମାନସିକ ରୋଗୀ ଏବଂ ରାସ୍ତା କଡ଼ରେ ବୁଲୁଥିବା ଅସହାୟ ବ୍ୟକ୍ତିମାନଙ୍କୁ ଶୀତ ଦାଉରୁ ରକ୍ଷା କରିବା ପାଇଁ କମ୍ବଳ ଏବଂ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ପ୍ରତିବର୍ଷ ପରି ଚଳିତବର୍ଷ ମଧ ଅନୁଷ୍ଠାନ ପକ୍ଷରୁ ଏହି ଶୀତକାଳୀନ ସେବାକାର୍ଯ୍ୟ କରାଯାଇଛି। ଏହି ସେବା କାର୍ଯ୍ୟରେ ଅନୁଷ୍ଠାନର ମୁଖ୍ୟ ପ୍ରତିଷ୍ଠାତା ମହେଶ୍ୱର ସାହୁ, ଉପସଭାପତି ସନାତନ ଓଝା, ଚିନ୍ମୟ ଦାସ, କୋଷାଧକ୍ଷ ମହେଶ୍ୱର ପାତ୍ର ଏବଂ ଲକ୍ଷ୍ମୀ ନାରାୟଣ ସଂସ୍କୃତ ବିଦ୍ୟାଳୟର ପଣ୍ଡିତ ବରଦାକାନ୍ତ ଜେନାଙ୍କ ସମେତ ଟ୍ରଷ୍ଟର ସଭ୍ୟମାନେ ଏହି ସେବା କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିଥିଲେ।

## ବାସ୍ତୁଶାସ୍ତ୍ରବିତ୍ ଡ଼ ସନ୍ତୋଷ ପାଣି ସମ୍ମାନିତ



ପଟ୍ଟାମୁଣ୍ଡାଇ ୧୪।୧(ସମିସ): ପଟ୍ଟାମୁଣ୍ଡାଇ ଓ ଆଳି ଅଞ୍ଚଳର ବିଶିଷ୍ଟ ଜ୍ୟୋତିର୍ବିଦ୍ ଓ ବାସ୍ତୁଶାସ୍ତ୍ରବିତ ଡ଼ ସନ୍ତୋଷ କୁମାର ପାଣିଙ୍କୁ ସମ୍ମାନିତ କରାଯାଇଛି। ଏହି ଉପଲକ୍ଷେ ଭାରତୀୟ ବାସ୍ତୁ ଶାସ୍ତ୍ର ଓ ଜ୍ୟୋତିଷ କେନ୍ଦ୍ର ଅଧକ୍ଷ ଡ଼ ପିୟୁଷ ପିପାସୁ ଦାସଙ୍କ ଦ୍ୱାରା ଭୁବନେଶ୍ୱରଠାରେ ଆୟୋଜିତ ଜ୍ୟୋତିଷ ସମ୍ମିଳନୀରେ ପୂର୍ବତନ ସାଂସଦ କବି ଡ଼ ପ୍ରସନ୍ନ ପାଟଶାଣୀ, ଜ୍ୟୋତିର୍ବିଦ ଡ଼ ନିରଞ୍ଜନ ମହାପାତ୍ର ଓ ଡ଼. ପି ହଳଧର ଯୋଗ ଦେଇ ଡ. ପାଣିଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ।

## ବଳଦେବ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ରଙ୍କ ଆଲୋଚନାଚକ୍ର



କେନ୍ଦ୍ରାପଡ଼ା, ୧୪।୧(ସମିସ): କେନ୍ଦ୍ରାପଡ଼ା ସହରର ବଳଦେବ ଉଚ୍ଚ ବିଦ୍ୟାଳୟର ୨୦୦୫ ବ୍ୟାଚର ପୁରାତନ ଛାତ୍ରମାନଙ୍କର ଏକ ଆଲୋଚନାଚକ୍ର ମା'ବରୁଣେଇଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ପୁରାତନ ଛାତ୍ର ରୂପେ ଭବିଷ୍ୟତରେ ବିଦ୍ୟାଳୟର ଉନ୍ନତି ଓ ଅଧୁନା ବିଦ୍ୟାଳୟରେ ପଢୁଥିବା ପିଲାମାନଙ୍କ ପାଇଁ ପ୍ରୋତ୍ସାହନ ପ୍ରଦାନ ନିମିତ୍ତ କିଛି କାର୍ଯ୍ୟକ୍ରମ ହାତକୁ ନେବାକୁ ଆଲୋଚନା କରାଯାଇଥିଲା। ପୁରାତନ ଛାତ୍ରମାନଙ୍କର ଏକ ବନ୍ଧୁମିଳନ ଉତ୍ସବ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସୌମ୍ୟକାନ୍ତ, ସମ୍ବିତ, ଆଦିତ୍ୟ, ବିଶ୍ୱରଞ୍ଜନ, ସରୋଜ, ଗୁରୁଚରଣ, ବିଭବ, ଶାରଦା ପ୍ରସନ୍ନ ପ୍ରମୁଖ ସୂଚାରୁ ରୂପେ ପରିଚାଳନା କରିଥିଲେ।

## ନେହେରୁ ଯୁବ କେନ୍ଦ୍ରର ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ଡେରାବିଶ, ୧୪।୧(ସମିସ): ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ ଅଧୀନ ପତିତପାବନ ଯୁବକ ସଂଘଠାରେ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡ଼ା ପ୍ରତିଯୋଗିତାରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ୧୫ରୁ ୨୯ ବର୍ଷ ବୟସ୍କ ଯୁବକ, ଯୁବତୀ, ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ କବାଡ଼ି, ଫୁଟବଲ, ସ୍ଲୋ-ସାଇକଲ, ବ୍ୟାଡମିଣ୍ଟନ ଓ ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ମାନସୀ ସାମଲ ଓ ସମ୍ମାନିତ ଅତିଥି ଭାବରେ ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁ, ନେହେରୁ ଯୁବକେନ୍ଦ୍ରର ଜିଲ୍ଲା ଅଧିକାରୀ ଗୋଲି ତିରୁପତି ରେଡ୍ଡି ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପତିତପାବନ କ୍ଲବର ସମ୍ପାଦକ କ୍ରୀଡ଼ାବିତ୍ ନାରାୟଣ ଚନ୍ଦ୍ର ବାରିକ ସଂଯୋଜନା କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାକୁ ମାରୁତି ଉଚ୍ଚ ବିଦ୍ୟାପୀଠର କ୍ରୀଡ଼ା ଶିକ୍ଷକ ବାନାମ୍ବର ଜେନା ପରିଚାଳନା କରିଥିଲେ। ପରିଚାଳନାରେ ଜଗନ୍ନାଥ ବାରିକ, ସୁଶ୍ରୀସଙ୍ଗୀତା ଜେନା, ପୂଜା ଘଡ଼େଇ, ଜଗଦିଶ ସେଠୀ ଓ ଦୀପକ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି
# ଜଟଣୀକୁ ହରାଇ ଭଦ୍ରକ ଫାଇନାଲରେ



ରାଜନଗର, ୧୪।୧( ସମିସ): ରାଜନଗର ବ୍ଲକର ବଡ଼ପଲ୍ଲୀ ଚଞ୍ଚଳା ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ୪୩ ତମ ଚଞ୍ଚଳା ଟ୍ରଫିର ପ୍ରଥମ ସେମି ଫାଇନାଲରେ ଜଟଣୀ କ୍ରିକେଟ୍ ଆସୋସିଏସନକୁ ୧୦ ଉଇକେଟ୍‌ରେ ହରାଇ ୟୁନିକ କ୍ରିକେଟ୍ ଆସୋସିଏସନ, ଭଦ୍ରକ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ଜଟଣୀ କ୍ରିକେଟ ଆସୋସିଏସନ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରୁ ୧୮.୩ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୧୦୭ ରନ କରିଥିଲେ। ଦଳର ସନ୍ତୋଷ ପାତ୍ର ୧୪ ବଲରେ ୫ଟା ଛକା, ଗୋଟିଏ ଚଉକା ସହାୟତାରେ ୩୬ ରନ, ଆଇ ଏସ ଗିରି ୯ଟି ବଲରେ ଗୋଟିଏ ଚଉକା ଓ ଗୋଟିଏ ଛକା ସହାୟତାରେ ୧୫ ରନ କରିଥିଲେ। ଭଦ୍ରକର ଲକ୍ଷ୍ମୀଧର ବେହେରା ୫ ଓଭର ବୋଲିଂ କରି ୨୬ ରନ ଦେଇ ୫ ଉଇକେଟ ନେଇଥିଲେ। ୧୦୮ ରନର ବିଜୟ ଲକ୍ଷ୍ୟ ନେଇ ୟୁନିକ କ୍ରିକେଟ୍ ଏକାଡେମୀ ଭଦ୍ରକ ୧୩.୩ ଓଭରରେ ୧ ଉଇକେଟ ହରାଇ ୧୧୦ ରନ ସଂଗ୍ରହ କରି ପ୍ରଥମ ଦଳ ଭାବେ ଫାଇନାଲକୁ ପ୍ରବେଶ କରିଥିଲା। ଦଳର ଶାନ୍ତନୁ ଦାସ ୪୧ ବଲରୁ ୪ଟି ଚଉକା ଓ ୫ଟି ଛକା ସହାୟତାରେ ୭୭ ରନ, ଦିବ୍ୟଶକ୍ତି ଚକ୍ରବର୍ତ୍ତୀ ୧୭ ବଲରୁ ୩ଟି ଚଉକା ସହାୟତାରେ ୧୮ ରନ୍ କରିଥିଲେ। ଜଟଣୀର ପ୍ରବଣୀ କୁମାର ୩ ଓଭର ବୋଲିଂ କରି ୧୭ ରନ ଦେଇ ଗୋଟିଏ ଉଇକେଟ ନେଇଥିଲେ। ଭଦ୍ରକର ଲକ୍ଷ୍ମୀଧର ବେହେରାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପ୍ରଦାନ କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୋଇଲିପୁର ସେବା ସମବାୟ ସମିତିର ପୂର୍ବତନ ସମ୍ପାଦକ ଘନ୍ୟଶାମ ଜେନା, ସମ୍ମାନିତ ଅତିଥି ଭାବେ କୋଇଲିପୁର ସେବା ସମବାୟ ସମିତିର ସଭାପତି ନୃସିଂହ ସାହୁ ଯୋଗଦେଇ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ସ୍କୋରର ଭାବେ ପ୍ରକାଶ ଚନ୍ଦ୍ର ସେଠୀ, ଉମେଶ ବଳ, ଭାସ୍ୟକାର ଭାବେ ବିଜୟ ବଳ, ଶଶଧର ରାଉତ ଦାୟିତ୍ୱ ତୁଲାଇଥିବା ବେଳେ ନିରୋଦ ବଳ, ବିଭୂତି ସ୍ୱାଇଁ ଖେଳ ପରିଚାଳନା କରିଥିଲେ। ଆସନ୍ତାକାଲି ୩ୟ କ୍ୱାର୍ଟର ଫାଇନାଲ ଗୋପବନ୍ଧୁ କ୍ରିକେଟ କ୍ଲବ କେନ୍ଦ୍ରାପଡ଼ା ସହିତ ନିମପୁର ସ୍ପୋର୍ଟ୍ସ ଆଣ୍ଡ କ୍ଲବ ଜଗତପୁର ମଧ୍ୟରେ ଅନୁଷ୍ଠିତ ହେବ।

## ଜରୁରୀ ପରିସ୍ଥିତିରେ ଜେଲ ଯାଇଥିବା ବ୍ୟକ୍ତି ପାଇବେ ଭତ୍ତା

କେନ୍ଦ୍ରାପଡ଼ା, ୧୪।୧ (ସମିସ): ୧୯୭୫ ମସିହାରୁ ୧୯୭୭ ମସିହା ପର୍ଯ୍ୟନ୍ତ ଜାରି ହୋଇଥିବା ଜରୁରୀକାଳୀନ ପରିସ୍ଥିତରେ ତତ୍କାଳୀନ ସରକାରଙ୍କ ନିଷ୍ପତ୍ତି ବିରୋଧରେ ଯେଉଁମାନେ ଆନ୍ଦୋଳନ କରିଥିଲେ ଓ କାରାବରଣ କରି ବନ୍ଦୀ ଜୀବନ କଟାଇଥିଲେ ସେମାନଙ୍କୁ ଭତ୍ତା ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଯେଉଁମାନେ ଜୀବିତ ଅଛନ୍ତି ସେମାନଙ୍କୁ ଏହି ଭତ୍ତା ପ୍ରଦାନ କରାଯିବ। ନିର୍ଦ୍ଦିଷ୍ଟ ଫର୍ମ ପୁରଣ କରି ଜିଲ୍ଲାପାଳଙ୍କୁ ଆବେଦନ କରିବା ସମୟରେ ନାମ, ପିତାଙ୍କ ନାମ, ଜନ୍ମ ତାରିଖ, ଆଧାର ନମ୍ବର, କାରାବରଣ ସମୟସୀମା ଓ କାରାବରଣ ସ୍ଥାନ ଆଦି ଆବଶ୍ୟକୀୟ କାଗଜପତ୍ର ଦାଖଲ କରିବା ସହିତ ନିଜ କାରାବରଣ ସମୟର ଅନ୍ୟୁନ ତିନିଜଣ ସହକର୍ମୀଙ୍କ ନାମ ଉଲ୍ଲେଖ କରିବା ଆବଶ୍ୟକ ବୋଲି ସୂଚନା ପ୍ରଦାନ କରାଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହସ୍ତଗତ ହୋଇଥିବା ଦରଖାସ୍ତ ଗୁଡିକୁ ସଠିକ ଯାଞ୍ଚ କରାଯାଇ ରାଜ୍ୟସ୍ତରୀୟ ଯାଞ୍ଚ କମିଟିକୁ ପ୍ରେରଣ କରାଯିବ। ଜିଲ୍ଲାପାଳଙ୍କ ଅଧକ୍ଷତାରେ ଗଠିତ ଜିଲ୍ଲା ସ୍ତରୀୟ ଯାଞ୍ଚ କମିଟିରେ ଆରକ୍ଷୀ ଅଧୀକ୍ଷକ ଓ ଜେଲ ଅଧୀକ୍ଷକ ସଭ୍ୟ ଅଛନ୍ତି। ଆବେଦନକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଆବଶ୍ୟକୀୟ କାଗଜପତ୍ର ନକଲି ବୋଲି ପ୍ରମାଣିତ ହେଲେ ପ୍ରଦାନ କରାଯାଇଥିବା ଭତ୍ତା ସହିତ ବାର୍ଷିକ ୧୨ପ୍ରତିଶତ ସୁଧ ଆବେଦନକାରୀଙ୍କ ଠାରୁ ଅସୁଲ କରାଯିବ। ଯଦି ଆବେଦନକାରୀଙ୍କ ବିରୋଧରେ କୌଣସି କ୍ରିମିନାଲ କେଶ ଥିବ କିମ୍ବା ବିଚାରାଳୟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିବେ, ତାଙ୍କର ଆବେଦନପତ୍ରକୁ ବିଚାର କରାଯିବ ନାହିଁ ବୋଲି କୁହାଯାଇଛି।

## ଶିକ୍ଷାବିତ୍ ଦ୍ୱିଜବର ବେହେରାଙ୍କ ସ୍ମୃତିଚାରଣ ସଭା



କୁଜଙ୍ଗ, ୧୪।୧ (ସମିସ): କୁଜଙ୍ଗ ଅଞ୍ଚଳର ଶିକ୍ଷାବିତ୍ ତଥା ପ୍ରାକ୍ତନ କୁଜଙ୍ଗ ବ୍ଲକ ଅଧକ୍ଷ ସ୍ମୃତିରଞ୍ଜନ ବେହେରାଙ୍କ ପିତା ସ୍ୱର୍ଗତ୍ ଦ୍ୱିଜବର ବେହେରା ଓ ମାତା ଲକ୍ଷ୍ମୀପ୍ରିୟା ବେହେରାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଓ ପ୍ରତିମୂର୍ତ୍ତୀ ଉନ୍ମୋଚନ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୁଜଙ୍ଗ ସ୍ଥିତ ବଳରାମପୁର ବାସଭବନ ପରିସରରେ ସ୍ୱର୍ଗତ ଦ୍ୱିଜବର ଏବଂ ଲକ୍ଷ୍ମୀପ୍ରିୟାଙ୍କ ପ୍ରତିମୂର୍ତ୍ତି ଶିଳ୍ପ ଦକ୍ଷତା ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଏହି ସ୍ମୃତି ସଭାରେ ଜଗତ୍‌ସିଂହପୁର ସାଂସଦ ଡା. ବିଭୂ ପ୍ରସାଦ ତରାଇ, ପ୍ରାକ୍ତନ ସାଂସଦ ଡା. କୁଳମଣୀ ସାମଲ, ପାରାଦ୍ୱୀପର ପୌରାଧକ୍ଷ ବସନ୍ତ କୁମାର ବିଶ୍ୱାଳ, ପ୍ରେସ୍‌କ୍ଲବ ସଭାପତି ଡ.ରଘୁନାଥ ସାହୁ, ପ୍ରାକ୍ତନ ସରପଞ୍ଚ କୈଳାସ ବେହେରା, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ଶିକ୍ଷାବିତ୍ ଗଙ୍ଗାଧର ସାମନ୍ତରାୟ ପ୍ରମୁଖ ସହ ବହୁ ବିଶିଷ୍ଟ ବ୍ୟକ୍ତି ସ୍ମୃତିଚାରଣ କରିଥିଲେ। କବି ନବୀନ ପ୍ରଧାନ, ସୁଭାଷ ସାମନ୍ତରାୟ ପ୍ରମୁଖ କବିତା ପାଠ କରିଥିଲେ। ୨୮ ପଞ୍ଚାୟତର ବର୍ତ୍ତମାନ ଏବଂ ପୂର୍ବତନ ସରପଞ୍ଚ, ସମିତି ସଭ୍ୟ/ସଭ୍ୟା ଓ ଜିଲ୍ଲା ପରିଷଦ ମାନେ ଉପସ୍ଥିତ ଥିଲେ। କମ୍ରେଡ୍ ବାବୁରାମ ଚୌଧୁରୀଙ୍କ ପୌରୋହିତ୍ୟ ତଥା ସାମାଜିକ କର୍ମୀ ରବି ନାୟକଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମକୁ ପୁତ୍ର ସ୍ମୃତି ରଞ୍ଜନ ବେହେରା, ସୁଧୀର ରଞ୍ଜନ ବେହେରା ଓ ଶକ୍ତି ରଞ୍ଜନ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ତୃତୀୟ ଜିଲ୍ଲାସ୍ତରୀୟ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ






କେନ୍ଦ୍ରାପଡ଼ା, ୧୪।୧(ସମିସ): କେନ୍ଦ୍ରାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ କଲେକ୍ଟୋରେଟ୍ ଷ୍ଟାଫ୍ କମିଟି ଓ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଦ୍ୱିଦିବସୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସୋମବାର ଦିନ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟିତ କରି କହିଲେ ଯେ କ୍ରୀଡ଼ା ଦ୍ୱାରା ସୁସ୍ଥ ସମାଜ ଗଠନ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ଓ କେନ୍ଦ୍ରାପଡ଼ାବାସୀଙ୍କ ନିମନ୍ତେ ଏହି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଉପଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ, କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୮ ଟି ଦଳ ଭାଗ ନେଇଥିଲେ।

କେନ୍ଦ୍ରାପଡ଼େ କଲେକ୍ଟୋରେଟ୍ ଷ୍ଟାଫ୍ କମିଟି ଟିମ୍, ଜିଲ୍ଲା ଆଡ୍‌ମିନିଷ୍ଟ୍ରେଟର୍ ଟିମ୍, କେନ୍ଦ୍ରାପଡ଼ା ଆଇନଜୀବୀ ଟିମ୍, କେନ୍ଦ୍ରାପଡ଼ା ମିଡିଆ ଟିମ୍-ଏ ଓ ମିଡିଆ ଟିମ୍ -ବି, କେନ୍ଦ୍ରାପଡ଼ା ପୋଲିସ ଟିମ୍, କେନ୍ଦ୍ରାପଡ଼ା ଏକ୍‌ସାଇଜ୍ ରାଇଜିଂ ଟିମ୍ ଓ କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି କାଉନ୍‌ସିଲର ଟିମ ମଧ୍ୟରେ ସୋମବାର ଦିନ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସେମାନଙ୍କ ମଧ୍ୟରୁ ଜିଲ୍ଲା ପୋଲିସ ଟିମ୍, ଜିଲ୍ଲା ମିଡିଆ ଟିମ୍ (ଏ), ଜିଲ୍ଲା ଆଇନଜୀବୀ ଟିମ୍ ଓ ମିଡିଆ ଟିମ୍ (ବି) ସେମିଫାଇନାଲ୍‌କୁ ଉନ୍ନିତ ହୋଇଛନ୍ତି। ବୁଧବାର ଦିନ ସେମିଫାଇନାଲ୍ ଓ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ।

ଏହି ମ୍ୟାଚ୍ ସନ୍ଧ୍ୟା ସାଢେ ୫ଟାରୁ ଆରମ୍ଭ ହୋଇ ରାତି ୧୦ଟାରେ ଶେଷ କରାଯିବ ବୋଲି ସଭାପତି ଶୈଳେନ୍ଦ୍ର ନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି। ସମ୍ପାଦକ ସୌଭାଗ୍ୟ ରଞ୍ଜନ ଦାସ, ପଲ୍ଲବୀ ପ୍ରିୟଦର୍ଶିନୀ, ଦିବ୍ୟରଞ୍ଜନ ବେହେରା, ବିବେକାନନ୍ଦ ନାୟକ, ସୂର୍ଯ୍ୟ ନାରାୟଣ ବେହେରା, ସୁକାନ୍ତ କୁମାର ଜେନା, ଉମେଶ ଚନ୍ଦ୍ର ବେହେରା, ପ୍ରମୋଦ କୁମାର ସାହୁ ପ୍ରମୁଖ ଏହି ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲେ। ସେକ୍ ଅସଲାମ୍, ଦେବାଶିଷ, ପ୍ରିୟବ୍ରତ ଜେନା, ସେକ୍ ଚନ୍ଦନ ପ୍ରମୁଖ ଅମ୍ପାୟାର ଭାବେ ଏହି ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲେ।

## ଜୟହିନ୍ଦ୍ ହାଇସ୍କୁଲ ୧୯୮୧ ବ୍ୟାଚର ସମାବେଶ

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହ, ୧୪।୧(ସମିସ): ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳ ଅନ୍ତର୍ଗତ ଦାଣ୍ଡିସାହି ଜୟହିନ୍ଦ୍ ଉଚ୍ଚ ବିଦ୍ୟାଳୟର ୧୯୮୧ ମସିହା ମାଟ୍ରିକ୍ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦିବଂଗତ ବନ୍ଧୁମାନଙ୍କର ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଉତ୍ସବରେ ଜୟହିନ୍ଦ୍ ଉଚ୍ଚ ବିଦ୍ୟାଳୟର କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଧୋୟାଞ୍ଚଳର ଏହି ପୁରାତନ ଶିକ୍ଷାନୁଷ୍ଠାନର ଆଗାମୀ ୨ ବର୍ଷ ପରେ ପ୍ଲାଟିନମ୍ ଜୁବିଲି ପାଳନ କରାଯିବାକୁ ଥିବାରୁ ଏହି ଉତ୍ସବ ପାଳନରେ ୧୯୮୧ ମାଟ୍ରିକ ବ୍ୟାଚ୍ ମୁଖ୍ୟ ଭୂମିକା ଗ୍ରହଣ କରିବା ସହିତ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ପାଇଁ ସଂକଳ୍ପ ନେଇଥିଲେ।

ସକାଳ THE SAKALA



### ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ କିକ୍‌ବକ୍ସିଂ ଚାମ୍ପିଅନସିପ୍

# ଜନତା ମହାବିଦ୍ୟାଳୟ ଖେଳାଳିଙ୍କ ସଫଳତା

ଢେଙ୍କାନାଳ,୧୪ ।୧(ସମିସ)




ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ୨ଦିନ ଧରି ଯାଜପୁର ନୃସିଂହ ଚୌଧୁରୀ ମହାବିଦ୍ୟାଳୟରେ ଆନ୍ତଃ ମହାବିଦ୍ୟାଳୟ କିକ୍‌ବକ୍ସିଂ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଛି । ଏଥିରେ ୧୬ ମହାବିଦ୍ୟାଳୟର ୭୦ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ । ଢେଙ୍କାନାଳ ଜିଲ୍ଲା ଜନତା ମହାବିଦ୍ୟାଳୟର ବାଳିକା ଓ ବାଳକ ବିଭାଗରେ ୧୯ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ । ମହାବିଦ୍ୟାଳୟ ବାଳକ ବିଭାଗ ପ୍ରତିଯୋଗୀମାନେ ୬ଟି ସ୍ୱର୍ଣ୍ଣ ଓ ବାଳିକା ବିଭାଗ ଖେଳାଳିମାନେ ୩ଟି ସ୍ୱର୍ଣ୍ଣ ସହ ୪ଟି ରୌପ୍ୟ ପଦକ ହାସଲ କରିଛନ୍ତି । ପଏଣ୍ଟ ଫାଇଟ୍‌ରେ ୫୨କେଜି ବର୍ଗରେ ଶୁଭଙ୍କର ନାଏକ, ୫୭କେଜି ବର୍ଗରେ ଋଷଭ କରନ, ୬୯କେଜି ବର୍ଗରେ ସୌଭାଗ୍ୟ ରଞ୍ଜନ ବେହେରା, ୭୪କେଜି ବର୍ଗରେ ସମିର ପ୍ରଧାନ, ୮୪କେଜି ବର୍ଗରେ ଶୁଦ୍ଧୀନ୍ଦ୍ର ନାଥ ପଟ୍ଟନାୟକ, ଲୋ-କିକ୍ ଫାଇଟ ୭୫ କେଜି ବର୍ଗରେ ଯୋଗେଶ୍ୱର ସାହୁ, ୯୧କେଜି ବର୍ଗରେ ରୁଦ୍ରଶଙ୍କର ପଟ୍ଟନାୟକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ବାଳିକା ବିଭାଗ ଲୋ-କିକ୍ ଫାଇଟ ୪୮କେଜି ବର୍ଗରେ ସ୍ମୃତି ଭୋଇ, ୫୬କେଜି ବର୍ଗରେ ଅରୁନ୍ଧତୀ ସାହୁ, ୬୦କେଜି ବର୍ଗରେ ବର୍ଷା ସାହୁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ପଏଣ୍ଟ ଫାଇଟ୍ ୫୦କେଜି ବର୍ଗରେ ମାନସୀ ସାହୁ, ୫୫କେଜି ବର୍ଗରେ ରୂପା ନାଏକ, ୬୦କେଜି ବର୍ଗରେ ରୋଶନୀ ବେଗମ୍, ୭୦କେଜିରୁ ଅଧିକ ବର୍ଗରେ ଦୀପା ନାଏକ ରୌପ୍ୟ ପଦକ ହାସଲ କରିଛନ୍ତି । ଦଳଗତ ଭାବେ ବାଳକ ବିଭାଗରେ ଜନତା ମହାବିଦ୍ୟାଳୟ ଚାମ୍ପିଅନ ଓ ବାଳିକା ବିଭାଗରେ ରନର୍ସଅପ୍ ହୋଇଛି । ଏହି ପ୍ରତିଯୋଗିତାରେ ଦୀପକ କୁମାର ସେଠୀ ମ୍ୟାନେଜର ଓ ମିହିର କୁମାର ସାହୁ କୋଚ୍ ଭାବେ ଦାୟିତ୍ୱ ତୁଲାଇଥିଲେ । ସମସ୍ତ ଖେଳାଳି ଢେଙ୍କାନାଳ ଡାଇମଣ୍ଡ କିକ୍‌ବକ୍ସିଂ ଆସୋସିଏସନ୍ ଆନୁକୂଲ୍ୟରେ ପ୍ରଶିକ୍ଷଣ ନେଉଥିଲେ । ଏହି ସଫଳତା ପାଇଁ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ପୁଷ୍ପାରାଣୀ ନାଥ, କ୍ରୀଡ଼ା ପରିଷଦ ଉପସଭାପତି ଡ. ନାରେଶ ନାଏକ, କ୍ରୀଡ଼ା ପ୍ରଶିକ୍ଷକ ଶୁଭକାନ୍ତ ପ୍ରଧାନ, ଡାଇମଣ୍ଡ କିକ୍‌ବକ୍ସିଂର ସଭାପତି ଶଶିକାନ୍ତ ଗଡ଼ନାୟକ ଓ ସମ୍ପାଦିକା କୀର୍ତ୍ତିରାଣୀ ସାହୁ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ମହାଦେବ ବାହିନୀ ପକ୍ଷରୁ ଗୀତା ଚେତନା କର୍ମଶାଳା



**ଢେଙ୍କାନାଳ,୧୪।୧(ସମିସ):** ପବିତ୍ର ପୌଷ ପୂର୍ଣ୍ଣିମା ତଥା ମହାକୁମ୍ଭ ମେଳା ଅବସରରେ ସାମାଜିକ ଅନୁଷ୍ଠାନ ଗୁରୁଦେବଜୀ ଫାଉଣ୍ଡେସନର ଆଧ୍ୟାତ୍ମିକ ସଂଗଠନ ମହାଦେବ ବାହିନୀ ପକ୍ଷରୁ ଗଁଦିଆ ବ୍ଲକ ଦେଓଗାଁ ଉଚ୍ଚ ବିଦ୍ୟାଳୟରେ ସ୍ୱତନ୍ତ୍ର ଗୀତା ଚେତନା କର୍ମଶାଳା ଅନୁଷ୍ଠିତ ହୋଇଛି । ଏଥିରେ ବିଦ୍ୟାଳୟର ୩୪୨ ଛାତ୍ରୀ ଉପସ୍ଥିତ ରହି ଗୀତାଜ୍ଞାନ ଶୁଣିଥିଲେ । ମୁଖ୍ୟଅତିଥି ଭାବେ କ୍ରିୟାଯୋଗ ଆଶ୍ରମର ଜିଲ୍ଲା ସଭାପତି ଆଇନଜୀବୀ ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ ଯୋଗଦେଇ ଗୀତା ଓ କ୍ରିୟାଯୋଗର ଉପକାରିତା ବିଷୟରେ ବର୍ଣ୍ଣନା କରିଥିଲେ । ମୁଖ୍ୟବକ୍ତା ଭାବେ ପ୍ରବଚକ ତଥା ଅଧ୍ୟାପକ ଜୀବନ ରଞ୍ଜନ ମହାପାତ୍ର ଯୋଗଦେଇ ଛାତ୍ରୀମାନଙ୍କୁ ଧ୍ୟାନ, ପ୍ରାର୍ଥନା ଓ ମନ୍ତ୍ର ଉଚ୍ଚାରଣ କରାଇବା ସହ ଏହାର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ସେବାୟତ ସଂଘ ସମ୍ପାଦକ ଗୁରୁଚରଣ ମହାପାତ୍ର ଯୋଗଦେଇ ମହାଦେବ ବାହିନୀର ଏହି ପଦକ୍ଷେପକୁ ସ୍ୱାଗତ କରିବା ସହ ଛାତ୍ରୀମାନଙ୍କୁ ଆଧ୍ୟାତ୍ମିକ ଚେତନା ନିତାନ୍ତ ଆବଶ୍ୟକ ବୋଲି କହିଥିଲେ । ଗୁରୁଦେବଜୀ ଫାଉଣ୍ଡେସନର ସଦସ୍ୟ ଏବଂ ବିଦ୍ୟାଳୟର ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମ ଆୟୋଜନ ପାଇଁ ପ୍ରଧାନଶିକ୍ଷୟିତ୍ରୀ ନିଶାମଣି ଦେଇ ଗୁରୁଦେବଜୀ ଫାଉଣ୍ଡେସନ ଅଧ୍ୟକ୍ଷ ଇଂ ସୌମ୍ୟବ୍ରତ ସାହୁଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## 'ଛୋଟ ଏକ ପ୍ରୟାସ'ର ବାର୍ଷିକ ଉତ୍ସବ



**ଖଜୁରିଆକଟା,୧୪ ।୧(ସମିସ):** ହିନ୍ଦୋଳ ଉପଖଣ୍ଡ ରଞ୍ଜାଗୋଳ ଧୂନିଘର ମଣ୍ଡପରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଛୋଟ ଏକ ପ୍ରୟାସ'ର ୫ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟଅତିଥି ଭାବେ ଖଜୁରିଆକଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡା. ସାଗର କୁମାର ପ୍ରଧାନ, ମୁଖ୍ୟବକ୍ତା କାର୍ତ୍ତିକେଶ୍ୱର ସାମଲ, ସମ୍ମାନିତ ଅତିଥି ଭାବେ ଚିନ୍ମୟୀ ଦାସ, ଅବିନାଶ ପ୍ରଧାନ, ସାମ୍ବାଦିକ ସୁଶାନ୍ତ ପତି, ପ୍ରଶାନ୍ତ କୁମାର ଜେନାମାଣି, ସମାଜସେବୀ ବିଦ୍ୟାଶ୍ରୀ ଦାସ ପ୍ରମୁଖ ଯୋଗଦେଇଥିଲେ । କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସମାଜସେବାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରାଜ୍ୟର ୪୦ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହ ହିନ୍ଦୋଳର ସାମ୍ବାଦିକ ପ୍ରଶାନ୍ତ ଜେନାମଣି, ପ୍ରଭାତ ପୃଷ୍ଟି, ପ୍ରଦ୍ୟୁମ୍ନ ବେହେରା, ସୁଜିତ ବେହେରା, ଗୌତମ ମୁଦୁଲି, ସୁଶାନ୍ତ ବେହେରା, ଜଗନ୍ନାଥ ଦାସ ପ୍ରମୁଖଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଜାଭିୟର୍ସ ପବ୍ଲିକ ସ୍କୁଲରେ ଅଭିଭାବିକାଙ୍କୁ ନେଇ ପ୍ରତିଯୋଗିତା



**ଖଜୁରିଆକଟା,୧୪ ।୧(ସମିସ):** ହିନ୍ଦୋଳ ଉପଖଣ୍ଡ କାରନ୍ଦାସ୍ଥିତ ଜାଭିୟର୍ସ ପବ୍ଲିକ ସ୍କୁଲରେ ସମ୍ପାଦକ ସୁବ୍ରତ ମିଶ୍ର ଓ ଅଧ୍ୟକ୍ଷା ସୁଜାତା ଶତପଥୀଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ଅଭିଭାବିକାମାନଙ୍କୁ ନେଇ ଝୋଟି, ରଙ୍ଗୋଲି, ଚିତ୍ରାଙ୍କନ, ଛୁଞ୍ଚିସୂତା ଦୌଡ଼, ବାଟିଚାମଚ ଦୌଡ଼, ମ୍ୟୁଜିକ ଚେୟାର ଭଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏଥିରେ ଶତାଧିକ ଅଭିଭାବିକା ଅଂଶଗ୍ରହଣ କରିଥିଲେ । ସର୍ବାଧିକ ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଥିବା ଅଭିଭାବିକାଙ୍କୁ ବେଷ୍ଟ ମଦର ସମ୍ମାନରେ ସମ୍ମାନିତ କରାଯାଇଥିଲା । ଶିକ୍ଷକ ଅଭୟ କୁମାର ସାହୁ, ଖାରବେଳ ପଟ୍ଟନାୟକ ମୂଲ୍ୟାୟନ କରିଥିଲେ । ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ ।

## ବାର୍ଷିକ ପ୍ରତିଭା ଅନ୍ୱେଷଣ ଉତ୍କର୍ଷ ଓ ପ୍ରାରବ୍ଧ ଉତ୍ସବ



**ଢେଙ୍କାନାଳ,୧୪ ।୧(ସମିସ):** ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲ ସଭାଗୃହରେ ବୁକ୍ସ ଏଣ୍ଡ ବୁକ୍ସ ଓ ବିଶ୍ୱନାରାୟଣ ମେମୋରିଆଲ୍ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ରାଜ୍ୟସ୍ତରୀୟ ବାର୍ଷିକ ପ୍ରତିଭା ଅନ୍ୱେଷଣ ଉତ୍କର୍ଷ ଓ ପ୍ରାରବ୍ଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ସହପ୍ରାଧ୍ୟାପକ ଉଦ୍ଭିଦ ଓ ଜୈବ ପ୍ରଯୁକ୍ତି ବିଜ୍ଞାନ ବିଭାଗ ମୁଖ୍ୟ ଡ. ଦେବରାଜ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ଜୈବ ପ୍ରଯୁକ୍ତି ବିଜ୍ଞାନର ଲକ୍ଷ୍ୟ, ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ ଉପଯୋଗିତା ହିଁ ଏକବିଂଶ ଶତାବ୍ଦୀର ଆବଶ୍ୟକତା ବୋଲି ପ୍ରକାଶ କରିଥିଲେ । ଅନ୍ୟକୁ ସାହାଯ୍ୟ କରିବାକୁ ସୁଯୋଗ ମିଳିଲେ ତାହାକୁ ହାତଛଡ଼ା ନ କରିବାକୁ ଅଧ୍ୟାପକ ପବିତ୍ର ମୋହନ ମହାପାତ୍ର ପରାମର୍ଶ ଦେଇଥିଲେ । ବିବି ହାଇସ୍କୁଲର ପୂର୍ବତନ ଶିକ୍ଷକ ଡ. ଦେବୀ ପ୍ରସାଦ ମିଶ୍ର ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିରୀକ୍ଷଣ ସହ ଅଧ୍ୟୟନ କଲେ ଅନେକ ଉଦ୍ଭାବନ ସମ୍ଭବ କହିଥିଲେ । ବିବି ହାଇସ୍କୁଲର ସଂସ୍କୃତ ଶିକ୍ଷୟିତ୍ରୀ ଡ. ଅନୁପମା ମିଶ୍ର ଅନ୍ଧବିଶ୍ୱାସ, କୁସଂସ୍କାର ଦୂର କରି ବିଜ୍ଞାନକୁ ମାନବ କଲ୍ୟାଣରେ ଉପଯୋଗ କଲେ ତାହା ସଭ୍ୟତାର ଶୀର୍ଷରେ ଅଧିଷ୍ଠିତ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ । ଅଧ୍ୟାପକ ସୁଭାଷ ଚନ୍ଦ୍ର ମହାରଣା ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନମନସ୍କ ହୋଇ କାର୍ଯ୍ୟ ସମ୍ପାଦନ କରି ଦେଶ ଗଠନରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ପବିତ୍ର ମୋହନ ମହାପାତ୍ର, ଅବସରପ୍ରାପ୍ତ ଅଧ୍ୟାପକ ଡ. ସୁଧାଂଶୁ ଦାଶ, ଅଧ୍ୟାପକ ଡ. ଅରୁଣୋଦୟ ସ୍ୱାଇଁ, ବିନୋଦ ମହାନ୍ତି, ଇଂ ସୌମ୍ୟବ୍ରତ ସାହୁ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଅବସରପ୍ରାପ୍ତ ଇଂରାଜୀ ଅଧ୍ୟାପକ ସୁଧାଂଶୁ ଦାଶଙ୍କ ଦ୍ୱାରା ଲିଖିତ ଓ ନିକଟରେ ପ୍ରକାଶିତ ଇଂରାଜୀ କବିତା ପୁସ୍ତକ "ମ୍ୟୁଜିକ ଅଫ୍ ଦ ଚାଓସ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଶିକ୍ଷକ ଚନ୍ଦନ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ଧବଳେଶ୍ୱର ପୃଷ୍ଟି, ଅଧ୍ୟାପକ ଜୀବନ ରଞ୍ଜନ ମହାପାତ୍ର ଅତିଥି ପରିଚୟ ପ୍ରଦାନ ଓ ବାର୍ଷିକ ବିବରଣୀ ପାଠ କରିଥିଲେ । ରସାୟନ ବିଜ୍ଞାନ ବିଭାଗ ଅଧ୍ୟାପିକା ଅନ୍ୱେଷା ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୨୫୦ ଛାତ୍ରଛାତ୍ରୀ ଯୋଗ୍ୟ ବିବେଚିତ ହୋଇ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ ।

## ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ




**ଢେଙ୍କାନାଳ,୧୪।୧(ସମିସ):** ସ୍ଥାନୀୟ ନୂଆ ପୋଖରୀସ୍ଥିତ ଇନ୍‌ଡୋର ହଲ୍‌ରେ ଚାଲିଥିବା ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି । ଡିଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ସାମ୍ବାଦିକ ସୁକାନ୍ତ କୁମାର ମିଶ୍ର, ରତନ ନାୟାର, ନନ୍ଦିଘୋଷ ଟିଭିର ଜିଲ୍ଲା ପ୍ରତିନିଧି ତଥା ଜିଲ୍ଲା ସାମ୍ବାଦିକ ସଂଘ ସମ୍ପାଦକ ସତ୍ୟସ୍ୱରୂପ ଦାସ, ଯୁବ ଉଦ୍ୟୋଗୀ ସୁଶାନ୍ତ କୁମାର ସାହୁ ଏବଂ ଶାରଦା ପ୍ରସନ୍ନ ହୋତା ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ୩୨ ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ୍‌ରେ ପ୍ରମୋଦ କୁମାର ସିଂହ ଏବଂ ବ୍ରିଜେଶ ମିଶ୍ର ଯୋଡ଼ି ଚାମ୍ପିଅନ୍ ଓ ଧର୍ମେନ୍ଦ୍ର ମହାପାତ୍ର ଏବଂ ଦେବାଶିଷ ମହାରଣା ଯୋଡ଼ି ରନର୍ସଅପ୍ ହୋଇଥିଲେ । ଏହି ଅବସରରେ ଭେଟେରାନ୍ ବିଭାଗରେ ସାରା ରାଜ୍ୟରେ ବହୁ ପ୍ରତିଯୋଗିତାରେ ଚାମ୍ପିଅନ୍ ହୋଇଥିବା ଧର୍ମେନ୍ଦ୍ର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ବାର୍ ଆସୋସିଏସନ୍ ସମ୍ପାଦକ ଟଙ୍କଧର ବେହେରା, ସମାଜସେବୀ ଅଶୋକ କୁମାର ସ୍ୱାଇଁ ଏବଂ ଅନ୍ୟ କାର୍ଯ୍ୟକର୍ତ୍ତା ଯୋଗଦେଇ ଚାମ୍ପିଅନ୍ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ । ବିଶ୍ୱଜିତ୍ ସାହୁ, ରଶ୍ମିପ୍ରକାଶ ପଟ୍ଟନାୟକ, ସମୀର ସାମଲ, କୃପାସିନ୍ଧୁ ବେହେରା, ସମୀର ସାହୁ, ସୁମନ ସାହୁ, ମୁକେଶ କୁମାର ସିଂ ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ ।

## ଇନ୍ଦିପୁର ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**ଢେଙ୍କାନାଳ,୧୪ ।୧(ସମିସ) :** ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟ ସଭାପତି ଶେଷଦେବ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଂସଦ ରୁଦ୍ରନାରାୟଣ ପାଣି, ମୁଖ୍ୟବକ୍ତା ଭାବେ ଶିକ୍ଷାବିକାଶ ସମିତି ଜିଲ୍ଲା ସହବିଭାଗ ପ୍ରମୁଖ ମନମୋହନ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ରାଜକିଶୋର ସାହୁ, ଇନ୍ଦିପୁର ସରପଞ୍ଚ ଲଳିତା ସାହୁ, ନର୍ଭେରାମ ପାୱାର ପ୍ଲାଣ୍ଟ ମଜଦୁର ସଙ୍ଘ ସଭାପତି ବିଜୟ କୁମାର ଦାସ, ବିଜେପି ନେତା ପ୍ରଶାନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ଭାରତୀୟ ସଂସ୍କୃତିର ସଂରକ୍ଷଣ ଏବଂ ଶିକ୍ଷା ମାଧ୍ୟମରେ ପ୍ରସାରଣ ସରସ୍ୱତୀ ଶିକ୍ଷା ଯୋଜନାର ଉଦ୍ଦେଶ୍ୟ ବୋଲି ପ୍ରକାଶ କରିଥିଲେ । ସମ୍ପାଦକ ମହେଶ୍ୱର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଧାନଆଚାର୍ଯ୍ୟ ବସନ୍ତ କୁମାର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ । ଛାତ୍ରଛାତୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଅସରଡ଼ା ପଞ୍ଚାୟତ ଅଧିକାରୀଙ୍କ ଆକସ୍ମିକ ମୃତ୍ୟୁ

**ଖଜୁରିଆକଟା,୧୪ ।୧(ସମିସ):** ହିନ୍ଦୋଳ ଉପଖଣ୍ଡ ଅସରଡ଼ା ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଶ୍ୱଜିତ ଦେହୁରୀ (୪୦)ଙ୍କ ଆକସ୍ମିକ ମୃତ୍ୟୁ ଘଟିଛି । ସେ ଏକ ଭଡ଼ା ଘରେ ବାପା, ମା' ଓ ଭାଇଙ୍କ ସହ ରହୁଥିଲେ । ସୋମବାର ସକାଳେ ପରିବାର ସଦସ୍ୟ ନିଜ ନିଜ କାମରେ ଘରୁ ବାହାରି ଯାଇଥିଲେ । ବିଶ୍ୱଜିତ୍ ଅସୁସ୍ଥ ଥିବାରୁ ଘରେ ରହିଥିଲେ । ସାନ ଭାଇ ଘରକୁ ଫେରି ବିଶ୍ୱଜିତ୍ ଶୋଇବା ଘରେ ନ ଥିବା ଦେଖିଥିଲେ । ଘର ଶୌଚାଳୟ ବନ୍ଦ ଥିବାରୁ ସନ୍ଦେହ ହୋଇଥିଲା । କବାଟ ବାଡ଼େଇବାରୁ କେହି ଖୋଲି ନ ଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ କବାଟ ଭଙ୍ଗାଯାଇ ବିଶ୍ୱଜିତଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ତୁରନ୍ତ ତାଙ୍କୁ ଖଜୁରିଆକଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଣାଯାଇଥିଲା । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ୍ୟୁର କାରଣ ଜଣାପଡ଼ି ନାହିଁ ବାଲିମି ଥାନା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି ।

## କପିଳାସରେ ଚନ୍ଦ୍ରଶେଖରଜୀଉଙ୍କ ପୁଷ୍ୟାଭିଷେକ ଓ ନାଗଭରଣ ବେଶ



**ଗଁଦିଆ,୧୪ ।୧(ସମିସ):** ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ କପିଳାସରେ ପୂଜିତ ମହାପ୍ରଭୁ ବାବା ଚନ୍ଦ୍ରଶେଖରଙ୍କ ପୁଷ୍ୟାଭିଷେକ ଓ ନାଗଭରଣ ବେଶ ସୋମବାର ଅନୁଷ୍ଠିତ ହୋଇଛି । ପ୍ରାତଃ ସମୟରେ ବାବାଙ୍କ ସକାଳ ଧୂପ, ମଇଲମ ଲାଗି, ମଙ୍ଗଳଆଳତି, ବାଳଭୋଗ, ମଧ୍ୟାହ୍ନରେ ଅନ୍ନ, ଖେଚୁଡ଼ି ଭୋଗ ହୋଇଥିଲା । ପୁଷ ପୂର୍ଣ୍ଣମା ଉପଲକ୍ଷେ ଅନୁଷ୍ଠିତ ବିଶେଷ ପୂଜାରେ ପ୍ରଥମେ ବାବା ଚନ୍ଦ୍ରଶେଖରଙ୍କ ନାଗଭରଣ ବେଶ ଅନୁଷ୍ଠିତ ହୋଇଥିଲା । ମସ୍ତକରେ ସ୍ୱର୍ଣ୍ଣରେ ନିର୍ମିତ ପଞ୍ଚବକ୍ତ୍ରୀ ମୁକୁଟ ପରିଧାନ ପରେ ରୁଦ୍ରାଭିଷେକ ହୋଇଥିଲା । ମଙ୍ଗଳବାର ମକର ସଂକ୍ରାନ୍ତି ଉପଲକ୍ଷେ ବାବା ଚନ୍ଦ୍ରଶେଖରଙ୍କ ନାଗଭରଣ ଓ ସ୍ୱର୍ଣ୍ଣରେ ନିର୍ମିତ ପଞ୍ଚବକ୍ତ୍ରୀ ମୁକୁଟ ପରିଧାନ କରିବେ ବୋଲି ସେବାୟତ ଗୁରୁଚରଣ ପତି ପ୍ରକାଶ କରିଛନ୍ତି ।

## ପୂର୍ବତନ ସୈନିକ ସଂଘର ବାର୍ଷିକ ବୈଠକ



**ଢେଙ୍କାନାଳ,୧୪ ।୧(ସମିସ):** ଢେଙ୍କାନାଳ ଜିଲ୍ଲାର ପୂର୍ବତନ ସୈନିକମାନଙ୍କ ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ କାମାକ୍ଷାନଗର, ପର୍ଜଙ୍ଗ, ହିନ୍ଦୋଳ ବ୍ଲକ ସମେତ ବଣସିଂହ, ଭାପୁର ଓ ତାଳବାରକୋଟ ଅଞ୍ଚଳର ୪୦୦ରୁ ଊର୍ଦ୍ଧ୍ୱ ପୂର୍ବତନ ସୈନିକ ଯୋଗଦେଇଥିଲେ । ସଂଘ ସଭାପତି କୈଳାସ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜନେତା ତଥା ସମାଜସେବୀ ରାମଚନ୍ଦ୍ର ପାତ୍ର ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଘ ଉପଦେଷ୍ଟା ଭ୍ରମରବର ଦଳାଇ, ଉପସଭାପତି ବିମଳ କୁମାର ଶତପଥୀ, ବିଭୂତି ଭୂଷଣ ନନ୍ଦ, ସମ୍ପାଦକ ସୁବାସ ଚନ୍ଦ୍ର ହୋତା, ଯୁଗ୍ମ ସମ୍ପାଦକ ବଟକୃଷ୍ଣ ସାହୁ, ରାମଚନ୍ଦ୍ର ମୁକୁଟ, ହାଡ଼ିବନ୍ଧୁ ଦାସ, ଦୁର୍ଗା ମହାପାତ୍ର, ରଞ୍ଜିତ ପାଣିଗ୍ରାହୀ, ମାନସରଞ୍ଜନ ପଣ୍ଡା, ଭଜମନ ବେହେରା, ବୀରେନ ବିଶ୍ୱାଳ, ଦାଶରଥି ବରାଳ, ପ୍ରକାଶ ଚନ୍ଦ୍ର ସ୍ୱାଇଁ, ମନୋରଞ୍ଜନ ମିଶ୍ର, ନିରଞ୍ଜନ ସାହୁ, ଆର୍ତ୍ତତ୍ରାଣ ସାହୁ ପ୍ରମୁଖ ଯୋଗଦେଇଥିଲେ ।

## ଶ୍ରୀ ଶ୍ରୀ ନର୍ମଦେଶ୍ୱର ଓ ଭଗବତୀ ବ୍ରାହ୍ମଣୀ ଦେବୀଙ୍କ ବାର୍ଷିକ ଚଣ୍ଡୀଯଜ୍ଞ

**ଢେଙ୍କାନାଳ,୧୪ ।୧(ସମିସ):** ସଦର ବ୍ଲକ୍ ଲମ୍ବୋଦରପୁର ଶାସନସ୍ଥିତ ପରମେଶ୍ୱର ଭବାନୀଶଙ୍କର ମହାରୁଦ୍ର ଶ୍ରୀ ଶ୍ରୀ ନର୍ମଦେଶ୍ୱର ଓ ଭଗବତୀ ବ୍ରାହ୍ମଣୀ ଦେବୀଙ୍କ ୨୦ତମ ବାର୍ଷିକ ଚଣ୍ଡୀଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଲମ୍ବୋଦରପୁର ଅଞ୍ଚଳବାସୀ, ସାଧୁସନ୍ଥ ଯୋଗଦେଇ ବିଭୁକୃପା ଲାଭ କରିଥିଲେ । ଏହି ଅବସରରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା । ଅନୁଷ୍ଠାନର ସଭାପତି ପଣ୍ଡିତ ରାଜକିଶୋର ମିଶ୍ରଶର୍ମା, ପଣ୍ଡିତ ଅରୁଣ କୁମାର କରଶର୍ମା, ପୂର୍ଣ୍ଣଚନ୍ଦ୍ର ମିଶ୍ରଶର୍ମା, ବିଧୁଭୂଷଣ ଦ୍ୱିବେଦୀ, ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଉମେଶ ଚନ୍ଦ୍ର କରଶର୍ମା ପୂଜାକାର୍ଯ୍ୟ ତୁଲାଇଥିଲେ । କର୍ତ୍ତା ଭାବେ ବିଜୟ କୁମାର ସାହୁ ଓ କର୍ତ୍ତ୍ରୀ ଭାବେ ଝୁନୁବାଳା ସାହୁ ଦାୟିତ୍ୱ ନିର୍ବାହ କରିଥିଲେ । ସମ୍ପାଦକ ଧ୍ରୁବଚରଣ ରାଉତ, କୋଷାଧ୍ୟକ୍ଷ ସୁରେଶ କୁମାର କର, ସଭ୍ୟ ନଗେନ କୁମାର କର, ସୁରେଶ କୁମାର ସାହୁ, ସୂର୍ଯ୍ୟନାରାୟଣ କର, ଶିବପ୍ରସାଦ ସାହୁ ଓ ଅଜୟ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



## ଶ୍ରୀ ଶ୍ରୀ ରାମେଶ୍ୱର ପୀଠରେ ଦେବାଭିଷେକ

**ଗଁଦିଆ,୧୪ ।୧(ସମିସ):** ଗଁଦିଆ ବ୍ଲକ ଖଙ୍କିରା ଗ୍ରାମର ପ୍ରାଚୀନ ଶୈବପୀଠ ବରଦା ରାମେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ମହାପ୍ରଭୁଙ୍କ ଦେବାଭିଷେକ ଅନୁଷ୍ଠିତ ହୋଇଛି । ପ୍ରାତଃସ୍ନାନ, ସୂର୍ଯ୍ୟପୂଜା, ଗୋପୂଜା, ଧରିତ୍ରୀ ପୂଜା କରାଯାଇ ମହାସ୍ନାନ, ଶୋଡ଼ଶ ଉପଚାର ପୂଜା ସହିତ ବିଭିନ୍ନ ମଣ୍ଡଳଧୀଶଙ୍କ ପୂଜା ସମ୍ପନ୍ନ ହୋଇ ଶତରୁଦ୍ର ତଥା ଅଭିଷେକ ପୁନଃ ମହାସ୍ନାନ ବିଧି ଅନୁଷ୍ଠିତ ହୋଇଥିଲା । ଘୃତଯଜ୍ଞ, ଅନ୍ନଯଜ୍ଞ ଓ ମହାପ୍ରଭୁଙ୍କ ଗୁଣାବଳୀର ଅବତାରଣା କରାଯାଇଥିଲା । ଅଶୋକ ପତି, ଅର୍ଜୁନ ପତି, ଅଜୟ ପତି, ଅନିରୁଦ୍ଧ ପତି, ଅଜିତ ପତି ପ୍ରମୁଖଙ୍କ ପରିଚାଳନାରେ ପୂଜାକାର୍ଯ୍ୟ ହୋଇଥିଲା ।

## ଦକ୍ଷତା ବିକାଶ କେନ୍ଦ୍ର ତରଫରୁ ସଚେତନତା ଶୋଭାଯାତ୍ରା




**ଢେଙ୍କାନାଳ,୧୪।୧(ସମିସ):** ସ୍ଥାନୀୟ ଦକ୍ଷତା ବିକାଶ କେନ୍ଦ୍ର ତରଫରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ପୂର୍ବତନ ନଗରପାଳ ସୁନୀଲ ଶର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଶୋଭାଯାତ୍ରା ଦକ୍ଷତା ବିକାଶ କେନ୍ଦ୍ରଠାରୁ ବାହାରି ଗଣେଶ ବଜାର ଦେଇ ପିଡବ୍ଲ୍ୟୁଡି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲା । ଶୋଭାଯାତ୍ରାରେ ୯୦ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଛାତ୍ରଛାତ୍ରୀ ମାନେ 'ଆଜି ଦକ୍ଷତା, କାଲି ସଫଳତା' ଏବଂ 'କୌଶଳ ବଢ଼ାଅ ଉନ୍ନତି କର' ନାରା ଦେଇଥିଲେ । ମାଗଣାରେ ପ୍ରଶିକ୍ଷଣ ନେଇ ନିଜ ଦକ୍ଷତା ବୃଦ୍ଧି କରି ଯୁବକ ଯୁବତୀ ବା ଛାତ୍ରଛାତ୍ରୀ ସଶକ୍ତ ହୋଇପାରିବେ ବୋଲି କହିଥିଲେ । ଚଳିତ ମାସରେ ଦକ୍ଷତା ବିକାଶ କେନ୍ଦ୍ରରେ ୩ ବିଷୟ ଯଥା; ଗ୍ରାଫିକ୍ସ ଡିଜାଇନିଂ, ଫୁଡ୍ ଓ ବିଭରେଜ ଏବଂ ହେଲପର ଗୁଡ୍‌ସ ଏବଂ ଗାରମେଣ୍ଟସ ପାର୍ଟସ ମେକିଂ ଉପରେ ପ୍ରଶିକ୍ଷଣ ଦିଆଯାଉଛି । ଏହି କେନ୍ଦ୍ରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି କରିବା ଓ ଦକ୍ଷତା ଅନୁଯାୟୀ ନିଯୁକ୍ତି ଯୋଗାଇଦେବା । ଶୋଭାଯାତ୍ରା ଯାତ୍ରାରେ ସେଣ୍ଟର ମ୍ୟାନେଜର ସଂକଳ୍ପ କୁମାର ଦାସ, ଏକାଡେମିକ ହେଡ୍ ଫାଲ୍ଗୁ ସାହୁ, ଗ୍ରାଫିକ୍ସ ଡିଜାଇନିଂ ଟ୍ରେନର ସାଗର ମହାରଣା, ଦିବ୍ୟରଞ୍ଜନ ପଣ୍ଡା, ଅଜୟ କୁମାର ପଣ୍ଡା, ଦୀପ୍ତେଶ କୁମାର ଦଳାଇ, ପ୍ରିୟଙ୍କା ମହାରଣା, ପ୍ରତିମା ମଲ୍ଲିକ, ଗୀତାଞ୍ଜଳି ବେହେରା, ରାଜଶ୍ରୀ ଦଳାଇ, ମଧୁସ୍ମିତା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ ।



### ଛ'ଦେଶ ବ୍ଲକ ସଂଗ୍ରାମ ସମିତି ଗଠିତ

# ଛ'ଦେଶ ଅଞ୍ଚଳକୁ ନେଇ ନୂତନ ବ୍ଲକ ଗଠନ ଦାବି

ଢେଙ୍କାନାଳ,୧୪ ।୧(ସମିସ)




ସଦର ଓ ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ଛ'ଦେଶ ଅଞ୍ଚଳକୁ ନେଇ ନୂତନ ବ୍ଲକ ଗଠନ କରିବାକୁ ଦାବି ହୋଇଛି । ଏ ନେଇ ଭାପୁର ସାପୁଆ ବ୍ରିଜ ନିକଟ ହରିହର ଆଶ୍ରମରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ପୂର୍ବତନ ସରପଞ୍ଚ ଅର୍ଜୁନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଭାପୁର, କାକୁଡ଼ିଭାଗ, ବାଲ୍ୟାମ୍ବା, ମଧୁସାହୁ ପାଟଣା, ଚନ୍ଦ୍ରଶେଖର ପ୍ରସାଦ, କଳାଙ୍ଗ, ଘଟିପିରି, କୋଉମ, ଗୋବିନ୍ଦ ପ୍ରସାଦ, ଭାଲିଆବୋଲ, କଙ୍କଡ଼ାହାଡ଼, ଶଙ୍କରପୁର ଓ ଧୀରପାଟଣା ପଞ୍ଚାୟତର ବୁଦ୍ଧିଜୀବୀ, ଶିକ୍ଷକ, ରାଜନେତା, ପଞ୍ଚାୟତ ପ୍ରତିନିଧି ସମାଜସେବୀ, ଆଇନଜୀବୀ ଯୋଗଦେଇ ବ୍ଲକ ଗଠନ ଦାବି ଉପରେ ଆଲୋଚନା କରିଥିଲେ । ଛ'ଦେଶ ଏକ ଗଡ଼ଜାତ ଅଞ୍ଚଳ ହୋଇଥିବା ବେଳେ ଦୀର୍ଘଦିନ ହେବ ଅବହେଳିତ ହୋଇ ରହିଛି । ଜନସଂଖ୍ୟା ଦୃଷ୍ଟିରୁ ସେଭଳି ଆଖିଦୃଶିଆ ବିକାଶ ହୋଇପାରିନାହିଁ । ବ୍ଲକ ଗଠନର ଆବଶ୍ୟକ ଥିବା ବେଳେ ଆନ୍ଦୋଳନ ମାଧ୍ୟମରେ ଏହାକୁ ହାସଲ କରିବା ପାଇଁ ଲୋକ ପ୍ରତିନିଧିମାନେ ମତ ଦେଇଥିଲେ । ଏହି ଅବସରରେ ଛ'ଦେଶ ବ୍ଲକ ସଂଗ୍ରାମ ସମିତି ଗଠନ କରାଯାଇଛି । ସମିତିରେ ପ୍ରତି ପଞ୍ଚାୟତରୁ ୩ଜଣ ଲେଖାଏଁ ସଭ୍ୟ ରହିବାକୁ ନିଷ୍ପତ୍ତି ହୋଇଛି । ହର୍ଷବର୍ଦ୍ଧନ ସିଂହଦେଓ ସଂଯୋଜକ ଭାବେ ମନୋନୀତ ହୋଇଛନ୍ତି । ଆଗାମୀ ଦିନରେ ଜିଲ୍ଲାପାଳଙ୍କ ଜରିଆରେ ଏ ନେଇ ଦାବିପତ୍ର ପ୍ରଦାନ ସହ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଣ୍ଣୟ ହେବ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅମିର ରାଉତ, ସୂର୍ଯ୍ୟମଣି ପୃଷ୍ଟି, ଶୁଭପ୍ରସାଦ ପଣ୍ଡା, ଅଜୟ ପଟ୍ଟନାୟକ, ବିଶ୍ୱଜିତ, ଆର୍ଯ୍ୟେନ୍ଦୁ କୁମାର ଜେନା, ଅଖିଳ ମହାପାତ୍ର, ହୃଦାନନ୍ଦ ବିଶ୍ୱାଳ, ରମେଶ ପଣ୍ଡା, ନୀଳମଣି ମହାରଣା, ଅଧିକ ସାମଲ, ସୁମନ୍ତ କର, ବିଶ୍ୱନାଥ ପ୍ରତିହାରୀଙ୍କ ସମେତ ବହୁ ଜନସାଧାରଣ ଯୋଗଦେଇଥିଲେ ।

## ମକର ସଂକ୍ରାନ୍ତି ଉପଲକ୍ଷେ ବିଭିନ୍ନ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା

ଢେଙ୍କାନାଳ, ୧୪ ।୧(ସମିସ):



ମକର ସଂକ୍ରାନ୍ତି ଉପଲକ୍ଷେ ବିଭିନ୍ନ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା କରାଯାଇଛି । ସ୍ଥାନୀୟ ବାଜିଚୌକସ୍ଥିତ ବ୍ରାହ୍ମଣୀ ଦେବୀ ମନ୍ଦିରରେ ମକର ସଂକ୍ରାନ୍ତି ଉପଲକ୍ଷେ ବିଶେଷ ପୂଜାର୍ଚ୍ଚନା କରାଯାଇଛି । ସକାଳୁ ମଙ୍ଗଳ ଆଳତି, ମହାସ୍ନାନ, ନୂତନ ବସ୍ତ୍ର,





ଫୁଲହାର, ଭୋଗ, ମକର ଚାଉଳ ମା'ଙ୍କ ପାଖରେ ଲାଗି ହୋଇଥିଲା । ସନ୍ଧ୍ୟାରେ ଆଳତି ଏବଂ ରାତିରେ ପହଡ଼ ପଡ଼ିଥିଲା । ଗାନ୍ଧୀ ମନ୍ଦିର ରୋଡ୍‌ସ୍ଥିତ ମା' ତାରିଣୀଙ୍କ ମନ୍ଦିରରେ ମକର ସଂକ୍ରାନ୍ତି ଉପଲକ୍ଷେ ବିଶେଷ ନୀତି ସମ୍ପନ୍ନ ହୋଇଛି । ସକାଳୁ ବିଭିନ୍ନ ନୀତି ପରେ ମକର ଚାଉଳ ଅର୍ପଣ କରାଯାଇଥିଲା । ମଧ୍ୟାହ୍ନରେ ପଣାଲାଗି ପରେ ହୋମ ହୋଇଥିଲା । ସେହିପରି ସ୍ଥାନୀୟ ଭାଗୀରଥି ସାଗର କୂଳରେ ଥିବ ମା' ମଙ୍ଗଳା ମନ୍ଦିର, ମହାବୀର ବଜାରସ୍ଥିତ ହନୁମାନ ମନ୍ଦିରରେ ମକର ସଂକ୍ରାନ୍ତି ନୀତି ଅନୁଷ୍ଠିତ ହେବା ସହ ଠାକୁରଙ୍କୁ ମକର ଚାଉଳ ଭୋଗ ଲାଗି କରାଯାଇଛି ।

## ସିଦ୍ଧ ବଳରାମଜୀଉ ମନ୍ଦିରରେ ବିଶେଷ ନୀତି

ଢେଙ୍କାନାଳ, ୧୪ ।୧(ସମିସ): ସ୍ଥାନୀୟ କୈବଲ୍ୟ ବଜାରସ୍ଥିତ ସିଦ୍ଧ ବଳରାମ ଜୀଉଙ୍କ ମନ୍ଦିରରେ ମକର ସଂକ୍ରାନ୍ତି ଉପଲକ୍ଷେ ବିଶେଷ ପୂଜାର୍ଚ୍ଚନା କରାଯାଇଛି । ସକାଳୁ ମଙ୍ଗଳ ଆଳତି, ମହାସ୍ନାନ, ବସ୍ତ୍ର, ତୁଳସୀ ହାର, ଫୁଲହାର ଲାଗି ହୋଇଥିଲା । ପରେ ବଲ୍ଲଭ ଭୋଗ ଲାଗି, ୧୦ଟାରେ ଖେଚୁଡ଼ି ଭୋଗ, ମଧ୍ୟାହ୍ନରେ ମଙ୍ଗଳାର୍ପଣ ପୂଜାରେ ମକର ଚାଉଳ ଲାଗି, ଚକା, ପୂଳୀ, ଅନ୍ନଧୂପ, ମଦନ ମୋହନଙ୍କୁ ସାତଘେରା ମକର ବେଢ଼ା ପରିକ୍ରମା କରାଯାଇଥିଲା । ସନ୍ଧ୍ୟା ବେଳେ ଆଳତି, ରାତିରେ ରାତ୍ରଧୂପ ପରେ ପହଡ଼ ପଡ଼ିଥିଲା । ପୂଜକ ମାନସୁମନ ମିଶ୍ର, ଶିବସ୍ମ ମିଶ୍ର, ପାଳିଆ ସେବକ ଶମ୍ଭୁନାଥ ମହାପାତ୍ର, ବ୍ରଜମୋହନ ମହାପାତ୍ର, କାହାଳିଆ ଟିକନ ବେହେରା ଓ ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତିରେ ମକର ସଂକ୍ରାନ୍ତି ନୀତି ପାଳିତ ହୋଇଥିଲା ।



## ପ୍ରଦୂଷଣ ରୋକିବାକୁ ସାଇକଲ ଯାତ୍ରା ଆଜି



ଅନୁଗୋଳ, ୧୪ ।୧(ସମିସ): ବଢ଼ୁଥିବା ପ୍ରଦୂଷଣ ସମସ୍ୟା ସମାଧାନ ଓ ନିୟନ୍ତ୍ରଣ ନିମନ୍ତେ ଅନୁଗୋଳ ଜିଲ୍ଲା ସ୍ୱେଚ୍ଛାସେବୀ ସଂଘ ତରଫରୁ ଅନୁଗୋଳରୁ ଭୁବନେଶ୍ୱର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ବୁଧବାର ସ୍ଥାନୀୟ ଜଗନ୍ନାଥ ମନ୍ଦିର ସାମ୍ନାରୁ ସାଇକଲ ଶୋଭାଯାତ୍ରା ବାହାରିବ । ଆବାହକ ପର୍ଶୁରାମ ଦାଶ ଏହି ସୂଚନା ଦେଇଛନ୍ତି । ପ୍ରଦୂଷଣ ମହାମାରୀ ଭଳି ବ୍ୟାପିବାରେ ଲାଗିଛି । ଏହାର ବିଷ ବଳୟରେ ଅନୁଗୋଳବାସୀ ଜର୍ଜରିତ ହୋଇସାରିଲେଣି । ପାଣି ପବନ ପ୍ରଦୂଷଣ ଜନିତ ରୋଗ କବଳରେ ଜନସାଧାରଣ । ଏଣୁ ଅନୁଗୋଳକୁ ପ୍ରଦୂଷଣମୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କୁ ଦାବି ଜଣାଇବା ଉଦ୍ଦେଶ୍ୟରେ ସ୍ୱେଚ୍ଛାସେବୀମାନେ ସାଇକଲରେ ଭୁବନେଶ୍ୱର ଯିବେ । ପ୍ରଦୂଷଣଜନିତ ଜଟିଳତାକୁ ହୃଦୟଙ୍ଗମ କରି ଏହି ସାଇକଲ ଶୋଭାଯାତ୍ରାରେ ସାମିଲ ହେବାକୁ ସ୍ୱେଚ୍ଛାସେବୀ ପ୍ରତାପ ମହାପାତ୍ର ଆହ୍ୱାନ ଦେଇଛନ୍ତି । ଏନେଇ ଏକ ପ୍ରସ୍ତୁତି ବୈଠକ ଅମଳାପଡ଼ା ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି । ବୈଠକରେ ସ୍ୱେଚ୍ଛାସେବୀ ରାକେଶ ରୋଶନ ଦାଶ, ବିଶ୍ୱଜିତ ବିଶ୍ୱାଳ, ଗୋପାଳ କର, ସୋମ ପ୍ରସାଦ ଦାଶ, ଜୁଲୁ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ ।

## କପିଳାସ ପୀଠରେ ଭକ୍ତଙ୍କ ଭିଡ଼



ଗଁଦିଆ, ୧୪ ।୧(ସମିସ): ମକର ସଂକ୍ରାନ୍ତି ଅବସରରେ ପ୍ରସିଦ୍ଧ ଶୈବପୀଠ କପିଳାସରେ ଭକ୍ତଙ୍କ ପ୍ରବଳ ଭିଡ଼ ଲାଗିଥିଲା । ପ୍ରାତଃ ସମୟରୁ ଠାକୁରଙ୍କ ମଙ୍ଗଳ ଆଳତି ଅବକାଶ, ମଇଲମ, ବାଲଭୋଗ ପରେ ମଧ୍ୟାହ୍ନ ଭୋଗ ଆଦି ଲାଗି ହୋଇଥିଲା । ମଧ୍ୟାହ୍ନରେ ପୂଜା ପଣ୍ଡା ଓ ସେବକଙ୍କ ଦ୍ୱାରା ଠାକୁରଙ୍କ ମକର ନୀତି ଅନୁଷ୍ଠିତ ହୋଇଥିଲା । ବେଢ଼ା ପରିକ୍ରମା, ମକର ଚାଉଳ ଅର୍ପଣ ପରେ ବାବା ଚନ୍ଦ୍ରଶେଖରଙ୍କୁ ସୁନା ମୁକୁଟ ପରିଧାନ କରାଯାଇ ନାଗଭରଣ ବେଶ ଅନୁଷ୍ଠିତ ହୋଇଥିଲା । ଠାକୁରଙ୍କ ଦର୍ଶନ ଲାଗି ମନ୍ଦିରର ମୁଖ୍ୟ ଦ୍ୱାରା ସକାଳୁ ଖୋଲାଯାଇଥିଲା । ଭକ୍ତମାନେ ସିଂହଦ୍ୱାରାଠାରୁ ଶାନ୍ତିଶୃଙ୍ଖଳାରେ ଲମ୍ବା ଧାଡ଼ିରେ ଠିଆ ହୋଇ ଠାକୁରଙ୍କ ସ୍ୱତନ୍ତ୍ର ମକର ବେଶ ଦର୍ଶନ କରିଥିଲେ । ପ୍ରାୟ ୪୦ ହଜାର ଭକ୍ତଙ୍କ ସମାଗମ ହୋଇଥିଲା ।

● ମକର ସଂକ୍ରାନ୍ତିରେ ଗୁଡ଼ି ଉଡ଼ାଇବା ବେଳେ ଅଘଟଣ

## କୂଅରେ ପଡ଼ି ନାବାଳକ ମୃତ

ଭୁବନ, ୧୪ ।୧(ସମିସ): ଭୁବନ ଥାନା କଇରାନାଳି ଗ୍ରାମରେ ମକର ସଂକ୍ରାନ୍ତିରେ ଗୁଡ଼ି ଉଡାଉଥିବା ଘଟିଛି ବଡ଼ ଅଘଟଣ । ଗୁଡ଼ି ଉଡ଼ାଇବା ବେଳେ ଅସାବଧାନତା ବଶତଃ କୂଅରେ ପଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଗ୍ରାମର ବ୍ରଜନାଥ ରାଉତଙ୍କ ପୁଅ ଦିବ୍ୟ (୧୫) । ଦିବ୍ୟ ଗୁଡ଼ି ଉଡ଼ାଉଥିବା ବେଳେ କୂଅରେ ପଡ଼ିଯାଇଥିଲେ । ପରିବାର ଲୋକେ ଖୋଜାଖୋଜି କରିବା ପରେ କୂଅ ଭିତରୁ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଦିବ୍ୟ ଜିରାଳ ହାଇସ୍କୁଲରେ ୧୦ମ ଶ୍ରେଣୀରେ ପାଠ ପଢ଼ୁଥିଲେ ।

## କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ; ଠୋକର ଚାମ୍ପିଅନ

ଖଜୁରିଆକଟା, ୧୪ ।୧(ସମିସ): ହିନ୍ଦୋଳ ଉପଖଣ୍ଡ ଠୋକର ପଞ୍ଚାୟତ ଦୁଲ୍ଲଭପୁର ଗ୍ରାମରେ ଆୟୋଜିତ ମା' କାଳଦମନୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦଯାପିତ ହୋଇଛି । ୮ ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଠୋକର ଓ ଗୁରିଲୋ ଏକାଦଶ ମଧ୍ୟରେ ଖେଳାଯାଇଥିଲା । ଠୋକର ଦଳ ବିଜୟୀ ହୋଇ ଚାମ୍ପିଅନ ହୋଇଛି । ଗୁରିଲୋ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୧୨୦ ରନ୍ ସଂଗ୍ରହ କରିଥିଲା । ଜବାବରେ ଠୋକର ଦଳ ୪ ୱିକେଟ ହରାଇ ୧୨୧ ରନ୍ ସଂଗ୍ରହ କରିନେଇଥିଲା । ଅମ୍ପାୟର ଆଶିଷ ମାଝୀ ଓ ରାଜୁ ସାମଲ ଖେଳ ପରିଚାଳନ କରିଥିଲେ । ଲିକୁ ସାମଲ, ଶୁଭମ ସାମଲ ଓ ଭବାନୀ ସାମଲ ସ୍କୋରସିଟ୍ ପରିଚାଳନା କରିଥିଲେ । ବବୁଲ ରାଉତ ଓ ବାପି ସାମଲ ଧାରାବିବରଣୀ ପ୍ରଦାନ କରିଥିଲେ । ବିକି ସାମଲ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ । ମୁଖ୍ୟଅତିଥି ଭାବେ ଉପେନ୍ଦ୍ର ମାହୁନ୍ତ, ସମ୍ମାନିତ ଅତିଥି ଭାବେ ଗୌତମ ଭୋଇ, ସର୍ବେଶ୍ୱର ସାମଲ, ବିଶ୍ୱେଶ୍ୱର ମାଝୀ, ସାମ୍ବାଦିକ ପ୍ରଶାନ୍ତ କୁମାର ଜେନାମଣି, ଆର୍ତ୍ତବନ୍ଧୁ ସେଠୀ, ବାବୁ ବେହେରା, କାଳନ୍ଦୀ ସାହୁ, ବସନ୍ତ ପରିଡ଼ା, ଗଦାଧର ମହାଭୋଇ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ ।

## ଶାଢ଼ିରେ ପୋକ ଲାଗିଥିବା କହି ସୁନାଚେନ ଲୁଟ୍

### ସିସିଟିଭିରେ ଲୁଟ୍ ସମୟର ଚିତ୍ର ଭାଇରାଲ

କାମାକ୍ଷାନଗର, ୧୪ ।୧(ସମିସ): ଶାଢ଼ିରେ ପୋକ ଲାଗିଥିବା କହି କାମାକ୍ଷାନଗର ଥାନା ଜିରିଡ଼ାମାଳି ଗ୍ରାମ କଳିଙ୍ଗନଗର କଲୋନୀର ଜଣେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ବେକରୁ ସୁନାଚେନ ଲୁଟି ନେଇଛନ୍ତି ଦୁର୍ବୃତ୍ତ । ଲୁଟ୍‌ର ଶିକାର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ହେଲେ ନିର୍ମଳା ଦାସ । ନିର୍ମଳା ସନ୍ଧ୍ୟାରେ ନିଜ ଘର ସାମ୍ନାରେ ବୁଲୁଥିବା ବେଳେ ଏକ ବାଇକ୍‌ରେ ଦୁଇ ଦୁର୍ବୃତ୍ତ ଆସି ଘରଭଡ଼ା କେଉଁଠି ମିଳିବ ବୋଲି ପଚାରିଥିଲେ । କିଛି ସମୟ ପରେ ନିର୍ମଳାଙ୍କ ଶାଢ଼ିରେ ଏକ ପୋକ ଲାଗିଥିବା କହିଥିଲେ । ଏହି ସମୟରେ ନିର୍ମଳା ଅନ୍ୟମନସ୍କ ହୋଇଥିବା ବେଳେ ତାଙ୍କ ବେକରୁ ୧୮ ଗ୍ରାମ ଓଜନର ସୁନାଚେନ ଲୁଟି ଫେରାର ହୋଇଯାଇଥିଲା । ନିର୍ମଳାଙ୍କ ପୁଅ ଏ ନେଇ କାମାକ୍ଷାନଗର ଥାନାରେ ଅଭିଯୋଗ କରିଛନ୍ତି । କଲୋନୀରେ ଲାଗିଥିବା ସିସିଟିଭି କ୍ୟାମେରାରୁ ଭିଡିଓ ସଂଗ୍ରହ କରି ପୁଲିସକୁ ପ୍ରଦାନ କରିଛନ୍ତି । ସିସିଟିଭି ଭିଡିଓରେ ଦୁଇ ଲୁଟେରା ଏକ ବାଇକ ଯୋଗେ ଆସିଥିବା ଓ ଜଣେ ହେଲମେଟ ପିନ୍ଧି ଗାଡ଼ି ଚଳାଉଥିବା ଦେଖାଯାଇଛି । ତୁରନ୍ତ ସିସିଟିଭି ଭିଡିଓ ଆଧାରରେ ତୁରନ୍ତ ଲୁଟେରା ଦ୍ୱୟଙ୍କୁ ଗିରଫ କରିବା ସହ ଏହି କଲୋନୀରେ ପାଟ୍ରୋଲିଂ ଜୋରଦାର କରିବାକୁ ଦାବି ହୋଇଛି ।

## ମଣ୍ଡି ଉଦଘାଟନ ହେଲା; ଉଠିଲାନି ଧାନ

କିଶୋରନଗର, ୧୪ ।୧(ସମିସ): ରଣିଆକଟା ସେବା ସମବାୟ ସମିତିରେ ମଙ୍ଗଳବାର ଧାନମଣ୍ଡି ଉଦଘାଟିତ ହୋଇଛି । ଏଥିରେ ସ୍ଥାନୀୟ ସରପଞ୍ଚ ସୁଲୋଚନା ପ୍ରଧାନ, ସମିତି ସଭାପତି ଅଜିତ ପ୍ରଧାନ ଯୋଗଦେଇ ମଣ୍ଡି ଉଦଘାଟନ କରିଥିଲେ । ହେଲେ ଧାନକ୍ରୟ ଟ୍ରକ ଆଣି ପାଇଁ ଆସିଥିବା ମାହେଶ୍ୱରୀ ମିଲର କର୍ମଚାରୀ ଧାନ ନ ନେଇ ପଳାଇଥିଲେ । ସେପଟେ ଟେଣ୍ଟ ତଳେ ୧୭ ଜଣ ଚାଷୀ ତାଙ୍କ ୬୩୪ କ୍ୱିଣ୍ଟାଲ ଧାନକୁ ଜଗି ବସିଛନ୍ତି । କଟନି ଛଟନି ନ କରି ଚାଷୀଙ୍କ ଧାନ କ୍ରୟ କରିବାକୁ ଦାବି ହେଉଛି ।

ଫକୀର ମୋହନ ସ୍ମୃତିସଦନରେ ତାଲା

## ନିରାଶରେ ଫେରିଲେ ଐତିହ୍ୟ ପଦଯାତ୍ରୀ

ଢେଙ୍କାନାଳ, ୧୪ ।୧(ସମିସ): ମକର ସଂକ୍ରାନ୍ତିରେ ଜନ୍ମଗ୍ରହଣ କରିଥିଲେ ବ୍ୟାସକବି ଫକୀରମୋହନ ସେନାପତି । ୧୮୭୭ରୁ ୧୮୮୩ ପର୍ଯ୍ୟନ୍ତ ଦୀର୍ଘ ୬ବର୍ଷ ଧରି ଫକୀରମୋହନ ଢେଙ୍କାନାଳ ଗଡ଼ଜାତ ରାଜ୍ୟର ଆସିଷ୍ଟାଣ୍ଟ ମ୍ୟାନେଜର୍ ଭାବେ ଅବସ୍ଥାପିତ ହୋଇ ରାଜକାର୍ଯ୍ୟ କରିବା ସହ ସାହିତ୍ୟ ସାଧନା କରିଥିଲେ । ତାଙ୍କ ଆତ୍ମଜୀବନୀ ତଥ୍ୟ ଆଧାରରେ ସେ ଏଠାରେ ଯେଉଁ ଘରେ ରରୁଥିଲେ ତାକୁ ୨୦୦୬ରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଫକୀରମୋହନ ସ୍ମୃତିସଦନ ଭାବେ ସଂରକ୍ଷିତ କରାଯାଇ ସେଠାରେ ତାଙ୍କ ତୈଳଚିତ୍ର ସ୍ଥାପନ କରାଯାଇଛି । ସ୍ମୃତିସଦନର ଉପଯୁକ୍ତ ରକ୍ଷଣାବେକ୍ଷଣ ନିମନ୍ତେ ଭଡ଼ାଘରେ ଚାଲୁଥିବା ସଂସ୍କୃତି ବିଭାଗର ଜିଲ୍ଲା ପାଠାଗାରକୁ ଏହି ସଦନକୁ ଉଠାଇ ଅଣାଯାଇଥିଲା । ଫକୀର ମୋହନଙ୍କ ପରି ଏତେବଡ଼ ସାରସ୍ୱତ ସାଧକ ଯେ ଢେଙ୍କାନାଳ ଜିଲ୍ଲାରେ ଏକଦା ବାସିନ୍ଦା ଥିଲେ ଓ ଏହି ଘରେ ସେ ସଂସ୍କୃତ ରାମାୟଣର ଆକ୍ଷରିକ ଓଡ଼ିଆ ଅନୁବାଦ କରି ପରେ ସରସ୍ୱତୀ ଉପାଧି ପାଇଥିଲେ, ତାହା ସମସ୍ତ ଜିଲ୍ଲାବାସୀଙ୍କ ପାଇଁ ଗୌରବର ବିଷୟ । ତାଙ୍କ ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବରେ ଏହି ସ୍ମୃତି ସଦନରେ ବହୁ ସାହିତ୍ୟପ୍ରେମୀ ଓ ଅନୁଷ୍ଠାନ ତରଫରୁ ତାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଏ । ଏହି କ୍ରମରେ ମଙ୍ଗଳବାର ସଂସ୍କୃତି, ଐତିହ୍ୟ ଓ ସାହିତ୍ୟ ପାଇଁ ସମର୍ପିତ ଢେଙ୍କାନାଳ ଐତିହ୍ୟ ପଦଯାତ୍ରା ଦଳ ଫକୀର ମୋହନ ସ୍ମୃତି ସଦନରେ ପହଞ୍ଚିଥିଲେ । ତେବେ ଉକ୍ତ ଘରେ ତାଲା ପଡ଼ିଥିବା ଦେଖିଥିଲେ । ଫକୀର ମୋହନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ନ ପାରି ପଦଯାତ୍ରୀଗଣ ସେଠାରେ ଲାଗିଥିବା ସଦନର ନାମ ଫଳକରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ଆବାହକ ସୁରେଶ ମିଶ୍ର ଫକୀର ମୋହନଙ୍କ ଢେଙ୍କାନାଳ ରହଣି ଓ ଏଠାର ତାଙ୍କ ସାରସ୍ୱତ ସାଧନା ସମ୍ପର୍କରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବଦ୍ରିନାଥ ଜେନା, ନାରାୟଣ ପଟ୍ଟନାୟକ, ଲକ୍ଷ୍ମୀନାରାୟଣ ତ୍ରିପାଠୀ, ଶ୍ରୀମନ୍ତ ମିଶ୍ର, ମିହିର କୁମାର ରାଉତ, ସନ୍ନ୍ୟାସୀ ପରିଡ଼ା, ସୁଧାଂଶୁ ସ୍ୱାଇଁ, ସୁମନ ରାୟ, ନିତ୍ୟାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍ୱୟଂଶ୍ରୀ ନୃତ୍ୟ ଅନୁଷ୍ଠାନର ୩ୟ ବାର୍ଷିକ ଉତ୍ସବ



ତାଳଚେରସଦର, ୧୪ ।୧(ସମିସ): ଦେଉଳବେଢ଼ାସ୍ଥିତ ଡିସିଆଇ କ୍ଲବରେ ସ୍ୱୟଂଶ୍ରୀ ନୃତ୍ୟ ଅନୁଷ୍ଠାନର ତୃତୀୟ ବାର୍ଷିକ ଉତ୍ସବ ଜାନୁଆରୀ ୧୨ ଓ ୧୩ ତାରିଖ ପାଳିତ ହୋଇଛି । ଗୁରୁ ଶଙ୍କର ବାଇ ଓ ସସ୍ମିତା ଗାୟନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦଘାଟନୀ ଉତ୍ସବରେ ପୂର୍ବତନ ସଭାପତି ସୁମନ୍ତ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଅନୁଗୋଳ ସଂଯୁକ୍ତ ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଆସ୍ଥା ମହିଳା ମଣ୍ଡଳ ଭୁବନେଶ୍ୱରୀ ମହିଳା ମଣ୍ଡଳ ସଦସ୍ୟା ସଙ୍ଗୀତା ଶ୍ରୀରାମ, ଶୁକ୍ଳା ମିତ୍ରା, ବିଶିଷ୍ଟ ନୃତ୍ୟଗୁରୁ ଗୌରୀଶଙ୍କର ଦାସ, ପଦ୍ମଶ୍ରୀ ଡ. ଇଲିଆନା ସୀତାରିଷ୍ଟି, ଗୁରୁ ଗାୟତ୍ରୀ ରଣବୀର ପ୍ରମୁଖ ଯୋଗଦେଇଥିଲେ ।
ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ଡ. ମନୋଜ କୁମାର ବେହେରା, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଧୀରମୋହନ ରାଏ, ସମ୍ମାନିତ ଅତିଥି ଭାବେ ନୃତ୍ୟଗୁରୁ ମୀନାକ୍ଷୀ ବେହେରା, ରାଧେଶ୍ୟାମ ତରାଇ, ଛିନ୍ନମୟୀ ତ୍ରିପାଠୀ ଯୋଗଦେଇ ଅନୁଷ୍ଠାନର କଳାକାରମାନଙ୍କୁ ମାନପତ୍ର ଓ ମୋମେଣ୍ଟୋ ପ୍ରଦାନ କରିଥିଲେ । ଏହି ଅବସରରେ ତାଳଚେରର ବିଶିଷ୍ଟ ବ୍ୟକ୍ତି ସୌଭାଗ୍ୟ ମହାରଣା, ବିରଜା ମିଶ୍ର, ଧୀରମୋହନ ରାଏ, ବାପି ମହାନ୍ତି, ଓ କଣ୍ଡାଳ ଅଞ୍ଚଳର ହରଗୌରୀ କିନ୍ନର ସଂଘ ସଦସ୍ୟଙ୍କୁ ତାଳଚେର କଳା ସମ୍ମାନରେ ସମ୍ମାନିତ କରାଯାଇଥିଲା । ଅନୁଷ୍ଠାନର ସଭାପତି ସଞ୍ଚିତା ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ । ସଦସ୍ୟ ସଦସ୍ୟା ସଞ୍ଜୁକ୍ତା ମହାରଣା, ଝରଣା ନାୟକ, ଶ୍ୱେତାପଦ୍ମା ଖୁଣ୍ଟିଆ, ସୁଚରିତା ମହାରଣା, ସସ୍ମିତା ବାରିକ, ବସନ୍ତ ଭାଇ, ମଳୟ କୁମାର ମହାରଣା, ରାକେଶ ଦାସ, ମଳୟ ବାରିକ ଓ ସୁରେଶାନ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ଆରପାରିରେ ମହେନ୍ଦ୍ର; ସାତକୋଶିଆରେ ଶ୍ରଦ୍ଧାଞ୍ଜଳି

ଅନୁଗୋଳ, ୧୪ ।୧(ସମିସ): ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳ ଜାତୀୟ ଉଦ୍ୟାନରେ ଥିବା ୬୬ ବର୍ଷ ବୟସ୍କ ପୋଷା ଦନ୍ତାହାତୀ ମହେନ୍ଦ୍ର ବାର୍ଦ୍ଧକ୍ୟଜନିତ କାରଣରୁ ସୋମବାର ମୃତ୍ୟୁବରଣ କରିଛି । ମହେନ୍ଦ୍ରକୁ କର୍ଣ୍ଣାଟକ ରାଜୀବ ଗାନ୍ଧୀ ଜାତୀୟ ଉଦ୍ୟାନରୁ ୨୦୦୧ରେ ଶିମିଳିପାଳ ଅଣାଯାଇଥିଲା । ଶିମିଳିପାଳ ଅଭୟାରଣ୍ୟରେ ଜନ୍ତୁ ଶିକାର, କାଠଚୋରି, ବଣୁଆ ହାତୀଙ୍କୁ ଘଉଡ଼ାଇବା ଆଦି ଅନେକ କାର୍ଯ୍ୟରେ ସେ ବନବିଭାଗକୁ ଯଥେଷ୍ଟ ସାହାଯ୍ୟ କରୁଥିଲା । ଅନୁଗୋଳ ଜିଲ୍ଲାର ସାତକୋଶିଆ ଅଭୟାରଣ୍ୟକୁ ଅନ୍ୟ ଏକ ଦନ୍ତାହାତୀ ସହ ଆସିଥିଲା ମହେନ୍ଦ୍ର । ବାନ୍ଧବଗଡ଼ ଅଭୟାରଣ୍ୟରୁ ଆସିଥିବା ମହାବଳ ବାଘୁଣୀ ସୁନ୍ଦରୀକୁ ଧରିବାରେ ସହାୟତା କରିବା ପାଇଁ ଶିମିଳିପାଳରୁ ସାତକୋଶିଆକୁ ଆସିଥିଲା ମହେନ୍ଦ୍ର । ସୁନ୍ଦରୀକୁ ଟ୍ରାଙ୍କୁଲାଇଜ୍ କରି ଧରିବାରେ ବଡ଼ ଭୂମିକା ନେଇଥିଲା ମହେନ୍ଦ୍ର । ସାତକୋଶିଆର ଟିକରପଡ଼ା ଓ ପରେ ରାଇଗୁଡ଼ାରେ କିଛିବର୍ଷ ପାଇଁ ରହିଥିଲା ମହେନ୍ଦ୍ର । ଗତବର୍ଷ ଶିମିଳିପାଳକୁ ଫେରିଯାଥିଲା । ଦୀର୍ଘ ୨୪ ବର୍ଷ ଓଡ଼ିଶାରେ ରହି ବନ ବିଭାଗ ପାଇଁ କାର୍ଯ୍ୟ କରି ଆସୁଥିଲା ମହେନ୍ଦ୍ର । ଅନ୍ୟପଟେ ବନ ବିଭାଗ ପାଇଁ କାର୍ଯ୍ୟ କରୁଥିବାରୁ ଅନେକ ଥର ବିଭିନ୍ନ ଆକ୍ରମଣର ଶିକାର ହୋଇଛି ମହେନ୍ଦ୍ର । କେବେ ଗୁଳିମାଡ଼ ତ କେବେ ତୀରମାଡ଼ର ଶିକାର ହୋଇଥିଲା ସେ । ତଥାପି ହାର୍ ମାନି ନ ଥିଲା । ଯଥା ସମ୍ଭବ ସେ ତା' କାର୍ଯ୍ୟ କରିଚାଲିଥିଲା । ମହେନ୍ଦ୍ର କେବଳ ଏକ ହାତୀ ନ ଥିଲା, ବନ ବିଭାଗ ପାଇଁ ସେ



ଥିଲା ଶକ୍ତିର ପ୍ରତୀକ । ହେଲେ ସୋମବାର ତା'ର ଜୀବନଯାତ୍ରା ଅନ୍ତ ହୋଇଛି । ତାର କାର୍ଯ୍ୟଦକ୍ଷତା ପାଇଁ ଚିରସ୍ମରଣୀୟ ହୋଇ ରହିବ ବୋଲି ସାତକୋଶିଆ ବନ ବିଭାଗ ପକ୍ଷରୁ କୁହାଯାଇଛି ।

ବିଶ୍ୱ ମଗଜି ଦିବସ ପାଳିତ

## ସୁସ୍ୱାଦୁ ମଗଜି ଚାଖିବା ପାଇଁ ପ୍ରବଳ ଭିଡ଼




ଢେଙ୍କାନାଳ, ୧୪ ।୧(ସମିସ):

ଢେଙ୍କାନାଳ ମଗଜିପ୍ରେମୀଙ୍କ ଦ୍ୱାରା ପବିତ୍ର ମକର ସଂକ୍ରାନ୍ତି ତଥା ଢେଙ୍କାନାଳର ଆରାଧ୍ୟ ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଙ୍କ ଦୁର୍ଲ୍ଲଭ ନାଗାଭରଣ ବେଶ ଅବସରରେ ମହାପ୍ରଭୁଙ୍କୁ ଏହି ସ୍ୱାଦିଷ୍ଟ ମିଷ୍ଟାନ୍ନ ସମର୍ପଣ କରି ପୂର୍ବାହ୍ନରେ ରୀତିନୀତିରେ ପୂଜାର୍ଚ୍ଚନା ସହ ଭକ୍ତମାନଙ୍କୁ ମଗଜି ବଣ୍ଟନ କରାଯାଇ ବିଶ୍ୱ ମଗଜି ଦିବସ ପାଳନ କରାଯାଇଛି । ଏହି ଅବସରରେ ଟାଉନ ହଲ ପରିସରରେ ଢେଙ୍କାନାଳବାସୀ ଓ ମିଠା ଦୋକାନୀ ସଂଘ ମିଳିତ ଆନୁକୂଲ୍ୟରେ ବିଶ୍ୱ ମଗ୍‌ଜି ଦିବସ ପାଳନ କରାଯାଇଛି । ମୁଖ୍ୟଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ମଗ୍‌ଜି ମିଠା ଓ ଏହାର ସ୍ୱାଦ ନିଆରା ବୋଲି କହିଥିଲେ । ଆଗାମୀ ଦିନରେ ଏହାର ପ୍ରସାରପ୍ରଚାର ପାଇଁ ସମସ୍ତ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ବାଣିଜ୍ୟ ସଂଘ ସଭାପତି ରାଜେନ୍ଦ୍ର ଦାସ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ବିମଳେନ୍ଦୁ ମହାନ୍ତି, ଆଇନଜୀବୀ ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ, ସାମ୍ବାଦିକ ପ୍ରଦ୍ୟୁମ୍ନ ରଥ, ଡ. ଦିବ୍ୟସୁନ୍ଦର କର, ପୂର୍ବତନ ନଗରପାଳ ସୁନୀଲ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ । ମଗ୍‌ଜି ମହୋତ୍ସବ ତଥା ମଗ୍‌ଜି ଦିବସ ପାଳନ କମିଟି ଆବାହକ ଇଂ ସୌମ୍ୟବ୍ରତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଢେଙ୍କାନାଳ ମିଠା ଦୋକାନୀ ସଂଘ ସଭାପତି ଜୟପ୍ରକାଶ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଂଘର ହୃଷିକେଶ ସାହୁ, ବଳରାମ ସାହୁ, ପ୍ରସନ୍ନ କୁମାର ସାହୁ, ପ୍ରସିତ କୁମାର ସାହୁ, ସୋମନାଥ ସାହୁ, ଶିବାନନ୍ଦ ସାହୁ, ମନୋଜ ସାହୁ, ଯଶୋବନ୍ତ ସାହୁ, ଜ୍ୟୋତିରାମ ସିଂ, ପ୍ରଦୀପ ବେହେରା ପ୍ରମୁଖ ସହଯୋଗ କରିଥିଲେ । ବରିଷ୍ଠ କବି ଶତ୍ରୁଘନ ମାଟି ମଞ୍ଚ ପରିଚାଳନା କରିଥିଲେ । ସମ୍ପାଦକ ଜିତେଶ କୋଟାକ ଧନ୍ୟବାଦ ଅର୍ପଣ କରିଥିଲେ ।

ଢେଙ୍କାନାଳ ମଗଜି ଲଡୁ ମଇଷି ଖିର ଓ ଘିଅରୁ ପ୍ରସ୍ତୁତ ହୋଇଥାଏ । ମଇଁଷି ଖିରରେ ପ୍ରସ୍ତୁତ ଛେନାରେ ଚିନି ଓ ଗୁରୁରାତି ମିଶାଇ ଏହି ଲଡୁ ପ୍ରସ୍ତୁତ କରାଯାଏ । ଏଥିରେ ପାଣି ବ୍ୟବହାର କରାଯାଉ ନ ଥିବାରୁ ପ୍ରସ୍ତୁତି ପରେ ଏହା ୧୫ରୁ ୨୦ ଦିନ ପର୍ଯ୍ୟନ୍ତ ଖରାପ ହୋଇ ନ ଥାଏ । ମଗଜି ଲଡୁର ଇତିହାସ ପ୍ରାୟ ୬୦୦ ବର୍ଷରୁ ପୁରୁଣା । ଜିଲ୍ଲାର ଗଁଦିଆ ବ୍ଲକ ଷଡ଼ଙ୍ଗୀ ଅଞ୍ଚଳରେ ବହୁଳ ପରିମାଣରେ ଏହା ପ୍ରସ୍ତୁତ କରାଯାଏ । ୨୦୨୦ ଡିସେମ୍ବର ୭ରେ ଢେଙ୍କାନାଳ ସହର ମୀନାବଜାରସ୍ଥିତ ଢେଙ୍କାନାଳ ସୁଇଟ୍ ଆସୋସିଏସନ ପକ୍ଷରୁ ଏହାକୁ ଜିଆଇ ଟ୍ୟାଗ ମାନ୍ୟତା ପ୍ରଦାନ ପାଇଁ ଦରଖାସ୍ତ କରାଯାଇଥିଲା । ୨୦୨୩ ଡିସେମ୍ବରରେ ଏହାକୁ ଜିଆଇ ଟ୍ୟାଗ୍ ମିଳିଥିଲା ।

## ଶାବଳଭଙ୍ଗାରେ ବ୍ୟାସକବିଙ୍କ ଜୟନ୍ତୀ

ଅନୁଗୋଳ, ୧୪ ।୧(ସମିସ): ବ୍ୟାସକବି ଫକୀରମୋହନ ସେନାପତିଙ୍କ ୧୮୩ତମ ଜୟନ୍ତୀ ସ୍ଥାନୀୟ ଶାବଳଭଙ୍ଗାଠାରେ ପାଳିତ ହୋଇଛି । ଡିୱାଇଓ ଅନୁଗୋଳ ଆଞ୍ଚଳିକ କମିଟି ଉଦ୍ୟୋଗରେ ଅନୁଷ୍ଠିତ ସଭାରେ ଆଞ୍ଚଳିକ କମିଟି ସଭାପତି ମଳୟ ବେହେରା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ଫକୀରମୋହନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଆଞ୍ଚଳିକ କମିଟି ସମ୍ପାଦିକା ଜ୍ୟୋତ୍ସ୍ନା ସାମଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଡିୱାଇଓ ଜିଲ୍ଲା ସଭାପତି ନିରଞ୍ଜନ ନାୟକ ଫକୀରମୋହନଙ୍କ କାଳଜୟୀ ଗଳ୍ପଗୁଡ଼ିକ ସମ୍ପର୍କରେ ଆଲୋକପାତ କରିଥିଲେ । ତାଙ୍କ ଲେଖନୀ ଚାଳନା ତତ୍କାଳୀନ ସମାଜରେ ଥିବା ଅନ୍ଧବିଶ୍ୱାସ, କୁସଂସ୍କାର ବିରୋଧରେ ଥିଲା । ଆଜି ମଧ୍ୟ ତା'ର ବ୍ୟାପକ ପ୍ରାସଙ୍ଗିକତା ଅଛି ବୋଲି ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଚ୍ଚିଦାନନ୍ଦ ସାହୁ, ସୁମନ୍ତ ବେହେରା, ବିନୋଦ ପରିଡ଼ା, ବିଜୟ ବେହେରା, ଦିଲୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଜନଶୁଣାଣି ଶିବିର; ୫୮ ହଜାର ଟଙ୍କା ସହାୟତା

ଭୁବନ, ୧୪ ।୧(ସମିସ): ଭୁବନ ବ୍ଲକ ଦିଘି ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଶିବିରରେ ମୋଟ ୨୨୧ ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୨୧୦ଟି ବ୍ୟକ୍ତିଗତ ଏବଂ ୫ଟି ସାମୂହିକ ଅଭିଯୋଗ ରହିଥିଲା । ଅଧିକାଂଶ ଅଭିଯୋଗ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କିତ ଥିଲା । ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୫୮ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା । ଶିବିରରେ ଏସ୍‌ପି ଅଭିନବ ସୋନକର, ବନଖଣ୍ଡ ଅଧିକାରୀ ସୁମିତ କରଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

ସମ୍ଭାବନା



ସକାଳ THE SAKALA
www.sakalaepaper.com

## ବୃତ୍ତିଗତ ଶିକ୍ଷା

# କୋଡ଼ିଂ ପାଇଁ କୋର୍ସ

**କମ୍ପ୍ୟୁଟର ସାଇନ୍ସରେ କୋଡିଂର ଚାହିଦା ଦିନକୁ ଦିନ ବୃଦ୍ଧି ପାଉଛି । ତେବେ ଯୁବପିଢ଼ି ଏଥିରେ କ୍ୟାରିୟର କରିବାକୁ ଚାହୁଁଥିଲେ, ଏହା ମଧ୍ୟ ଏକ ଉତ୍ତମ କ୍ୟାରିୟର ବିକଳ୍ପ ହୋଇପାରିବ । ଏହାକୁ ନେଇ କିଛି କୋର୍ସ ଏଭଳି ଅଛି, ଯାହାକୁ ଆପଣାଇ ଭଲ ରୋଜଗାର କରିବା ସମ୍ଭବ ।**



### ଫୁଲ ଷ୍ଟାକ୍ ଡେଭ୍‌ଲପର କୋର୍ସ

ଏହି କୋର୍ସରେ ଏଚ୍‌ଟିଏମ୍‌ଏଲ, ସିଏସ୍‌ଏସ୍, ଜାଭା ସ୍କ୍ରିପ୍ଟ ଭଳି ଅନ୍ୟ ଟେକ୍ନିକ୍ ବାବଦରେ ଶିଖିବାକୁ ମିଳେ । ଏଥିରେ ମାସକୁ ଭଲ ଆୟ ହୋଇଥାଏ ।

### ଡାଟା ସାଇନ୍ସ

ଏହି କୋର୍ସରେ ଡାଟା ସଂଗ୍ରହ କରିବା କୌଶଳ ଶିଖାଯାଏ । ଏହାକୁ କରିବା ପାଇଁ python, R, SQL ଭଳି ଭାଷା ଜାଣିବା ଜରୁରି ।

**ମେସିନ୍ ଲର୍ଣ୍ଣିଂ କୋର୍ସ** ଆଲଗରଦିମ୍ ଏବଂ ମେସିନ ଲର୍ଣ୍ଣିଂ ବାବଦରେ ଏହି କୋର୍ସ ଶିଖାଏ । ଏହା ସହିତ ଜଡ଼ିତ ଅନେକ ଫ୍ରି ଅନଲାଇନ୍ କୋର୍ସ ଉପଲବ୍ଧ ଅଛି ।

### ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ

ଏହାକୁ ପଢ଼ିବା ଦ୍ୱାରା ଅନେକ ନୂଆ ଜିନିଷ ଜାଣିବାର ସୁଯୋଗ ମିଳେ । ଏଥିରେ ନାଚୁରାଲ ଲାଙ୍ଗୁଏଜ ପ୍ରୋସେସିଂ, କମ୍ପ୍ୟୁଟର ଭିଜନ, ରୋବଟିକ୍ସ ଆଦି ବାବଦରେ ଶିକ୍ଷା ପ୍ରଦାନ କରାଯାଏ ।

### ସାଇବର ସିକ୍ୟୁରିଟି

କମ୍ପ୍ୟୁଟର ସିଷ୍ଟମ ଏବଂ ନେଟୱର୍କକୁ ସାଇବର ସିକ୍ୟୁରିଟି ଏକ୍ସପର୍ଟ ସୁରକ୍ଷିତ ରଖନ୍ତି । ଏହି କୋର୍ସରେ ହ୍ୟାକିଂ ଏବଂ ସାଇବର ଠକେଇଠାରୁ ରକ୍ଷା ପାଇବାର ଉପାୟ ଶିକ୍ଷା ଦିଆଯାଏ ।

### ମୋବାଇଲ ଆପ୍ ଡେଭଲପମେଣ୍ଟ

ଏହି କୋର୍ସର ଚାହିଦା ମଧ୍ୟ ଏବେ ଢ଼େର୍ ବେଶି । ଏଥିରେ ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ପ୍ଲାଟଫର୍ମ ପାଇଁ ମୋବାଇଲ ଆପ୍ ବିକଶିତ କରିବା କୌଶଳ ଶିକ୍ଷା ଦିଆଯାଏ ।

### ଗେମ୍ ଡେଭଲପମେଣ୍ଟ

ଏହା ମଧ୍ୟ ଏବର ସମୟର ଏକ ଲୋକପ୍ରିୟ କୋର୍ସ । ଏହି କୋର୍ସରେ ୨ଡି ଏବଂ ଥ୍ରୀଡି ଗେମ୍ ତିଆରି ପାଇଁ ଜରୁରି ଟେକ୍ନିକ୍ ଶିଖିପାରିବେ ।

### ବ୍ଲକ୍‌ଚେନ୍ ଡେଭ୍‌ଲପ୍‌ମେଣ୍ଟ

କ୍ଲାଉଡ୍ କମ୍ପ୍ୟୁଟିଂ ମାଧ୍ୟମରେ ଡାଟା ଏବଂ ଆପ୍ଲିକେସନ୍‌କୁ ଅନ୍‌ଲାଇନ୍ ଷ୍ଟୋର୍ କରାଯାଏ । ଏଥିରୁ ଏଡବ୍ଲୁଏସ୍, ଗୁଗଲ କ୍ଲାଉଡ୍ ପ୍ଲାଟ୍‌ଫର୍ମ ଭଳି ପ୍ଲାଟ୍‌ଫର୍ମ ବାବଦରେ ଶିଖିପାରିବେ ।

# ଜେନରେସନ ବିଟା
## ଏଆଇ ଯୁଗର ପ୍ରଥମ ପିଢ଼ି



**୨୦୨୫ ମସିହା ଜାନୁଆରୀ ୧ ତାରିଖରୁ ଜନ୍ମଗ୍ରହଣ କରୁଥିବା ଶିଶୁଙ୍କୁ 'ଜେନରେସନ ବିଟା' କୁହାଗଲା । ଏହି କ୍ରମରେ ଜେନରେସନ ବିଟାର ଆଗମନ ହୋଇଛି । ୨୦୨୫ ଜାନୁଆରୀ ୧ ତାରିଖରେ ମିଜୋରାମର ଆଇଜୋଲ ସହରରେ ଜେନରେସନ ବିଟା ଜନ୍ମଗ୍ରହଣ କରିଛି । ଏହାର ନାଁ 'ଫ୍ରାଙ୍କି ।'**

ଏବେ ସୁଦ୍ଧା ୨୦୧୦ରୁ ୨୦୧୪ ମଧ୍ୟରେ ଜନ୍ମଗ୍ରହଣ କରୁଥିବା ପିଲାଙ୍କୁ 'ଜେନ୍ ଆଲ୍‌ଫା' କୁହାଯାଉ ଥିଲା । ସେହିପରି ୧୯୯୭ରୁ ୨୦୧୦ ମଧ୍ୟରେ ଜନ୍ମିତ ଶିଶୁଙ୍କୁ 'ଜେନ୍ ଜି' କୁହାଯାଉଥିବା ବେଳେ ୧୯୮୭ରୁ ୧୯୯୬ ମସିହା ମଧ୍ୟରେ ଜନ୍ମିତ ପିଲାଙ୍କୁ 'ମିଲେନିୟମ୍' କୁହାଯାଏ । ଜେନରେସନ ବିଟା କିନ୍ତୁ ଏ ସମସ୍ତ ପିଢ଼ିଠାରୁ ଭିନ୍ନ ହେବେ । ଏ ପିଢ଼ି ଏମିତି ଏକ ଦୁନିଆରେ ବଢ଼ିବେ, ଯେଉଁଠି କେବଳ ଟେକ୍ନୋଲୋଜି ଜୀବନର ଅଂଶ ହେବ । ଏଣୁ ଏହି ବର୍ଷ ଜାନୁଆରୀ ୧ରୁ ଜନ୍ମଗ୍ରହଣ କରିଥିବା ପିଲାଙ୍କୁ ଏଆଇ ଯୁଗର ପ୍ରଥମ ପିଢ଼ି ଭାବେ ଦେଖାଯିବ । ସେହିପରି ୨୦୨୫ରୁ ୨୦୩୯ ମସିହା ପର୍ଯ୍ୟନ୍ତ ଜନ୍ମ ହେଉଥିବା ପିଲା, ଏମିତି ଏକ ଦୁନିଆରେ ବଢ଼ିବେ, ଯେଉଁଠି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ରେବୋଟିକ୍ସ ଅଟୋମେସନର ଦଖଲ ଥିବ । କହିବାକୁ ଗଲେ, ଜେନରେସନ ବିଟାର ପିଲାମାନେ ସ୍ମାର୍ଟଫୋନ, ଇଣ୍ଟରନେଟ୍ ଏବଂ ସାମାଜିକ ଗଣମାଧ୍ୟମ ସହିତ ବଡ଼ ହେବେ । ସେମାନେ ଭର୍ଚୁଆଲ ରିଆଲିଟି ଏବଂ ଅନ୍ୟ ଟେକ୍ନିକ୍‌କୁ ଉପଯୋଗ କରିବେ ।

କେବଳ ସେତିକି ନୁହେଁ, ସେମାନଙ୍କ ଶିକ୍ଷା ପ୍ରଣାଳୀରେ ବି ପରିବର୍ତ୍ତନ ଦେଖିବାକୁ ମିଳିବ । ସ୍କୁଲରେ ରୋବଟ ଶିକ୍ଷକ ଏବଂ ଭର୍ଚୁଆଲ ରିଆଲିଟି କ୍ଲାସ୍ ସାଧାରଣ ହେବ । ଏହି ପିଢ଼ି ପରିବେଶ ସୁରକ୍ଷା ଏବଂ ପ୍ଲାଷ୍ଟିକ୍ ବ୍ୟବହାର କମ୍ କରିବା ଦିଗରେ ଆଗରେ ରହିବେ । ଏହାବାଦ୍ ଏହି ପିଢ଼ି କଥାବାର୍ତ୍ତା କରିବା ପାଇଁ ଭଏସ୍ ଆସିସାଣ୍ଟ ଏବଂ ମେଟାଭର୍ସକୁ ବ୍ୟବହାର କରିବେ । ଅନ୍ୟପକ୍ଷରେ ଜେନରେସନ ବିଟା ଅଫିସ୍ ଯିବା ପରିବର୍ତ୍ତେ ଅନଲାଇନ୍ କାମ ଏବଂ ଫ୍ରିଲାନ୍ସିଂ କରିବାକୁ ଅଧିକ ପସନ୍ଦ କରିବେ ।

# କେତେ ଭଲ ପାଠପଢ଼ା ସହିତ ଚାକିରି

**ଆଜିକାଲି ଅନେକ ଜଣ ପାଠପଢ଼ା ସହିତ ଚାକିରି ମଧ୍ୟ କରୁଛନ୍ତି । ତେବେ ସମସ୍ତଙ୍କ ପକ୍ଷେ ଏହି ଦୁଇଟି କାମ କରିବା ସହଜ ହୋଇ ନ ଥାଏ । ସେହିପରି ଏହାର ଉଭୟ ଭଲ ଓ ଖରାପ ଦିଗ ଥିଲେ ହେଁ ଖରାପ ଦିଗ ପ୍ରତି ସେତେ ବେଶି କେହି ଗୁରୁତ୍ୱ ଦେଇ ନ ଥାନ୍ତି ।**

- ଚାକିରି ଚାପ ଯୋଗୁଁ ବିଦ୍ୟାର୍ଥୀଙ୍କ ଧ୍ୟାନ ପଢ଼ାରୁ ଭଗ୍ନ ହୋଇପାରେ । ଏହାଦ୍ୱାରା ପରୀକ୍ଷା ଖରାପ ହୁଏ ।
- ଦୀର୍ଘ ସମୟ ପର୍ଯ୍ୟନ୍ତ କାମ କରିବା ଏବଂ ପଢ଼ିବା ଦ୍ୱାରା ଶାରୀରିକ ଓ ମାନସିକ କ୍ଳାନ୍ତି ଅନୁଭବ ହୁଏ । ଏହାଦ୍ୱାରା ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ ।
- ଚାକିରି ଓ ପଢ଼ା ମଧ୍ୟରେ ସନ୍ତୁଳନ ରକ୍ଷା କରିବା ସହଜ ହୋଇ ନ ଥାଏ । ଏହାଦ୍ୱାରା ସାଙ୍ଗସାଥୀ ଏବଂ ପରିବାର ସଦସ୍ୟଙ୍କ ସହିତ ସମୟ ଅତିବାହିତ କରିବା କମ୍ ହେବା ଆଶଙ୍କା ଅଛି ।
- ଚାକିରି ଓ ପଢ଼ା ମଧ୍ୟରେ ସନ୍ତୁଳନ ରକ୍ଷା କରିବା ପ୍ରଚେଷ୍ଟାରେ ଅବସାଦ ଏବଂ ଚିନ୍ତା ମଧ୍ୟ ବୃଦ୍ଧି ପାଏ । ଏହାଦ୍ୱାରା ନିଜ ଭିତରେ ଶିଖିବା କ୍ଷମତା ହ୍ରାସ ପାଏ ।
- ଚାକିରି ପାଇଁ ପଢ଼ାପଢ଼ି ଲାଗି ବି ସମୟ କମ୍ ମିଳିଥାଏ । ଫଳରେ ପରୀକ୍ଷା ପ୍ରସ୍ତୁତିରେ ସମସ୍ୟା ଉପୁଜିପାରେ ।
- ଚାକିରି ଯୋଗୁଁ ଇଣ୍ଟର୍ନସିପ୍, ପ୍ରୋଜେକ୍ଟ ଏବଂ ଅନ୍ୟାନ୍ୟ ସୁଯୋଗକୁ ମଧ୍ୟ ହାତଛଡ଼ା କରିବାକୁ ପଡ଼ିପାରେ ।



# ଅଫିସ୍‌ରେ ନିରାଶାଭାବ ଆସୁଥିଲେ...

**ବେଳେବେଳେ ଅଫିସ୍‌ରେ ନିରାଶାଭାବ ଭଳି ସମସ୍ୟା ଦେଖାଦେବା ଅତି ସାଧାରଣ କଥା । ତେବେ ହତାଶାଭାବ ଯୋଗୁଁ କର୍ମଚାରୀଙ୍କ କାର୍ଯ୍ୟ ଉପରେ କି ପ୍ରଭାବ ପଡ଼େ, ସେ ସମ୍ପର୍କରେ ଜାଣିବା ।**

- ଏହା ଯୋଗୁଁ କର୍ମଚାରୀଙ୍କ ମନୋବଳ କମ୍ ହୋଇଥାଏ । ନିରାଶ କର୍ମଚାରୀଙ୍କର କାମ ପ୍ରତି ଆଗ୍ରହ କମ୍ ହୋଇଥାଏ । ଏହାସହ ସେମାନଙ୍କ କାର୍ଯ୍ୟର ଉତ୍ପାଦନ କ୍ଷମତା ବି ହ୍ରାସ ପାଏ । ସେମାନଙ୍କୁ କାମ ପୂରା କରିବା ପାଇଁ ଅଧିକ ସମୟ ଲାଗେ ।
- ସେହିପରି ନିରାଶାରୁ କର୍ମଚାରୀଙ୍କ ଆତ୍ମବିଶ୍ୱାସ କମ୍ ହୁଏ । ଏହାଦ୍ୱାରା ସେମାନଙ୍କ କାର୍ଯ୍ୟ ଉପରେ ନକାରାତ୍ମକ ପ୍ରଭାବ ପଡ଼େ ।



- ସେମାନଙ୍କ ମୋଟିଭେସନ ଲେବଲ କମ୍ ହୋଇପାରେ । ନିରାଶା କର୍ମଚାରୀ ସାଧାରଣତଃ ନୂଆ ଚାକିରିର ସନ୍ଧାନରେ ରହନ୍ତି ।
- ହତାଶାଭାବ ଯୋଗୁଁ ଜଣେ କର୍ମଚାରୀ ଅନ୍ୟ ଜଣେ କର୍ମଚାରୀଙ୍କ ପ୍ରତି ଖରାପ ବ୍ୟବହାର ଦେଖାଏ । ଏହାଦ୍ୱାରା ଅନ୍ୟ ଜଣକ ମାନସିକ ପ୍ରଭାବିତ ହୁଏ ।
- ଦୀର୍ଘ ସମୟ ପର୍ଯ୍ୟନ୍ତ ନିରୁତ୍ସାହ ମନୋଭାବ ଦେଇ ଗତି କରିବା ଦ୍ୱାରା ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦିଏ । ବିଶେଷକରି ଅବସାଦ, ନିଦ୍ରାହୀନତା, ମଧୁମେହ, ରକ୍ତଚାପ ଭଳି ସମସ୍ୟା ।
- ତେଣୁ କାର୍ଯ୍ୟାଳୟରେ ନିରାଶା ବା ହତାଶାମନୋଭାବରୁ ରକ୍ଷା ପାଇବା ପାଇଁ କମ୍ପାନି କର୍ମଚାରୀଙ୍କୁ ଉତ୍ସାହିତ କରିବା ଦରକାର । ଯେଭଳି ସେମାନଙ୍କର କାମ କରିବାରେ ମନ ଲାଗିବ ।

# କେମିତି ବଢ଼ିବ ଆତ୍ମବିଶ୍ୱାସ



**ପ୍ରତ୍ୟେକଙ୍କଠାରେ ଆତ୍ମବିଶ୍ୱାସ ରହିବା ନିହାତି ଦରକାର । ନିଜ ଭିତରେ ଆତ୍ମବିଶ୍ୱାସ ରହିଲେ, ସମସ୍ତ କାମ ସହଜରେ ହେବା ସହ ସଫଳତା ମିଳିଥାଏ । ଆତ୍ମବିଶ୍ୱାସ ବଢ଼ାଇବାର କିଛି ଉପାୟ....**

- ନିଜକୁ ସହଜ ଲାଗୁଥିବା ସ୍ଥାନରେ ନ ରହି ଆହ୍ୱାନପୂର୍ଣ୍ଣ ସ୍ଥାନ ସହ ନିଜକୁ ସାମିଲ କରନ୍ତୁ ।
- ସାଙ୍ଗସାଥୀ, ମାର୍ଗଦର୍ଶକ ତଥା ଏଭଳି ଲୋକଙ୍କ ସହ ସମୟ ଅତିବାହିତ କରନ୍ତୁ, ଯେଉଁମାନେ ଜୀବନରେ ସକାରାତ୍ମକତା ଆଣୁଥିବେ । ଅନ୍ୟଠୁ ମିଳୁଥିବା ପ୍ରୋତ୍ସାହନ ଓ ସକାରାତ୍ମକ ଶକ୍ତି ହିଁ ନିଜ ଭିତରେ ଆତ୍ମବିଶ୍ୱାସ ବଢ଼ାଇ ଥାଏ ।
- ନିଜର ଉପଲବ୍ଧିକୁ ସ୍ୱୀକାର କରନ୍ତୁ ଏବଂ ନିଜ ଭୁଲରୁ ଶିକ୍ଷା ଲାଭ କରିବା ଉଚିତ । ।
- ବଡ଼ ଲକ୍ଷ୍ୟକୁ ଛୋଟ ଛୋଟ ଭାଗରେ ବାଣ୍ଟନ୍ତୁ । ଏଭଳି କରିବା ଦ୍ୱାରା କ୍ଷମତା ଏବଂ ଆତ୍ମବିଶ୍ୱାସ ବୃଦ୍ଧି ପାଏ ।
- ଅନ୍ୟ ସହିତ କଥାବାର୍ତ୍ତା କରିବା ବେଳେ ସିଧା ଛିଡ଼ା ହୋଇ ଏବଂ ଆଖିରେ ଆଖି ମିଶାଇ କଥା କହିଲେ ଆତ୍ମବିଶ୍ୱାସ ପ୍ରତିଫଳିତ ହୁଏ ।

# ଗ୍ରାଫିକ୍ ଡିଜାଇନର୍‌ରୁ ଅଟୋ ଚାଳକ

**ବେଳେ ବେଳେ ଆମେ ପଢ଼ିଥିବା ପାଠରେ ବି କ୍ୟାରିୟର କରିବା ସମ୍ଭବ ହୋଇ ନ ଥାଏ । କେତେବେଳେ ପଢ଼ା ଅନୁସାରେ ଚାକିରି ମିଳେ ନାହିଁ ତ ପୁଣି ଚାକିରିର ପଦ ପଦବି ଅନୁସାରେ ଦରମା ମିଳି ନ ଥାଏ । ଏଣୁ ଅନେକ ଭାବନ୍ତି କମ୍ ଦରମାରେ କାମ କରିବାଠୁ ଭଲ ହେଉଛି, ନିଜର କୌଣସି ବ୍ୟବସାୟ ଆରମ୍ଭ କରିବା । ଠିକ୍ ଏମିତି କିଛି ଭାବିଛନ୍ତି ମୁମ୍ବାଇର କମଲେଶ କାମେତକର । ପ୍ରଥମେ ସେ ଗ୍ରାଫିକ୍ ଡିଜାଇନର ଭାବେ ୧୪ ବର୍ଷ କାମ କଲେ । ଏହାପରେ ତାଙ୍କୁ କମ୍ ଦରମା ମିଳିବାରୁ ଚାକିରି ଛାଡ଼ିଲେ । ଯଦିଓ ସେ ବିଭିନ୍ନ ସ୍ଥାନରେ ଚାକିରି ପାଇଁ ଆବେଦନ କରିଥିଲେ, ତଥାପି ତାଙ୍କୁ ଭଲ ଦରମା ସହିତ ଚାକିରି ମିଳି ନ ଥିଲା । ଶେଷରେ ସେ ସ୍ୱାଧୀନ ଭାବେ ବଞ୍ଚିବା ପାଇଁ ନିଷ୍ପତ୍ତି ନେଲେ । ଏବେ ସେ ଅଟୋ ଚାଳକ ଭାବେ କାମ କରୁଛନ୍ତି ।**

କମଲେଶ କାମେତକର ପ୍ରଥମେ ଆସିଷ୍ଟାଣ୍ଟ କ୍ରିଏଟିଭ୍ ମ୍ୟାନେଜର ଥିଲେ । ସେ ଏହି ପଦରେ ୧୪ ବର୍ଷ କାମ କରିଛନ୍ତି । ତେବେ କଷ୍ଟ କଟିଂ ଯୋଗୁଁ ତାଙ୍କୁ ଚାକିରି ହରାଇବାକୁ ପଡ଼ିଲା । ଏହାପରେ ତାଙ୍କୁ ନୂଆ ଚାକିରି ମିଳିଲା ନାହିଁ । କମଲେଶଙ୍କ ଅନୁସାରେ, ସେ ଚାକିରି ପାଇଁ ବିଭିନ୍ନ ସ୍ଥାନରେ ଆବେଦନ କରିଥିଲେ । ଏପରିକି ଚାକିରି ଲାଗି ସେ ସାଙ୍ଗସାଥୀଙ୍କ ସହ ଯୋଗାଯୋଗ ବି କରିଥିଲେ । କିନ୍ତୁ ତାଙ୍କୁ କେଉଁଠି କିଛି ଫଳ ମିଳିଲା ନାହିଁ ।



ସେହିପରି ତାଙ୍କୁ ଲିଙ୍କ୍‌ଡଇନ୍ ମାଧ୍ୟମରେ ବି ଅନେକ ପଦବି ପାଇଁ ଆବେଦନ କରିବାକୁ ପଡ଼ିଥିଲା । ସେଥିରେ ବି ତାଙ୍କୁ ନିରାଶ ହେବାକୁ ପଡ଼ିଥିଲା ।

ଏହିପରି ଭାବେ ତାଙ୍କୁ ୫ ମାସ ପର୍ଯ୍ୟନ୍ତ କେଉଁଠି କିଛି ନିଯୁକ୍ତି ଅବସର ମିଳିଲା ନାହିଁ । ଯେଉଁଠି ଯାହା ମିଳିଲା, ସେସବୁ କମ୍ ଦରମାରେ କୁହାଗଲା । କମ୍ ଦରମାରେ ଚାକିରି କରିବାଠୁ ନିଜେ କିଛି ଆରମ୍ଭ କରିବାକୁ ସେ ଉଚିତ ମଣିଲେ । ସେଇଠୁ ସେ ଅଟୋ ଚଳାଇବା ନିଷ୍ପତ୍ତି ନେଲେ । ସେଥିପାଇଁ ସେ ଗ୍ରାଫିକ୍ ଡିଜାଇନର କ୍ୟାରିୟର ଛାଡ଼ିଦେଲେ । ଏବେ ଅଟୋ ଚାଳକ ଭାବେ ନୂଆ କ୍ୟାରିୟର ଆରମ୍ଭ କରିଛନ୍ତି । ଏହାସହ ସେ ତାଙ୍କର ଏହି କାହାଣୀକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ପରେ ସମସ୍ତଙ୍କ ନଜରକୁ ଆସିଛି । ନୂଆ କ୍ୟାରିୟର ପାଇଁ ଲୋକମାନଙ୍କଠାରୁ କମଲେଶ ଆଶୀର୍ବାଦ ଲୋଡ଼ିଛନ୍ତି । ତେବେ ତାଙ୍କର ଏଭଳି ପ୍ରଚେଷ୍ଟାକୁ ଲୋକମାନେ ଖୁବ୍ ପ୍ରଶଂସା କରିଛନ୍ତି ଓ ନୂତନ ବୃତ୍ତି ପାଇଁ ତାଙ୍କୁ ଶୁଭକାମନା ଜଣାଇଛନ୍ତି ।

ଅନ୍ୟପଟେ ଏହି ୫ ମାସ ମଧ୍ୟରେ କମଲେଶ ଯେତେ ସବୁ ଅସୁବିଧାକୁ ସାମ୍ନା କରିଛନ୍ତି, ତାହାକୁ ନେଇ ସେ ନିରାଶ ହୋଇ ନ ଥିଲେ । ନିଜ ଭିତରେ ଆଶା ଓ ଭରସା ରଖି ଆଗକୁ ବଢ଼ିଲେ । ତାଙ୍କର ସାହସ ଓ ଆତ୍ମନିର୍ଭରତା ଏବେ ଅନ୍ୟ ଯୁବପିଢ଼ିଙ୍କ ଲାଗି ପ୍ରେରଣା ପାଲଟିଛି ।

# କ୍ରସ୍ ୱାର୍ଡ ପଜଲ୍ ଅଭ୍ୟାସ



**Across**

4. a fundamental economic concept that describes the total amount of a specific good or service that is available to consumers.
6. an economic principle referring to a consumer's desire to purchase goods and services and willingness to pay a price for a sp
8. a security that represents the ownership of a company
9. a payment card issued to users to enable the cardholder to pay a merchant for goods and services based on the cardholder's pr

**Down**

1. a numerical expression based on a level analysis of a person's credit files, to represent the creditworthiness of an individu
2. something a person or company owns, usually cash, lands, houses. etc.
3. a compulsory financial charge, or some other type of levy imposed on a taxpayer by a governmental organization in order to fu
5. something a person or company owes, usually debt, loans, mortgages. etc.
7. a plastic payment card that can be used instead of cash when making purchases. The money is immediately transferred directly

## ପ୍ୟାରିସ ଅଲିମ୍ପିକ୍ସ ପଦକ ବଦଳାଇବେ ମନୁ



**ନୂଆଦିଲ୍ଲୀ, ୧୪।୧ (ଏଜେନ୍ସି):** ଗତ ପ୍ୟାରିସ ଅଲିମ୍ପିକ୍ସର ପଦକର ମାନ ଅତ୍ୟନ୍ତ ନିମ୍ନମାନର ବୋଲି ଅନେକ ଅଭିଯୋଗ ଆସିବା ପରେ ଶେଷରେ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି (ଆଇଓସି) ପକ୍ଷରୁ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। 'ପ୍ୟାରିସ ଅଲିମ୍ପିକ୍ସର ପଦକ ଯଦି ଖରାପ ହୋଇଯାଇଥାଏ ତେବେ ଏହାକୁ ବଦଳାଇ ସମାନ ପଦକ କ୍ରୀଡ଼ାବିତ୍‌ଙ୍କୁ ପ୍ରଦାନ କରାଯିବ। ପଦକ ବିଜୟୀ କ୍ରୀଡ଼ାବିତ୍‌ମାନେ ଚାହିଁଲେ ସେମାନଙ୍କ ପଦକ ବଦଳାଇ ପାରିବେ' ବୋଲି ଆଇଓସି ପକ୍ଷରୁ ଘୋଷଣା କରାଯାଇଛି। ବିଶେଷ କରି କାଂସ୍ୟ ପଦକଗୁଡ଼ିକର ରଙ୍ଗ ଛାଡ଼ି ଯାଉଥିବାର ଅନେକ ଅଭିଯୋଗ ସାରା ବିଶ୍ୱର କ୍ରୀଡ଼ାବିତ୍‌ଙ୍କ ନିକଟରୁ କ୍ରମାଗତ ଭାବେ ଆସିଥିଲା। ଆଇଓସିର ଏହି ଘୋଷଣା ପରେ ଭାରତର ତାରକା ସୁଟର୍ ମନୁ ଭାକର ତାଙ୍କର ୨ଟି ଯାକ କାଂସ୍ୟ ପଦକକୁ ବଦଳାଇବାକୁ ନିଷ୍ପତ୍ତି ନେଇଛନ୍ତି। ଗଣମାଧ୍ୟମକୁ ମନୁ କହିଛନ୍ତି, 'ମୁଁ ଆଜି ଏ ବିଷୟରେ ଜାଣିଲି। ଯଦି ସେମାନେ ବଦଳାନ୍ତି ତେବେ ମୁଁ ମୋର ପଦକ ୨ଟି ମଧ୍ୟ ବଦଳାଇବାକୁ ଚାହେଁ' ବୋଲି ମନୁ କହିଛନ୍ତି। ୨୨ ବର୍ଷୀୟା ମନୁ ପ୍ୟାରିସ ଅଲିମ୍ପିକ୍ସରେ ୧୦ ମିଟର ଏୟାର ପିସ୍ତଲର ବ୍ୟକ୍ତିଗତ ଓ ମିକ୍ସଡ ଇଭେଣ୍ଟରେ କାଂସ୍ୟ ପଦକ ଜିତିଥିଲେ। ସରବଜୋତ୍ ସିଂହ ମିକ୍ସଡ ଇଭେଣ୍ଟରେ ମନୁଙ୍କ ପାର୍ଟନର ରହିଥିଲେ।

ଏଠାରେ ପ୍ରକାଶଯୋଗ୍ୟ, ଗତ ପ୍ୟାରିସ ଅଲିମ୍ପିକ୍ସ ଲାଗି ୫୦୮୪ଟି ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ପ୍ରସ୍ତୁତ ହୋଇଥିଲା। ବିଳାସପୂର୍ଣ୍ଣ ଅଳଙ୍କାର ଓ ଘଣ୍ଟା ନିର୍ମାଣ ପାଇଁ ବିଶ୍ୱରେ ଖ୍ୟାତି ଅର୍ଜନ କରିଥିବା ଚାଉମେଟ୍ କମ୍ପାନୀ ଦ୍ୱାରା ଏହା ତିଆରି କରାଯାଇଥିଲା। ପ୍ରତ୍ୟେକ ପଦକରେ ପ୍ରସିଦ୍ଧ ଆଇଫେଲ୍ ଟାୱାରର ଛୋଟ ଖଣ୍ଡ ରହିଥିଲା।

■ ଇଣ୍ଡିଆ ଓପନ୍ ବ୍ୟାଡ୍‌ମିଣ୍ଟନ

## ସିନ୍ଧୁଙ୍କ ବିଜୟଅଭିଯାନ

**ନୂଆଦିଲ୍ଲୀ, ୧୪।୧ (ଏଜେନ୍ସି):** ସ୍ଥାନୀୟ କେଡି ଯାଦବ ହଲ୍‌ରେ ଚାଲିଥିବା ୮ କୋଟି ୨୨ ଲକ୍ଷ ଟଙ୍କା ପୁରସ୍କାର ରାଶିବିଶିଷ୍ଟ ଇଣ୍ଡିଆ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ତାରକା ଖେଳାଳି ପିଭି ସିନ୍ଧୁ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ଦୁଇଥରର ଅଲିମ୍ପିକ୍ସ ପଦକ ବିଜୟିନୀ ସିନ୍ଧୁ ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମୁକାବିଲାରେ ୨୧-୧୪, ୨୨-୨୦ ସିଧାସଳଖ ଗେମ୍‌ରେ ଚାଇନିଜ ତାଇପେଇର ସୁଙ୍ଗ ସୁଓ ୟୁନଙ୍କୁ ହରାଇଛନ୍ତି। ସିନ୍ଧୁଙ୍କୁ ଏହି ମ୍ୟାଚ୍ ଜିତିବାକୁ ୫୧ ମିନିଟ୍ ସମୟ ଲାଗିଥିଲା। ସେହିଭଳି ପୁରୁଷ ଏକକରେ କିରଣ ଜର୍ଜ ମଧ୍ୟ ଏକ ଘଣ୍ଟା ୧୧ ମିନିଟ୍‌ର କଡ଼ା ସଂଘର୍ଷ ପରେ ବିଜୟ ଲାଭ କରିଛନ୍ତି। କିରଣ ୨୧-୧୯, ୧୪-୨୧, ୨୭-୨୫ ଗେମ୍‌ରେ ଜାପାନର ୟୁଶି ତନକାଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି।

ଅପରପକ୍ଷରେ ପୁରୁଷ ଡବଲ୍ସରେ ଭାରତର ତାରକା ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ମଧ୍ୟ ଅଳ୍ପକେ ବିପର୍ଯ୍ୟୟରୁ ବର୍ତ୍ତିଯାଇଛନ୍ତି। ସାତ୍ତ୍ୱିକ-ଚିରାଗ ଯୋଡ଼ି ୨୩-୨୧, ୧୯-୨୧, ୨୧-୧୬ରେ ମାଲେସିଆର ମାନ୍ ୱି ଚୋଙ୍ଗ୍ ଓ କାଇ ୟୁନ ଟି'ଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ମିକ୍ସଡ ଡବଲ୍ସରେ ମଧ୍ୟ ଧ୍ରୁବ କପିଲ ଓ ତନିଶା କ୍ରାଷ୍ଟୋ ଯୋଡ଼ି ଅଗ୍ରଗତି କରିଛନ୍ତି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ଦୁଇ ଭଉଣୀ ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା ବୁଧବାର ସେମାନଙ୍କ ଅଭିଯାନ ଆରମ୍ଭ କରିବେ।

### ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ

# ର୍‌ୟାକେଟ୍‌ରେ ନେଟ୍ କ୍ୟାମେରା ଭାଙ୍ଗିଲେ ମେଦ୍‌ଭେଦେଭ

**ମେଲବୋର୍ଣ୍ଣ,୧୪।୧(ଏଜେନ୍ସି):** ଅଷ୍ଟ୍ରେଲିଆନ୍ ଓପନ୍ ପୁରୁଷ ଏକକରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ରୁଷିଆର ୫ମ ସିଡ୍ ଡାନିଲ ମେଦଭେଦେଭ ପ୍ରଥମ ରାଉଣ୍ଡରେ ୬-୨, ୪-୬, ୩-୬, ୬-୧, ୬-୨ ସେଟ୍‌ରେ ଥାଇଲାଣ୍ଡର ୱାଇଲ୍ଡ କାର୍ଡ କାସିଡିତ୍ ସାମରେଜଙ୍କୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛନ୍ତି। ତେବେ ଏହି ବିଜୟ ସତ୍ତ୍ୱେ ସେ ତୃତୀୟ ସେଟ୍‌ର ଶେଷ ଗେମ୍‌ରେ ପଛରେ ପଡିଥିବାରୁ ଅସନ୍ତୋଷ ଜାହିର କରି ରାଗି ଯାଇ ର୍‌ୟାକେଟ୍‌କୁ ନେଟ୍‌ରେ ବାଡେଇ ଥିଲେ ଓ ଫଳରେ ନେଟ୍‌ରେ ଲାଗିଥିବା ଛୋଟ କ୍ୟାମେରା ଭାଙ୍ଗି ଯାଇଥିଲା। ଫଳରେ ଚେୟାର ଅମ୍ପାୟର ତାଙ୍କୁ ତାଗିଦ୍ କରିଥିଲେ। ଥାଇଲାଣ୍ଡର ଏହି ଖେଳାଳି ଏଟିପି ର୍‌ୟାଙ୍କିଙ୍ଗ୍‌ର ୪୧୮ତମ ସ୍ଥାନରେ ରହିଥିଲେ ମଧ୍ୟ ମେଦଭେଦେଭଙ୍କୁ କଡ଼ା ଟକ୍କର ଦେଇଥିଲେ ତୃତୀୟ ସେଟ୍ ଶେଷ ସୁଦ୍ଧା ୨-୧ରେ ଅଗ୍ରଣୀ ରହିଥିଲେ। ସେହିପରି ଅଷ୍ଟମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉର ୬-୧, ୫-୭, ୬-୪ ସେଟ୍‌ରେ ନେଦରଲାଣ୍ଡସର ବଟିକ୍ ଭାନ ଡି ଜାଣ୍ଡସକୁଲପ୍‌ଙ୍କୁ, ଚତୁର୍ଥ ସିଡ୍ ଆମେରିକାର ଟେଲର ଫିଜ୍ ୬-୨, ୬-୦, ୬-୩ ସେଟ୍‌ରେ ନିଜ ଦେଶର ଜେନସନ ବ୍ରୁକ୍ସବାଏଙ୍କୁ, ୧୩ ସିଡ୍ ଡେନମାର୍କର ହୋଲଗାର ରୁନ୍ ୪-୬, ୬-୩, ୬-୪, ୩-୬, ୬-୪ ମାରାଥନ ସେଟ୍‌ରେ ଚୀନ ଝାଙ୍ଗ ଝିଜେନଙ୍କୁ, ୧୬ତମ ସିଡ୍ ଲରେଞ୍ଜୋ ମୁସେଟି ୭-୬, ୪-୬, ୭-୬, ୬-୩ ସେଟ୍‌ରେ ନିଜର ଦେଶର ମାଟେଓ ଅର୍ଣ୍ଣାଲ୍ଡିଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତେବେ ରୁଷିଆର ୯ମ ସିଡ୍ ଖେଳାଳି ଆନ୍ଦ୍ରେ ରୁବଲେଭ ୬-୭, ୩-୬, ୬-୭ ସେଟ୍ ବ୍ରାଜିଲର ଜୋଆଓ ଫାନେସ୍କାଙ୍କଠାରୁ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି।





### ଦ୍ୱିତୀୟ ରାଉଣ୍ଡରେ ପାଓଲିନି, ରିବାକିନା

ଅଷ୍ଟ୍ରେଲିଆନ୍ ଓପନ୍ ମହିଳା ଏକକରେ ସିଡେଡ୍ ଖେଳାଳିମାନେ ଅଭିଯାନ ଆରମ୍ଭ କରିଛନ୍ତି। ଷଷ୍ଠ ସିଡ୍ କାଜାଖସ୍ତାନର ଏଲିନା ରିବାକିନା ୬-୧, ୬-୧ ସିଧାସଳଖ ସେଟ୍‌ରେ ଅଷ୍ଟ୍ରେଲିଆର ଇମର୍ସନ ଜୋନ୍ସଙ୍କୁ, ଚତୁର୍ଥ ସିଡ୍ ଇଟାଲୀର ଜସମିନ ପାଓଲିନି ୬-୦, ୬-୪ ସେଟ୍‌ରେ ଚୀନର ସିଜା ୱେଇଙ୍କୁ, ୧୯ତମ ସଡ୍ ଆମେରିକାର ମାଡିନସନ କିଜ୍ ୬-୪, ୭-୫ ସେଟ୍‌ରେ ଅନ୍ ଲିଙ୍କୁ, ଅଷ୍ଟମ ସିଡ୍ ଆମେରିକାର ଇମ୍ମା ନାଭାରୋ ୬-୭, ୭-୬, ୭-୫ ସେଟ୍‌ରେ ନିଜ ଦେଶର ପେଟୋନ ଷ୍ଟିର୍ଣ୍ଣସଙ୍କୁ, ୯ମ ସିଡ୍ ରୁଷିଆର ଡାରିଆ କାସାତକିନା ୬-୧, ୬-୩ ସେଟ୍‌ରେ ବୁଲ୍‌ଗେରିଆର ଭିକ୍ଟୋରିଆ ତୋମୋଭଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି।

### ଯୁଗଳ ପ୍ରଥମ ରାଉଣ୍ଡରୁ ବୋପାନ୍ନା ବିଦା

ଅଷ୍ଟ୍ରେଲିଆନ୍ ଓପନରେ ଭାରତୀୟ ଅଭିଜ୍ଞ ଖେଳାଳି ରୋହନ ବୋପାନ୍ନା ପୁରୁଷ ଯୁଗଳ ପ୍ରଥମ ରାଉଣ୍ଡରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଗତ ବର୍ଷ ଅଷ୍ଟ୍ରେଲିଆର ମାଥ୍ୟୁ ଏବଡେନଙ୍କ ସହ ସେ ଡବଲ୍ସ ଟାଇଟଲ ଜିତିଥିଲେ। ଏଥର କିନ୍ତୁ ସେ ନୂଆ ସାଥି କଲମ୍ବିଆର ନିକୋଲାସ ବାରିଏଣ୍ଟୋସଙ୍କ ସହ କୋର୍ଟକୁ ଓହ୍ଲାଇଥିଲେ। ୧୪ତମ ସିଡ୍ ମାନ୍ୟତା ପାଇଥିବା ଏହି ଇଣ୍ଡୋ- କଲମ୍ବିଆନ ଯୋଡି ପ୍ରଥମ ରାଉଣ୍ଡରେ ୫-୭, ୬-୭ ସିଧାସଳଖ ସେଟ୍‌ରେ ସ୍ପେନ୍‌ର ପେଡ୍ରୋ ମାର୍ଟିନେଜ ଓ ଜାଉମ୍ ମୁନାରଙ୍କଠାରୁ ପରାସ୍ତ ହୋଇ ବାଦ୍ ପଡିଛନ୍ତି। ଗତବର୍ଷ ୪୩ ବର୍ଷରେ ଅଷ୍ଟ୍ରେଲିଆନ୍ ଓପନ୍ ଜିତି ବୋପାନ୍ନା ବୟୋଜ୍ୟେଷ୍ଠ ଖେଳାଳିଭାବେ ଚାମ୍ପିଅନ ହୋଇ ରେକର୍ଡ କରିଥିଲେ। ଗତବର୍ଷ ନଭେମ୍ବରେ ବୋପାନ୍ନା ଓ ଏବଡେନ୍ ଟୁରିନ୍ ଏଟିପି ଫାଇନାଲ୍ସରେ ପରସ୍ପରଠାରୁ ଅଲଗା ହୋଇଥିଲେ। ପୂର୍ବରୁ ଭାରତର ଶ୍ରେଷ୍ଠ ଏକକ ତାରକା ସୁମିତ ନାଗଲ ପ୍ରଥମ ରାଉଣ୍ଡରେ ଚେକ୍ ଗଣରାଜ୍ୟର ଟୋମାସ ମକାକାଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

### ପ୍ରିୟବ୍ରତ ସ୍ମାରକୀ ସ୍ନୁକର

## ବିପର୍ଯ୍ୟୟ ଘଟାଇଲେ ସୁମିତ୍

**ଭୁବନେଶ୍ୱର, ୧୪।୧(ସମିସ):** ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏସନ ଅଫ୍ ଓଡ଼ିଶା (ବିଏସ୍ଏଓ) ଆନୁକୂଲ୍ୟରେ ତୃତୀୟ ପ୍ରିୟବ୍ରତ ପଟ୍ଟନାୟକ ସ୍ମାରକୀ ୧୦ ରେଡ୍ ସ୍ନୁକର ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ ତାରକା ଖେଳାଳିମାନେ ବିଜୟ ଅଭିଯାନ ଆରମ୍ଭ କରିଛନ୍ତି। ଦଳର ବରିଷ୍ଠ ଖେଳାଳି ସୁବ୍ରତ ଦାସ, ଆଶୁତୋଷ ପାଢ଼ୀ, ଡାକ୍ତର ରାକେଶ ରୋଶନ ପ୍ରଧାନ ଓ ନିଶାନ୍ତ ବିଶ୍ୱାଳ ସେମାନଙ୍କ ମୁକାବିଲାରେ ସହଜ ବିଜୟ ହାସଲ କରିଛନ୍ତି। କିନ୍ତୁ ଆଜି ଖେଳରେ ସୁମିତ ସାହୁଙ୍କ ଖେଳ ବେଶ ଆକର୍ଷଣୀୟ ହୋଇଥିଲା। ପ୍ରଥମ ରାଉଣ୍ଡରେ ବରିଷ୍ଠ ଖେଳାଳି ସିଦ୍ଧାର୍ଥ ସେନ୍‌ଙ୍କ ବିପକ୍ଷରେ ୱାକ୍‌ଓଭର ପାଇଥିବା ସୁମିତ ଦ୍ୱିତୀୟ ରାଉଣ୍ଡରେ ରାଜ୍ୟ ସ୍ନୁକରରେ ଚତୁର୍ଥ ସିଡ୍ ଖେଳାଳି ଚିରାଗ ଅରୋରାଙ୍କୁ ପରାସ୍ତ କରି ଏବେ ସୁଦ୍ଧା ସବୁଠାରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ଏହି ମୁକାବିଲାକୁ ସୁମିତ ୨-୧ ଫ୍ରେମ୍‌ରେ ଜିତିନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବ୍ରତ ଡବଲ ବିଜୟ ହାସଲ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ସେ ୨-୦ରେ ଅସିତ ଚୌଧୁରୀଙ୍କୁ ଓ ଦ୍ୱିତୀୟ ରାଉଣ୍ଡରେ ରାଜ୍ୟ ବିଲିଆର୍ଡ୍ସ ଓ ସ୍ନୁକର ସଂଘ ସମ୍ପାଦକ ସମୀର ଅଲିଙ୍କୁ ୨-୦ ଫ୍ରେମ୍‌ରେ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଡାକ୍ତର ପ୍ରଧାନ ୨-୧ରେ ସମୀର ମିଶ୍ରଙ୍କୁ ନିଶାନ୍ତ ବିଶ୍ୱାଳ ୨-୦ରେ ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର ଗୋବିନ୍ଦ ଶର୍ମାଙ୍କୁ ଓ ଆଶୁତୋଷ ପାଢ଼ୀ ୨-୦ରେ ରୋହିତ ଶର୍ମାଙ୍କୁ ପରାସ୍ତ କରିଛନ୍ତି। ଅନ୍ୟ ମ୍ୟାଚ୍ ମଧ୍ୟରୁ ମିଶାଲ ସ୍ୱାଇଁ ୨-୦ରେ ଉଦ୍‌ଭାସ ମହାପାତ୍ରଙ୍କୁ ସବ୍ୟସାଚୀ ପଟ୍ଟନାୟକ ୨-୦ରେ ଅମିୟରଞ୍ଜନ ନାୟକଙ୍କୁ, ଜ୍ଞାନ ଦାସ ୨-୦ରେ ଅଜିତ ସେଠୀଙ୍କୁ, ଚିରଞ୍ଜୀବୀ ସିଂ ୨-୦ରେ ଶ୍ୟାମ ଅଗରୱାଲଙ୍କୁ, ଜଗଦୀଶ ମହାନ୍ତି ୨-୦ରେ ଅବିନାଶ ମହାପାତ୍ରଙ୍କୁ ପରାସ୍ତ କରିବାରେ ସମର୍ଥ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ଚାମ୍ପିଅନ ଖେଳାଳିଙ୍କୁ ଟ୍ରଫି ସହ ୨୦,୦୦୦, ରନର୍ସ ଅପ୍ ଖେଳାଳିଙ୍କୁ ଟ୍ରଫି ସହ ୧୦,୦୦୦ ଟଙ୍କା ପୁରସ୍କାର ଦିଆଯିବ ବୋଲି ଆୟୋଜକ ରାଜ୍ୟ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।



### ଆନ୍ତଃସ୍କୁଲ କ୍ରିକେଟ

## ଫାଇନାଲରେ କିସ୍-ବିଜେଇଏମ୍ ମୁକାବିଲା

**ଭୁବନେଶ୍ୱର,୧୪।୧(ସମିସ):** ବିଜେଇଏମ୍ (ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ୍ ସ୍କୁଲ) ଓ କିସ୍ ମଧ୍ୟରେ ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ ବା ୟୁନିଲାଇଟ୍ କପ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ମଙ୍ଗଳବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ବିଜେଇଏମ୍ ୮ ୱିକେଟରେ ସାଇ ଇଣ୍ଟରନ୍ୟାସନାଲ ସ୍କୁଲ୍‌କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଗତକାଲି ଖେଳାଯାଇଥିବା ପ୍ରଥମ ସେମିରେ ଖଣ୍ଡଗିରି ସେଣ୍ଟ ଜାଭିୟର ହାଇସ୍କୁଲ୍‌କୁ ୫୫ ରନ୍‌ରେ ପରାସ୍ତ କରି କିସ୍ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ହାଇଟେକ୍ ମେଡିକାଲ କଲେଜ୍ ଗ୍ରାଉଣ୍ଡରେ ଆସନ୍ତାକାଲି ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ।

ମଙ୍ଗଳବାର ଖେଳାଯାଇଥିବା ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରି ସାଇ ଇଣ୍ଟରନ୍ୟାସନାଲ ସ୍କୁଲ୍ ୨୨.୫ ଓଭରରେ ମାତ୍ର ୮୩ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ କୌଣସି ବ୍ୟାଟର କ୍ଲିକ୍ କରି ନ ଥିଲାବେଳେ ସ୍ୱସ୍ତିକ ନାଥ ସର୍ବାଧିକ ୧୪ ରନ୍ କରିପାରିଥିଲେ। ବିପକ୍ଷ ଦଳର ଶ୍ରେୟାଂଶ ନାୟକ ୨୦ ରନ୍‌ରେ ୪ଟି ଓ ସ୍ୱାଧୀନ ପରମାଣିକ ୬ ରନ୍‌ରେ ୨ଟି ୱିକେଟ ନେଇ ସାଇର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିଦେଇଥିଲେ। ଜବାବରେ ପ୍ରତୀକ ପ୍ରିୟାଂଶ ନାୟକଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ବିଜେଇଏମ୍ ମାତ୍ର ୧୬.୩ ଓଭରରେ ୨ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲେ। ପ୍ରତୀକ ମାତ୍ର ୫୪ ବଲ୍ ଖେଳି ୬୯ ରନ୍‌ରେ ଅପରାଜିତ ରହିଥିଲେ। ଆୟୋଜକ ଭେଟେରାନ କ୍ରିକେଟ ଆସୋସିଏସନ ଅଫ୍ ଓଡ଼ିଶାର ସଦସ୍ୟ ଅନଙ୍ଗପ୍ରସାଦ ପଟ୍ଟନାୟକ ଅତିଥିଭାବେ ଯୋଗ ଦେଇ ପ୍ରତୀକଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ।



### ନିମାପଡ଼ା ଓପନ ଚେସ୍ ଚାମ୍ପିଅନସିପ୍

## ସଞ୍ଜୀବନ ଚାମ୍ପିଅନ, ଲଳିତ ରନର୍ସ ଅପ୍

**ଭୁବନେଶ୍ୱର,୧୪।୧(ସମିସ):** ଭୁବନେଶ୍ୱରର ସଞ୍ଜୀବନ ନାୟକ ଓ କଟକର ଲଳିତରଞ୍ଜନ ସାହୁ ୧୧ତମ ନିମାପଡ଼ା ଓପନ ଚେସ୍‌ରେ ଯଥାକ୍ରମେ ଚାମ୍ପିଅନ ଓ ରନର୍ସ ଅପ୍ ଆଖ୍ୟା ଅର୍ଜନ କରିଛି। ଏହି ପ୍ରତିଯୋଗିତା ଶେଷରେ ୫ଜଣ ଖେଳାଳି ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ଟାଇବ୍ରେକ୍‌ରେ ସଞ୍ଜୀବନ ଟାଇଟଲ ଜିତିନେଇଥିଲେ। ଭୁବନେଶ୍ୱରର ଦେବୀପ୍ରସାଦ ବିଶ୍ୱାଳ ତୃତୀୟ, କୋରାପୁଟ୍‌ର ପୂର୍ଣ୍ଣ ଖୀଲୋ ଚତୁର୍ଥ, ପୁରୀର ଲୋଚନ କୁମାର ଦାସ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଏମାନଙ୍କ ପଛକୁ ୭ଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। ସେମାନଙ୍କ ମଧ୍ୟରୁ କଟକର ରବୀନ୍ଦ୍ର କୁମାର ଓଝା, ନିମାପଡ଼ାର ନୃସିଂହ ଚରଣ ସ୍ୱାଇ, ପାଟନାର ଶଶିକାନ୍ତ, ଭୁବେନେଶ୍ୱରର ବିନୀତ ନାୟକ, ଗଜପତିର ମନୀନ୍ଦ୍ର କାର୍ଜୀ, ଅନୁଗୋଳର ଶୁଭକାନ୍ତ ନାୟକ ଓ ନିମାପଡ଼ାର ଜିତେଶ କାନୁନଗୋ ଯଥାକ୍ରମେ ୬ଷ୍ଠରୁ ଦ୍ୱାଦଶ ସ୍ଥାନ ଅଧିକାର କରିଛନ୍ତି। ଖେଳ ଶେଷରେ ସେଣ୍ଟ ଜାଭିୟର ହାଇସ୍କୁଲର ଉପଦେଷ୍ଟା ଖୀରୋଦ କୁମାର ରାୟ, ଜାତୀୟ ପୁରସ୍କାର ବିଜେତା ପଟ୍ଟଚିତ୍ରକର ଶରତ ପ୍ରଧାନ, କ୍ରିକେଟ ଅମ୍ପାୟର ଓ ସ୍ତମ୍ଭକାର ନିର୍ମଳ କୁମାର ମିଶ୍ର ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବରୁ ନିମାପଡ଼ା ଏସ୍‌ପି ଫାଉଣ୍ଡେସନର ଅଧ୍ୟକ୍ଷ ଶ୍ୱେତପର୍ଣ୍ଣ ରାୟମହାପାତ୍ର ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଉଦ୍ଘାଟନ କରିଥିଲେ। ଆୟୋଜକ ଓଡ଼ିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗାହୀ ଓ ଅର୍ଗାନାଇଜିଂ ସେକ୍ରେଟାରୀ ଗଙ୍ଗାଧର ଓଝା ଖେଳ ପରିଚାଳନା କରିଥିଲେ।




### ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ଉଦ୍‌ଯାପିତ

# ଓଡ଼ିଶା ଚାମ୍ପିଅନ, ମୀନା ଓ ସ୍ନେହା ଶ୍ରେଷ୍ଠ

**ବ୍ରହ୍ମପୁର,୧୪।୧(ସମିସ):** ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଓଡ଼ିଶା ଭାରୋତ୍ତୋଳନ ସଂଘ ପକ୍ଷରୁ ଚାଲିଥିବା ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ଜାତୀୟ ଭାରୋତ୍ତୋଳନ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମଥର ଲାଗି ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶା ସମସ୍ତ ୩ଟି ବିଭାଗ ସହ ଓଭରଅଲ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଓଡ଼ିଶା ଦଳ ମୋଟରେ ୭ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୩ଟି କାଂସ୍ୟ ସହ ୧୮ଟି ପଦକ ଜିତି ପ୍ରଥମ ସ୍ଥାନରେ ରହିଛି। ଏହା ମଧ୍ୟରୁ ପ୍ରତିଯୋଗୀମାନେ ୟୁଥ୍ ବିଭାଗରେ ୩ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ବିଜୟୀ ହୋଇଛି। ଏଥିରେ ୫୫ କିଲୋଗ୍ରାମ୍ ଶ୍ରେଣୀରେ ଭାଗ ନେଇଥିବା ମୀନା ସାନ୍ତା ଶ୍ରେଷ୍ଠ ଭାରୋତ୍ତୋଳନକାରୀ ବିବେଚିତ ହୋଇଛନ୍ତି। କନିଷ୍ଠ ବିଭାଗରେ ଓଡ଼ିଶାକୁ ୨ ସ୍ୱର୍ଣ୍ଣ, ଗୋଟିଏ ଲେଖାଏଁ ରୌପ୍ୟ ଓ କାଂସ୍ୟ ପଦକ ଜିତିଥିଲା। ଏହି ବିଭାଗରେ ମହାରାଷ୍ଟ୍ରର ଆକାଂକ୍ଷା ଶ୍ରେଷ୍ଠ ଭାରୋତ୍ତୋଳନକାରୀ ଭାବେ ବିବେଚିତ ହୋଇଛନ୍ତି। ବରିଷ୍ଠ ବିଭାଗରେ ମଧ୍ୟ ଓଡ଼ିଶା ୨ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୧ କାଂସ୍ୟ ପଦକ ହାସଲ କରିଛି। ଏହି ବିଭାଗରେ ଓଡ଼ିଶାର ସ୍ନେହା ସୋରେନ ଶ୍ରେଷ୍ଠ ପ୍ରତିଯୋଗୀ ବିବେଚିତ ହୋଇଛନ୍ତି। ୟୁଥରେ ତାମିଲନାଡୁ, କନିଷ୍ଠ ଓ ବରିଷ୍ଠ ବିଭାଗରେ ବିହାର ରନର୍ସ ଅପ୍ ହୋଇଥିଲା।

ମଙ୍ଗଳବାର ଶେଷ ଦିନରେ କେବଳ ୮୭ କିଲୋଗ୍ରାମ୍ କାଟାଗୋରୀରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ବିଭାଗରେ ଶୁଭସ୍ମିତା ମହାନ୍ତି ରୌପ୍ୟ ଓ ୮୧ କିଲୋଗ୍ରାମ୍ ୟୁଥ୍‌ରେ ମୌସୁମୀ ଦାସ ରୌପ୍ୟ ପଦକ ଜିତି ଓଡ଼ିଶାର ପଦକ ସଂଖ୍ୟାକୁ ୧୮ରେ ପହଞ୍ଚାଇଥିଲେ।

ପ୍ରତିଯୋଗିତା ଶେଷରେ ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ପାଲ ସିଂ ସାନ୍ଧୁ ମୁଖ୍ୟ ଅତିଥି ଓ ଭାରତୀୟ ଭାରୋତ୍ତୋଳନ ଚୟନ କମିଟିର ସଦସ୍ୟ ପ୍ରଦୀପ କୁମାର ଶର୍ମା ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା କ୍ରୀଡ଼ା ଅଧିକାରୀ ସନ୍ତୋଷ କୁମାର ସାହୁ, ଓଡ଼ିଶା ଭାରୋତ୍ତୋଳନ ସଂଘ ସମ୍ପାଦକ କେ. ରବି କୁମାରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।




■ ଜାତୀୟ ଦୃଷ୍ଟିହୀନ ମହିଳା ଟି-୨୦

## ପ୍ରଥମ ମ୍ୟାଚ୍ ଜିତିଲା ଓଡ଼ିଶା

**ଭୁବନେଶ୍ୱର,୧୪।୧(ସମିସ):** କେରଳର କୋଚିଠାରେ ଚାଲିଥିବା ୫ମ ଜାତୀୟ ଦୃଷ୍ଟିହୀନ ଟି-୨୦ କ୍ରିକେଟ ପ୍ରତିଯୋଗିତାରେ ମଙ୍ଗଳବାର ଓଡ଼ିଶା ଦଳ ପ୍ରଥମ ମ୍ୟାଚ୍ ବିଜୟୀ ହୋଇଛି। ଏହି ମ୍ୟାଚ୍‌ରେ ଓଡ଼ିଶା ଦଳ ୮ ୱିକେଟରେ ସହଜରେ ପଶ୍ଚିମବଙ୍ଗକୁ ପରାସ୍ତ କରିଥିଲା। ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ଦଳ ଗତକାଲି ଖେଳିଥିବା ପ୍ରଥମ ମ୍ୟାଚ୍‌ରେ ମଧ୍ୟପ୍ରଦେଶ ନିକଟରୁ ୭ ୱିକେଟରେ ପରାଜିତ ହୋଇଥିଲା। ଏବେ ଦଳ ତାହାର ଶେଷ ଗ୍ରୁପ୍ ଲିଗ୍ ମ୍ୟାଚ୍ ଆସାମ ସହ ଖେଳିବ। ଓଡ଼ିଶାକୁ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାକୁ ହେଲେ ଏହି ମ୍ୟାଚ୍‌ରେ ବିଜୟୀ ହେବା ନିହାତି ଆବଶ୍ୟକ।

କୋଚିର ସେଣ୍ଟ ପଲ ଗ୍ରାଉଣ୍ଡରେ ଖେଳାଯାଇଥିବା ଆଜିର ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପଶ୍ଚିମବଙ୍ଗ ୧୯.୫ ଓଭରରେ ମାତ୍ର ୫୧ ରନ୍ କରିଅଲଆଉଟ ହୋଇଯାଇଥିଲା। ଓଡ଼ିଶା ପକ୍ଷରୁ ଅଧିନାୟିକା ଫୁଲ ସୋରେନ ସର୍ବାଧିକ ୨ଟି, ପଦ୍ମିନୀ ଟୁଡୁ ଯମୁନାରାଣୀ ଟୁଡୁ, ମୁନି ପୂର୍ତ୍ତି ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଓଡ଼ିଶା ଦଳ ମାତ୍ର ୬.୧ ଓଭରରେ ୨ ୱିକେଟ ହରାଇ ବିଜୟଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଫୁଲ ସୋରେନ ସର୍ବାଧିକ ୩୨ ରନ୍ ସଂଗ୍ରହ କରିଥିଲେ। ଅପରାଜିତ ୩୨ ରନ୍ କରିବା ସହ ୨ଟି ୱିକେଟ ନେଇଥିବା ଫୁଲ ସୋରେନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି।



■ ପରାଜୟପରେ ବିସିସିଆଇର କଡ଼ା ଆଭିମୁଖ୍ୟ

## ପ୍ରଦର୍ଶନ ଅନୁଯାୟୀ ପାଉଣା, ପରିବାର ବାସନ୍ଦ

ମୁମ୍ବାଇ,୧୪।୧(ଏଜେନ୍ସି): ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫି ପରାଜୟ ପରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କଡ଼ା ଆଭିମୁଖ୍ୟ ଗ୍ରହଣ କରି ନୂଆ ନିୟମ ଲାଗୁ କରିଛି। ଖେଳାଳିମାନଙ୍କ ଶୃଙ୍ଖଳିତ କରିବା ପାଇଁ କଡ଼ା ଆଭିମୁଖ୍ୟ ପୋଷଣ କରିଛି। ଦଳରେ ଖେଳାଳିଙ୍କ ମଧ୍ୟ ସମନ୍ୱୟ ବଢ଼ାଇବାକୁ ଅର୍ଥାତ ଟିମ୍ ବର୍ଣ୍ଣିରେ ସୁଧାର ଆଣିବା ଲକ୍ଷ୍ୟରେ ବୋର୍ଡ ତରଫରୁ ନୂଆ ନିୟମ ବ୍ୟବସ୍ଥା କରାଯାଇଛି। ଅଷ୍ଟ୍ରେଲିଆରେ ଭାରତ ୩-୧ରେ ଟେଷ୍ଟ ସିରିଜ ହାରିଥିଲା। ଏଥର ବିଦେଶ ଗସ୍ତରେ ଗଲେ ଖେଳାଳିମାନେ କେବଳ ଟିମ୍ ବସ୍‌ରେ ହିଁ ଯାତ୍ରା କରିବେ। ଯଦି ବିଦେଶ ଗସ୍ତ ୪୫ ଦିନରୁ ଅଧିକ ହେବ ତେବେ ଖେଳାଳିଙ୍କ ପତ୍ନୀ ଓ ପରିବାର କେବଳ ୧୪ ଦିନ ପର୍ଯ୍ୟନ୍ତ ସାଥିରେ ରହିପାରିବେ। ପୂରା ଗସ୍ତରେ ପରିବାର ଖେଳାଳିଙ୍କ ସାଥିରେ ରହିପାରିବ ନାହିଁ। ଏହି ନିୟମ ଲାଗୁ କରିବାକୁ ବିସିସିଆଇ ନିଷ୍ପତ୍ତି ନେଇଛି ବୋଲି କୁହାଯାଇଥିଲା। ଗତ ଅଷ୍ଟ୍ରେଲିଆ ଗସ୍ତରେ ଖେଳାଳିମାନେ ନିଜ ଗାଡିରେ ଯାତ୍ରା କରିଥିଲେ। ସେହିପରି ବିରାଟ କୋହଲି ଓ ଲୋକେଶ ରାହୁଲଙ୍କ ସହିତ ସେମାନଙ୍କ ପରିବାର ପୂରା ଗସ୍ତ ଯାକ ରହିଥିଲେ। ପୁଣି ଯଦି ପ୍ରଦର୍ଶନ ଭଲ ହେବ ନାହିଁ, ତେବେ ଖେଳାଳିଙ୍କ ପାଉଣା କଟାଯିବ ବୋଲି ପରାମର୍ଶ ଦିଆଯାଇଛି।

■ ଆଇସିସି ଚାମ୍ପିଅନ୍ସ ଟ୍ରଫି

## ୧୯ରେ ଭାରତୀୟ ଦଳ ଘୋଷଣା



ମୁମ୍ବାଇ,୧୪।୧(ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଚାମ୍ପିଅନ୍ସ ଟ୍ରଫିର ଆଗାମୀ ୯ମ ସଂସ୍କରଣ ଏଥର ପାକିସ୍ତାନ ଓ ୟୁନାଇଟେଡ ଆରବ ଏମିରେଟ୍ (ୟୁଏଇ)ରେ ହାଇବ୍ରିଡ୍ ମଡେଲ ଅନୁସାରେ ଆୟୋଜନ ହେବ। ଫେବୃଆରୀ ୧୯ରୁ ଆରମ୍ଭ ହୋଇ ଏହି ଟୁର୍ଣ୍ଣାମେଣ୍ଟ ମାର୍ଚ୍ଚ ୯ରେ ଶେଷ ହେବ। ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାର ଠିକ୍ ମାସେ ପୂର୍ବରୁ ଅର୍ଥାତ ଜାନୁଆରୀ ୧୯ରେ ଭାରତ ତା’ର ସମ୍ଭାବ୍ୟ ଦଳ ଘୋଷଣା କରିବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଉପ- ସଭାପତି ରାଜୀବ ଶୁକ୍ଲା କହିଛନ୍ତି। ଆଇସିସି କିନ୍ତୁ ୧୨ ତାରିଖ ମଧ୍ୟରାତ୍ରି ସୁଦ୍ଧା ଦଳ ଘୋଷଣା କରିବାକୁ ସବୁ ୮ଟି ଦଳ ପାଇଁ ଡେଡ୍‌ଲାଇନ୍ ଧାର୍ଯ୍ୟ କରିଛି। ଫଳରେ ବିସିସିଆଇ ଏହି ଦଳ ଘୋଷଣାର ଶେଷ ତାରିଖକୁ ଘୁଞ୍ଚାଇବାକୁ ଆଇସିସିକୁ ଅନୁରୋଧ କରିବ। ଭାରତୀୟ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଗତ ଶନିବାର ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ ପାଇଁ ଦଳ ଘୋଷଣା କରିଥିଲେ। ଇଂଲଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ପାଇଁ କିନ୍ତୁ ଦଳ ଘୋଷଣା କରି ନଥିଲେ। ତେଣୁ ଏହି ଦିନିକିଆ ସିରିଜ ସମେତ ଚାମ୍ପିଅନ୍ସ ଟ୍ରଫି ପାଇଁ ୧୯ରେ ଦଳ ଘୋଷଣା ହେବ ବୋଲି ଆଶା କରାଯାଉଛି। ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜର ୩ଟି ମ୍ୟାଚ୍ ଫେବୃଆରୀ ୬, ୯ ଓ ୧୨ ତାରିଖରେ ଖେଳଯିବ।

## ବୁମ୍‌ରା ଡିସେମ୍ବରର ଶ୍ରେଷ୍ଠ କ୍ରିକେଟର



ଦୁବାଇ,୧୪।୧(ଏଜେନ୍ସି): ଅଭିଜ୍ଞ ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଗତ ଡିସେମ୍ବର ମାସର ପ୍ରଦର୍ଶନ ଭିତ୍ତିରେ ସେ ଏହି ପୁରସ୍କାର ହାସଲ କରିଛନ୍ତି। ସେ ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର ଡେନ୍ ପିଟରସନ ଓ ଅଷ୍ଟ୍ରେଲିଆର ପ୍ୟାଟ କୁମିନ୍ସଙ୍କୁ ପଛରେ ପକାଇ ଶ୍ରେଷ୍ଠ କ୍ରିକେଟର ବିବେଚିତ ହୋଇଛନ୍ତି। ଗତ ମାସରେ ବୁମ୍‌ରା ୩ଟି ଟେଷ୍ଟ ଖେଳି ୨୨ଟି ୱିକେଟ ଅକ୍ତିଆର କରିଥିଲେ। ମେଲବୋର୍ଣ୍ଣ ଓ ବ୍ରିସ୍‌ବେନ୍ ଟେଷ୍ଟରେ ସେ ୧୮ଟି ୱିକେଟ ନେଇଥିଲେ। ସେହିପରି ସେ ଆଡିଲେଡ୍‌ରେ ୪ ୱିକେଟ ନେଇଥିଲେ। ଦମ୍‌ଦାର ପ୍ରଦର୍ଶନ କରି ବୁମରା ଟେଷ୍ଟ ର୍‍ୟାଙ୍କିଙ୍ଗର ଶୀର୍ଷ ସ୍ଥାନରେ ପହଞ୍ଚିଥିଲେ। ସେହିପରି ମହିଳା ବର୍ଗରେ ଅଷ୍ଟ୍ରେଲିଆ ଅଲରାଉଣ୍ଡର ଆନାବେଲ୍ ସଦରଲାଣ୍ଡଙ୍କୁ ଏହି ପୁରସ୍କାର ମିଳିଛି। ଭାରତର ସ୍ମୃତି ମନ୍ଧାନା ଓ ଦକ୍ଷିଣ ଆଫ୍ରିକାର ଏନ୍ ମଲାବା ମଧ୍ୟ ଏହି ପୁରସ୍କାର ଦୌଡ଼ରେ ରହିଥିଲେ। ସଦରଲାଣ୍ଡ ଗତମାସରେ ୫ଟି ମ୍ୟାଚ୍ ଖେଳି ୯ ୱିକେଟ ନେବା ସହ ୨୬୯ ରନ କରିଥିଲେ।

ଖୋ ଖୋ ବିଶ୍ୱକପ୍: ଦକ୍ଷିଣ କୋରିଆ ୧୮ -୧୫୭ରେ ପରାସ୍ତ

# ଭାରତୀୟ ମହିଳା ଦଳର ରେକର୍ଡ ବିଜୟ





ନୂଆଦିଲ୍ଲୀ, ୧୪।୧ (ଏଜେନ୍ସି): ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ଖୋ ଖୋ ବିଶ୍ୱକପ୍‌ରେ ରେକର୍ଡ ବିଜୟରୁ ଭାରତୀୟ ମହିଳା ଦଳ ଅଭିଯାନ ଆରମ୍ଭ କରିଛି। ମଙ୍ଗଳବାର ଅପରାହ୍ଣରେ ଏଠାରେ ମହିଳା ଖୋ ଖୋ ବିଶ୍ୱକପ୍‌ର ପ୍ରଥମ ମ୍ୟାଚ୍ ଆୟୋଜକ ଭାରତ ଓ ଦକ୍ଷିଣ କୋରିଆ ମଧ୍ୟରେ ଖେଳାଯାଇଥିଲା। ପ୍ରିୟଙ୍କା ଇଙ୍ଗେଲଙ୍କ ନେତୃତ୍ୱରେ ଖେଳୁଥିବା ଭାରତୀୟ ମହିଳା ଦଳ ଏହି ମ୍ୟାଚରେ ୧୭୫-୧୮ ପଏଣ୍ଟରେ ଦକ୍ଷିଣ କୋରିଆକୁ ମାତ୍ ଦେଇଛି। ଅର୍ଥାତ୍ ଭାରତ ୧୫୭ ପଏଣ୍ଟରେ ବିଜୟ ଲାଭ କରିଛି। ଯାହାକି ଏକ ରେକର୍ଡ ହୋଇଛି। ଉଭୟ ଡିଫେନ୍ସ ଓ ଆଟାକ୍‌ରେ ଭାରତୀୟ ଦଳର ଖେଳାଳିମାନେ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଫଳରେ ଅପେକ୍ଷାକୃତ ଦୁର୍ବଳ ଦକ୍ଷିଣ କୋରିଆର ଖେଳାଳିମାନେ ଅସହାୟ ହୋଇପଡ଼ିଥିଲେ। ଭାରତ ପ୍ରଥମେ ଡିଫେନ୍ସ କରିଥିବାବେଳେ ବି ଚିତ୍ରା, ମୀରୁ ଓ ଅଧିନାୟିକା ପ୍ରିୟଙ୍କା ପ୍ରଥମ ବ୍ୟାଚ୍‌ରେ ଆସି ୨ଟି ଡ୍ରିମ୍ ପଏଣ୍ଟ ନେବାରେ ସଫଳ ହୋଇଥିଲେ। ପ୍ରଥମ ଟର୍ଣ୍ଣରେ ଦକ୍ଷିଣ କୋରିଆ ମାତ୍ର ୧୦ ପଏଣ୍ଟ କରିପାରିଥିଲା। ଏହାପରେ ୨ୟ ଟର୍ଣ୍ଣ ଅର୍ଥାତ୍ ଭାରତର ଆଟାକ୍‌ରେ ପ୍ରଥମ ୯୦ ସେକେଣ୍ଡରେ ଦକ୍ଷିଣ କୋରିଆର ୩ଟି ବ୍ୟାଚ୍‌ର ୯ଜଣ ଖେଳାଳିଙ୍କୁ ଆଉଟ୍ କରି ଘରୋଇ ଦଳ ଅଲ୍‌ଆଉଟ୍ କରିଦେଇଥିଲା। ଦ୍ୱିତୀୟ ଟର୍ଣ୍ଣ ଶେଷବେଳକୁ ଭାରତ ୯୦-୧୦ ପଏଣ୍ଟରେ ଏକପାଖିଆ ଅଗ୍ରଣୀ ଲାଭ କରିଥିଲା। ଏହାପରେ ପରବର୍ତ୍ତୀ ଦୁଇ ଟର୍ଣ୍ଣରେ ଭାରତୀୟ ଦଳ ଏହି ପ୍ରଦର୍ଶନକୁ ବଜାୟ ରଖି ଶେଷରେ ୧୭୫-୧୮ରେ ବିଜୟୀ ହୋଇଥିଲା। ଭାରତୀୟ ମହିଳା ଦଳରେ ଓଡ଼ିଶାର ଦୁଇ ଖେଳାଳି ଶୁଭଶ୍ରୀ ସିଂ ଓ ମଗାଇ ମାଝୀ ଅଂଶଗ୍ରହଣ କରିଥିଲେ।

### ପୁରୁଷ ଦଳର କ୍ରମାଗତ ୨ୟ ବିଜୟ

ଅପରପକ୍ଷରେ ଭାରତୀୟ ପୁରୁଷ ଖୋ ଖୋ ଦଳ ବିଶ୍ୱକପ୍‌ରେ କ୍ରମାଗତ ୨ୟ ବିଜୟ ହାସଲ କରିଛି। ମଙ୍ଗଳବାର ରାତିରେ ଖେଳାଯାଇଥିବା ଗ୍ରୁପ୍-ଏ’ର ଏକ ମ୍ୟାଚରେ ଭାରତ ୬୪-୩୪ ପଏଣ୍ଟରେ ବ୍ରାଜିଲକୁ ହରାଇଦେଇଛି। ପୂର୍ବରୁ ଉଦ୍‌ଘାଟନୀ ଦିବସରେ ଭାରତ ୪୨-୩୭ ପଏଣ୍ଟରେ ନେପାଳକୁ ହରାଇ ଅଭିଯାନ ଆରମ୍ଭ କରିଥିଲା। ଫଳରେ ଦୁଇଟି ମ୍ୟାଚରୁ ୨ ବିଜୟ ସହ ଭାରତ ୪ ପଏଣ୍ଟ ପାଇ ଗ୍ରୁପ୍‌ରେ ଶୀର୍ଷ ସ୍ଥାନରେ ରହିଛି। ମଙ୍ଗଳବାର ଅନ୍ୟ ମ୍ୟାଚରେ ନେପାଳ ୮୦-୩୪ରେ ପେରୁକୁ, ଦକ୍ଷିଣ ଆଫ୍ରିକା ୮୭-୩୨ରେ ଘାନାକୁ, ଇରାନ ୧୧୭-୧୪ରେ ଆର୍ଜେଣ୍ଟିନାକୁ ହରାଇଛି।

## ରଣଜୀ ଖେଳିବେ ରୋହିତ, କୋହଲି

ନୂଆଦିଲ୍ଲୀ, ୧୪।୧ (ଏଜେନ୍ସି): ବିସିସିଆଇର ବିଭିନ୍ନ ସୀମିତ ଓଭର ଟୁର୍ଣ୍ଣାମେଣ୍ଟ ଲାଗି ଅଧାରୁ ବନ୍ଦ ରହିଥିବା ଚଳିତ ରଣଜୀ ଟ୍ରଫି କ୍ରିକେଟ୍‌ର ଦ୍ୱିତୀୟ ପର୍ଯ୍ୟାୟ ଜାନୁଆରୀ ୨୩ରୁ ଆରମ୍ଭ ହେବ। ଏଥିରେ ଶେଷ ଦୁଇ ଅର୍ଥାତ ୬ଷ୍ଠ ଓ ୭ମ ରାଉଣ୍ଡ ସମେତ ନକ୍‌ଆଉଟ୍ ମ୍ୟାଚ୍ ଖେଳାଯିବ। ଗ୍ରୁପ୍ ପର୍ଯ୍ୟାୟର ଶେଷ ଦୁଇ ରାଉଣ୍ଡ ମୁକାବିଲା ଲାଗି ମଙ୍ଗଳବାର ସମ୍ଭାବ୍ୟ ଦିଲ୍ଲୀ ଦଳ ଘୋଷଣା କରାଯାଇଛି। ଏହି ୩୮ ଜଣିଆ ଦଳରେ ଦୁଇ ତାରକା ଖେଳାଳି ବିରାଟ କୋହଲି ଓ ଋଷଭ ପନ୍ତଙ୍କ ନାମ ରହିଛି। ଦିଲ୍ଲୀ ଆଣ୍ଡ ଡିଷ୍ଟ୍ରିକ୍ଟ କ୍ରିକେଟ୍ ଆସୋସିଏସନ (ଡିଡିସିଏ) ପକ୍ଷରୁ କୁହାଯାଇଛି ଯେ, ମ୍ୟାଚ୍ ସମୟରେ ଅନ୍ତର୍ଜାତୀୟ ଖେଳାଳିଙ୍କ ଉପଲବ୍ଧକୁ ନେଇ ସେମାନେ ଚୂଡ଼ାନ୍ତ ଦଳରେ ସାମିଲ ହେବେ କି ନାହିଁ ତାହା ସେହି ଖେଳାଳିଙ୍କ ଉପରେ ନିର୍ଭର କରେ। ସେହିଭଳି ରୋହିତ ଶର୍ମା ମଧ୍ୟ ନିଜ ଘରୋଇ ଦଳ ମୁମ୍ବାଇ ପକ୍ଷରୁ ଶେଷ ଦୁଇ ରାଉଣ୍ଡ ଖେଳିବାକୁ ଜୋର୍‌ଦାର ଅଭ୍ୟାସ ଆରମ୍ଭ କରିଦେଇଛନ୍ତି। ମୁମ୍ବାଇ ଦଳର ଅଭ୍ୟାସ ସେସନରେ ମଙ୍ଗଳବାର ରୋହିତ ବହୁ ସମୟ ବ୍ୟାଟିଂ କରୁଥିବାର ଦେଖିବାକୁ ମିଳିଥିଲା। ଆସନ୍ତା ୨୩ରେ ମୁମ୍ବାଇ ଓ ଜମ୍ମୁ କଶ୍ମୀର ମଧ୍ୟରେ ୬ଷ୍ଠ ରାଉଣ୍ଡ ମ୍ୟାଚ୍ ଖେଳାଯିବ। ଅପରପକ୍ଷରେ ଶୁବମାନ ଗିଲ୍ ମଧ୍ୟ ପଞ୍ଜାବ ପାଇଁ ଉପଲବ୍ଧ ରହିବେ ବୋଲି ଘୋଷଣା କରିସାରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, କୋହଲି ଶେଷଥର ଲାଗି ୨୦୧୨ରେ ରଣଜୀ ଟ୍ରଫି ଖେଳିଥିଲେ। ସେହିଭଳି ରୋହିତ ୨୦୧୫-୧୬ ସିଜନରେ ଉତ୍ତର ପ୍ରଦେଶ ବିପକ୍ଷରେ ଶେଷ ରଣଜୀ ମ୍ୟାଚ୍‌ରେ ଭାଗନେଇଥିଲେ। ପନ୍ତ ମଧ୍ୟ ୨୦୧୭-୧୮ ସିଜନରେ ଶେଷଥର ଲାଗି ରଣଜୀ ଖେଳୁଥିବାର ନଜରକୁ ଆସିଥିଲେ।

■ ବିଜୟ ହଜାରେ ଟ୍ରଫି

## ଆଜି ହରିୟାଣା-କର୍ଣ୍ଣାଟକ ପ୍ରଥମ ସେମିଫାଇନାଲ

ଭଦୋଦରା, ୧୪।୧ (ଏଜେନ୍ସି): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ଘରୋଇ ଏକଦିବସୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବିଜୟ ହଜାରେ ଟ୍ରଫିର ସେମିଫାଇନାଲ ପର୍ଯ୍ୟାୟ ବୁଧବାରଠାରୁ ଆରମ୍ଭ ହେବ। ଡିଫେଣ୍ଡିଂ ଚାମ୍ପିଅନ ହରିୟାଣା ଓ କର୍ଣ୍ଣାଟକ ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳାଯିବ। ସେହିଭଳି ଘରୋଇ ବିଦର୍ଭ ଓ ମହାରାଷ୍ଟ୍ର ମଧ୍ୟରେ ୨ୟ ସେମିଫାଇନାଲ ଗୁରୁବାର ହେବ। ଅଙ୍କିତ କୁମାରଙ୍କ ନେତୃତ୍ୱାଧୀନ ହରିୟାଣା କ୍ୱାର୍ଟର ଫାଇନାଲରେ ୨ ୱିକେଟ୍‌ରେ ଗୁଜରାଟକୁ ପରାସ୍ତ କରିଥିଲା। ସେହିଭଳି ମୟଙ୍କ ଅଗରୱାଲଙ୍କ କର୍ଣ୍ଣାଟକ ଦଳ ୫ ରନରେ ବରୋଦାକୁ ମାତ୍ ଦେଇ ସେମିଫାଇନାଲକୁ ଉଠିଛି।

## ଆଇଏସ୍‌ଏଲ୍: ଗୋଆ-ନର୍ଥ ଇଷ୍ଟ ମ୍ୟାଚ୍ ଡ୍ର

ଗୌହାଟୀ,୧୪।୧(ଏଜେନ୍ସି): ଇଣ୍ଡିଆନ ସୁପର ଲିଗ(ଆଇଏସ୍‌ଏଲ)ରେ ଆଜି ଗୋଆ ଏଫ୍‌ସି ଓ ନର୍ଥଇଷ୍ଟ ୟୁନାଇଟେଡ୍ ମ୍ୟାଚ୍ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଡ୍ର ରହିଛି। ଏହି ମ୍ୟାଚ୍‌ର ଖେଳ ଶେଷସୁଦ୍ଧା ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଗୋଆ ପକ୍ଷରୁ ମହମ୍ମଦ୍ ୟାସିର ଓ ନର୍ଥ ଇଷ୍ଟ ପକ୍ଷରୁ ଜିତିନ ଏମ୍‌ଏସ୍ ଗୋଲ ଦେଇଥିଲେ। ଆଇଏସ୍‌ଏଲ୍‌ରେ ଉଭୟ ଦଳ ମଧ୍ୟରେ ଏହାଥିଲା ଏକାଦଶ ଡ୍ର ମ୍ୟାଚ୍। ଜାନୁଆରୀ ୧୮ରେ କେରଳକୁ ନର୍ଥଇଷ୍ଟ ଓ ୧୯ରେ ଇଷ୍ଟବେଙ୍ଗଲକୁ ଏଫ୍‌ସି ଗୋଆ ଭେଟିବ।

ଆରଏଫ୍ ଡେଭଲପମେଣ୍ଟ ଲିଗ୍

## ଓଡ଼ିଶା ଏଫ୍‌ସି-ମୋହନ ବାଗାନ ମ୍ୟାଚ୍ ଡ୍ର

ଭୁବନେଶ୍ୱର,୧୪।୧(ସମିସ): ଚଳିତ ପୂର୍ବାଞ୍ଚଳ ରିଲାଏନ୍ସ ଫାଉଣ୍ଡେସନ ଡେଭଲପମେଣ୍ଟ ଲିଗ୍ (ଆରଏଫ୍ ଲିଗ୍)ରେ ମଙ୍ଗଳବାର ଓଡ଼ିଶା ଏଫ୍‌ସି ଓ ମୋହନ ବାଗାନ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଛି। ପଶ୍ଚିମବଙ୍ଗର କଲ୍ୟାଣୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ଗୋଲ ସ୍କୋର କରି ଓଡ଼ିଶାର କାର୍ତ୍ତିକ ହଣ୍ଟାଲ ଗୋଲ ଦେଇ ମ୍ୟାଚ୍‌କୁ ୧-୧ ସମାନସ୍ତରକୁ ଆଣିଥିଲେ। ମ୍ୟାଚ୍‌କୁ ନିୟନ୍ତ୍ରଣରେ ରଖି ଓଡ଼ିଶା କେତୋଟି ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ଅଧିକ ଗୋଲ ଦେଇପାରି ନଥିଲା। ଆସନ୍ତା ୧୯ ତାରିଖରେ ଓଡ଼ିଶା ତା’ର ପରବର୍ତ୍ତୀ ମୁକାବିଲାରେ ନଇହାଟୀ ଷ୍ଟାଡିୟମରେ ଡାଇମଣ୍ଡ ହାର୍ବରଙ୍କୁ ଭେଟିବ। ମୁଖ୍ୟ କୋଚ୍ ଅମିତ ରାଣାଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଲିଗ୍‌ରେ ଚାମ୍ପିଅନ ହେବା ଲକ୍ଷ୍ୟରେ ରହିଛି।

ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି

## ନବୀନଙ୍କୁ ହିମା ଦାସଙ୍କ ପ୍ରଶଂସା



ଭୁବନେଶ୍ୱର,୧୪।୧(ସମିସ): ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣାଶୁଣା ମହିଳା କ୍ରୀଡ଼ାବିତ ତଥା ଅର୍ଜୁନ ପୁରସ୍କାର ବିଜୟିନୀ ହିମା ଦାସଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ମଙ୍ଗଳବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ଦୌଡ଼କୁଦରେ ହିମାଙ୍କ ଦମ୍‌ଦାର ପ୍ରଦର୍ଶନ ପାଇଁ ସମ୍ମାନୀତ କରିଛନ୍ତି। ସେହିପରି ସାରା ରାଜ୍ୟରେ ସ୍ଥାପନ ହୋଇଥିବା ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ପାଇଁ ନବୀନଙ୍କୁ ହିମା ଭୂୟସୀ ପ୍ରଶଂସା କରିଛନ୍ତି। ନବୀନଙ୍କ ନେତୃତ୍ୱ ବିଜେଡି ସରକାରଙ୍କ ଶାସନରେ ହକି, ଫୁଟବଲ, ଆଥଲେଟିକ୍ସ ଓ ଅନ୍ୟାନ୍ୟ କ୍ରୀଡ଼ାରେ ଏକାଧିକ ବିଶ୍ୱସ୍ତରୀୟ ଷ୍ଟାଡିୟମ ଓ ଭିତ୍ତିଭୂମି ନିର୍ମିତ ହୋଇଥିଲା। ସେହିପରି ଦୌଡ଼କୁଦରେ ଦୃଷ୍ଟାନ୍ତମୂଳକ ସଫଳତା ହାସଲ କରିଥିବା ହିମାଙ୍କୁ ନବୀନ ଅଭିନନ୍ଦନ ଜଣାଇଥିଲେ। ଆଗାମୀ ପ୍ରତିଯୋଗିତାଗୁଡିକରେ ଭଲ ପ୍ରଦର୍ଶନ ପାଇଁ ସେ ହିମାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ଆସାମର ନଗାଁଓରେ ଜନ୍ମିତ ୨୫ ବର୍ଷୀୟା ହିମା ୨୦ ବର୍ଷରୁ କମ୍ ଆଇଏଏଏଫ୍ ଚାମ୍ପିଅନସିପ୍‌ରେ ଗ୍ଲୋବାଲ ଟ୍ରାକ୍ ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଥିଲେ। ଫିନଲାଣ୍ଡର ଟାମ୍ପେରେଠାରେ ୨୦୧୮ ରେ ଅନୁଷ୍ଠିତ ୪୦୦ମି ଦୌଡ଼ରେ ସେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ସୃଷ୍ଟି କରିଥିଲେ। ଉଲ୍ଲେଖଥାଉ କି, ହିମା ୨୦୧୮ ରେ ଏସୀୟ କ୍ରୀଡ଼ାରେ ମହିଳା ୪ ଗୁଣା ୪୦୦ମି, ମିକ୍ସଡ ୪ ଗୁଣା ୪୦୦ମି ଇଭେଣ୍ଟରେ ସ୍ୱର୍ଣ୍ଣ ଓ ୪୦୦ମି ଦୌଡ଼ରେ ରୌପ୍ୟ ପଦକ ଜିତିଥିଲେ।



■ ମହିଳା ହକି ଇଣ୍ଡିଆ ଲିଗ୍

## ଦିଲ୍ଲୀର କ୍ରମାଗତ ପରାଜୟ

ରାଞ୍ଚି, ୧୪।୧ (ଏଜେନ୍ସି): ସ୍ଥାନୀୟ ମରାଙ୍ଗ ଗୋମକେ ଜୟପାଲ୍ ସିଂହ ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ମହିଳା ହକି ଇଣ୍ଡିଆ ଲିଗ୍‌ର ପ୍ରଥମ ସଂସ୍କରଣରେ ଦିଲ୍ଲୀ ଏସ୍‌ଜି ପାଇପର୍ସ କ୍ରମାଗତ ୨ୟ ପରାଜୟବରଣ କରିଛି। ମଙ୍ଗଳବାର ଖେଳାଯାଇଥିବା ଏକ ମ୍ୟାଚରେ ରାରହ ବେଙ୍ଗଲ ଟାଇଗର୍ସ ୧-୦ ଗୋଲରେ ରୋମାଞ୍ଚକ ଭାବେ ଏସ୍‌ଜି ପାଇପର୍ସକୁ ପରାସ୍ତ କରିଛି। ପୂର୍ବରୁ ଦିଲ୍ଲୀ ଉଦ୍‌ଘାଟନୀ ଦିବସରେ ୪-୦ ଗୋଲରେ ଓଡ଼ିଶା ୱାରିୟର୍ସ ନିକଟରୁ ହାରିଥିଲା। ଫଳରେ ଦୁଇଟି ମ୍ୟାଚ୍ ଖେଳି ସାରିଥିବା ଦିଲ୍ଲୀ ଏପର୍ଯ୍ୟନ୍ତ ପଏଣ୍ଟ ଟେବଲ୍‌ରେ ଖାତା ଖୋଲିବାରେ ଅସମର୍ଥ ହୋଇଛି। ଅପରପକ୍ଷରେ ପ୍ରଥମ ମ୍ୟାଚରେ ସୁରମା ହକି କ୍ଲବ ନିକଟରୁ ହାରିଥିବା ବେଙ୍ଗଲ ଟାଇଗର୍ସ ଏଥିସହ ଖାତା ଖୋଲିଛି।

ମଙ୍ଗଳବାର ଅପରାହ୍ଣରେ ବେଙ୍ଗଲ ଟାଇଗର୍ସ ଓ ଦିଲ୍ଲୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ଏପରିକି ମୋଟ୍ ୪ଟିରୁ ୩ଟି କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟ କ୍ୱାର୍ଟର ଅର୍ଥାତ୍ ମ୍ୟାଚର ୨୭ତମ ମିନିଟ୍‌ରେ କାଥରିନ ମୁଲାନଙ୍କ ଫିଲ୍ଡ ଗୋଲ୍ ବଳରେ ବେଙ୍ଗଲ ଟାଇଗର୍ସ ୧-୦ ଗୋଲରେ ଅଗ୍ରଣୀ ଲାଭ କରିଥିଲା। ଦ୍ୱିତୀୟାର୍ଦ୍ଧର ବଳକା ୩୦ ମିନିଟ୍‌ରେ ଏସ୍‌ଜି ପାଇପର୍ସ ମ୍ୟାଚ୍‌କୁ ଫେରିବାକୁ ଜୋର୍‌ଦାର ଉଦ୍ୟମ କରିଥିଲେ ମଧ୍ୟ ବିଫଳ ରହିଥିଲା। ଫଳରେ ବେଙ୍ଗଲ ଟାଇଗର୍ସ ୧-୦ ଗୋଲରେ ବିଜୟୀ ହୋଇ ଅଧିନାୟିକା ଉଦିତାଙ୍କୁ ଜନ୍ମଦିନ ଉପହାର ପ୍ରଦାନ କରିଛି।

### ଆଜି ସୁରମାକୁ ଭେଟିବ ଓଡ଼ିଶା

ମହିଳା ଲିଗ୍‌ର ଏକ ମ୍ୟାଚରେ ବୁଧବାର ଘରୋଇ ଓଡ଼ିଶା ୱାରିୟର୍ସ ଓ ପଞ୍ଜାବଭିତ୍ତିକ ଦଳ ସୁରମା ହକି କ୍ଲବ ପରସ୍ପରକୁ ଭେଟିବେ। ଅପରାହ୍ଣ ୫ଟା ୩୦ରେ ଏହି ମ୍ୟାଚ୍ ଖେଳାଯିବ। ଉଭୟ ଦଳ ଲିଗ୍‌ରେ ଗୋଟିଏ ଲେଖାଏ ମ୍ୟାଚ୍ ଖେଳି ବିଜୟ ସ୍ୱାଦ ଚାଖିଛନ୍ତି। କିନ୍ତୁ ଗୋଲ୍ ବ୍ୟବଧାନ ଦୃଷ୍ଟିରୁ ଓଡ଼ିଶା ୩ ପଏଣ୍ଟ ସହ ଶୀର୍ଷରେ ରହିଛି।

ହକି ଇଣ୍ଡିଆ ଲିଗ୍

## ଟିମ୍ ଗୋନାସିକାର ଦ୍ୱିତୀୟ ବିଜୟ



ରାଉରକେଲା,୧୪।୧(ଏଜେନ୍ସି): ଚଳିତ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ଷଷ୍ଠ ସଂସ୍କରଣରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ଟିମ୍ ଗୋନାସିକା ୨-୧ ଗୋଲରେ ସୁରମା ହକି କ୍ଲବକୁ ପରାସ୍ତ କରିଛି। ଏଥିସହ ଗୋନାସିକା ଦ୍ୱିତୀୟ ବିଜୟ ହାସଲ କରିଛି। ଗୋନାସିକା ଏପର୍ଯ୍ୟନ୍ତ ୬ଟି ମ୍ୟାଚ୍ ଖେଳି ୨ ବିଜୟ ଓ ୪ ପରାଜୟ ସହ ୭ ପଏଣ୍ଟ ପାଇ ତାଲିକାର ସପ୍ତମ ସ୍ଥାନରେ ରହିଛି। ସେହିପରି ସୁରମା ୬ଟି ମ୍ୟାଚ୍ ଖେଳି ୮ ପଏଣ୍ଟ ପାଇ ୫ମ ସ୍ଥାନରେ ରହିଛି।

ବିର୍ସା ମୁଣ୍ଡା ଷ୍ଟାଡିୟମରେ ଖେଳଯାଇଥିବା ଏହି ମ୍ୟାଚ୍‌ରେ ନୀଳମ ସଞ୍ଜୀପ ଖେସ୍ ୩୩ତମ ମିନିଟ୍‌ରେ ଗୋଲ ଦେଇ ଗୋନାସିକାକୁ ଅଗ୍ରଣୀ କରାଇଥିଲେ। ୪୮ତମ ମିନିଟ୍‌ର ସୁରମାର ପବନ ରାଜଭର ଗୋଲ ଦେଇ ମ୍ୟାଚ୍ ବରାବରସ୍ଥିତିକୁ ଆଣିଥିଲେ। ମ୍ୟାଚ୍ ଶେଷ ହେବାକୁ ଆଉ ଗୋଟିଏ ମିନିଟ୍ ବାକିଥିବା ବେଳେ ଲି ମୋର୍ଟନ ଗୋଲ ଦେଇ ଗୋନାସିକାକୁ ଜିତାଇଥିଲେ। ମ୍ୟାଚ୍‌ର ୩ଟି ଯାକ ଗୋଲ ଫିଲ୍ଡ ଗୋଲ ଥିଲା। ଗୋନାସିକା ବଲ ପଜେସନ, ସଟ୍ସ ଓ ସର୍କଲ ଏଣ୍ଟ୍ରିରେ ଯଥେଷ୍ଟ ଆଗରେ ରହିଥିଲା। ସୁରମା ୩ ଓ ଗୋନାସିକା ୨ଟି ପେନାଲ୍ଟି କର୍ଣ୍ଣର ପାଇଥିଲେ ମଧ୍ୟ ଗୋଲରେ ପରିଣତ କରିପାରି ନଥିଲେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS